# ଓଡ଼ିଆ-ବିନ୍‌ଝାଲ
# ଶବ୍ଦକୋଷ

ଜନଜାତି • ସଂସ୍କୃତି • ପ୍ରଗତି

**ସତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼**
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର

# ଓଡ଼ିଆ-ବିନ୍‌ଝାଲ ଶବ୍ଦକୋଷ

**ସଂକଳନ :**

ଶ୍ରୀ ତ୍ରିଲୋଚନ ବରିହା

ଶ୍ରୀ ସୋମନାଥ ବରିହା

ଶ୍ରୀ କ୍ଷୀର ସାଗର ବରିହା

ଶ୍ରୀ ସତ୍ୟଭୂଷଣ ବରିହା

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼**

**ଯୋଜନା ଓ ସଂଯୋଜନ ବିଭାଗ**

**ଓଡ଼ିଶା ସରକାର**

# ଓଡିଆ-ବିନ୍ଝାଲ ଶବ୍ଦକୋଷ

**ସଂକଳନ** : ଶ୍ରୀ ତ୍ରିଲୋଚନ ବରିହା
ଶ୍ରୀ ସୋମନାଥ ବରିହା
ଶ୍ରୀ କ୍ଷୀର ସାଗର ବରିହା
ଶ୍ରୀ ସତ୍ୟଭୂଷଣ ବରିହା

**ପ୍ରକାଶକ** : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

**ପ୍ରଥମ ପ୍ରକାଶ** : ନଭେମ୍ବର, ୨୦୧୮

**ମୁଦ୍ରଣ** : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

## ODIA-BINJHAL SABDAKOSH

**Compilation** : Sri Trilochan Bariha
Sri Somanath Bariha
Sri Khira Sagar Bariha
Sri Satya Bhusan Bariha

**Publisher** : Special Development Council, Sundargarh,
Planning & Convergence Department,
Govt. of Odisha

**First Edition** : November, 2018

**Printed at** : Odisha State Bureau of Textbook Preparation and Production,
Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା। ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି। ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ । ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା। ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା। ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ; ପ୍ରକାରାନ୍ତରେ ସଂସ୍କୃତି ସହ ପରିଚିତ ହୋଇଥାଏ। ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି। ଏହା ଏକ ପ୍ରାରମ୍ଭିକ ଉପକ୍ରମ। ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି। ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି। କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ ।ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ। ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ ଅଂଚଳର ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି । ବିନ୍ଝାଲମାନେ ସୁନ୍ଦରଗଡ଼ ଛଡ଼ା ମୁଖ୍ୟତଃ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାରେ ବହୁଳ ଭାବରେ ବସବାସ କରି ଆସୁଛନ୍ତି । ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଂଚଳରେ ଏମାନଙ୍କ ଘନ ଜନବସତି ଏବଂ ସାମାଜିକ - ସାଂସ୍କୃତିକ ସମ୍ପର୍କ ନେଇ ଛତିଶଗଡ଼ୀ ଭାଷାର ପ୍ରଭାବ ସ୍ପଷ୍ଟ ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ବିନ୍‌ଝାଲ ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

ଅଧ୍ୟକ୍ଷ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସୁନ୍ଦରଗଡ଼

# 'ଅ'

| | | | |
|---|---|---|---|
| ଓ - | ଅତିଥି | - | ଆମ ଘରକୁ ଅତିଥି ଆସିଛନ୍ତି। |
| ବି - | ପୋହଁନା | - | ହାମର୍ ଘରକେ୍ ପୋହଁନା ଏହେ। |
| ଓ- | ଅଙ୍କନ | - | ଗୋଟିଏ କାଉର ଚିତ୍ର ଅଙ୍କନ କର। |
| ବି- | କାଟୋ | - | ଗୋଟେକ୍ କୁଆଁକେ ଫଟୁ କାଟୋ। |
| ଓ- | ଅଭିଭାବକ | - | ଅଭିଭାବକ ମାନେ ତୁମର ଯତ୍ନ ନିଅନ୍ତି। |
| ବି- | ଆୟାବୁଆ | - | ଆୟାବୁଆମନ୍ ତାହାଁମନ୍‌କେ ଦେଖ୍‌ଭାଲ୍ କର୍‌ଥେ। |
| ଓ- | ଅଭ୍ୟାସ | - | ଗୀତ ଗାଇବା ଅଭ୍ୟାସ କର। |
| ବି- | ଚେରେଷ୍ଟା | - | ଗୀତ୍ ଗାବା କେ ଚେରେଷ୍ଟା କରୋ। |
| ଓ- | ଅଭିନୟ | - | ରବି ଭଲ ଅଭିନୟ କରି ଜାଣେ। |
| ବି- | ନାଁଛି | - | ରବି ଅଏନ୍ ନାଚନ୍ ଜାନ୍‌ଥେ। |
| ଓ- | ଅଜା | - | ଆମ ଅଜାଙ୍କ ନାମ ମଙ୍ଗଳ ମାଝୀ। |
| ବି- | ଦାଦି | - | ହାମର, ଦାଦି କେ ନାଁ ମଙ୍ଗଳ ମାଝୀ। |
| ଓ- | ଅଧିକ | - | ମୁଁ ଅଧିକ ପାଠ ଜାଣେ। |
| ବି- | ଜବର୍ | - | ମେଁ ଜବର୍ ପାଠ୍ ଯାନ୍‌ଥାଁ। |
| ଓ- | ଅମୃତ | - | ଅମୃତ ଖାଇଲେ କେହି ମରନ୍ତି ନାହିଁ। |
| ବି- | ଅମୃତ୍ | - | ଅମୃତ ଖାନେ କୁନହେଁ ନି ମରେ। |
| ଓ- | ଅଣ ଓସାରିଆ | - | ଆମ ଗ୍ରାମକୁ ଅଣ ଓସାରିଆ ରାସ୍ତାଟିଏ ଅଛି। |
| ବି- | ସାଁକୁର | - | ହାମ୍‌ର୍ ଗାଁ କେ ସାକୁଁର୍ ବାଟ୍ ଗୋଟେକ୍ ଏହେ। |
| ଓ- | ଅପେକ୍ଷା | - | ମୁଁ ତୁମକୁ ଅପେକ୍ଷା କରି ବସିଛି। |
| ବି- | ଟାକ୍‌ବା | - | ମେଁ ତାହା ମନ୍‌କେ ଟାଏକ୍ କେ ବୋସେହଁ। |
| ଓ- | ଅକ୍ଷର | - | ତୁମର ଅକ୍ଷର ବହୁତ ସୁନ୍ଦର ଅଟେ। |
| ବି- | ଅଖର୍ | - | ତାହାମନ୍‌କେ ଅଖର୍ ଜବର୍ ବନେ ଏ। |

| | | | |
|---|---|---|---|
| ଓ- | ଅଠା | - | କାଗଜରେ ଅଠା ଲଗାଯାଏ। |
| ବି- | ଆଠା | - | କାଗଡ ନେ ଆଠା ଲଗାଥେ। |
| ଓ- | ଅକଲ ଗୁଡୁମ | - | ମୃତ୍ୟୁ ଖବର ପାଇ ମୋ ଅକଲ ଗୁଡୁମ୍ ହେଲା। |
| ବି- | ବୁଧିବନା | - | ମର୍‌ବା ସୋର୍ ପାବାକେ ମୋର୍ ବୁଧିବନା ହେ ଯାଏସ୍। |
| ଓ- | ଅଧଃକ୍ରମ | - | ମୁଁ ଅଧଃ କ୍ରମରେ ନାମ ଗୁଡିକ ପଢ଼ିଲି। |
| ବି- | ତଳି | - | ମେଁ ତଳିଲେ ନାଁ ମନ୍‌କେ ପଢ଼େଁ। |
| ଓ- | ଅଧ୍ୟୟନ | - | ଧର୍ମ ପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ। |
| ବି- | ପଢ଼୍‌ବା | - | ଧରମ୍ ବହି ପଢ଼୍‌ବା ଜୀବନ୍ କାଜର୍ ବନେ। |
| ଓ- | ଆସନା | - | ପିଲାଟି ବହୁତ ଅସନା ହୋଇଛି। |
| ବି- | ମୈଲା | - | ପିଲା ଗୋଟେକ୍ ଜବର ମୈଲା ହେହେ। |
| ଓ- | ଅକଲ | - | ବଣରେ ବାଘ ଦେଖି ମୋର ଅକଲ ହଜିଗଲା। |
| ବି- | ଅକଲ୍ | - | ଜଙ୍ଗଲ୍ ନେ ବାଘ୍ ଦେଖ୍‌କେ ମୋର ଅକଲ୍ ହଜଯେସ୍। |
| ଓ- | ଅଟ୍ଟାଳିକା | - | ଧନୀକ ମାନେ ଅଟ୍ଟାଳିକାରେ ରହନ୍ତି। |
| ବି- | ମହଲା | - | ଧନୀ ଲୋଗ୍ ମନ୍ ମହଲା ନେ ରେଥେ। |
| ଓ- | ଅଳନ୍ଧୁ | - | ରୋଷେଇ ଘରେ ଅଳନ୍ଧୁ ଲାଗି ଥାଏ। |
| ବି- | ଅନ୍ଧୁ | - | ରନ୍ଧା ଘରବେ ଅନ୍ଧୁ ଲାଗ୍‌ଥେ। |
| ଓ- | ଅଳପ | - | ମଦ ଖାଇଲେ ଅଳପ ଆୟୁ ହୁଏ। |
| ବି- | କମ୍ | - | ମଦ୍ ପିନେ ବଏସ୍, ଘଟ୍ ଯାଥେ। |
| ଓ- | ଅଳିଆ | - | ଅଳିଆ ଗଦା କରି ଗାତରେ ପୋତି ପକାଅ। |
| ବି- | ମୈଲା | - | ମୈଲା ଖାଁଚା ନେ ଗଦା କେ ତୋପ୍ ଦୋହୋ। |
| ଓ- | ଅନ୍ଧ | - | ଅନ୍ଧକୁ ବାଟ ଦେଖାଇ ଦିଅ। |
| ବି- | ଆନ୍ଧା | - | ଆନ୍ଧା କେ ବାଟ୍ ଦେଖା ଦୋହୋ |
| ଓ- | ଅସୁମାରି | - | ରାତିରେ ଅସୁମାରି ତାରା ଦେଖାଯାଆନ୍ତି। |
| ବି- | ଜବର୍ | - | ରାତିନେ ଜବର୍ ତରା ଦିଖି ଥେ। |

| | | | |
|---|---|---|---|
| ଓ- | ଅସମ୍ଭବ | - | କିଛି ଅସମ୍ଭବ ବୋଲି କେବେ କହ ନାହିଁ। |
| ବି- | ନିହନ୍‌ସକେ | - | ନିହନ୍‌ସକେ ବୋଲ୍‌କେ ନି କହି। |
| ଓ- | ଅମ୍ବର | - | ନୀଳ ଅମ୍ବର ଭାରି ସୁନ୍ଦର। |
| ବି- | ବାଦଲ | - | ନୀଳିଆ ବାଦଲ୍ ଜବର୍ ସୁନ୍ଦର୍ ଦିଖ୍‌ଥେ। |
| ଓ- | ଅସ୍ତ | - | ଅସ୍ତ ବେଳେ ସୂର୍ଯ୍ୟ ଲାଲ ଦେଖାଯାଏ। |
| ବି- | ବୁଡ଼ବା | - | ବୁଡ଼ବା ସମିୟାନେ ବେଲ୍ ଲାଲ୍ ଦିଖ୍‌ଥେ। |
| ଓ- | ଅମର | - | ଦେଶ ପାଇଁ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି। |
| ବି- | ଅମର | - | ଦେଶ୍ କାଜର୍ ଜୀବନ୍ ଦବା ମନୁଷ୍ ଅମର୍ ହେ ଯଥେ। |
| ଓ- | ଅପରିଷ୍କାର | - | ଅପରିଷ୍କାର ରହିଲେ ରୋଗ ହୁଏ। |
| ବି- | ମୈଲା | - | ମୈଲା ହେକେ ରେନେ ବେମାର ହେଥେ। |
| ଓ- | ଅମଳ | - | ଫସଲ ଅମଳ ସମୟରେ ଚଷି ଖୁସି ହୁଏ। |
| ବି- | ସେକ୍‌ଲା | - | ଫସଲ୍ ସେକ୍‌ଲାନେ ସମିୟାଁନେ ଚଷି ଖୁସ୍ ହେଥେ। |
| ଓ- | ଅପାର | - | ଅପାର ଧନ ଅପେକ୍ଷା ପ୍ରେମ ଉତ୍ତମ। |
| ବି- | ଜହ | - | ଜହ ଧନ୍ ଠାନୁ ଭଲ ପାଗା ବନେ ଏଁ। |
| ଓ- | ଅବଶିଷ୍ଟ | - | ଅବଶିଷ୍ଟ ସମୟ ମୁଁ ବଗିଚା କାମ କରେ। |
| ବି- | ବାକି ସମିୟାଁ | - | ବାକି ସମିୟାଁ ମେ ବାରିବଖରୀ କାମ୍ କରେଥୋଁ। |
| ଓ- | ଅନ୍ତର | - | ମନ୍ଦ ଅଭ୍ୟାସକୁ ନିଜଠାରୁ ଅନ୍ତର କର। |
| ବି- | ବାହାର୍ | - | ଖରାପ୍ ଅଭ୍ୟାସ କେ ନିଜର୍ ଲେ ବାହାର କଏର୍ ଦହ। |
| ଓ- | ଅଳ୍ପ | - | ମୁଁ ଅଳ୍ପ କହେଁ ବେଶୀ କରେ। |
| ବି- | ଟିକେକ୍ | - | ମେ ଟିକେକ୍ କଥଁ ଜବର୍ କର୍‌ଥଁ। |
| ଓ- | ଅଳ୍ପାୟୁ | - | ନିଶା ସେବନ କଲେ ଅଳ୍ପାୟୁ ହୁଏ। |
| ବି- | କମ୍ ଉମର | - | ନିଶା ଖାଁଲେ କମ୍ ଉମର୍ ହେଥେ। |
| ଓ- | ଅସ୍ତ୍ର | - | ଯେ ଅସ୍ତ୍ର ଧାରଣ କରେ ସେ ଅସ୍ତ୍ରରେ ମରେ। |
| ବି- | ହଁତିଆର | - | ଜୋନ୍ ହଥିଁଆର୍ ଧେର୍‌ଥେ ଓ ହଥିଁଆର୍ ନେ ମର୍‌ଥେ। |

| | | | |
|---|---|---|---|
| ଓ- | ଅଳି | - | ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି। |
| ବି- | ରେଟେନ୍ | - | ମିନି ସ୍କୁଲ ଲେଗେ ଯିବା କାଜର୍, ରେଟେନ୍ କରଥେ। |
| ଓ- | ଅର୍ଦ୍ଧରାତ୍ର | - | ଚୋର ଅର୍ଦ୍ଧରାତ୍ରରେ ବାହାରେ। |
| ବି- | ଅଧାରାତିଁ | - | ଚୋର୍ ଆଧାରାତିନେ ବାହାରଥେ। |
| ଓ- | ଅଦ୍ଭୁତ | - | ଆକାଶରେ ବେଳେବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ। |
| ବି- | ଆକାଭୂତ | - | ଆକାଶ୍‌ନେ ସମିୟାଁ ସମିୟାଁ ନେ ଆକାଭୂତ ଦୃଶ୍ୟ ଦିଖିଥେ। |
| ଓ- | ଅଧା | - | ବଗିଚାର ଅଧା କାମ ଆମେ କରିବୁ। |
| ବି- | ବାକି | - | ବାରି ବଖିରିକେ ବାଁକି କାମ, ହାଁମେ କରବ୍। |
| ଓ- | ଅଧିର | - | ଦୁଃଖବେଳେ ଆମେ ଅଧିର ହେଉ। |
| ବି- | ଘବ୍‌ରା | - | ଦୁଃଖ୍‌ସମିୟାଁନେ ହାମେ ଘବ୍‌ରା ଯାଥୁଁ। |
| ଓ- | ଅଦାଲତ | - | ଦିଲ୍ଲୀରେ ସର୍ବୋଚ୍ଚ ଅଦାଲତ ରହିଛି । |
| ବି- | ଅଦାଲତ୍ | - | ଦିଲ୍ଲୀନେ ସବ୍‌ଲେ ଉଚ୍ଚାଁ ଅଦାଲତ୍ ଏ ହେ। |
| ଓ- | ଅବିବେକୀ | - | ଅବିବେକୀ ବିନଷ୍ଟ ହେବ। |
| ବି- | ଅବିବେକି | - | ଅବିବେକି ବିନାଶ୍ ହେଥେ। |
| ଓ- | ଅବଜ୍ଞା | - | ବାପା ମାଆଙ୍କ ଆଦେଶ ଅବଜ୍ଞା କରନାହିଁ। |
| ବି- | ଅବଜ୍ଞା | - | ବୁଆମାଁକେ ଗୋଏଟ୍ ଅବଜ୍ଞା ନି କରୋ। |
| ଓ- | ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ। |
| ବି- | ସାହେବ୍ | - | ହାମର୍ ପରାଲେଗ୍ ଗୋଟେକ୍ ସାହେବ୍ ଆଏ ରେହେସ୍। |
| ଓ- | ଅଶେଷ | - | ପ୍ରେମ ଚିରନ୍ତନ ଅଟେ। |
| ବି- | ଅଶେଷ | - | ପେରେମ୍ କେ ଶେଷ ନିଏ। |
| ଓ- | ଅବଶ୍ୟ | - | ଆମେ ଅବଶ୍ୟ ଦେଶ ସେବା କରିବା ହେବୁ। |
| ବି- | ଜରୁର୍ | - | ହାମେ ଜରୁର୍ ଦେଶ୍ ସେବା କରବ୍। |
| ଓ- | ଅଳ୍ପକ୍ଷଣ | - | ଇନ୍ଦ୍ରଧନୁ ଅଳ୍ପକ୍ଷଣ ଦେଖାଯାଏ। |
| ବି- | ଛନେକ୍ | - | ଇନ୍ଦର୍ ଧୁନ୍ ଛନେକ୍ ଘଡେ ଦିଖିଥେ। |

ଓ- ଅସ୍ଥି - ଆମ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି।

ବି- ହାଡା - ହାମର୍ (ଦେହେ) ଶରୀର ନେ ଦୁଇଶହ ଛ ଖଣ୍ଡ ହାଡା ଏ ହେ।

ଓ- ଅସହଯୋଗ - ଅସହଯୋଗରେ ବିକାଶ ନାହିଁ।

ବି- ଅସହଯୋଗ - ଅସହଯୋଗ୍ ନେ ଉନ୍ନତି ନି ହଏ।

ଓ- ଅଝଟ - ଅଝଟ କରିବା ମନ୍ଦ ଅଟେ।

ବି- ଝନ୍‌ଝଟିଆ - ଝନ୍‌ଝଟିଆ କର୍‌ବାର୍‌ଟା ବନେ ନିଏ।

ଓ- ଅର୍ଥ - ପରିଶ୍ରମ କରି ଅର୍ଥ ଉପାର୍ଜନ କର।

ବି- ରୁପିଆ - କାମ୍ ବୁତା କର୍‌କେ ରୁପିଆ କମାହି।

ଓ- ଅବସ୍ଥିତି - ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ।

ବି- ରେବାଟା - ନନ୍ଦୀଁକେ ରେବାଟା ହାମର୍ କଜେଙ୍ଗ୍ ସନ୍ତୋଷଜନକ ଏ।

ଓ- ଅନୁମାନ - ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏନାହିଁ।

ବି- ଅନୁମାନିକ୍ - ଅନୁମାନିକ୍ ନେ କାମ୍ ସଫଲ୍ ନି ହଏ।

ଓ- ଅନେକ - ଆମ ଦେଶରେ ଅନେକ ସମସ୍ୟା ଅଛି।

ବି- ଜବର୍ - ହାମର ଦେଶ୍ ନେ ଜବର୍ ସମସ୍ୟା ଏହେ।

ଓ- ଅଦଳବଦଳ - ପୂର୍ବ କାଳରେ ଅଦଳବଦଳ ଦ୍ୱାରା କିଣା ବିକା ହେଉଥିଲା।

ବି- ବଦଲା ଉଦ୍‌ଲା - ପୁରୁବ୍ କାଲେଁ ବଦ୍‌ଲା ଉଦ୍‌ଲା ହିସାବ ନେ ଘିନା ବିଚା ହେତ୍ ରେହେସ୍।

ଓ- ଅଣ୍ଡା - ଅଣ୍ଡାର କେଶର ଦେହ ପାଇଁ ହିତକାରକ।

ବି- ଗାରା - ଗାରା କେ ମନ୍ଦା ଦେହେଁ କଜେଙ୍ଗ୍ ବନେ ଏ।

ଓ- ଅଷ୍ଟମ - ମୋ ବଡ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢେ।

ବି- ଆଟ୍ - ମୋର ବଡ୍‌ଖା ବହେନ୍ ଆଠ୍ କିଲାସ୍ ନେ ପଢଥେ।

ଓ- ଅନୁସାରେ - ଉଚ୍ଚତା ଅନୁସାରେ ଠିଆ ହୁଅ।

ବି- ହିସାବ୍‌ନେ - ଉଙ୍ଚାଁ ହିସାବ୍‌ନେ ଠାଡ୍ ହୋ।

ଓ- ଅନ୍ତନଳୀ - ଅନ୍ତନଳୀ ସଫା ରଖିବାକୁ ଯଥେଷ୍ଟ ପାଣି ଆବଶ୍ୟକ।

ବି- ଅନ୍ତନଳୀ - ଅନ୍ତନଳୀ ସାଫ୍ ରଖବା କଜେଙ୍ଗ୍ ବନେ ପାନି ଦରକାର୍।

| | | | |
|---|---|---|---|
| ଓ- | ଅନାଇବା | - | ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଛି। |
| ବି- | ଦେଖ୍ି | - | ଭିକାରୀ ଗୋଟେକ୍ ଗୋଲାଗୋଲା ନଜର୍ ନେ ଦେଖ୍‌ଥେ। |
| ଓ- | ଅଣ୍ଡାକୃତି | - | ପୃଥ୍ବୀର କକ୍ଷପଥ ଅଣ୍ଡାକୃତି ଅଟେ। |
| ବି- | ଗାରା ଭଲିଆ | - | ପୃଥ୍‌କେ କକ୍ଷପଥ ଗାରା ବାଗିର୍ ଏହେ। |
| ଓ- | ଅନ୍ଧାର | - | ଅନ୍ଧାର ରାତିରେ ଚୋରକୁ ଡର ନ ଥାଏ। |
| ବି- | ଆନ୍ଧାର | - | ଆନ୍ଧାର୍ ରାତିନେ ଚୋର୍ କେ ଡର୍ ନି ରେହେ। |
| ଓ- | ଅଧାଭାଗ | - | ମୋ ମିଠେଇର ଅଧାଭାଗ ସାନ ଭାଇକୁ ଦେଲି। |
| ବି- | ଅଧାଭାଗ | - | ମୋର୍ ମିଠେଇ କେ ଆଧାଭାଗ ଛୋଟେ ଭାଇକେ ଦେହେ । |
| ଓ- | ଅଭାବୀ | - | ଆମ ଗ୍ରାମରେ ଅନେକ ଅଭାବୀ ଲୋକ ଅଛନ୍ତି। |
| ବି- | ଅଭାବୀ | - | ହାମର୍ ଗାଁନେ ଜବର୍ ଅଭାବୀ ଲୋକ୍ ଏହେ। |
| ଓ- | ଅପକାରିତା | - | ଧୂମ ପାନର ଅପକାରିତା ଅତି ଭୟଙ୍କର। |
| ବି- | ଅପକାରିତା- | | ଧୁଙ୍ଗିଆ ପିଆକେ ଅପ୍‌କାରିତା କତକ୍ ନି କତକ୍ ଡର୍‌ଡରନା ଏ। |
| ଓ- | ଅଭାବ | - | ପରିଶ୍ରମୀର ଅଭାବ ନ ଥାଏ। |
| ବି- | ଅଭାବ | - | ମେହେନେତି କେ ଅଭାବ ନି ରେହେ। |
| ଓ- | ଅନୁସରଣ | - | ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍। |
| ବି- | ପିଛାକରବ୍ | - | ହାଁମେ ଧାର୍ମିକ ଲୋକ କେ ପଛିଲ ଧେରବା କଥା ଏ। |
| ଓ- | ଅକାଳ | - | ମଦ୍ୟାପନ ହେତୁ ତାଙ୍କର ଅକାଳରେ ମୃତ୍ୟୁ ହେଲା। |
| ବି- | ସମିୟାନିହବା | - | ମଦପିଆ କଜେଙ୍ଗ୍ ଉଟା ମନ୍‌କେ ମୃତୁ ହେସ୍। |
| ଓ- | ଅଶ୍ୱତଥ | - | ଅଶ୍ୱତଥ ଗଛର ଛାଇ ଥଣ୍ଡା ଲାଗେ। |
| ବି- | ପିପ୍‌ପଲ | - | ପିପ୍‌ପଲ୍ ଗଛ୍‌କେ ଛଏଁରା କାଁକର ଲାଗ୍‌ଥେ। |

## - ଆ -

| | | | |
|---|---|---|---|
| ଓ- | ଆଲୋଚନା | - | ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୁଏ। |
| ବି- | ପଚରାଉଛରା- | | ପଚରାଉଚ୍‌ରା କେ ହିସାବ୍ ନେ ସମସ୍ୟା ସମାଧାନ୍ ହେଥେ। |

ଓ- ଆଦାୟ - ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି।
ବି- ଆଦାୟ - ଚାଷୀମନ୍ ଜମିନ୍‌ଲେ ଫସଲ୍ ଆଦାୟ୍ କର୍ ଥେ।
ଓ- ଆଖିରେ ରଖିବା - ପିତା ମାତା ନିଜ ପିଲାକୁ ଆଖିରେ ରଖିବା ଉଚିତ୍।
ବି- ନଜର ନେ - ଆୟାବୁଆ ଆପ୍ନନ୍‌କେ ଛୁଆକେ ନଜର୍ ନେ ରଖିବା ଉଚିତ୍ ଏ।
ଓ- ଆଖିରେ ପଡିବା - ଯାଉ ଯାଉ ସାପ ଉପରେ ମୋର ଆଖି ପଡିଲା।
ବି- ନଜର ପଡିବା - ଯାଆତ୍ ଯାଆତ୍ ସାଁପ କେ ଉପର୍ ନେ ମୋର୍ ନଜର୍ ପରେସ।
ଓ- ଆଗ୍ରହ - ପାଠ ପଢ଼ା ସହିତ କ୍ରୀଡାରେ ଆଗ୍ରହ ରଖିଥାଅ।
ବି- ମନ୍‌ଦେବା - ପାଠ୍‌ପଢା ସଙ୍ଗ୍ ଖେଲ୍ ନେ ମନ୍ ଦିହି।
ଓ- ଆଖି - ଆମେ ଆଖିର ଯତ୍ନ ନେବା ଉଚିତ୍।
ବି- ଆଖି - ହାଁମେ ଆଖିଁକେ ଯତନ୍ ଲେବା ଜରୁରୀ ଏ।
ଓ- ଆବିଷ୍କାର - କଲମ୍ବସ୍ ଆମେରିକା ଆବିଷ୍କାର କରିଥିଲେ।
ବି- ଆବିଷ୍କାର - କଲମ୍ବସ୍ ଆମେରିକା ଆବିଷ୍କାର୍ କରେ ରେହେସ୍।
ଓ- ଆବୃତ୍ତି - ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ।
ବି- ଆବୃତ୍ତି - ରବି ଶ୍ରେଣୀନେ ଗୀତ୍ ଆବୃତ୍ତି ନି କରେସ୍।
ଓ- ଆକାଶ - ନୀଳ ଆକାଶ ସୁନ୍ଦର ଦେଖାଯାଏ।
ବି- ବାଦ୍‌ଲ - ନୀଳିଆ ବାଦଲ୍ ସୁନ୍ଦର୍ ଦିଖ୍‌ଥେ।
ଓ- ଆମ୍ବ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ।
ବି- ଆମା - ଖରା ରିତୁ ନେ ଆମା ପାଚ୍‌ଥେ।
ଓ- ଆହା - ଆହା, ବୁଢ଼ୀଟି କେତେ ଦୁଃଖ ପାଉଛି।
ବି- ଆହା - ଆହା, ବୁଢ଼ୀଟା କତକ୍ ତକଲିପ୍ ପାଆଥେ।
ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦି ହେଲା।
ବି- ଆନନ୍ଦ - ନୂଆଁ ବହି ଦେଖ୍‌କେ କୁନି ଆନନ୍ଦ ହେସ୍।
ଓ- ଆଶ୍ୱାସନା - ବାପା ମୋତେ ଆଶ୍ୱାସନା ଦେଲେ।
ବି- ପ୍ରତିବୋଧ୍ - ବୁଆ ମୋଖେ ପ୍ରତିବୋଧ ଦେହେସ୍।

| | | | |
|---|---|---|---|
| ଓ- | ଆୟୋଜନ | - | ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା। |
| ବି- | ଯୋଗାଡଜାଟ୍ | - | ଇସ୍କୁନେଲ ଖେଲ୍ କେ ଯୋଗାଡ୍ଜାଟ୍ କରାଯାଏସ୍। |
| ଓ- | ଆବାସ | - | ଜଙ୍ଗଲ ହାତୀ ମାନଙ୍କ ଆବାସସ୍ଥଳ ଅଟେ। |
| ବି- | ଯଗା | - | ଜଙ୍ଗଲ ହାଁଥୀ ମନକେ ରବା କେ ଯଗାଏ। |
| ଓ- | ଆବଶ୍ୟକ | - | ପିତା ମାତାଙ୍କର ଆଦେଶ ମାନିବା ଆବଶ୍ୟକ |
| ବି- | ଜରୁରୀ | - | ବୁଆ ମାକେ କଥା ମାନ୍ ବା ଜରୁରୀ ଏ। |
| ଓ- | ଆଲୋକ | - | ସୂର୍ଯ୍ୟ ଠାରୁ ପୃଥିବୀକୁ ଆଲୋକ ଆସେ। |
| ବି- | ଉଜିଁଆ | - | ବେଲ୍ଲେ ପୃଥୀକେ ଉଜିଁଆ ଆଥେ। |
| ଓ- | ଆପଣା ପର | - | ଆପଣା ପର ଭାବିବା ପାପ ଅଟେ। |
| ବି- | ଘରକେପର | - | ଘରକେପର ଭାବ୍ବାରଟା ପାପ୍ ହେଥେ। |
| ଓ- | ଆରୋଗ୍ୟ | - | ମୁଁ ତୁମର ଆରୋଗ୍ୟ କାମନା କରେ। |
| ବି- | ଭ ନିରୋଗ୍ | - | ମେଁ ତୋର୍ ନିରୋଗ୍ ଭାବନା କର୍ଥିଁ। |
| ଓ- | ଆଚରଣ | - | ଆମ ଆଚରଣ ମାର୍ଜିତ ହେବା ଉଚିତ୍। |
| ବି- | ବେଭାର | - | ହାମର୍ ବେଭାର୍ ସଫା ହବା ଜରୁରୀ। |
| ଓ- | ଆମ୍ବଗଛ | - | ଆମ ବାରିରେ ଗୋଟିଏ ଆମ୍ବ ଗଛ ଅଛି। |
| ବି- | ଆମାଗଛ୍ | - | ହାମର୍ ବାରିନେ ଗୋଟେକ୍ ଆମାଗଛ୍ ଏହେ। |
| ଓ- | ଆଡମ୍ବର | - | ଲୋକେ ନୂଆ ବର୍ଷ ଆଡମ୍ବର ସହିତ ପାଳନ୍ତି। |
| ବି- | ଜାକ୍ଜମକ୍ | - | ମନ୍ସେମନ ନୂଆଁ ବଛର୍ କେ ଜାକ୍ଜମକ୍ ନେ ମାନ୍ଥେ। |
| ଓ- | ଆଙ୍କିବା | - | ଚିତ୍ର ଆଙ୍କିବା ଅଭ୍ୟାସ କର। |
| ବି- | କାଟ୍ବା | - | ଫଟୁ କାଟ୍ବା କେ ମନ୍ ଦୋହୋ। |
| ଓ- | ଆଦିମ ମଣିଷ | - | ଆଦିମ ମଣିଷ ଶିକ୍ଷିତ ନଥିଲେ। |
| ବି- | ଆଦିମ୍ ମୁନୁଷ୍ | - | ଆଦିମ୍ ମୁନୁଷ୍ ଶିକ୍ଷିତ୍ ନି ଉଇଁ। |
| ଓ- | ଆମ୍ଲେଟ | - | ଅଣ୍ଡା ଆମ୍ଲେଟ୍ ଖାଇବାକୁ ରୁଚିକର ଲାଗେ। |
| ବି- | ଆମ୍ଲେଟ୍ | - | ଅଣ୍ଡା ଆମ୍ଲେଟ୍ ଖବାକେ ବନେ ସୁଆଦ୍ ଲାଗ୍ଥେ। |

| | | | |
|---|---|---|---|
| ଓ- | ଆବଶ୍ୟକ | - | ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ। |
| ବି- | ଜରୁରୀ | - | କସ୍‌ରତ୍ ହାମର ଦେହେଁ କଜେଙ୍ଗ ଜରୁରୀ ଏ। |
| ଓ- | ଆମ ଗାଁ | - | ଆମ ଗାଁ ଉପର ମୁଣ୍ଡରେ ପାହାଡଟିଏ ଅଛି। |
| ବି- | ହାମ୍‌ର ଗାଁ | - | ହାମର୍ ଗାଁ କେ ଉପର୍ ମୁଣେ ଡୋଙ୍ଗରୀ ଗୋଟେକ୍ ଏହୋ। |
| ଓ- | ଆମ୍ବ ଟାକୁଆ | - | ଆଦିବାସୀ ମାନେ ଆମ୍ବ ଟାକୁଆର  କୋଇଲି ଖାଆନ୍ତି। |
| ବି- | ଆମା ଟାଁକୋ | - | ଆଦିବାସୀ ମନ୍ ଆମା ଟାକୋଁ କେ କୁଇଲି ଖାଥେ। |
| ଓ- | ଆତୁର | - | ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି। |
| ବି- | ଆତୁର | - | ପରୀକ୍ଷା ଫଳ ଜାନ୍ ବା କଜେଙ୍ଗ୍ ପିଲାମନ୍ ଆତୁର ହେ ଯାଥେ। |
| ଓ- | ଆସ୍ଫାଳନ | - | ମନୁଷ୍ୟର ଆସ୍ଫାଳନ ବୃଥା ହୋଇଯାଏ। |
| ବି- | ଆଶା | - | ମୁନୁଷ୍‌କେ ଆଶା ବେକାର୍ ହେ ଯାଥେ। |
| ଓ- | ଆସ୍ପର୍ଦ୍ଧା | - | ଗର୍ବୀର ଆସ୍ପର୍ଦ୍ଧା ତାର ବିନାଶର କାରଣ ଅଟେ। |
| ବି- | ବଡ ପଣିଆ | - | ଗର୍ବୀକେ ବଡ୍ ପଣିଆଁ ଓକର୍ ବିନାଶ୍ କେ କାରନ୍ ଆଏ। |
| ଓ- | ଆଙ୍ଗୁଠି | - | ଆଙ୍ଗୁଠି ଧରିବାରେ ସାହାଯ୍ୟ କରେ। |
| ବି- | ଆଠଗୁଟ୍ | - | ଆଙ୍ଗୁଟ ଧେରବାକେ କାଜର ସାହାଜ୍ କରଥେ। |
| ଓ- | ଆଖଡାଘର | - | ପୂର୍ବ କାଳର ଆଖଡା ଘର ବର୍ତ୍ତମାନ ଆଉ ନାହିଁ। |
| ବି- | ଆଖଡାଘର | - | ପୁରୁବ୍ କାଲ୍ କେ ଆଖ୍‌ଡାଘର୍ ଆର୍ ନିଏ। |
| ଓ- | ଆଶ୍ୱସ୍ତ | - | ଭଲ ଫସଲ ଦେଖି ଚାଷୀ ଆଶ୍ୱସ୍ତ ହୁଅନ୍ତି। |
| ବି- | ଖୁସ୍ | - | ବନେ ଫସଲ ଦେଖ କେ ଚାଷୀ ଖୁସ୍ ହେ ଯାଥେ। |
| ଓ- | ଆଗ୍ରହୀ | - | ପିଲାମାନେ ପାଠ ପଢାରେ ଆଗ୍ରହୀ ହେବା ଉଚିତ୍। |
| ବି- | ମନ୍‌ଦେବା | - | ପିଲାମନ୍ ପାଠ୍ ପଢ୍ କାଜର୍ କଜେଙ୍ଗ୍ ମନ୍ ଦେବା ଦର୍‌କାର୍। |
| ଓ- | ଆନନ୍ଦ | - | ଈଶ୍ୱର ଭକ୍ତି ପ୍ରକୃତ ଆନନ୍ଦ ଦିଏ। |
| ବି- | ଉଷତ୍ | - | ଈଶ୍ୱର ପିପରମ୍ ସଥେଁ ଉଷତ୍ ଦେଥେ। |
| ଓ- | ଆସ | - | ଆସ ସ୍କୁଲକୁ ଯିବା। |
| ବି- | ଆଅ | - | ଆଅ ଇସ୍କୁଲ୍, ଯାବ୍। |

| | | | |
|---|---|---|---|
| ଓ- | ଆଗ | - | ଆଗ ଧାଡିରେ ବସିଲେ ଶିକ୍ଷକଙ୍କ କଥା ଭଲ ଶୁଭେ। |
| ବି- | ପହିଲା | - | ପହିଲା ଧାଡି ନେ ବସ୍‌କେ ଶିକ୍ଷାଦାନ ବନେ ଶୁଭଥେ। |
| ଓ- | ଆରମ୍ଭ | - | ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ। |
| ବି- | ସୁରୁ | - | ପାର୍‌ଥନା କେର୍‌କେ ବୁତା ସୁରୁ କର୍‌ବା ଠିକ୍ ଏ। |
| ଓ- | ଆତ | - | ଆତ ଭାରି ସୁଆଦିଆ ଲାଗେ। |
| ବି- | ବଢେଲ୍ | - | ବଢେଲ୍ ଫଲ୍ ଜବର୍ ମିଠା ଲାଗ୍‌ଥେ। |
| ଓ- | ଆଶା | - | ପରିଶ୍ରମ ବିହୀନ ଆଶା ବୃଥାରେ ଯାଏ। |
| ବି- | ଆଶ୍ | - | ବିନା ପରିଶ୍ରମ୍‌କେ ଆଶ୍ କର୍‌ବା ବେକାର୍ ଏ। |
| ଓ- | ଆଲମିରା | - | ଆଲମିରାରେ ବହିପତ୍ର ସୁରକ୍ଷିତ ରହେ। |
| ବି- | ଆଲମିରା | - | ଆଲମିରା ଥାକ୍ ନେ ବହି ପତର୍ ଜତନ୍ ନେ ରେଥେ। |
| ଓ- | ଆଙ୍କୁଡ଼ି | - | ଆଙ୍କୁଡ଼ି ସାହାଯ୍ୟରେ ଆମ୍ବ ତୋଳାଯାଏ। |
| ବି- | ଅଁକଡି | - | ଅଁକ୍‌ଡି କେ ବଁଲେ ଆମା ଟୋଲହଥେ। |
| ଓ- | ଆହ୍ଲାଦ | - | ନୂଆ ବହି ଦେଖି କୁନି ଆହ୍ଲାଦିତ ହେଲା। |
| ବି- | ଖୁସ୍ | - | ନୂଆଁ ବହି ଦେଖ୍‌କେ କୁନୀ ଖୁସ୍ ହେୟ। |
| ଓ- | ଆୟୋଜନ | - | ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏ। |
| ବି- | ଯୋଗାଡ୍ | - | ଇସ୍କୁଲ୍‌ନେ ବଛର୍‌କିଆ ଉତ୍ସବ ମନା ଯଥେ। |
| ଓ- | ଆହୁରି | - | ଭଲ ଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର। |
| ବି- | ଆଉର୍ | - | ଆଚ୍ଛା, ଫଲ୍ ପାବାକେ ହନେ ଆଉର୍ କାମ୍ କରୋ। |

## "ଈ"

| | | | |
|---|---|---|---|
| ଓ- | ଈଶ୍ୱର | - | ଈଶ୍ୱର ଆମ ସୃଷ୍ଟି କର୍ତ୍ତା ଅଟନ୍ତି। |
| ବି- | ଈଶ୍ୱର | - | ଈଶ୍ୱର ହାମର୍ ସୃଷ୍ଟି କର୍ତ୍ତା ଏ। |
| ଓ- | ଇଟା | - | ଇଟା ଗଢି ପୋଡାଯାଏ। |
| ବି- | ଇଟ୍ | - | ଇଟ୍ ବନାକେ ପୋଡ଼ା ଯାଥେ। |

ଓ- ଇସ୍ତ୍ରୀ - ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ।
ବି- ଇସ୍ତ୍ରୀ - ଇସ୍ତ୍ରୀ କର୍‌କେ ଛଡ଼୍‌ହା ପିନ୍ଧ୍‌ବା ବନେ ଏ।

## 'ଉ'

ଓ- ଉତ୍ତର - ପ୍ରଶ୍ନର ସଠିକ୍ ଉତ୍ତର ଦିଅ।
ବି- ଜବାବ୍ - ପ୍ରଶ୍ନକେ ଠିକ୍ ଜବାବ୍ ଦୋହୋ।
ଓ- ଉଚିତ୍ - ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦିଅନ୍ତୁ।
ବି- ଠିକ୍ - ଛୋକ୍‌ରାମନ୍‌କେ ଉଚିତ୍ ଶିକ୍ଷା ଦୋହୋ।
ଓ- ଉଦୟ - ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ।
ବି- ଉଦ୍‌ବା - ସବ୍‌ଦିନ୍ ଠିକ୍ ସମେନେ ବେଲ୍ ଉଦ୍‌ଥେ।
ଓ- ଉପାଧି - ବିଜ୍ଞ ଲୋକମାନଙ୍କୁ ଯୋଗ୍ୟ ଉପାଧି ଦିଆଯାଏ।
ବି- ପଦ୍ - ଜ୍ଞାନୀ ଲୋକ୍‌ମନ୍‌କେ ଉଚିତ୍ ପଦ ଦିଆଯାଥେ।
ଓ- ଉପଯୁକ୍ତ - ରୋଗୀର ଉପଯୁକ୍ତ ଚିକିତ୍ସା ଆବଶ୍ୟକ।
ବି- ବନେଯତନ୍ - ଦୁଖିଆ କେ ବନେ ଯତନ୍ ଜରୁରୀ ଏ।
ଓ- ଉଦ୍‌ଭାବନ - ମାର୍କୋନୀ ରେଡିଓ ଉଦ୍‌ଭାବନ କରିଥିଲେ।
ବି- ତିଆର - ମାର୍କୋନୀ ରେଡୁ ତିଆର କରେରେହେସ୍ ।
ଓ- ଉହାଡ - ପାହାଡ ଉହାଡରେ ସୂର୍ଯ୍ୟ ଲୁଚିଗଲେ।
ବି- ଉଢ଼ାଲେ - ଡଙ୍ଗର କେ ଉଢ଼ାଲେ ବେଲ୍ ଲୁକେସ୍।
ଓ- ଉପାୟ - ମନ ଥିଲେ ଉପାୟ ଆସେ।
ବି- ଉପାୟ - ମନ୍ ରେନେ ଉପାୟେ ଆଥେ।
ଓ- ଉଚ୍ଚତା - ରବି ଉଚ୍ଚତାରେ ସବୁଠୁ ଡେଙ୍ଗା ପିଲା ଅଟେ।
ବି- ଉଁଚା - ରବି ଉଚାଁନେ ସବ୍‌ଲେ ଡେଙ୍ଗା ପିଲା ହଥେ।
ଓ- ଉନ୍ନତି - ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି।
ବି- ଉପରଉଠ୍‌ବା - ବୁଆ ମାଁ ପିଲାମନ୍ କେ ଉନ୍ନତି କାମ୍‌ନା କର୍‌ଥେଁ।

| | | | |
|---|---|---|---|
| ଓ- | ଉର୍ଦ୍ଧକ୍ରମ | - | ନାମ ଗୁଡ଼ିକୁ ଉର୍ଦ୍ଧକ୍ରମରେ ସଜାଇ ରଖ। |
| ବି- | ଉପର୍‌ଲେ | - | ଉପର୍‌ଲେ ସଜା କେ ରାଖେ। |
| ଓ- | ଉତ୍ସାହିତ | - | ପ୍ରଂସଶା ମିଳିଲେ ସମସ୍ତେ ଉତ୍ସାହିତ ହୁଅନ୍ତି। |
| ବି- | ଖୁସ୍ | - | ପ୍ରଂସଶାଁ ମିଲ୍‌ନେ ସବ୍ ଖୁସି ହେଥେ। |
| ଓ- | ଉତ୍ତମ | - | ମୀନା ଜଣେ ଉତ୍ତମ ବାଳିକା ଅଟେ। |
| ବି- | ବନେ | - | ମୀନା ଝନେଁକ୍ ବନେ ଟୁକେଲ୍ ଏ। |
| ଓ- | ଉଦୁଉଦିଆ | - | ଉଦୁଉଦିଆ ଖରାରେ ପଦାକୁ ବାହାରନ୍ତୁ ନାହିଁ। |
| ବି- | ଉଦୁଉଦିଆ | - | ଉଦ୍‌ଉଦିଆ ଖରାନେ ଭାଟାକେ ନି ବାହାର୍‌ହି। |
| ଓ- | ଉଡିବା | - | ଛୁଆ ପକ୍ଷୀ ମାଆ ଠାରୁ ଉଡିବା ଶିଖେ। |
| ବି- | ଉଡ଼୍‌ଥେ | - | ଛୁଆ ଚେରେ ମାଁଲେ ଉଡ୍‌ବାର୍‌ଟା ଶିଖ୍‌ଥେ। |
| ଓ- | ଉପଦେଶ | - | ଗୁରୁଜନ ମାନଙ୍କର ଉପଦେଶ ମାନି ଚଳ। |
| ବି- | ଉପଦେଶ | - | ଗୁରୁ ମନ୍‌କେ ଉପଦେଶ ମାଏନ୍ କେ ଚଲୋ। |
| ଓ- | ଉଭା | - | ଘନ ମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭା ହେଲେ। |
| ବି- | ଉଭା | - | କଲା ବାଦଲ କେ ଭିତର୍ ନେ ବେଲ୍ ଦେଖା ଯେସ୍। |
| ଓ- | ଉଚ୍ଚସ୍ୱର | - | ରମା ମୋତେ ଉଚ୍ଚ ସ୍ୱରରେ ଡାକିଲା। |
| ବି- | ତନିଆକେ | - | ରମା ମୋଖେଁ ତନିଆଁକେ ଡାକେସ୍। |
| ଓ- | ଉପକାର | - | ଅସହାୟ ଲୋକର ଉପକାର କର। |
| ବି- | ସାହାଜ | - | ନିସାହାତା ଲୋକ୍‌କେର ସହାତା କରେ। |
| ଓ- | ଉଦ୍‌ଯୋଗ | - | ଦେଶ ସେବାରେ ଉଦ୍‌ଯୋଗ ଥିବା ଆବଶ୍ୟକ। |
| ବି- | ଉଦ୍‌ଯୋଗ | - | ଦେଶ୍ ସେବାନେ ଉଦ୍‌ଯୋଗ ରବା ଜରୁରୀ ଏ। |
| ଓ- | ଉଇ | - | ଉଇ ବହି ପତ୍ର ଖାଇଯାଏ। |
| ବି- | ଢୁକୁ | - | ଢୁକୁକୀରା ବହି ପତର୍ ଖାଏ୍ ଯାଥେ। |
| ଓ- | ଉତ୍ତାପ | - | ଜ୍ୱର ହେଲେ ଦେହର ଉତ୍ତାପ ବଢ଼େ। |
| ବି- | ତାତି | - | ଜର୍ ହନେ ଦେହେଁକେ ତାତି ବଢ଼୍‌ଥେ। |

| | | | |
|---|---|---|---|
| ଓ- | ଉତ୍ପାଦନ | - | କୃଷି ଉତ୍ପାଦନ ବଢ଼ାଇବା ଆବଶ୍ୟକ |
| ବି- | ଉପ୍‌ଜାବା | - | ଋଷି ଫସଲ ଉପଜବା ବଢ଼ାବା କେ ଜରୁରୀ ଏ। |
| ଓ- | ଉଷୁମ | - | ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଭଲ। |
| ବି- | ତପ୍‌ଲା | - | ଠଣ୍ଡା ଦିନେ ତପ୍‌ଲା ପାନିନେ ଗୋଧ୍‌ବା ବନେ ଏ। |
| ଓ- | ଉଚିତ | - | ପିଲାମାନେ ପିତାମାତାଙ୍କର ଆଜ୍ଞାବହ ହେବା ଉଚିତ୍। |
| ବି- | ଠିକ୍‌ଏ | - | ପିଲାମନ୍ ବୁଆ ମାଁକେ କଥା ମାନଗବା ଠିକ୍ ଏ। |
| ଓ- | ଉପକରଣ | - | ପାଠ ଉପକରଣ ସାଇତି ରଖ। |
| ବି- | ଉପକରଣ | - | ପାଟ୍ ପଢ଼ା ଜିନିଷପତର ସେକେଲ କେ ରାଖୋ। |
| ଓ- | ଉପସ୍ଥିତ | - | ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ହୁଏ। |
| ବି- | ହାଜିର | - | ମାଷ୍ଟର୍ ଡାକ୍‌ବା କତ ମେଁ ହାଜିର୍ ହେ ଯାଥିଁ। |
| ଓ- | ଉକୁଣି | - | ଅପରିଷ୍କାର ମୁଣ୍ଡରେ ଉକୁଣି ଜାତ ହୁଅନ୍ତି। |
| ବି- | ଉକେନ୍ | - | ମଇଲା ମୁଁଢେ ଉକେନ୍ ଜନମ୍  ହଥେ। |
| ଓ- | ଉଚ୍ଚ | - | ଶାଗୁଣା ଖୁବ୍ ଉଚ୍ଚରେ ଉଡିପାରେ। |
| ବି- | ଉଚ୍ଚାଁ | - | ଗିଧା ବନେଚ୍ ଉପର୍‌ନେ ଉଡ୍ ସେକଥେ। |
| ଓ- | ଉଚ୍ଚାସନ | - | ସମ୍ମାନନୀୟ ଅତିଥିଙ୍କୁ  ଉଚ୍ଚ ଆସନରେ ବସାଯାଏ। |
| ବି- | ସମ୍ମାନନୀୟ | - | ସମ୍ମାନନୀୟ ପହୁନାମନ୍‌କେ ଉଚ୍ଚାଠାନ ନେ ବସାଯଥେ। |
| ଓ- | ଉଚ୍ଛନ୍ନ | - | ଦୁର୍ଘଟଣାରେ ତାର ସବୁ ଉଚ୍ଛନ୍ନ ହୋଇଗଲା। |
| ବି- | ଉଚ୍ଛନ୍ | - | ଦୁର୍ଘଟଣାନେ ଉକରସବ୍ ଉଚ୍ଛନ୍ ହେ ଯାଏସ୍। |
| ଓ- | ଉତ୍‌ପାତ | - | ଦୁଷ୍ଟ ମାନଙ୍କର ଉତ୍ପାତ ବଢିବାରେ ଲାଗିଛି। |
| ବି- | ଉତ୍ପାତ | - | ଉତ୍‌ବସିଆ ମନ୍‌କେ ଉତ୍ପାତ ବଢବାକେ ଲାଗେ ହେ। |
| ଓ- | ଉତ୍କଟ | - | କିଛି ବର୍ଷ ପରେ ଖଣିଜ ତୈଳର ଉତ୍କଟ ଅଭାବ ହେବ। |
| ବି- | ବନେଚ୍ | - | ଆଉ କତକ ବଛର କେ ପଛିଲ୍‌ନେ ଖୋଦାନ କେ ତେଲ ବନେଚ୍ ଅଭାବ ହେଯାହି। |
| ଓ- | ଉତ୍ପତ୍ତି | - | ଜମି ରହୁଥିବା ପାଣି ମଶାର ଉତ୍ପତ୍ତି ସ୍ଥଳ ଅଟେ। |
| ବି- | ଜନ୍‌ମିବାର | - | ଜମେରେବା ପାନି ନେ ଗୁଡିଆ ଜନ୍‌ମିବାର ଠାନ୍‌ଏ। |

| | | | |
|---|---|---|---|
| ଓ- | ଉତ୍ତର ଦିଗ | - | ଉତ୍ତର ଦିଗରୁ ଥଣ୍ଡା ପବନ ବହେ। |
| ବି- | ଉତ୍ତର ଦିଶା | - | ଉତ୍ତର ଦିଗଲେ ଠଣ୍ଡା ହଓ୍ୱା ବହଥେ। |
| ଓ- | ଉତ୍କୃଷ୍ଟ | - | କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ। |
| ବି- | ଜବ୍‌ରବନେ | - | କନ୍ଧ୍‌ମାଲ୍‌ନେ ଜବର୍‌ବନେ ହଲ୍‌ଦୀ ଉପ୍‌ଜା ଯାଥେ। |
| ଓ- | ଉତ୍ପାଦିକା | - | ଜମିର ଉତ୍ପାଦିକା ଶକ୍ତି କମି ଗଲାଣି। |
| ବି- | ଉପ୍‌ଜାବାତିଜ୍ | - | ଜମିନ୍ କେ ଉପ୍‌ଜାବା ବଲ୍ କମ୍ ହେ ଯାଏ ସ୍‌ନେ। |
| ଓ- | ଉତ୍ସ | - | ଗ୍ରୀଷ୍ମ ଋତୁରେ ଜଳ ଉତ୍ସ ଶୁଖିଯାଏ। |
| ବି- | ଧାର୍ | - | ଖରା ଦିନ୍‌ନେ ପାନିକେ ଧାର୍ ଶୁଖ୍‌ଯାଥେ। |
| ଓ- | ଉତ୍ସାହୀ | - | ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ। |
| ବି- | ଉତ୍ସାହୀ | - | ଉତ୍ସାହୀ ମନ୍‌ସେ ସବ୍ କାମ୍‌ନେ ସଫଲ୍ ହଥେ। |
| ଓ- | ଉତ୍ତୋଳନ | - | ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ। |
| ବି- | ଉତ୍ତୋଳନ | - | ଖଣିଲେ ଖନିଜ୍ ପାଖୁନ୍ ଉତ୍ତୋଳନ୍ କରଯାଥେ। |
| ଓ- | ଉପବାସ | - | ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଇଥାଏ। |
| ବି- | ଉପାସ୍ | - | ଉପାସ୍ ନେ ପାକସ୍ଥଳୀ ଆରାମ୍ ପାଥେ। |
| ଓ- | ଉଠାଇ | - | ବେଳେବେଳେ ପବନ୍ ଚାଳକୁ ଉଠାଇ ନେଇଥାଏ। |
| ବି- | ଉଢ଼ିଆ | - | ଛନେକ୍ ଘଡେକ୍ ଧୁକା ଚ୍‌ଲ୍‌କେ ଉଢ଼ିଆ ଲେଯାଥେ। |
| ଓ- | ଉଭୟ | - | ବିଦ୍ୟାଳୟ ସଫା ରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ। |
| ବି- | ସବ୍‌କେ | - | ଇସ୍କୁଲ ସାଫ୍ ରଖ୍‌ବା ଛୋକ୍‌ରାଛୋକ୍‌ରି ଦିନୋ ଝନ୍‌କେ ବୁତାଏ। |
| ଓ- | ଉଇକେଟ୍ | - | କ୍ରିକେଟ୍‌ରେ ଗୋଟିଏ ଦଳରେ ଏଗାରଟା ଉଇକେଟ୍ ଥାଏ। |
| ବି- | ଉଇକେଟ | - | କ୍ରିକେଟ୍ ନେ ଗୋଟେକ୍ ଦଲେଁ ଗ୍ୟାର୍‌ଟା ଉଇକେଟ୍ ରେଥେ। |
| ଓ- | ଉପହାର | - | ପବନ ଈଶ୍ୱର ଆମକୁ ଦେଇଥିବା ଉପହାର ଅଟେ। |
| ବି- | ଉପହାର୍ | - | ଧୁକା ଈଶ୍ୱର, ହାମ୍‌କେ ଦେଲା ଉପହାର ହଥେ। |
| ଓ- | ଉପର | - | ବାୟୁମଣ୍ଡଳର ଉପରଭାଗରେ ମହାଶୂନ୍ୟ ରହିଛି। |
| ବି- | ଉପର୍‌ନେ | - | ବାୟୁମଣ୍ଡଲ୍‌କେ ଉପ୍‌ର୍ ଭାଗ୍‌ନେ ମହାଶୁଇନ ଏହେ। |

ଓ- ଉର୍ବର - ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ।
ବି- ଉର୍ବର - ବନେ ଫସଲ୍ କଜେଙ୍ଗ ଉର୍ବର ମାଟି ଜରୁରୀଏ।
ଓ- ଉଣା - ପାଠ ପଢ଼ା ଉଣା କର ନାହିଁ।
ବି- କମ୍ - ପାଟ୍ ପଢ଼୍ବା କମ୍ ନି କର୍ହି।
ଓ- ଓଳି - ଗ୍ରୀଷ୍ମ ଋତୁରେ ଏକ ଓଳି କାମ କରିବା ଭଲ।
ବି- ବେଲ୍ - ଖରା ଋତୁନେ ଗୋଟେକ୍ ବେଲ୍ କାମ୍ କର୍ବା ବନେ ଏ।
ଓ- ଋତୁ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ।
ବି- ଋତୁ - ଖରା ଋତୁ ଆମା ପାଚ୍ଥେ।

## 'ଏ'

ଓ- ଏଣେତେଣେ - ଆବର୍ଜନା ଏଣେତେଣେ ପକାନ୍ତୁ ନାହିଁ।
ବି- ଜାହାଁତାହାଁ - କେଚେରା କୋଟା ଜାହାଁତାହାଁ ନି ପକାହି।
ଓ- ଏଣ୍ଡୁଅ - ଏଣ୍ଡୁଅ କଙ୍କି ମାରି ଖାଏ।
ବି- ଟେଟ୍ଙ୍ଗା - ଟେଟ୍ଙ୍ଗା ଫିର୍ଫିରି ମାର୍ କେ ଖାଥେ।
ଓ- ଏକ - କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ଅଟେ।
ବି- ଗୋଟେକ୍ - କୁକୁର ଗୋଟେକ୍ ବିଶ୍ୱାସି ଜୀବ ଆଏ।
ଓ- ଏକବାରଛୁ - କୁକୁରକୁ ଦେଖି ମାଙ୍କଡ ଏକବାର ଛୁ।
ବି- ପର୍ଲା ମାରକେ ଭାଗ୍ବା - କୁକୁର୍କେ ଦେଖ୍ତେ କି ବେନ୍ଦ୍ରା ପର୍ଲା ମାର୍କେ ଭାଗେସ୍।
ଓ- ଏକଜୁଟ - ଗାଁ ଲୋକ ଏକଜୁଟ ହୋଇ ରାସ୍ତା ମରାମତି କଲେ।
ବି- ଏକଜୁଟ୍ - ଗାଁ ଲୋଗ୍ ଏକଜୁଟ୍ ହେକେ ସଡକ୍ ମରାମରି କରେସ୍।
ଓ- ଏକକ - ମିଟର ଦୂରତା ମାପିବାର ଏକକ ଅଟେ।
ବି- ଏକକ୍ - ମିଟର୍ ଧୁରିଆ ମାପ୍ବା କେ ଏକକ୍ ଏ।
ଓ- ଏଇଠି - ଏଇଠି ବସି ମୁଁ ନିତି ବହି ପଢ଼େ।
ବି- ଇଠାନେ - ଇଠାନେ ବଏସ୍ କେ ମାଏ ସବ୍ ଦିନ୍ ବହି ପଢ଼୍ଥାଁ।

| | | | |
|---|---|---|---|
| ଓ- | ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ। |
| ବି- | ଏକଲା | - | ହାମର୍ ଗାଁଲେ ମେଁ ଏକ୍ଲା କଲେଜ୍ ଯାଥାଁ। |
| ଓ- | ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ। |
| ବି- | ଏକଲା | - | ହାମର ଗାଁଲେ ମେଁ ଏକ୍ଲା କଲେଜ୍ ଯାଥାଁ। |
| ଓ- | ଏମନ୍ତ | - | ଏମନ୍ତ କରି ଦେଖାଅ, ଯାହା ଦେଖି ଲୋକ ଖୁସି ହେବେ। |
| ବି- | ଏନ୍ତା | - | ଏନ୍ତା କର୍କେ ଦେଖାଅ, ଯାଖେଁ ଦେଖ୍କେ ମନ୍ସେ ଖୁସ୍ ହେ ଯାହି। |
| ଓ- | ଏବେ | - | ଏବେ ପାଠ ପଢ଼ାର ସମୟ ଅଟେ। |
| ବି- | ଇଛନ୍ | - | ଇଛନ୍ ପାଠ୍ ପଢ଼୍ବାକେ ବେଳା ଏ। |
| ଓ- | ଏଟିଏମ୍ | - | ଏଟିଏମ୍ରୁ ଯେ କୌଣସି ସମୟରେ ଟଙ୍କା ଉଠାଯାଏ। |
| ବି- | ଏଟିଏମ୍ | - | ଏଟିଏମ୍ ଲେ ଯତକ୍ ଦିଆଁ ରୁପିଆ ବାହାର କରଦା ହଥେ। |

## 'ଐ'

| | | | |
|---|---|---|---|
| ଓ- | ଏନ୍ତୁଡ଼ିଶାଳ | - | ଏନ୍ତୁଡିଶାଳ ଆମ ଜନ୍ମ ସ୍ଥାନ ଅଟେ। |
| ବି- | ଏନ୍ତୁଡ଼ିଶାଳ | - | ଏନ୍ତୁଡିଶାଳ ହାମର ଜନମ୍ ଜାଗା ହଥେ। |
| ଓ- | ଏକ ଟଙ୍କିଆ | - | ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଏ ନାହିଁ। |
| ବି- | ଏକ୍ ଟଙ୍କି | - | ଆଏଜ୍ କାଏଲ୍ ଏକ ଟଙ୍କି ନୋଟ୍ ଦେଖ୍ବାକେ ନି ମିଲତ୍ ଲା। |
| ଓ- | ଏକାଦଶ | - | ମୁଁ ଏକାଦଶ ବାର ଚିଲିକା ଦେଖିଛି। |
| ବି- | ଏଗ୍ୟାରଖେପ୍ | - | ମେଁ ଏଗ୍ୟାରଖେପ୍ ଚିଲିକା ଦେଖେ ହାଁ। |
| ଓ- | ଏକାଠି | - | ପରିବାରର ସମସ୍ତେ ଏକାଠି ରହନ୍ତି। |
| ବି- | ଗୋଟେକ୍ଠାନେ-କୁଟୁମ୍ କେ ସବ୍ ଗୋଟେକ ଠାନେ ରେଥେ। | | |
| ଓ- | ଏକାଧିକ | - | ମୋ ପାଖରେ ଏକାଧିକ ଗଣିତ ବହି ଅଛି। |
| ବି- | କତ୍ନିକତ୍କ୍ | - | ମୋର୍ ଲେଗ୍ କତ୍ନିକତକ୍ ଗଣିତ୍ ବହି ଏହେ। |
| ଓ- | ଏକାଡିଆଁ | - | ମାଙ୍କଡଟି ଏକା ଡିଆଁରେ ପଳାଇଲା। |
| ବି- | ଗୋଟେକ୍କୁଦା | - | ମାକର୍ଟା ଗୋଟେକ୍ କୁଦାନେ ପଲା ଯାଏସ୍। |

| | | | |
|---|---|---|---|
| ଓ- | ଏକାପ୍ରକାର | - | ସଇନିକ ମାନେ ଏକପ୍ରକାରର ପୋଷାକ ପିନ୍ଧନ୍ତି। |
| ବି- | ଗୋଟେକ୍‌ପ୍ରକାର | - | ସଇନିକ୍ ମନ୍ ଗୋଟେକ୍ ପ୍ରକାର୍‌କେ ପିନ୍ଧ୍‌ନା ପିନ୍ଧ୍‌ଥେ। |
| ଓ- | ଏହି | - | ଏହି ଦେଶ ଆମ ଜନ୍ମଭୂମି ଅଟେ। |
| ବି- | ଇ | - | ଇ ଦେଶ୍ ହାମର୍ ଜନମ୍ ମାଏଟ୍ ହଥେ। |
| ଓ- | ଐରାବତ | - | ଐରାବତ ହାତୀ ମାନଙ୍କ ଦଳପତି ଅଟେ। |
| ବି- | ଐରାବତ୍ | - | ଐରାବତ ହାଁଥୀ ମନ୍‌କେ ସିଆଁନ୍ ହଥେ। |
| ଓ- | ଓ | - | ମାଛ ଓ ମାଂସ ଶରୀରର ବୃଦ୍ଧି କରନ୍ତି। |
| ବି- | ଆରୁ | - | ମଛରି ଆରୁ ମାସ୍ ଦେହେଁ କେ ତାକତ୍ ବଢାଥେ। |
| ଓ- | ଓଳି | - | ଗୋଟିଏ ଓଳି କାମ କଲେ ଅଧା ମଜୁରି ପାଇବ। |
| ବି- | ଗୋଟେକ୍‌ବେଲ | - | ଗୋଟେକ୍ ବେଲ୍ କାମ୍ କରନେ ଆଧା ଭୁତି ପାହି। |
| ଓ- | ଓଠ | - | ଶୀତ ଦିନେ ଓଠ ଫାଟେ। |
| ବି- | ଚଏଣ୍ | - | ଶୀତ୍ ଦିନେ ଚଏଣ୍ ଫାଟ୍‌ଥେ। |
| ଓ- | ଓସାର | - | ଓସାର, ଲମ୍ବ ଅପେକ୍ଷା ସାନ ଅଟେ। |
| ବି- | ଚଉଡ଼ା | - | ଉସାର୍ ଲାମାଲେ ଛୋଟେ ଏ। |
| ଓ- | ଓଜନ | - | ଚାଷୀମାନେ ଓଜନ କରି ପନିପରିବା ବିକିବା ଉଚିତ୍। |
| ବି- | ଉଜନ୍ | - | ଚ଼ଷୀମନ୍ ନାପ୍ କେ ତୁନସାଗ୍ ବେଚ୍‌ବା ଜରୁରୀ ଏ। |
| ଓ- | ଓଧ | - | ଓଧ ପାଣିରେ ଯା ଆସ କରିପାରେ। |
| ବି- | ଟଟାସ୍ | - | ଟଟାସ୍ ପାନିନେ ଯାବା ଆବା କରନ୍ ପାର୍‌ଥେ। |
| ଓ- | ଓହ୍ଲାଇବା | - | ସାବଧାନରେ ସାଇକେଲରୁ ଓହ୍ଲାଇବା ଉଚିତ୍। |
| ବି- | ଉତ୍‌ରୋ | - | ସାବ୍‌ଧାନ୍ ହେକେ ସାଇକେଲ୍ ଲେ ନଉତର୍ ବା ଉଚିତ୍ । |
| ଓ- | ଓଟ | - | ଓଟ ମରୁଭୂମିର ଜାହାଜ ଅଟେ। |
| ବି- | ଉଟ୍ | - | ଉଁଟ୍  ମରୁଭୂମି କେ ଜହାଜ୍ ଏ। |
| ଓ- | ଓସାରିଆ | - | ଗାଁ ଗହଳିରେ ଓସାରିଆ ରାସ୍ତା ନ ଥାଏ। |
| ବି- | ଚାକଲ୍ | - | ଗାଁ ଭୂଇଁନେ ଚାକଲ୍ ବାଟ୍ ନି ରେହେ। |

| | | | |
|---|---|---|---|
| ଓ- | ଓଷ୍ଠ | - | କଥା କହିବାରେ ଓଷ୍ଠ ସାହାଯ୍ୟ କରେ। |
| ବି- | ଉଠ୍ | - | ଗୋଏଟ୍ ଗୋଠିଆବା କେ ଅଁଠ୍ ସାହାଜ୍ କର୍‌ଥେ। |
| ଓ- | ଓଲଟାଇ | - | ଘୂର୍ଣ୍ଣିବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ। |
| ବି- | ଉଲ୍‌ଟାଥେ | - | ଗରେଲ୍ ଧୁକା ଘର୍‌କେ ଚାଲ୍ ଉଲ୍‌ଟାଏକେ ଫେକଥେ। |
| ଓ- | ଓଡ଼ିଶୀ | - | ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ଆଦର ପାଇଛି। |
| ବି- | ଉଡ଼ଶୀ | - | ଓଡ଼ଶୀ ନାଚ୍ ପୃଥୀକେ ଆସନ ନେ ମାଏନତା ପେଁହେ। |
| ଓ- | ଓହଳି | - | ଯାନବାହନରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ। |
| ବି- | ଝୁଲ୍‌କେ | - | ଗାଡିମଟର୍ ନେ ଝୁଲ୍‌କେ  ଯାତ୍ରା କର୍‌ବା ବିପଦ୍ ଏ। |

## 'ଔ'

| | | | |
|---|---|---|---|
| ଓ- | ଔଷଧ | - | ଡାକ୍ତର  ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ। |
| ବି- | ଉଷୋ | - | ଡାକ୍ତର ଗଂଚରନେ ଉଷୋ ହେବା ବିପଦ୍ ନି ରେହେ। |
| ଓ- | ଔଷଧ | - | ଔଷଧ କିଣିବା ପାଇଁ ଗରିବ ଲୋକଙ୍କ ଠାରେ ପଇସା ନଥାଏ। |
| ବି- | ଉଷୋ | - | ଉଷୋ ଘିନ୍‌ବା କଜେଙ୍ଗ ଗରିବ୍ ମନ୍‌ସେ ଠାନେ ପଇସା ନି ରେହେ। |
| ଓ- | କଜିଆ | - | ଶ୍ରେଣୀରେ କଜିଆ କର ନାହିଁ। |
| ବି- | ଝଗ୍‌ଡା | - | କିଲାସ୍  ନେ ଝଗ୍‌ଡା ନି କରୋ। |

## 'କ'

| | | | |
|---|---|---|---|
| ଓ- | କଳି | - | କଳିରୁ ଶାନ୍ତି ହଜିଯାଏ। |
| ବି- | ଝଗଡା | - | ଝଗ୍‌ଡାଲେ ଶାନ୍ତି ହଏଜ୍ ଯାଥେ। |
| ଓ- | କଥାଭାଷା | - | ଆମ କଥା ଭାଷା ମଧୁର ହେବା ଉଚିତ୍। |
| ବି- | ଗୋଏଟ୍‌ବାଦ୍ | - | ହାମର ଗୋଏଟ୍‌ବାଦ୍ ସୁଆଦ୍ ପନ ହେବା ଜରୁରୀ। |
| ଓ- | କରୁଣ | - | ଦୁଃଖି ଲୋକର କରୁଣ କ୍ରନ୍ଦନ ଈଶ୍ୱର ଶୁଣନ୍ତି। |
| ବି- | କର୍‌ଳେଇ | - | ଦୁଃଖି ମନ୍‌ସେ କେ କର୍‌ଲେଇ ରୋନାକେ ଈଶ୍ୱର ସୁନ୍‌ଥେ। |

| | | | |
|---|---|---|---|
| ଓ- | କମ୍ପାଉଣ୍ଡର | - | ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି। |
| ବି- | କୁମ୍‌ପାଣ୍ଡର | - | ଅସ୍‌ପାତାଲ ନେ କୁମ୍‌ପାଣ୍ଡର ଉଷୋ ଦେଥେ। |
| ଓ- | କର୍ମଚାରୀ | - | କର୍ମଚାରୀ ନିଜ କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ୍। |
| ବି- | ଚାକ୍‌ରିହା | - | ଚାକରିହା ଅପ୍ନୁନ କାମ୍‌ନେ ବିଶ୍ୱାସ୍ ହବା କଥା। |
| ଓ- | କରେ | - | ମୁଁ ନିତି ସକାଳେ ପ୍ରାର୍ଥନା କରେ। |
| ବି- | କର୍‌ଥି | - | ମେଁ ସବ୍‌ଦିନ ସେଖାଲ୍ ଲେ ପ୍ରାର୍ଥନା କରଥିଁ। |
| ଓ- | କଷଣ | - | କଷଣ ସହିବା ବୁଦ୍ଧିମାନର କାମ ଅଟେ। |
| ବି- | ଦୁଃଖ | - | ଦୁଃଖ୍ ସହବା ବୁଦ୍ଧିମାନ କେ କାମ୍ ଏ। |
| ଓ- | କର୍ଣ୍ଣ | - | କର୍ଣ୍ଣ ଦ୍ୱାରା ଆମେ ଶୁଣୁ। |
| ବି- | କାନ୍ | - | କାନ୍ ଲେ ସୁନେଇ ହଥେ। |
| ଓ- | କଇଁଚି | - | କଇଁଚିରେ ବାଳ କଟାହୁଏ। |
| ବି- | କଇଁଚି | - | କଇଁଚି ନେ ବାଲ୍ କଟାହଥେ। |
| ଓ- | କଇଁଛ | - | ଗହୀରମଥା କଇଁଛଙ୍କ ପ୍ରଜନନ କେନ୍ଦ୍ର ଅଟେ। |
| ବି- | କେଛୋ | - | ଗହୀର ମଥା କେଛୋମନ୍‌କେ ଜନମ୍‌ଠାନ୍ ଏ। |
| ଓ- | କଣ୍ଟା | - | ଗୋଲାପ ଗଛରେ କଣ୍ଟା ଥାଏ। |
| ବି- | କାଁଟା | - | ଗୁଲାପ୍ ଗଛେଁ କାଁଟା ରେଥେ। |
| ଓ- | କଦଳୀ | - | କଦଳୀ ଏକ ସୁଆଦିଆ ଫଳ ଅଟେ। |
| ବି- | କଦେଲ୍ | - | କଦେଲ୍ ଗୋଟେକ୍ ମିଠା ଫଲ୍ ଏ। |
| ଓ- | କମଳା | - | କମଳାରୁ ଫଳ ରସ ପ୍ରସ୍ତୁତ କରାଯାଏ। |
| ବି- | ଟେଭା | - | ଟେଭାଲେ ଫଳ ରସ୍ ତିଆର ହଥେ। |
| ଓ- | କଞ୍ଚା | - | କଞ୍ଚା କାଠ ସହଜରେ ଜଳେ ନାହିଁ। |
| ବି- | କାଁଚା | - | କାଚାଁ କାଠ୍ ସହଜ୍ ନେ ନି ଜଲେ। |
| ଓ- | କଲବଲ | - | ଭିକାରୀଟି କଲବଲ ହୋଇ ଅନାଇଛି। |
| ବି- | ଗୁଲ୍‌ଗୁଲା | - | ଭିକାରୀ ଗୋଟେକ୍ ଗୁଲଗୁଲା ହେକେ ଦେଖଥେ। |

ଓ- କପୋତି - କପୋତି ଚିତ୍ରବିଚିତ୍ର ଅଣ୍ଡା ଦିଏ।

ବି- ପଣ୍‌କୀ - ପଣ୍‌କି ରଙ୍ଗ୍ ବିରଙ୍ଗ୍ କେ ଗାର୍ ଦେଥେ।

ଓ- କପୋତ - କପୋତ ଶାନ୍ତିର ପ୍ରତୀକ ଅଟେ।

ବି- ପଣ୍‌କୀ - ପଣ୍‌କୀ ଶାନ୍ତିକେ ଚିନ୍‌ହା ଏ।

ଓ- କମ୍ପନ - ଘଣ୍ଟିକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ।

ବି- ଗରଜ୍ - ଘଟିଁକେ ପିଟ୍‌ନେ ଦେନେ, ଗରଜ୍ ଅନ୍‌ଥେ।

ଓ- କମ୍ - କମ୍ ବୃଷ୍ଟିପାତରେ ଭଲ ଫସଲ ହୁଏନାହିଁ।

ବି- କମ୍ - କମ୍ ବର୍‌ସା ନେ ଆଛା ଫସଲ୍ ନି ହନ୍ ସକେ।

ଓ- କମ୍ବଳ - କମ୍ବଳ ଘୋଡାଇ ହେଲେ ଶୀତରୁ ରକ୍ଷା ମିଳେ।

ବି- କମ୍ବଳ - କମ୍ବଲ୍ ଅଢ଼ନେ ଶୀତଲେ ରକ୍ଷା ମିଲ୍‌ଥେ।

ଓ- କଣ୍ଢେଇ - ପ୍ଲାଷ୍ଟିକ୍ କଣ୍ଢେଇ ଭଙ୍ଗୁର ନୁହେଁ।

ବି- ଖେଲ୍‌ନା, ପୁତଲା - ପ୍ଲାଷ୍ଟିକ ପୁତ୍‌ଲା ନି ଭାଙ୍ଗେ।

ଓ- କର - ଛୋଟ ବେଳୁ ଚରିତ୍ର ଗଠନ କର।

ବି- କରଥେ - ଛୁଆ ବେଲ୍‌ଲେ ଆଚରନ୍ ତିଆରି କରୋ।

ଓ- କଢ - କଢ ଫୁଟି ଫୁଲ ହୁଏ।

ବି- କହଣୋ - କହଣୋ ଫୁଟ୍‌କେ ଫୁଲ ହଥେ।

ଓ- କଟିବା - ବହୁଦିନ ଅନୁପସ୍ଥିତ ରହିଲେ ନାମ କଟିବା ସମ୍ଭାବନା ଥାଏ।

ବି- କଟ୍‌ଥେ - ଜବର୍‌ଦିନ୍ ହାଜିର୍ ନିହନେ ନାଁ କଟ୍‌ବାକେ ଡର୍ ରେଥେ।

ଓ- କଳା - ଆମର ଗୋଟିଏ କଳା ଗାଈ ଅଛି।

ବି- କଲିଆ - ହାମର୍ ଗୋଟେକ୍ କାଲିଆ ଗାଏ ଏହେ।

ଓ- କବାଟ - ଲୋକେ ରାତିରେ କବାଟ ବନ୍ଦ କରି ଘରେ ଶୁଅନ୍ତି।

ବି- ଟାଟି - ମନ୍‌ସେମନ୍ ରାତିନେ ଟାଟି ଢାଏବ କେ ସୁଥେ।

ଓ- କଟୁରୀ - କଟୁରୀରେ ଘାସ ବୁଦା ଇତ୍ୟାଦି ସଫା କରାଯାଏ।

ବି- କର୍‌ରି - କର୍‌ରି ନେ ଲଟା ବୁଦା କିଛୁ କାହିଁ ସାଫ୍ କରାଯାଥେ।

| | | | |
|---|---|---|---|
| ଓ- | କଲମ | - | କଲମ ଲେଖା ଗୁଡିକ ଦୀର୍ଘ ସ୍ଥାୟୀ ହୁଏ। |
| ବି- | କଲମ୍ | - | କଲମ ଲେଖା ଜବରଦିନ୍ ସ୍ଥାୟୀ ରେଥେ। |
| ଓ- | କର | - | ପିତା ମାତାଙ୍କର  ସମାଦର କର। |
| ବି- | କରବା | - | ବୁଆ ମାଁ କେ ସମାଦର୍ କର୍‌ହି। |
| ଓ- | କହି | - | ଜେଜେମା ଗପ କହି ଆମକୁ ଶୁଆନ୍ତି। |
| ବି- | କଥେ | - | ବୋବି କଥାନୀ କଏକେ ହାମ୍‌କେ ସୁଆଥେ। |
| ଓ- | କଢ଼ି | - | କଢ଼ିରୁ ଫୁଲ ଫୁଟେ। |
| ବି- | କହଣୋ | - | କହଣୋ ଲେ ଫୁଲ ଫୁଟ୍‌ଥେ। |
| ଓ- | କଥନ | - | କଥନ ଦ୍ୱାରା ଭାବ ପ୍ରକାଶ କରାଯାଏ। |
| ବି- | ଗୋଠିଆବା | - | ଗୋଠିଆବା ନେ କଥାଭାଷା ଜନା ଯାଥେ। |
| ଓ- | କମ୍ପି | - | ଘଡଘଡି ଶବ୍ଦରେ ମେଦିନୀ କମ୍ପି ଉଠେ। |
| ବି- | କାଁପ | - | ଘଡ୍‌ଘଡ଼ି ଶବଦ୍ ନେ ଧରତୀ କାଁପ ଉଠ୍‌ଥେ। |
| ଓ- | କଣ୍ଠ | - | ମଧୁର କଣ୍ଠରେ ସଙ୍ଗିତ ଗାନ କର। |
| ବି- | କଁଠ୍ | - | ମଧୁର ସୁର୍ ନେ ଗୀତ୍ ଗାଓ। |
| ଓ- | କଡରେ | - | ରାସ୍ତ କଡରେ ମଳ ତ୍ୟାଗ ଅନୁଚିତ୍। |
| ବି- | ତଁରେ | - | ବାଟ୍ ତଁରେ ହାଗ୍‌ବା ଉଚିତ୍ ନି ହୈ। |
| ଓ- | କଳିକଜିଆ | - | ମୁର୍ଖ ଲୋକେ କଳିକଜିଆ କରିଥାନ୍ତି। |
| ବି- | ଗାଲିଝଗର୍ | - | ମୁରୁଖ ମନ୍‌ସେ ଗାଲିଝଗର୍‌ା କର୍‌ଥେ। |
| ଓ- | କଲରା | - | କଲରା ଏକ ହିତକାରୀ ଖାଦ୍ୟ ଅଟେ। |
| ବି- | କର୍‌ଲା | - | କର୍‌ଲା ଗୋଟେକ୍ ଅଇନ ଖିନାଏ। |
| ଓ- | କାବା | - | ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା। |
| ବି- | ଭକୁଆ | - | ସର୍କସ୍‌ନେ ହାତୀ ଦେଖ୍‌କେ ଛୁଆଗୋଟେକ୍ ଭକୁଆଁ ହେ ଯେସ୍। |
| ଓ- | କାଳକାଳ | - | ଦେଶ ପାଇଁ ପ୍ରାଣବଳି କାଳ କାଳ ସ୍ମରଣୀୟ ହୋଇ ରହେ। |
| ବି- | ଯୁଗ୍‌ଯୁଗ୍ | - | ଦେଶ କେଜେଙ୍ଗ୍ ଜୀବନ ଦବା ଯୁଗ୍‌ଯୁଗ୍ ଅଭୁଲା ହେକେ ରେଥେ। |

ଓ- କାଉ - କାଉ କା-କା ବୋଲି ରଡି ଛାଡେ।
ବି- କୁଁଆ - କୁଆଁ କାଁ କାଁ କେର୍ କେ ଗଂଗିଆଥେ।
ଓ- କାଳ - ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ।
ବି- ଯୁଗ୍ - ଆଏଜ୍ କାଏଲ୍ ଯୁଗ୍ ଜବର୍ ଖରାପ୍ ଏ।
ଓ- ଖରା - ଗ୍ରୀଷ୍ମ ଋତୁରେ ଟାଣ ଖରା ହୁଏ।
ବି- ଖରା - ଖରା ଋତୁନେ ଟାନ୍ ଖରା ହେଥେ।
ଓ- କାରଣ - ରବି ଏ ବର୍ଷ ଫେଲ୍ ହେଲା କାରଣ ସେ ମନଦେଇ ପଢ଼ିନଥିଲା।
ବି- ମତ୍‌ଲବ - ରବି ଇସାଁଲେ ଫେଲ୍ ହେ ଜେସ କାରଣ୍ ଓ ମନ ଦେକେ ନି ପଢେ ରେଇ।
ଓ- କପଡା - ଶୀତ ଦିନେ ଗରମ କପଡା ଆବଶ୍ୟକ।
ବି- ଉଢ଼ନା - ଶୀତଦିନେ ଗରମ୍ ଉଢ଼ନା ଦର୍‌କାର୍।
ଓ- କମିବା - ଶରୀରରେ ଜଳ ଅଂଶ କମିବା ଅନୁଚିତ୍।
ବି- କମଜାବା - ଦେହେଲେ ପାନିଭାଗ୍ କମ୍‌ବା ଉଚିତ୍ ନିସେ।
ଓ- କାବା - ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା।
ବି- ଭକୁଆ - ସର୍କସ୍‌ନେ ହାତୀ ଦେଖିକେ ଛୁଆଗୋଟେକ୍ ଭକୁଆଁ ହେ ଯେସ୍।
ଓ- କଳାହାଣ୍ଡିଆ - କଳାହାଣ୍ଡିଆ ମେଘ ଦେଖି ମୟୂର ଖୁସି ହୁଏ।
ବି- କଳିଆମେଘ୍ - କଳିଆ ବାଦଲ୍ ଦେଖିକେ ମଁଜୁର ଖୁସ୍ ହଥେ।
ଓ- କାଠହଣା - କାଠ ହଣା ଚଢ଼େଇ କାଠ ଭିତର ପୋକ ଖୋଲି ଖାଏ।
ବି- ସୁର୍‌ଗୁନା - ସୁର୍‌ଗୁନା ଚେରେ ଗଛ୍ ଭିତର୍ କେ କିରା ଖୋଏଲ୍‌କେ ଖାଥେ।
ଓ- କାମନା - ପିତାମାତା ପୁତ୍ର କନ୍ୟା ମାନଙ୍କ ମଙ୍ଗଳକାମନା କରନ୍ତି।
ବି- ଚନ୍‌ତା - ବୁଆ ମା ବେଟାବେଟୀ ମନ୍‌କେ ମଙ୍ଗଲ୍ ଚିନ୍‌ତା କରଥେ।
ଓ- କାର୍ଯ୍ୟ - କୃଷି କାର୍ଯ୍ୟକରି ,ରମା ପରିବାର ଚଳାଏ।
ବି- ବୁତା - ଚ୍ୟଷବାସ୍ ବୁତା କର୍‌କେ ରମା କୁଟୁମ୍ ଚଲାଥେ।
ଓ- କାନ୍ଧ - କାଠୁରିଆ କାନ୍ଧରେ କାଠ ବୋହି ନିଏ।
ବି- ଖାନ୍ଦେ - ଗଛକାଟୁ ଖାନ୍ଦେ ଗଛ୍ ବୋହେ କେ ଲେଥେ।

| | | | |
|---|---|---|---|
| ଓ- | କାଠ | - | ସାଗୁଆନ ଏକ ଶକ୍ତ ଅଥଚ ହାଲୁକା କାଠ। |
| ବି- | ଲଖ୍‌ଡି | - | ସାଗୁନ୍ ଗୋଟେକ୍ ବରକସ୍ ଲେକିନ୍ ଉସାସ୍ ଲଖଡ଼ି ଏ। |
| ଓ- | କାହିଁକି | - | ଭୂମିକମ୍ପ କାହିଁକି ହୁଏ ତାର କାରଣ ଜାଣକି ? |
| ବି- | କେଁ କାଜର | - | ଭୂମିକମ୍ପ କେଁ କାଜର୍ ହଥେ ଉକର୍ କାରନ୍ ଜାନେ ହେତ୍ କେଁ ? |
| ଓ- | କାମୁଡିବା | - | କୁକୁର କାମୁଡିବା ବିପଦ ପୂର୍ଣ୍ଣ ଅଟେ। |
| ବି- | ଚ୍ବବ୍‌ବା | - | କୁକୁର ଚ୍ବବ୍‌ବା ବିପଦ୍ ପୂର୍ଣ୍ଣ ଏ। |
| ଓ- | କାଣ୍ଡ | - | ଗଛର କାଣ୍ଡରୁ ଶାଖା ବାହାରେ। |
| ବି- | ଡାହି | - | ଗଛ୍‌କେ ଡାହିଲେ ଖେନ୍ଦା ବାହାର୍‌ଥେ। |
| ଓ- | କାଇଁଚ | - | କାଇଁଚ ମାଲି ଭାରି ସୁନ୍ଦର ଦିଶେ। |
| ବି- | କାଁଚି | - | କାଚିଁ ମାଲି ବନେ ସୁନ୍ଦର ଦିଖ୍‌ଥେ। |
| ଓ- | କାନ | - | କାନରେ ଆମେ ଶୁଣିପାରୁ। |
| ବି- | କାନ୍ | - | କାନ୍‌ନେ ହାମେ ଶୁନନ୍ ସେକ୍‌ଥିଁ। |
| ଓ- | କାଛୁକୁଣ୍ଡିଆ | - | ଅପରିଷ୍କାର ରହିଲେ କାଛୁକୁଣ୍ଡିଆ ରୋଗ ହୁଏ। |
| ବି- | ଖସୁଖୁଜ୍‌ରି | - | ସାପ୍‌ସୁତୁର୍ ନି ରେନେ ଖସୁଖୁଜ୍‌ରି ହେଥେ। |
| ଓ- | କାଳ୍ପନିକ | - | କାରଗିଲ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ। |
| ବି- | ମନ୍‌ଗଢ଼ା | - | କାରଗିଲ୍ ଯୁଦ୍ଧ ଗୋଟେକ୍ ମନ୍‌ଗଢ଼ା କଥାନି ନି ସେ। |
| ଓ- | କାରିଗର | - | କାରିଗର ମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି। |
| ବି- | ମିସ୍ତ୍ରୀ | - | ମିସ୍ତ୍ରୀମନ୍ ବାରିକ୍ କାମ୍‌ବୁତା କରଥେଁ। |
| ଓ- | କାଙ୍କଡ଼ | - | ମାଙ୍କଡ଼ କାଙ୍କଡ଼ ଖାଆନ୍ତି। |
| ବି- | କକ୍‌ଡୋଁ | - | ବେନ୍ଦେରା କକ୍‌ଡୋଁ ଖାଥେ। |
| ଓ- | କାଠଗୋଲି | - | କାଠଗୋଲି ହାଲୁକା ଲାଗେ। |
| ବି- | ଗଛ୍‌ଗୁଟି | - | ଗଛ୍‌ଗୁଟି ଉସାସ୍ ଲାଗ୍‌ଥେ। |
| ଓ- | କାକୁଡି | - | ଖରାଦିନେ କାକୁଡି ଖାଇବା ଭଲ। |
| ବି- | ଖୀରା | - | ଖରାଦିନେ ଖୀରା ଖାବା ବନେ ଏ। |

ଓ- କାମ - ରୋଗୀ ସେବା କରିବା ଏକ ମହତ କାମ।

ବି- ବୁତା - ଦୁଖିଆ କେ ସେବା କର୍‌ବା ଗୋଟେକ୍ ବନେ ବୁତା ଏ।

ଓ- କାଠିକୁଟା - ବର୍ଷା ଜଳରେ କାଠିକୁଟା ଭାସିଯାଏ।

ବି- ଝାଟିକୁଟି - ବର୍‌ଷା ପାନିନେ ଝାଟିକୁଟି ଓହଲ୍ ଯାଥେ।

ଓ- କାତି - ପରିବା କାଟିବା ପାଇଁ କାତିଟିଏ ଆବଶ୍ୟକ।

ବି- ଛୁରୀ,କଟୁରୀ - ତୁନ୍‌ଶାଗ୍ କାଟ୍‌ବା କାଜର୍ ଛୁରୀ ଗୋଟେକ୍ ଜରୁରୀ ଏ।

ଓ- କାଖ - ବୁଢ଼ାଟି ଛତା କାଖରେ ଜାକି ଯାଉଛି।

ବି- ଖାଁଖେ - ବୁଢ଼ା ଗୋଟେକ ଛାତା ଖାଁଖେ ଚେପାକେ ଯାଆଥେ।

ଓ- କାନଫୁଲ - ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି।

ବି- କାନ୍‌ଫୁଲ - ଟୁକେଲ୍ ମନ୍ ସୁନାକେ କାନ୍‌ଫୁଲ ପିନ୍ଦ୍‌ଥେ।

ଓ- କାହାଣୀ - ଜେଜେମା ମୋତେ କାହାଣୀ କହି ଶୁଆଇ ଦିଅନ୍ତି।

ବି- କଥାନୀ - ବୋବି ମଖେଁ କଥାନୀ କୋଏକେ ସୁଆଥେ।

ଓ- କାଗଜ - କାଗଜରେ ବହି ତିଆର ହୁଏ।

ବି- କାଗତ୍ - କାଗ୍‌ତ୍‌ନେ ବହି ତିଆର୍ ହେଥେ।

ଓ- କାର୍ଡ - କାର୍ଡରେ ଚିଠି ଲେଖି ପଠାଯାଏ।

ବି- କାରଡ୍ - କାରଡ୍ ନେ ଚିଠି ଲେଖିକେ ପଠାଯଥେ।

ଓ- କାନକୁ - ମନ୍ଦ ଭାଷା କାନକୁ ଭଲ ଶୁଭେ ନାହିଁ।

ବି- କାନ୍‌କେ - ଖରାପ୍ ଗୋଏଟ୍ କାନ୍‌କେ ବନେ ନି ଲାଗେ।

ଓ- କାମୁଡି - କୁକୁର ହାଡଟିଏ କାମୁଡି ଧାଇଁଗଲା।

ବି- ଚାବ୍‌କେ - କୁକୁର୍ ହାଡ୍ ଗୋଟେକ୍‌କେ ଚାବ୍‌କେ କୁଦତ୍ ଭାଗେସ୍ ।

## 'ଚ'

ଓ- କାଦୁଅ - ରାସ୍ତାଟି କାଦୁଅ ହୋଇଛି।

ବି- କାଦୋ - ଧରସା ଟା କାଦୋ ହେହେ।

| | | | |
|---|---|---|---|
| ଓ- | କାନ୍ଦୁଲ | - | ଆଦିବାସୀ ମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି। |
| ବି- | କାନ୍ଦୁଲ୍ | - | ଆଦିବାସୀ ମନ୍ ଝାର୍ କାଟ୍‌କେ କାନ୍ଦୁଲ୍ ଚସ୍ଷ କର୍‌ଥେ। |
| ଓ- | କାଢ଼ିବା | - | କୂଅରୁ ପାଣି କାଢ଼ିବା ପାଇଁ ପୁଲି ଲାଗିଥାଏ। |
| ବି- | ଘିଚ୍‌ବା | - | ଚୁଆଁନେ ପାନି ଘିଚବା କଜେଙ୍ଗ ଘଡ୍ ଘଡି ଲାଗେରେଥେ। |
| ଓ- | କାମରେ | - | ଚିରା କନା ବେଳେ ବେଳେ କାମରେ ଲାଗେ। |
| ବି- | ବୁତାନେ | - | ଫଟା ଲେଖରୀ ସମିଆ ସମିଆ ନେ ବୁତାନେ ଲାଗ୍‌ଥେ। |
| ଓ- | କିକି | - | ନନ୍ଦନ କାନନରେ କି କି ପ୍ରାଣୀ ରହିଛନ୍ତି। |
| ବି- | କେକେ | - | ନନ୍ଦନ୍ କାନନ୍‌ନେ କେ କେ ଜୀବ୍ ଏହେ। |
| ଓ- | କିଚିରିମିଚିରି | - | ନୀଡ ଭିତରେ ପକ୍ଷୀ ଛୁଆ କିଚିରିମିଚିରି ହୁଅନ୍ତି। |
| ବି- | ଚିରିଲ୍‌ମିରିଲ | - | ଚେରେ ଗୁଡା ଭିତର୍‌ନେ ଚେରେ ଛୁଆ ଚିରିଲ୍‌ମିରିଲ୍ ହେଥେ। |
| ଓ- | କିଏ | - | କିଏ ପରିବାର ଚଳାନ୍ତି। |
| ବି- | କୁନେ | - | କୁନେ କୁଟୁମ୍ ଚଳାଥେ। |
| ଓ- | କୀର୍ତ୍ତି | - | ଐତିହାସିକ କୀର୍ତ୍ତି ବହୁମୂଲ୍ୟ ସମ୍ପଦ ଅଟେ। |
| ବି- | କୀର୍ତ୍ତି | - | ଐତିହାସିକ କୀର୍ତ୍ତି ଜବର୍‌ଦାମ୍ କେ ସମ୍ପଦ୍ ଏ। |
| ଓ- | କ୍ରିୟା | - | ମହାତ୍ମାଗାନ୍ଧିଙ୍କ କ୍ରିୟା କାର୍ଯ୍ୟ ଅବିସ୍ମରଣୀୟ ଅଟେ। |
| ବି- | କାମ୍ | - | ମହାତ୍ମାଗାନ୍ଧିକେ କାମ୍ ଅଭୁଲାଏ। |
| ଓ- | କୁକୁଡା | - | କୁକୁଡା ଚସ୍ଷରେ ବହୁତ ଲାଭ ମିଳିଥାଏ। |
| ବି- | କୁକ୍‌ରା | - | କୁକୁରା ଚସ୍ଷ୍ ନେ ଜବର୍ ଲାଭ୍ ମିଲ୍‌ଥେ। |
| ଓ- | କୁକୁର | - | କୁକୁର ଘର ଜଗେ। |
| ବି- | କୁକୁର୍ | - | କୁକର୍ ଘର୍ ଜୋଗ୍‌ଥେ। |
| ଓ- | କୁରୁଳି | - | ମାମୁଁ ଘରକୁ ଯିବାକୁ ପିଲେ କୁରୁଳି ଉଠନ୍ତି। |
| ବି- | ଉଷତ୍ | - | ମୋମା ଘରକେ ଯିବାଁକେ ପିଲାମନ୍ ଉଷତ୍ ହେ ଉଠ୍‌ଥ। |
| ଓ- | କୁଲା | - | କୁଲା ସାହାଯ୍ୟରେ ଧାନ ପାଛୁଡା ଯାଏ। |
| ବି- | ସୁପା | - | ସୁପା କେ ସାହାରାନେ ଧାନ ପଛନ୍‌ଥେ। |

| | | | |
|---|---|---|---|
| ଓ- | କିଆରି | - | ଧାନ ତଳି ଓପାଡି କିଆରିରେ ଲଗାଯାଏ। |
| ବି- | ଡୋଲିନେ | - | ଧାନ ପହ୍ଲ ଘିଚ୍‌କେ ଡୋଲିନେ ଜଗାଥେ। |
| ଓ- | କିପରି | - | ଜଳ କିପରି ବାଷ୍ପ ହୁଏ ପରୀକ୍ଷା କରି ଦେଖ। |
| ବି- | କେନ୍‌ଥି | - | ପାନି କେନ୍‌ଥି- କୁହୁଁ ଲାଥେ ପରିକ୍ଷା କର୍‌କେ୍ ଦେଖି। |
| ଓ- | କୁଠାର | - | କୁଠାରରେ ଛୋଟ ଡାଳ କଟାଯାଏ। |
| ବି- | ଟଙ୍ଗ୍‌ଲୀ | - | ଟଙ୍ଗ୍‌ଲୀ ନେ ଛୋଟେ ଡାଲ୍ କଟା ଯାଥେ। |
| ଓ- | କୁମ୍ଭୀର | - | କୁମ୍ଭୀର ଏକ ଭୟଙ୍କର ପ୍ରାଣୀ ଅଟେ। |
| ବି- | ମଙ୍ଗର | - | ମଙ୍ଗର୍ ଗୋଟେକ୍ ବଡ୍‌ଭାରି ଜୀବ୍ ଏ। |
| ଓ- | କୁସୁମ | - | ଗୋଲାପ କୁସୁମର ସୁଗନ୍ଧ ଖୁବ୍ ଭଲ ଲାଗେ। |
| ବି- | ଫୁଲ୍ | - | ଗୁଲାପ୍ ଫୁଲ୍‌କେ କହଁର୍ ବନେଚ୍ ଅଏଁନ୍ ଲାଗ୍‌ଥେ। |
| ଓ- | କୁଦା | - | ହରିଣଟି ଏକା କୁଦାରେ ନାଳଟି ଡେଇଁଲା। |
| ବି- | ଡେଗ୍‌ବା | - | ହେର୍‌ନା ଗୋଟେକ୍ କୁଦାନେ ନାଲା ଡେଗ୍ ଦେହେସ୍। |
| ଓ- | କୁମ୍ଭ /କଳସ | - | କୁମ୍ଭ /କଳସରେ ଜଳ ଭରି ପୂଜାକୁ ନିଆଯାଏ। |
| ବି- | ଭର୍ତ୍ତିକଳସ | - | ଭର୍ତ୍ତି କଳସ୍‌ନେ ପାନି ଭର୍‌କେ ପୂଜାଠାନ୍ କେ ନିଆଁଯାଥେ। |
| ଓ- | କୂଳ | - | ବନ୍ୟା ବେଳେ ନଈ କୂଳ ଭାଙ୍ଗି ଯାଏ। |
| ବି- | ଖଁଏଡ୍ | - | ବୁଏଡ ସମିୟାଁ ନଦୀ ଖେଁଡ୍ ଉଦର ଯାଥେ। |
| ଓ- | କୁଳୁକୁଳୁ | - | ଝରଣାର କୁଳୁକୁଳୁ ଶବ୍ଦ ମନ ମୋହି ନିଏ। |
| ବି- | ଖଲ୍‌ଖଲ | - | ଝରନ୍‌କେ ଖୁଲ୍‌ଖୁଲ୍ ଶବଦ୍‌ନେ ମନ୍‌କେ ମହଥେ। |
| ଓ- | କୁଟୁମ୍ବ | - | ମନୁଷ୍ୟ କୁଟୁମ୍ବ ନେଇ ବଞ୍ଚେ। |
| ବି- | କୁଟୁମ୍ | - | ମୁନୁଷ୍ କୁଟୁମ୍ ଲେକେ ଜିଁଥେ। |
| ଓ- | କୁଣ୍ଡା | - | କୁଣ୍ଡାରୁ ଏକ ପ୍ରକାର ତେଲ ବାହାରେ। |
| ବି- | କୋଣହା | - | କୋଣହାନେ ଗୋଟେକ୍ ପ୍ରକାର କେ ତେଲ ନିକଲ୍ ଥେ। |
| ଓ- | କୁଣ୍ଡାଇବା | - | ଘା କୁଣ୍ଡାଇବା ଅନୁଚିତ୍। |
| ବି- | ଖୁଜାବା | - | ଘା, ଖୁଜାବା ଠିକ୍ ନି ହେଁ। |

ଓ- କୁତୁକୁତୁ - କାଖ ତଳ ଛୁଁଇଁଲେ କୁତୁକୁତୁ ଲାଗେ।
ବି- କୁତ୍‌କୁତି - ଖାଁକ ତଲ ଛିଁନେ କୁତ୍‌କୁତି ଲାଗ୍‌ଥେ।
ଓ- କୁଣିଆ - ଆମେ କୁଣିଆ ବ୍ୟକ୍ତିକୁ ଶ୍ରଦ୍ଧା କରୁ।
ବି- ପୋହ୍‌ନା - ହାମେ ପୋହ୍‌ନା ମନ୍‌ସେ କେ ମାଏଁନ୍ କର୍‌ଥୋଁ।
ଓ- କୁହୁଡି - ଶୀତ ଋତୁରେ ସକାଳେ କୁହୁଡି ଦେଖାଯାଏ।
ବି- କୁହୁଡି - ଶୀତ୍ ଋତୁନେ ସେକାଲେ କୁହୁଡି ଦିଖିଥେ।
ଓ- କୃଷି - ଆମ ବାପା କୃଷି କର୍ମ କରନ୍ତି।
ବି- ଚଷ୍ - ହାଁମର୍ ବୁଆ ଚଷ କାମ୍ କର୍‌ଥେ।
ଓ- କୃଷକ - କୃଷକ ଦେଶବାସୀଙ୍କୁ ଖାଦ୍ୟ ଯୋଗାନ୍ତି।
ବି- ଚଷୀ - ଚଷୀ ଦେଶବାସୀକେ ଖାନା ଯୋଗାଥେ।
ଓ- କେଉଁ - ସୂର୍ଯ୍ୟ କେଉଁ ଦିଗରୁ ଉଦୟ ହୁଏ।
ବି- କନ୍ - ବେଲ୍‌କନ୍ ଦିଗ୍‌ଲେ ଉଦ୍‌ଥେ।
ଓ- କେଁ କଟର - ସଂନ୍ଧ୍ୟାବେଳେ ପକ୍ଷୀମାନେ କେଁକଟର ହୁଅନ୍ତି।
ବି- କଚରକାଚର - ସଂଝା ସମିଆନେ ଚେରେମନ୍ କଚର୍ ମଚର୍ ହଥେ।
ଓ- କେଉଁଥିରେ - ଆଲକାତରା କେଉଁଥିରେ ତିଆରି ହୁଏ।
ବି- କେନେ - ଡାମର କେନେ ବନ୍‌ଥେ।
ଓ- କେଉଁଠାରୁ - ମହାନଦୀ କେଉଁଠାରୁ ବାହାରିଛି।
ବି- କୋନ୍‌ଲଗ୍ - ମହାନଦୀ କୁନ୍‌ଲଗ୍‌ଲେ ନିସ୍‌ରେହେ।
ଓ- କେଉଁଠି - ଆମ ରାଜ୍ୟର କେଉଁଠି କୋଇଲା ମିଳେ ?
ବି- କୁନିଲଗ୍ - ହାମର୍ ରାଇଜ୍‌ନେ କୁନ୍‌ଲଗ୍ କୋଇଲା ମିଲ୍‌ଥେ।
ଓ- କେମିତି - ମଂଜିରୁ ଗଜା ବାହାରେ କେମିତି ?
ବି- କେନଥି - ବିହନ୍‌ଲେ ଗାଜା କେନଥି ବାହାର୍‌ଥେ।
ଓ- କେତେବେଳେ - ତୁମ ବିଦ୍ୟାଳୟ କେତେବେଳେ ଖୋଲେ ?
ବି- କଡକ୍ ଦିଆଁ - ତାହଁମନ୍‌କେ ଇସ୍କୁଲ୍ କଡକ୍ ଦିଆ ଖୋଲ୍‌ଥେ।

| | | | |
|---|---|---|---|
| ଓ- | କେତୋଟି | - | ଆମ ରାଜ୍ୟରେ କେତୋଟି ଜିଲ୍ଲା ରହିଛି। |
| ବି- | କତକ୍ | - | ହାମର୍ ରାଇଜ୍ ନେ କତକ୍ ଜିଲ୍ଲା ଏହେ। |
| ଓ- | କେଉଁମାନେ | - | କେଉଁମାନେ ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି। |
| ବି- | କୋନମନ | - | କୋନ୍‌ମନ୍ ଭୋଟ ଦେବାକାଜର ଠିକ୍ ଏ। |
| ଓ- | କେତେ | - | ପୃଥିବୀ ଠାରୁ ସୂର୍ଯ୍ୟର ଦୂରତା କେତେ । |
| ବି- | କତକ୍ | - | ଧରତୀଲେ ବେଲ୍‌କେ ଦୂରିଆ କତକ୍ ଏ । |
| ଓ- | କେବେ | - | ବସନ୍ତ ଋତୁ କେବେ ଆସେ। |
| ବି- | କବ୍ | - | ବସନ୍ତ ଋତୁ କବ୍ ଆଥେ। |
| ଓ- | କେଉଁଠିକି | - | ଆମ ଶାଲୁଙ୍କି ନଦୀ କେଉଁଠିକି ବହିଯାଇଛି। |
| ବି- | କୋନ୍‌ଲଗା | - | ହାମର୍ ଶାଲୁଙ୍କି ନଦୀ କୋନ୍‌ଲଗା ବହେ ହେ। |
| ଓ- | କେଶର | - | ଅଣ୍ଡା କେଶରର ରଙ୍ଗ ହଳଦିଆ ଅଟେ। |
| ବି- | ମନ୍ଦା | - | ଗାର୍ ମନ୍ଦାକେ ରଙ୍ଗ୍ ହଳଦିଆ ଏ। |
| ଓ- | କୋଟି | - | ଶହେ ଲକ୍ଷରେ ଏକ କୋଟି ହୁଏ। |
| ବି- | କୁଟି | - | ଶହେ ଲାକ୍ଷ ନେ ଏକ୍ କୁଟି ହେଥେ। |
| ଓ- | କୋଣ | - | ପିଲାଟି ଘର କୋଣରେ ଲୁଚିଛି। |
| ବି- | କୋନହା | - | ପିଲା ଗୋଟେକ୍ ଘର୍ କେ କୋନ୍‌ହାନେ ଲୁକେ ହେ। |
| ଓ- | କୋରଡ | - | ପକ୍ଷୀମାନେ ଗଛ କୋରଡରେ ଆଶ୍ରୟ ନିଅନ୍ତି। |
| ବି- | ପୋଲ୍ | - | ଚେରେମନ୍ ଗଛ୍‌କେ ପୋଲ୍‌ନେ ଆଶ୍ରା ଲେଥେ। |
| ଓ- | କୋକିଶିଆଳି | - | କୋକିଶିଆଳି ଭାରି ଚତୁର । |
| ବି- | କୁହ୍ଲିଆ | - | କୁହ୍ଲିଆ ଭାରୀ ଚତୁର୍ । |
| ଓ- | କୋଳି | - | ଖଜୁରୀ କୋଳି ମିଠା ଲାଗେ। |
| ବି- | ଫଲ୍ | - | ଖେଜୁର୍ ଫଲ୍‌ଟା ସୁଆଦ୍ ଲାଗ୍‌ଥେ। |
| ଓ- | କୋଳରେ | - | ଧରଣୀ ନିଜ କୋଳରେ ଆମକୁ ଧରିଛି। |
| ବି- | କୋଲେଁ | - | ଧରତୀ ଆଫୁନ୍‌କେ କୋଲେଁ ହାମ୍‌କେ ଧରେ ହେ। |

ଓ- କୋଳାହଳ - ହାଟର କୋଳାହଳ ବହୁ ଦୂରକୁ ଶୁଭାଯାଏ।

ବି- କଲର୍‌କାଚର୍ - ହାଟ୍‌କେଁ କଲର୍‌କାଚର୍ ଜବର୍ ଧୁର୍ ସୁନାଥେ।

ଓ- କୋହଲା - ଶୀତ ଋତୁରେ ବେଳେବେଳେ କୋହଲା ପାଗ ହୁଏ।

ବି- କୁହୁଡି - ଶୀତ ଋତୁନେ ଘାଏଘାଏ କୁହୁଡି ପାଗ୍ ହେଥେ।

ଓ- କୋଡି - ଆମେ  କୋଡି ସାହାଯ୍ୟରେ ଘାସ ସଫା କରୁ।

ବି- ରଫା - ହାମେଁ ରଫା ସହ୍‌ତାନେ ଲଟା ସାପ୍ କରଥୋଁ।

ଓ- କୌତୁହଳ - ନୂଆ ଜିନିଷ ଦେଖିବାକୁ କୌତୁହଳ ଜାତ ହୁଏ।

ବି- ବ୍ୟାକୁଲ୍ - ନୂଆଁ ଜିନିଷ ଦେଖନେ ମନଟା ବ୍ୟାକୁଲ୍ ହେଥେ।

ଓ- କୌଶଳ - ହାଣ୍ଡି ଗଢ଼ିବାର କୌଶଳ କୁମ୍ଭାରମାନେ ଜାଣନ୍ତି।

ବି- ଉପେ - ହାଣି ବାନାବର୍ ଉପେ କୁମ୍ଭାର୍‌ମନ୍ ଜାନେ ହେ।

ଓ- କୌଣସି - ପର୍ଯ୍ୟାବରଣ ସୁରକ୍ଷା ପାଇଁ କୌଣସି ଉପାୟ ବାହାର କର।

ବି- ଯେନ୍‌ତା - ପର୍ଯ୍ୟାବରନ୍ ସୁରକ୍ଷା କଜେଙ୍ଗ କୁନ୍‌ହେ ଉପାୟ ବାହାର କରୋ।

ଓ- କ୍ୟାପ - କ୍ରିକେଟ୍ ଖେଳାଳି କ୍ୟାପ୍ ପିନ୍ଧିଥାନ୍ତି।

ବି- ଟୁପି - କ୍ରିକେଟ୍ ଖିଲାଡି ଟୁପି ପିନ୍ଦ୍‌ଥେ।

ଓ- କ୍ୟାପଟେନ୍ - ଦକ୍ଷ କ୍ୟାପଟେନ୍ ହେତୁ ଦଳ ସଫଳତା ପାଏ।

ବି- ଦଲ୍‌ପତି - ହୁସିଆର୍ ଦଲ୍‌ପତି କାଜର୍ ଦଲ୍ ଜିତନ୍ ସେକ୍‌ଥେ।

ଓ- କ୍ରମ - କ୍ରମ ଅନୁସାରେ ନାମ ଲେଖ।

ବି- ଧାରା - ଧାରା ଅନ୍‌ସାର୍ ନେ ନାଁ ଲିଖୋ।

ଓ- କ୍ରମାନ୍ୱୟରେ - କ୍ରମାନ୍ୱୟରେ ଉପସ୍ଥାନ ଦିଅ।

ବି- ଉତା୍‌ର କେଉତାର- ଉତାର୍‌କେ ଉତାର୍ ହାଜ୍‌ରା ଦୋହୋ।

ଓ- କ୍ରିକେଟ - ଆଜିକାଲି କ୍ରିକେଟ୍ ଲୋକପ୍ରିୟ ଖେଳ ପାଲଟିଛି।

ବି- କ୍ରିକେଟ୍ - ଇଆଜ୍‌କ୍ୟାଲ୍ କ୍ରିକେଟ୍ ଲୋକପ୍ରିୟ ଖେଲ୍ ବେନ୍‌ଯାହେ।

| | | | |
|---|---|---|---|
| ଓ- | କ୍ଳାନ୍ତ | - | ଶ୍ରମିକଟିଏ କ୍ଳାନ୍ତ ହୋଇ ଘରକୁ ଫେରେ। |
| ବି- | ହଇରାନ୍ | - | ଭୁତିଆର୍ ହଇରାନ୍ ହେକେ ଘର୍‌କେ ଫିର୍ ଥେ। |
| ଓ- | କ୍ଳେଶ | - | ବିଭିନ୍ନ କ୍ଳେଶରେ ଆଜିର ମଣିଷ ଜର୍ଜରିତ। |
| ବି- | ଦୁଖ୍ | - | ଭିନ୍ନଭିନ୍ନ ଦୁଃଖ୍‌ନେ ଆଏଜ୍ କେ ମୁନୁଷ୍ ଜର୍ଜରିତ୍ ଏ। |

## 'ଖ'

| | | | |
|---|---|---|---|
| ଓ- | ଖବର | - | ଖବର କାଗଜ ସମାଜର ଦର୍ପଣ ଅଟେ। |
| ବି- | ଖବର୍ | - | ଖବର କାଗତ୍ ସମାଜ୍‌କେ ଦର୍‌ପନ୍ ଏ। |
| ଓ- | ଖସଡା | - | ବିଦ୍ୟାଳୟ ମାନଙ୍କର ଖସଡା ନିର୍ମିତ ହୋଇଛି। |
| ବି- | କାନୁନ୍ | - | ଇସ୍କୁଲ ମନ୍‌ନେ ଆଇନ୍ ତିଆର୍ ହେ ହେ। |
| ଓ- | ଖପରା | - | ହାଣ୍ଡି ଭାଙ୍ଗିଲେ ଖପରା ହୋଇଯାଏ। |
| ବି- | ଖପ୍‌ରି | - | ହାଁଣି ଫୁଟ୍ ଯାଁଲେ ଖପ୍‌ରୀ ହେ ଯାଥେ। |
| ଓ- | ଖଜୁରି | - | ଆମ ଗାଁରେ ଡେଙ୍ଗା ଡେଙ୍ଗା ଖଜୁରୀ ଗଛ ଅଛି। |
| ବି- | ଖେଜୁର | - | ହାମଁର ଗାଁନେ ଡେଙ୍ଗ୍ ଡେଙ୍ଗ୍ ଖେଜୁର ଗଛ ଏହେ। |
| ଓ- | ଖଡିକା | - | ଖଡିକାରେ ଗୁହାଳ ସଫା କରାଯାଏ। |
| ବି- | ଖଡ୍‌କା | - | ଖଡ୍‌କାନେ ଗୁହାଲ ସାପ୍ କରାଯାଥେ। |
| ଓ- | ଖରାପ | - | ଖରାପ ପାଗ ଶରୀର ପାଇଁ ଅନିଷ୍ଟକର। |
| ବି- | ଖରାପ | - | ଖରାପ୍ ପାଗ୍ ଦେହେଁ କାଜର୍ କ୍ଷତି ଏ। |
| ଓ- | ଖରାଦିନ | - | ଖରାଦିନରେ ଜଳ ସଙ୍କଟ ଦେଖାଦିଏ। |
| ବି- | ଘାମ୍ ଦିନ | - | ଘାମଦିନ୍‌ନେ ପାନି ସମସ୍ୟା ଦେଖାଦେଥେ। |
| ଓ- | ଖରା | - | ଖରାରେ ଜଳରୁ ବାଷ୍ପ ଉପରକୁ ଉଠେ। |
| ବି- | ଖରା | - | ଖରାନେ ପାନିଲେ ଫାପ୍ ଉପରକେ ଉଠ୍ ଥେ। |
| ଓ- | ଖଦଡା | - | ଗହମ ପେଶିବା ପରେ କିଛି ଖଦଡା ଅଂଶ ଥାଏ। |
| ବି- | ଖଦ୍‌ଡୋ | - | ଗହୁଁ ପେଷ୍‌ବା କେ ପଛିଲ୍ ଟିକେକ୍ ଖଦ୍‌ଡୋ ଭାଗ ରେଥେ। |

| | | | |
|---|---|---|---|
| ଓ- | ଖରଚ | - | ପିଲାଙ୍କ ପାଠ୍ୟୋପକରଣ ନିମନ୍ତେ କିଛି ଖରଚ ହୁଏ। |
| ବି- | ଖର୍ଚ୍ଚ | - | ପିଲାମନ୍ କେ ପାଟପଢ଼ା ଜିନିଷ କାଜେଂ ଖରଚା ହେଥେ। |
| ଓ- | ଖସଖସ୍ | - | ରାତିରେ ଖସ୍‌ଖସ୍ ଶବ୍ଦ ଶୁଣି ମୁଁ ଡରିଗଲି। |
| ବି- | ଖସ୍‌ଖସ୍ | - | ରାତିନେ ଖସ୍‌ଖସ୍ ଶବଦ୍ ଶୁଏନ୍‌କେ ମେ ଡର୍‌ଯାଏଁ। |
| ଓ- | ଖଞ୍ଜଣି | - | ଆଜିକାଲି ଖଂଜଣି ଗୀତ ଆଉ ଶୁଣିବାକୁ ମିଳୁନି। |
| ବି- | ଖଞ୍ଜନୀ | - | ଆଜକାଲ୍‌, ଖଞ୍ଜନୀ ଗୀତ୍ ଆଉର୍ ଶୁନ୍‌ବା କେ ନି ମିଳତ୍। |
| ଓ- | ଖଣ୍ଡଖଣ୍ଡ | - | ତେଲ ବୋତଲ ତଳେ ପଡି ଖଣ୍ଡଖଣ୍ଡ ହେଇଗଲା। |
| ବି- | ଖଣ୍‌-ଖଣ୍ | - | ତେଲ୍ ବୁତଲ୍ ତଳେ ଗିର୍‌କେ ଖଣ୍ ଖଣ୍ ହେ ଯେସ୍। |
| ଓ- | ଖନ୍ଦା | - | ଭୋଜି ବେଳେ ଖନ୍ଦାରେ ରୋଷେଇ କରାଯାଏ। |
| ବି- | ଖନ୍ଦା | - | ଭୋଜି ସମିଆଁନେ ଖନ୍ଦାନେ ରନ୍ଧା ଯାଥେ। |
| ଓ- | ଖମ୍ବଆଳୁ | - | ଖମ୍ବଆଳୁ ଏକ ଭଲ ପରିବା ଅଟେ। |
| ବି- | ଖମାଆଲୁ | - | ଖମ୍‌ଆଲୁ ଗୋଟେକ୍ ବନେ ଶାଗ୍ ଏ। |
| ଓ- | ଖଂଜିବା | - | ଘଡିର ଯନ୍ତ୍ରାଂଶ ଖଂଜିବା ଜଟିଳ କାର୍ଯ୍ୟ ଅଟେ। |
| ବି- | ଜୁଟାବା | - | ଘଡିକେ ମସିନ୍ ଖନ୍‌ବାର୍‌ଟା କଡା କାମ୍ ଏ। |
| ଓ- | ଖାଇ | - | ଆମ ଜେଜେ ରାତିରେ ରୁଟି ଖାଇ ଶୋଇଯାଆନ୍ତି। |
| ବି- | ଖ୍ୟାକେ | - | ହାମର୍ ଦାଦି ରାତିନେ ରୁଟି ଖ୍ୟାକେ ସୋଏ ଯାଥେ। |
| ଓ- | ଖାଇବା | - | ଭାତ ଖାଇବା ଦ୍ୱାରା ଶକ୍ତି ମିଳେ। |
| ବି- | ଖାଲେଁ | - | ଭାତ୍ ଖାଁଲେ ଶକ୍ତି ମିଲ୍‌ଥେ। |
| ଓ- | ଖାତର | - | କୃଷକ ବର୍ଷାକୁ ଖାତର କରେନାହିଁ। |
| ବି- | ନିଡର୍‌ବା | - | ଚ୍ୟଷୀ ବର୍‌ଷାକେ ନି ଡରେ। |
| ଓ- | ଖାଦ୍ୟ | - | ଖାଦ୍ୟ ଅଭାବରେ ଶରୀର କ୍ଷୀଣ ହୋଇଯାଏ। |
| ବି- | ଖାନା | - | ଖାନା କମ୍ ହେଲେଁ ଦେହେଁ ଖୀନ୍ ହେ ଯାଥେ। |
| ଓ- | ଖାଦ୍ୟପେୟ | - | ଖାଦ୍ୟପେୟ ଅଭାବ ଚିନ୍ତାର ବିଷୟ ଅଟେ। |
| ବି- | ଖାନାପିନା | - | ଖାନାପିନା ଅଭାବ୍ ଚିନ୍ତା କେ କଥା ଏ। |

| | | | |
|---|---|---|---|
| ଓ- | ଖାପଖାଇବା | - | ଜଳବାୟୁ ସହିତ ଖାପଖାଇବା ଆବଶ୍ୟକ। |
| ବି- | ଖାପ୍ ଖୁଆବା | - | ପାନିପାଗ୍ ସଂଗେ ଖାପ୍ ଖୁଆବା ଦରକାର୍ ଏ। |
| ଓ- | ଖାଲଯାଗା | - | ଖାଲ ଯାଗାରେ ପାଣି ଜମି ରହେ। |
| ବି- | ଢୋଡ୍‌ଗା ଜଗା | - | ଢୋଡ୍‌ଗା ଜଗାନେ ପାନି ଜମ୍ ଯାଥେ। |
| ଓ- | ଖାଲି ଯାଗା | - | ଆମ ବାରିରେ ଛୋଟ ଏକ ଖାଲି ଯାଗା ଅଛି। |
| ବି- | ଖାଲିଯଗା | - | ହାମର ବାରିନେ ଗୋଟେକ୍ ଛୋଟେ ଖାଲିଯଗା ଏହେ। |
| ଓ- | ଖାଲିଘରେ | - | ଖାଲିଘରେ ବିଭିନ୍ନ କୀଟପତଙ୍ଗ ବସା ବାନ୍ଧନ୍ତି। |
| ବି- | ଛିନାଘରେ | - | ଛିନାଁଘରେଁ ରକମ୍ ରକମ୍‌କେକିରା ପତଙ୍ଗା ବସା ବାନ୍ଧଥେ। |
| ଓ- | ଖାଣ୍ଟି | - | ଖାଣ୍ଟି ସୁନାର ଦାମ ଅଧିକ ଅଟେ। |
| ବି- | ନୁକୋ | - | ନୁକୋ ସୁନା କେ ଦାମ୍ ଜହ ଏ। |
| ଓ- | ଖୁଆଇ | - | ମାଁ ଛୁଆକୁ କ୍ଷୀର ଖୁଆଇ କାମରେ ଲାଗିଯାଏ। |
| ବି- | ଖୁଆକେ | - | ମାଁ ଛୁଆକେ ଗୁରସ୍ ପିଆକେ କାମେ ଲାଗ୍‌ଯାଥେ। |
| ଓ- | ଖୁସିରେ | - | ଚଢ଼େଇମାନେ ଖୁସିରେ ଉଡି ବୁଲନ୍ତି। |
| ବି- | ଉସତନେ | - | ଚେରମନ୍ ଉସତ୍‌ନେ ଉଡ୍ ଉଡ୍ କେ ବୁଲ୍‌ଥେ। |
| ଓ- | ଖୁବ୍ | - | ଘରେ ନିଆଁ ଲାଗିଲେ ଖୁବ୍ ଜୋରରେ ପାଟି କର। |
| ବି- | କିକିଆ | - | ଘରେଁ ଜୋଏଁ ଧେର୍‌ନେ କିକିଆକେ ଗଙ୍ଗାହି। |
| ଓ- | ଖୁଣ୍ଟି | - | ପକ୍ଷୀମାନେ ଖୁଣ୍ଟି ଖାଆନ୍ତି। |
| ବି- | ଠୋଏକ୍ | - | ଚେରେମନ୍ ଠୋଏଁକ୍ କେ ଖାଥେ। |
| ଓ- | ଖେଳ | - | ଖେଳ ଦ୍ୱାରା ଆମକୁ ଆନନ୍ଦ ମିଳେ। |
| ବି- | ଖେଲ୍ | - | ଖେଲ୍ ନେ ହାଁମ୍‌କେ ଆନନ୍ଦ୍ ମିଲଥେ। |
| ଓ- | ଖେଳିବା | - | ଆସ ଆମେ ଲୁଡୁ ଖେଳିବା। |
| ବି- | ଖେଲ୍‌ବା | - | ଆହି ହାମେ ଲୁଡୁ ଖେଲବ୍। |
| ଓ- | ଖେଳିଖେଳି | - | ପିଲାଏ ଖେଳିଖେଳି ସ୍କୁଲକୁ ଯାଆନ୍ତି। |
| ବି- | ଖେଳତ୍‌ଖେଳତ | - | ଛୁଆମନ୍ ଖେଲତ୍ ଖେଲତ୍ ଇସ୍କୁଲ୍ ଯାଥେ। |

ଓ- ଖେଳୁଖେଳୁ - ମୀନା ଖେଳୁଖେଳୁ ଝୁଣ୍ଟି ପଡିଲା ।
ବି- ଖେଲ୍ତେଖେଲ୍ତେ - ମୀନା ଖେଲତ୍ଖେଲତ୍ ଗିର୍ ପଡେ୍ସ୍ ।
ଓ- ଖୋଲ - ପାଇଖାନାର ଗାତ ଖୋଲ ନାହିଁ ।
ବି- ଢୁଡ଼୍ଗା - ହଗ୍ରି ଘରକେ ଢୁଡ୍ଗା ନିକୁଡୋ ।
ଓ- ଖୋଳ - କଲମର ଖୋଳ ହଜିଗଲା ।
ବି- ଖାପ୍ନୀ - କଲମ୍ କେ ଖାପ୍ନୀ ହଏଜ୍ ଯେସ୍ ।
ଓ- ଖୋଲିବା - ଆସ ବ୍ୟାଙ୍କରେ ଏକ ଜମାଖାତା ଖୋଲିବା ।
ବି- ଖୋଲବ୍ - ଆହି ବେଙ୍କ୍ ନେ ଗୋଟେକ୍ ଖାତା ଖୋଲବ୍ ।
ଓ- ଖୋଜିବା - ଯଦି ଖୋଜିବା ତେବେ ନିଶ୍ଚୟ ପାଇବା ।
ବି- ଖୋଜବ୍ - ଜଧର୍ବି ଖୋଜବ୍ ତବ୍ ଜରୁର୍ ପାଆବ୍ ।

## 'ଗ'

ଓ- ଗଣନା - ପ୍ରତି ଦଶ ବର୍ଷକୁ ଥରେ ଜନଗଣନା କରାଯାଏ ।
ବି- ଗନ୍ତି - ହର୍ ଦଶ୍ ବଛର୍ନେ ଥରେକ୍ ଲୋକ୍ ଗନ୍ତି ହଥେ ।
ଓ- ଗରମ - ଜ୍ୱରବେଳେ ଦେହ ଗରମ ହୋଇଯାଏ ।
ବି- ତିପତ୍ - ଜର୍ ହେଲେଁ ଦେହେଁ ତିପତ୍ ହେ ଯାଥେ ।
ଓ- ଗଣ୍ଠି - ଡାଳର ଗଣ୍ଠିରେ ଶାଖା ବାହାରେ ।
ବି- ଗେଁଟ୍ - ଡାଲକେ ଗେଁଟ୍ ନେ ଖେନ୍ଦା ବାହାର୍ଥେ ।
ଓ- ଗତି - କାର ଦୃତ ଗତିରେ ଯାଇପାରେ ।
ବି- ରିସେ - କାର୍ ଜବର୍ ରିସେ ଜାନ୍ପାର୍ଥେ ।
ଓ- ଗତିବିଧି - ପୋଲିସ ଚୋରର ଗତିବିଧି ଲକ୍ଷ୍ୟ କରନ୍ତି ।
ବି- ହାବଭାବ - ପୁଲିସ୍ ଚୋର୍କେ ହାବ୍ଭାବ ଅନୁମାନ୍ କର୍ଥେ ।
ଓ- ଗପ - ମୋତେ ଗପ ଶୁଣିବାକୁ ଭଲ ଲାଗେ ।
ବି- କଥାନୀ - ମୋଁଖେ କଥାନୀ ଶୁନ୍ବା ବନେ ଲାଗ୍ଥେ ।

| | | | |
|---|---|---|---|
| ଓ- | ଗପବହି | - | ବାପା ମୋ ପାଇଁ ଗୋଟିଏ ଗପ ବହି ଆଣିଦେଲେ। |
| ବି- | କଥାନୀବହି | - | ବୁଆ ମୋର କଜେଙ୍ଗ୍ ଗୋଟେକ୍ କଥାନୀ ବହି ଆନ୍ ଦେହେସ୍। |
| ଓ- | ଗର୍ବ | - | ଗର୍ବ କଲେ ଖର୍ବ ହୁଏ। |
| ବି- | ଗର୍‌ବ | - | ଗରବ୍ କଲେ ଖରବ୍ ହେଥେ। |
| ଓ- | ଗର୍ଜନ | - | ସିଂର ଗର୍ଜନ ଶୁଣି ବନ୍ୟପ୍ରାଣୀ ଚୁପ୍ ହୋଇଯାଆନ୍ତି। |
| ବି- | ରଢ଼ି | - | ସିଂହ୍‌କେ ରଡି ଶୁନ୍‌କେ ଜଙ୍ଗଲ୍ ଜୀବ୍ ଚୁପ୍‌ରେହେଯାଥେ। |
| ଓ- | ଗଛ | - | ଗଛ ଲଗାଅ ଜୀବନ ବଞ୍ଚାଅ। |
| ବି- | ଗଛ୍ | - | ଗଛ୍ ଯଗାଅ ଜୀବନ୍ ବଚାଁଅ। |
| ଓ- | ଗଛଲତା | - | ଜଙ୍ଗଲରେ ବିଭିନ୍ନ ଗଛ୍‌ଲତା ଥାଏ। |
| ବି- | ଗଛ୍‌ଲତା | - | ଜଙ୍ଗଲନେ ଅଲଗ୍ କିସମ୍ କେ ଗଛଲତା ରେଥେ। |
| ଓ- | ପଚାରି | - | ଅବୁଝା ବିଷୟ ଶିକ୍ଷକଙ୍କୁ ପଚାରି ବୁଝ। |
| ବି- | ପୁଛ୍ | - | ନିବୁଝନ୍  ବିଷୟ ମାଷ୍ଟର କେ ପୁଛ୍‌କେ ବୁଝୋ। |
| ଓ- | ଗରୀବ | - | ଆମ ରାଜ୍ୟରେ ଗରୀବଙ୍କ ସଂଖ୍ୟା ବେଶୀ। |
| ବି- | ଗରୀବ୍ | - | ହାମର ରାଇଜ୍‌ନେ ଗରିବ୍‌କେ ସଂଖ୍ୟା ଜବର୍ ଏହେ। |
| ଓ- | ଗଠିତ | - | ବିଧାୟକ ମାନଙ୍କୁ ନେଇ ବିଧାନସଭା ଗଠିତ ହୋଇଛି। |
| ବି- | ଗଠନ୍ | - | ବିଧାୟକ୍ ମନ୍‌କେ ଲେକେ ବିଧାନସଭା ଗଠନ୍ ହଥେ। |
| ଓ- | ଗହନବନ | - | ରାଜା ଗହନବନକୁ ଶୀକାର ପାଇଁ ଗଲେ। |
| ବି- | ଘୋର୍‌ଜଙ୍ଗଲ୍ | - | ରାଜା ଘୋର ଜଙ୍ଗଲକେ ଶୀକାର କଜେଂ ଯେସ୍। |
| ଓ- | ଗହଳ | - | ଗହଳ ଜଙ୍ଗଲରେ ବନ୍ୟପଶୁ ରହନ୍ତି। |
| ବି- | ଘନ୍ | - | ଭୁତମ୍ ଜଙ୍ଗଲ୍‌ନେ ଜଙ୍ଗଲ୍‌ପଶୁ ରେଥେ। |
| ଓ- | ଗମ୍ଭୀର | - | ସେ ସବୁବେଳେ ଗମ୍ଭୀର ହୋଇ ରହୁଛନ୍ତି। |
| ବି- | ଘୁଁମ୍ | - | ଓ ସବ୍‌ବେଳେ ଘୁଁମ୍ ହେକେ ରହଥେ। |
| ଓ- | ଗଧିଆ | - | ଗଧିଆ ରାତିରେ ଚରିବାକୁ ବାହାରେ। |
| ବି- | ଲେନ୍‌ଝାଁ | - | ଲେନ୍‌ଝାଁ ରାତିନେ ଚର୍‌ବାକେ ନିସର୍‌ଥେ। |

| | | | |
|---|---|---|---|
| ଓ- | ଗଞ୍ଜା | - | ଗଞ୍ଜା କୁକୁଡା ରାତିରେ ଡାକେ। |
| ବି- | ଗାଜା | - | ଗଂାଜା କୁକ୍‌ରା ରାତିନେ ଡାକ୍‌ଥେ। |
| ଓ- | ଗଢ଼ିବା | - | ମୂର୍ତ୍ତି ଗଢ଼ିବା ଶିଳ୍ପୀର କାମ ଅଟେ। |
| ବି- | ଗଢ଼୍‌ବା | - | ମୂର୍ତ୍ତି ଗଢ଼୍‌ବା କାରିଗରି କେ କାଁମ ଏ। |
| ଓ- | ଗଣିବା | - | ଅସାବଧାନ ହେଲେ ଟଙ୍କା ଗଣିବା ଭୁଲ ହେବ। |
| ବି- | ଗନ୍‌ବା | - | ସାବ୍‌ଧାନ ନିହେଁଲେ ରୁପିୟା ଗନ୍‌ବା ଭୁଲ ହେ ଯହି। |
| ଓ- | ଗରଗର | - | ଦୁଷ୍ଟଲୋକ ସବୁବେଳେ ଗରଗର ହୁଏ। |
| ବି- | ରିସା | - | ବଦମାସ୍ ଲୋକ ସବ୍‌ବେଲ୍ ରିସା ହଥେ। |
| ଓ- | ଗଡିଲା | - | ବଲଟି କାଦୁଅରେ ଗଡିଲା। |
| ବି- | ଢୁଲେସ୍ | - | ବଲ ଚିଖିଲନେ ଢୁଲେସ୍ |
| ଓ- | ଗଣ | - | ତୁମର କେତୋଟି  ଆଙ୍ଗୁଠି ଗଣ। |
| ବି- | ଗନୋ | - | ତାହାଁମନ୍‌କେ କତ୍‌କ ଅଙ୍ଗ୍‌ଠି ଗନ। |
| ଓ- | ଗଡାଇବା | - | ପଥର ଗଡାଇବା ବେଳେ ସାବଧାନ ରୁହ। |
| ବି- | ଢୁଲାବା | - | ପଖନ ଢୁଲାବା ସମିଆଁନେ ସାବଧାନ ରିହି। |
| ଓ- | ଗମନାଗମନ | - | ଆଜିକାଲି ଗମନାଗମନ ସୁଗମ ହୋଇଛି। |
| ବି- | ଯାବାଆବା | - | ଆଏଜ୍ କାଏଲ୍ ଯବାଆବା ସହଜ୍ ହେ-ହେ। |
| ଓ- | ଗଧ | - | ଗଧ ପିଠିରେ ମାଲ ବୁହାଯାଇଥାଏ। |
| ବି- | ଗେଧୋ | - | ଗେଧୋ ପିଟ୍‌ନେ ଜିନିଷପତର୍ ବୁହାଥେ। |
| ଓ- | ଗରିଲା | - | ଗରିଲା ମାଙ୍କଡ ପ୍ରଜାତିର ଏକ ବନ୍ୟପ୍ରାଣୀ ଅଟେ। |
| ବି- | ଗରିଲା | - | ଗରିଲା, ବେନ୍ଦରା କିସମ୍ କେ ଗୋଟେକ୍ ଜଙ୍ଗଲି ଜୀବ୍ ଏ। |
| ଓ- | ଗଣ୍ଡଗୋଳ | - | ମଦ୍ୟପ୍ ମାନେ ଗଣ୍ଡଗୋଳ ସୃଷ୍ଟି କରନ୍ତି। |
| ବି- | ଝଗ୍‌ଡା | - | ମତୁଆଲ୍‌ମନ୍ ଝଗଡା ସୃଷ୍ଟି କରଥେ। |

| | | | |
|---|---|---|---|
| ଓ- | ଗ୍ରନ୍ଥ | - | ଆମ ଦେଶର ଅନେକ ପୁରାତନ ଗ୍ରନ୍ଥ ରହିଛି। |
| ବି- | ଗ୍ରନ୍ଥ | - | ହାଁମର ଦେଶ୍‌ନେ ଅନେକ୍ ଜୁହ୍ନାଁ ଗ୍ରନ୍ଥ ଏହେ। |
| ଓ- | ଗାତ | - | ବିଲୁଆ ଗାତରେ ଶୁଏ। |
| ବି- | ଦୁଏଲ୍ | - | କୋଲିହା ଦୁଏଲ୍‌ନେ ଶୋଥେ। |
| ଓ- | ଗାଁଆ | - | ଆମ ଦେଶ ଗାଁଆ ଗୁଡିକରେ ପରିପୂର୍ଣ୍ଣ। |
| ବି- | ଗାଁ | - | ହାମର୍‌ଦେଶ୍ ଗାଁ ଗହଲିନେ ପୁରଯେହେ। |
| ଓ- | ଗାଈ | - | ଗାଈ କ୍ଷୀର ଅପମିଶ୍ରଣ କରିବା ଭଲ ନୁହେଁ। |
| ବି- | ଗରୁ | - | ଗରୁ ଗୋରସ୍ ଅପମିଶ୍ରଣ କର୍‌ବା ଠିକ୍ ନିସେ। |
| ଓ- | ଗାଇଗାଇ | - | ଆଦିବାସୀ ମହିଳା ମାନେ ଗୀତ ଗାଇଗାଇ ବିଲ ରୁଅନ୍ତି। |
| ବି- | ଗାଆତ୍‌ଗାଆତ୍ | - | ଆଦିବାସୀ ଡୋକିମନ୍ ଗୀତ ଗାଆତ୍‌ଗାଆତ ପଲ୍‌ହା ଯଗାଥେ। |
| ଓ- | ଗାଁ ମୁଣ୍ଡରେ | - | ଆମ ଗାଁ ମୁଣ୍ଡରେ ଗୋଟିଏ ପିପ୍‌ଲ୍ ଗଛ ଅଛି। |
| ବି- | ଗାଁ ମୁଢ଼େ | - | ହାମର୍ ଗାଁ ମୁଡ୍‌ସାନେ ଗୋଟେକ୍ ପିପଲ୍ ଗଛ୍ ଏହେ। |
| ଓ- | ଗାଢ | - | ଗାଢ ରଙ୍ଗ ସହଜରେ ଛାଡେ ନାହିଁ। |
| ବି- | ଗାଢା | - | ଗାଢା ରଙ୍ଗ୍ ସହଜ୍‌ନେ ନି ଛାଡେ। |
| ଓ- | ଗାର | - | ଡୁଡୁ ଖେଳ ପାଇଁ ମଝିରେ ଗୋଟିଏ ଗାର ଟଣା ଯାଏ। |
| ବି- | ଗାର୍ | - | ଗୁଡୁ ଖେଲ୍‌ବା କଁଜେଙ୍ଗ ମଝାନେ ଗୋଟେକ୍ ଗାର୍ ଘିଚା ଯାଥେ। |
| ଓ- | ଗାଡିଆ | - | ଗାଡିଆରେ କଇଁ ଫୁଲ ଫୁଟେ। |
| ବି- | ଢୁଣା | - | ଢୁଣାନେ କଇଁଫୁଲ୍ ଫୁଟ୍‌ଥେ। |
| ଓ- | ଗାଧୋଇବା | - | ସାବୁନରେ ଗାଧୋଇବା ହିତକର ଅଟେ। |
| ବି- | ଗୋଧ୍‌ବା | - | ସାବୁନ୍‌ନେ ଗଧ୍‌ନେ ଅଏନ୍‌ଏ। |
| ଓ- | ଗ୍ରାହକ | - | ଆଜିକାଲି ଗ୍ରାହକ ମାନେ ସଚେତନ ହେବା ଉଚିତ୍। |
| ବି- | ଗରହାକ୍ | - | ଆଏଜ୍ କାଏଲ୍ ଗର୍‌ହାକ୍ ମନ୍ ହୁସିୟାରି ହେବାରଟାଏ। |
| ଓ- | ଗ୍ରାମ ସେବକ | - | ଗ୍ରାମସେବକ୍ ଗ୍ରାମବାସୀଙ୍କ ସେବା କରନ୍ତି। |
| ବି- | ଗ୍ରାମ ସେବକ | - | ଗ୍ରାମସେବକ ଗାଁ ଲୋକ୍ ମନ୍‌କେ ସେବା କର୍‌ଥେ। |

| | | | |
|---|---|---|---|
| ଓ- | ଗିଳିବା | - | ଖାଦ୍ୟକୁ ଭଲରେ ଚୋବାଇ ଗିଳିବା ଉଚିତ୍। |
| ବି- | ଗିଲ୍ | - | ଖାଏଦ୍ କେ ବନେ ଚାବ୍‌କେ ଗିଲ୍ ବାରଟାଏ। |
| ଓ- | ଗୀତ | - | ଗୀତ ଗାଇଲେ ମନ ହାଲୁକା ଲାଗେ। |
| ବି- | ଗୀତ୍ | - | ଗୀତ୍ ଗାନେ ମନ୍ ଉସାସ୍ ଲାଗ୍‌ଥେ। |
| ଓ- | ଗୀର୍ଜା | - | ଖ୍ରୀଷ୍ଟିୟାନ୍ ମାନେ ରବିବାର ଗୀର୍ଜାକୁ ଯାଆନ୍ତି। |
| ବି- | ଇସେଇଘର | - | ଇସେଇମନ୍ ରଇବାର କେ ଇସେଇ ଘର୍ ଯାଥେ। |
| ଓ- | ଗ୍ରୀଷ୍ମଋତୁ | - | ଗ୍ରୀଷ୍ମ ଋତୁରେ ଟାଣ ଖରାହୁଏ। |
| ବି- | ଖରା ଋତୁ | - | ଖରା ଋତୁନେ ଟାନ୍ ଖରା ହଥେ। |
| ଓ- | ଗୁମ୍ଫା | - | ଆଦିମ ମଣିଷ ଗୁମ୍ଫାରେ ବାସ କରୁଥିଲା। |
| ବି- | ଖୋଲ | - | ଆଦିମ ମୁନୁଷ ଖୋଲ୍‌ନେ ବାସା କରତ୍ ରହେସ୍। |
| ଓ- | ଗୁରୁ | - | ଗୁରୁବଚନ ପାଳନ କର। |
| ବି- | ଗୁରୁ | - | ଗୁରୁ କଥା ପାଲନ୍ କରୋ। |
| ଓ- | ଗୁଡି | - | ଗୁଡି ଉଡାଇ ପିଲେ ଆନନ୍ଦ ପାଆନ୍ତି। |
| ବି- | ପତାଙ୍ଗି | - | ପତାଙ୍ଗି ଉଡଂକେ ପିଲାମନ୍ ଆନନ୍ଦ୍ ପାଥେ। |
| ଓ- | ଗୁହାଳ | - | ଗାଈଗୋରୁ ଗୁହାଳରେ ବନ୍ଧା ଯାଆନ୍ତି। |
| ବି- | ଗୁହାଲ୍ | - | ଗାଏ ଗୋରୁ ଗୁହାଲ୍ ନେ ବନ୍ଧା ଯାଥେ। |
| ଓ- | ଗୁଡାଇ | - | କ୍ଷତ ଯାଗାକୁ ପତଳା କନାରେ ଗୁଡାଇ ରଖ। |
| ବି- | ତୋଏପ୍ | - | ଖଣିଆ ଜାଗାକେ ପତ୍‌ଲା ଛିଡାନେ ତୋଏପ୍ କେ ରାଖି। |
| ଓ- | ଗୁଣନ | - | କ୍ରମିକ ମିଶାଣକୁ ଗୁଣନ କୁହାଯାଏ। |
| ବି- | ଗୁନ୍‌ବା | - | ଲଗାତାର୍ ମିଶାବା ଟାକେ ଗୁଁଣନ କୋହଥେ। |
| ଓ- | ଗୁଣଫଳ | - | ଗୁଣନ ଫଳକୁ ଗୁଣଫଳ କୁହାଯାଏ। |
| ବି- | ଗୁନ୍‌ଫଲ | - | ଗୁଣନ ଫଲ୍‌କେ ଗୁନଫଲ୍ କହାଯଥେ। |
| ଓ- | ଗୁଣୁଗୁଣୁ | - | ଆମ ମାଆ ଗୁଣୁଗୁଣୁ ହୋଇ କାମ କରନ୍ତି। |
| ବି- | ଗୁନ୍‌ଗୁନ୍ | - | ହାମର୍ ମା ଗୁନ୍‌ଗୁନ୍ ହେକେ କାମ୍ କର୍‌ଥେ। |

| | | | |
|---|---|---|---|
| ଓ- | ଗୁଆଘିଅ | - | ଗୋ ଦୁଗ୍ଧରୁ ଗୁଆଘିଅ ପ୍ରସ୍ତୁତ ହୁଏ। |
| ବି- | ଗରୁ | - | ଗରୁ ଗୁରସ୍ ନେ ଘି ତିଆର୍ ହଥେ। |
| ଓ- | ଗୁରୁଦ୍ୱାର | - | ଗୁରୁଦ୍ୱାର ଶିଖ ମାନଙ୍କର ଉପାସନ ସ୍ଥଳୀ। |
| ବି- | ଗୁରୁଦ୍ୱାର | - | ଗୁରୁଦ୍ୱାର ପଞ୍ଜାବୀ ମନ୍‌କେ ପୂଜା ଜାଗା ଏହେ। |
| ଓ- | ଗୁଜୁରାଣ | - | ସେ ମାଛ ଧରି ଗୁଜୁରାଣ ମେଣ୍ଟାଏ। |
| ବି- | ଗୁଜ୍‌ରାନ୍ | - | ଓ ମଛ୍‌ଲୀ ଧର୍‌କେ ଗୁଜ୍‌ରାନ୍ ମେଟାଥେ। |
| ଓ- | ଗୁରୁତ୍ୱ | - | ଶୁଣିଥିବା କଥାରେ ଗୁରୁତ୍ୱ ଦିଅନାହିଁ। |
| ବି- | ଜୋର୍‌ଦୋହୋ | - | ଶୁନ୍ ଲା କଥାନେ ଜୋର୍‌ନି ଦୋହୋ। |
| ଓ- | ଗୁଣିଆ | - | ଗୁଣିଆ ସନ୍ଦେହରେ ଲୋକ ତାକୁ ମାରିଦେଲେ। |
| ବି- | ଗୁନିଆ | - | ଗୁନିଆ ସନ୍ଦେନେ ମନ୍‌ସେ ଉଁଖେ ମାର୍ ଦେହେସ୍। |
| ଓ- | ଗୁରୁଜନ | - | ଗୁରୁଜନ ମାନଙ୍କୁ ସମ୍ମାନ କର। |
| ବି- | ଗୁରୁ | - | ଗୁରୁ ମନ୍‌କେ ସମ୍ମାନ କରୋ। |
| ଓ- | ଗୁଳୁଗୁଳି | - | ଗୁଳୁଗୁଳି ହେଲେ ଲୋକେ କଷ୍ଟ ପାଆନ୍ତି। |
| ବି- | ଗୁଲ୍‌ଗୁଲି | - | ଗୁଲ୍‌ଗୁଲି ହନେ ଲୋକ୍‌ମନ୍ ଦୁଃଖ ପାଥେ। |
| ଓ- | ଗୁଣ୍ଡୁଚି | - | ଗୁଣ୍ଡୁଚି ଗଛରେ ବାସ କରେ। |
| ବି- | ଚିର୍‌ରାମୂଷା | - | ଚିର୍‌ରାମୂଷା ଗଛ୍‌ନେ ଗୁଡା କର୍‌ଥେ। |
| ଓ- | ଗୃହ | - | ଗୃହ ନିର୍ମାଣ ପାଇଁ ବହୁତ ପଇସା ଲୋଡା। |
| ବି- | ଘର | - | ଘର୍ ବନାବା କଜେଙ୍ଗ୍ ବନେ ପଇସା ଲାଗ୍ ଥେ। |
| ଓ- | ଗୃହପାଳିତ | - | କୁକୁର ଏକ ଗୃହପାଳିତ ପଶୁ ଅଟେ। |
| ବି- | ଘର୍‌ପୋଷା | - | କୁକୁର୍ ଗୋଟେକ୍ ଘରପୋଷ ପଶୁ ହଥେ। |
| ଓ- | ଗେଲ | - | ଜେଜେ ମା ମୋତେ ଭାରି ଗେଲ କରନ୍ତି। |
| ବି- | ଗେଲ୍ | - | ବୋବି ମୋଁଖେ  ଜବର୍ ଗେଲ୍‌ହା କର୍‌ଥେ। |
| ଓ- | ଗେଣ୍ଡା | - | ଗେଣ୍ଡା ପାଣିରେ ରହେ। |
| ବି- | ଘୋଲି | - | ଘୋଲି ପାନିନେ ରେଥେ। |

| | | | |
|---|---|---|---|
| ଓ- | ଗେଣ୍ଡୁଫୁଲ | - | ଗେଣ୍ଡୁଫୁଲରେ ମାଳା ଗୁନ୍ଥା ଯାଏ। |
| ବି- | ଗନ୍ଦାଫୁଲ | - | ଗନ୍ଦାଫୁଲ୍‌ନେ ମାଲ୍ ଗୁଁଥା ଯଥୋ। |
| ଓ- | ଗୋଡ | - | ଆମ ଗୋଡରେ ଦଶଟି ଆଙ୍ଗୁଠି ରହିଛି। |
| ବି- | ଗୋଡ୍ | - | ହାମର୍ ଗୋଡ୍‌ନେ ଦଶ୍‌ଟା ଅଙ୍ଗ୍‌ଠି ଏହେ। |
| ଓ- | ଗୋବର | - | ଗୋବର ଖତ କୃଷି ପାଇଁ ନିରାପଦ। |
| ବି- | ଖର୍ସି | - | ଖର୍ସି ଚାଷ୍ କଜେଙ୍ଗ ବନେଏ। |
| ଓ- | ଗୋଧି | - | ଗୋଧି ଚମଡାରେ ଖଂଜଣି ତିଆରି ହୁଏ। |
| ବି- | ଗୋହେ | - | ଗୋହେ ଛାଲ୍‌ନେ ଖଞ୍ଜନୀ ବନାଯଥେ। |
| ଓ- | ଗୋରା | - | ମୋ ସାଙ୍ଗ, ରବିର ରଙ୍ଗ ଗୋରା। |
| ବି- | ପର୍‌ରା | - | ମୋର ସଙ୍ଗି ରବିକେ ରଙ୍ଗ୍ ପର୍‌ରା। |
| ଓ- | ଗୋପାଳ | - | ଗୋପାଳ ଗୋପାଳନ କରନ୍ତି। |
| ବି- | ଗୋପାଳ | - | ଗୋପାଲ୍ ଗାଏ ଗୋରୁ ପୋଷ୍‌ଥେ। |
| ଓ- | ଗୋପାଳନ | - | ଗୋପାଳନ ଏକ ଲାଭଜନକ ଉଦ୍ୟୋଗ। |
| ବି- | ଗରୁ-ପୋସ୍‌ବା | - | ଗରୁ-ପୋଷ୍‌ବା ଗୋଟେକ୍ ଲାଭ୍‌କାରୀ କାମ୍ ଏ। |
| ଓ- | ଗୋଳମାଳ | - | ବେଳେବେଳେ ମଣିଷର ଯୋଜନା ଗୋଳମାଳ ହୁଏ। |
| ବି- | ଗୁଲ୍‌ମାଲ | - | ସମିୟା ସମିୟାନେ ମୁନୁଷ୍‌କେ ବିଚ୍ୟର୍ ଗୁଲ୍‌ମାଲ୍ ହଥେ। |
| ଓ- | ଗୋଲ | - | ପୃଥିବୀ କମଳା ଲେମ୍ବୁ ପରି ଗୋଲ। |
| ବି- | ଗୁଲା | - | ଧର୍‌ତୀ କମଲା ଲେମଉ ଲେଖେଁ ଗୁଲା ଏ। |
| ଓ- | ଗୋଳିଆ | - | ଗୋଳିଆ ପାଣି କଙ୍କଡାକୁ ସୁହାଏ। |
| ବି- | ଗୁନ୍ଦାଲ୍ | - | ଗୁନ୍ଦାଲ୍ ପାନି କେଁକ୍‌ରାକେ ବନେ ଲାଗ୍‌ଥେ। |
| ଓ- | ଗୋଲି | - | ପିଲାଏ ମାଟିରେ ଗୋଲି ତିଆରି କରନ୍ତି। |
| ବି- | ଗୋଟି | - | ପିଲାମନ୍ ମାଟିନେ ବାଟି ତିଆର୍ କର୍‌ଥେ। |
| ଓ- | ଗୋଟିଏ | - | ଆମ ଓଡ଼ିଶାର ଗୋଟିଏ ଦିଗରେ ସମୁଦ୍ର ଲାଗିଛି। |
| ବି- | ଗୋଟେକ୍ | - | ହାମର୍ ଓଡ଼ିଶା କେ ଗୋଟେକ୍ ଦିଗ୍‌ନେ ସମୁନ୍‌ଦର୍ ଲାଗେ ହେ। |

| | | | |
|---|---|---|---|
| ଓ- | ଗୋଟିଗୋଟି | - | ପକ୍ଷୀମାନେ ଖାଦ୍ୟ ଦାନା ଗୋଟି ଗୋଟି ଖୁମ୍ପନ୍ତି । |
| ବି- | ଗୋଟେକ୍ | - | ଗୋଟେକ୍-ଚେରେମନ ଖାବା ଦାନା ଗୋଟେକ୍ ଗୋଟେକ ଠୋନକ୍ ଥେ । |
| ଓ- | ଗୋଲାପ | - | ଗୋଲାପ ଫୁଲର ରାଜା ଅଟେ । |
| ବି- | ଗୁଲାପ୍ | - | ଗୁଲାପ୍ ଫୁଲ୍‌କେ ରଜା ଏ । |
| ଓ- | ବେପାରୀ | - | ବେପାରୀ ମାନେ ବ୍ୟବସାୟ କରି ଚଳନ୍ତି । |
| ବି- | ବେପାରୀ | - | ବେପାରୀମନ୍ ଧନ୍ଦା କର୍‌କେ ଚଲ୍‌ଥେ । |
| ଓ- | ଗୌରବ | - | ଗୌରବର ବିଲୟ ନାହିଁ । |
| ବି- | ଗୌରବ୍ | - | ଗଉରବ୍‌କେ ଶେଷ୍ ନି ଏ । |

## -ଘ-

| | | | |
|---|---|---|---|
| ଓ- | ଘର | - | ନଡାରେ ଘର ଛପର କରାଯାଏ । |
| ବି- | ଘର୍ | - | ନଡାନେ ଘର୍ ଛପର୍ କରାଯାଥେ । |
| ଓ- | ଘରେ | - | ଆମ ଘରେ ଗୋଟିଏ ବିଲେଇ ଅଛି । |
| ବି- | ଘରେନେ | - | ହାମର୍ ଘରେଁନେ ଗୋଟେକ୍ ବିଲେଇ ଏ ହେ । |
| ଓ- | ଘନଘନ | - | ପର୍ବତ ଚଢ଼ିବା ବେଳେ ଘନଘନ ପ୍ରଶ୍ୱାସ ନିଆଯାଏ । |
| ବି- | ସାଏଁ ସାଏଁ | - | ପାହାଡ୍ ଚେଘ୍‌ବାବେଲ୍ ସାଏଁ ସାଏଁ ପ୍ରଶ୍ୱାସ୍ ନେବାକେ ହେଥେ । |
| ଓ- | ଘନନୀଳ | - | ଇନ୍ଦ୍ରଧନୁରେ ଘନନୀଳ ରଙ୍ଗ ଥାଏ । |
| ବି- | ଗାଢ଼ାନୀଳା | - | ଇନ୍ଦ୍ର ଧନୁନେ ଗାଢାନୀଲିଆ ରଙ୍ଗ୍ ରେଥେ । |
| ଓ- | ଘସି | - | ମଚକି ଯାଇଥିବା ଗୋଡରେ ମୁଁ ମଲମ ଘସି ଦେଲି । |
| ବି- | ଘସି୍ | - | ମଲକ୍‌ରେବା ଗୋଡ଼ନେ ମେଁ ମଲମ୍ ଘଁସ୍ ଦେହେଁ । |
| ଓ- | ଘଡଘଡି | - | ଘଡଘଡି ଶବ୍ଦ ଶୁଣି ଛୋଟ ପିଲାଏ ଡରିଯାଆନ୍ତି । |
| ବି- | ଘଡ୍‌ଘଡି | - | ଘଡ୍‌ଘଡି ଶବଦ୍ ଶୁନ୍‌କେ ଛୋଟେ ଛୁଆମନ୍ ଡର୍‌ଯାଥେ । |

| | | | |
|---|---|---|---|
| ଓ- | ଘାଇଲା | - | କଟୁ ଭାଷା ଶୁଣି ମୋ ମନ ଘାଇଲା ହେଲା। |
| ବି- | ଦୁଖ୍ | - | ଖରାପ ଗଏଟ୍ ଶୁନ୍ କେ ମୋର୍ ମନ୍ ଦୁଖ୍ ଲାଗେସ୍। |
| ଓ- | ଘାଣ୍ଟିବା | - | ତରକାରୀରେ ଲୁଣ ପକାଇ ଘାଣ୍ଟିବା ଆବଶ୍ୟକ। |
| ବି- | ଘାଁଟବା | - | ତର୍କାରୀ ନେ ନୁନ୍ ପକାକେ ଘାଟ୍ଁବା ଜରୁରୀ। |
| ଓ- | ଘାସ | - | ବଗିଚ୍ଚରେ ଅନାବନା ଘାସ ସଫା କର। |
| ବି- | ଲଟା | - | ବଗିଚ୍ଚନେ ଅବଡ୍‌ଜବଡ୍ ଲଟା ସାଫ୍ କରୋ। |
| ଓ- | ଘେରି | - | ଆମ୍ବ ଚାରା ଲଗାଇବା ପରେ ତାହା ଘେରି ଦିଅ। |
| ବି- | ଗୁରଡ଼ାଏ | - | ଆମା ପଲ୍‌ହା ଲଗାକେ ଓଖେଁ ଗୁର୍‌ଡ଼ାଏ ଦୋହେ। |
| ଓ- | ଘୋଟିବା | - | ଆକାଶରେ କଳାହାଣ୍ଡିଆ ମେଘ ଘୋଟିଲା। |
| ବି- | ଘପ୍‌ସେ | - | ଆକାଶ୍ ନେ କଲାବାଦଲ୍ ଘପ୍ ସେ ହେ। |
| ଓ- | ଘୋଡ଼ା | - | ଘୋଡ଼ା ଖୁବ୍ ଜୋରରେ ଧାଇଁ ପାରେ। |
| ବି- | ଘୁଡ଼ା | - | ଘୁଡ଼ା ଜବର୍‌ରିସ୍‌ନେ ଯାନ୍ ସେକ୍‌ଥେ। |
| ଓ- | ଘୋଷଣା | - | ରେଡ଼ିଓରେ ଜରୁରୀ ବିଷୟ ଘୋଷଣା କରାଯାଏ। |
| ବି- | ବତାଥେ | - | ରେଡୁନେ ଜରୁରୀ ବାତ୍ ବତା ଯାଥେ। |
| ଓ- | ଘୋଷାଡ଼ି | - | ବାଘ, ଯନ୍ତୁ ମାରି ଘୋଷାଡ଼ି ନିଏ। |
| ବି- | ଘେଁସ୍‌ରା | - | ବାଘ ଜଏଁତ୍ ମାର୍‌କେ ଘେସ୍‌ରାତ୍ ଲେ ଯଥୋ। |
| ଓ- | ଘୋଷି | - | ମୁଁ ପାଠ ବହିର ଗୋଟିଏ ପଦ୍ୟ ଘୋଷିଥିଲି। |
| ବି- | ଘୋଷେ | - | ମେଁ ପାଠ୍ ବହିକେ ଗୋଟେକ୍ ପଦକେ ଘୋଷେ ରେହେଁ। |
| ଓ- | ଘୋଡ଼ାଇ | - | ବିରାଡ଼ି ଆପଣା ମଳ ମାଟିରେ ଘୋଡ଼ାଇ ଦିଏ। |
| ବି- | ତୋପ୍ | - | ବିଲେଇ ଅଫୁନ୍ ହଗା କେ ମାଟି ନେ ତୋପ୍ ଦେଥେ। |

## 'ଚ'

| | | | |
|---|---|---|---|
| ଓ- | ଚନ୍ଦ୍ର | - | ଚନ୍ଦ୍ର ପୃଥିବୀର ଏକ ମାତ୍ର ଉପଗ୍ରହ ଅଟେ। |
| ବି- | ଜନ୍ | - | ଜନ୍ ପୁର୍‌ଥିବିକେ ଗୋଟେକ୍ ଉପଗର୍‌ହ ଏ। |

ଓ- ଚନ୍ଦ୍ରଗ୍ରହଣ - ସୂର୍ଯ୍ୟ ପୃଥିବୀ ଓ ଚନ୍ଦ୍ର ସରଳରେଖାରେ ରହିଲେ ଚନ୍ଦ୍ରଗ୍ରହଣ ହୁଏ।

ବି- ଜନ୍ ଗର୍‌ହନ୍ - ବେଲ୍, ପୁର୍‌ଥିବୀ, ଆଉର୍ ଜନ୍ ଗୋଟେକ୍ ଗାର୍‌ନେ ରେନେ ଜନ୍‌କେ ଗରହନ୍ ଧେର୍‌ଥେ।

ଓ- ଚକିତ - ଦୁଃସାହାସିକ କାର୍ଯ୍ୟ ଦେଖିଲେ ଚକିତ ଲାଗେ।

ବି- ଚକିତ୍ - ହିମତ୍ କାମ୍ ଦେଖ୍ କେ ମଖେଁ ଚକିତ ଲାଗେସ୍।

ଓ- ଚହଟଇ - ଚମ୍ପା ଫୁଲର ବାସନା ଚାରିଆଡ଼େ ଚହଟଇ।

ବି- ବଗେର୍ - ଚାଁପାଁ ଫୁଲ୍ କେ କହଁର୍ ଚାରୋକୋତି ବଗେର୍ ଯାଥେ।

ଓ- ଚରଣ - ଆମେ ଇଶ୍ୱରଙ୍କ ଚରଣରେ ପ୍ରାର୍ଥନା କରୁଁ।

ବି- ଗୋଡ଼ତଲ୍ - ହାମେ ମହାପୁରୁକେ ଗୋଡ୍ ତଲ୍‌ନେ ବିନ୍‌ତି କର୍‌ଥାଁ।

ଓ- ଚଲାବୁଲା - ବୃଦ୍ଧ ଲୋକମାନେ କମ୍ ଚଲାବୁଲା କରନ୍ତି।

ବି- ରେଙ୍ଗାବୁଲା - ବୁଢ଼ା ଲୋକ୍‌ମନ୍ କମ୍ ରେଙ୍ଗାବୁଲା କର୍‌ଥେ।

ଓ- ଚତୁର୍ଦ୍ଦିଗ - ସୂର୍ଯ୍ୟ ଉଦୟ ହେଲେ ଚତୁର୍ଦ୍ଦିଗ ଆଲୋକିତ ହୁଏ।

ବି- ଚାରୋଁକତିଁ - ବେଲ୍ ଉଧ୍‌ନେ ଚାରୋଁକତି ଉଜିଁଆଁ ହଥେ।

ଓ- ଚଷମା - ଦୃଷ୍ଟିଦୋଷ ଥିଲେ ଚଷମା ଲଗାଇବା ଭଲ।

ବି- ଚଷମା - ଦେଖ୍‌ବାର୍‌ଟା କମ୍‌ରେନେ ଚଷ୍‌ମା ଲଗାବାର୍‌ଟା ବନେ।

ଓ- ଚକ - ସାଇକେଲ୍‌ର ଦୁଇଟି ଚକ ଥାଏ।

ବି- ଚକା - ସାଇକେଲ୍ କେ ଦିଟା ଚକା ରଥେ।

ଓ- ଚକଟା - କୁମ୍ଭାର ଚକଟା ମାଟିରେ ହାଣ୍ଡି ଗଢ଼େ।

ବି- ଚିଟ୍‌କା - କୁମ୍ଭାର୍ ଚିଟ୍‌କା ମାଟିନେ ହାଡ଼ି ଗଢ଼୍‌ଥେ।

ଓ- ଚତୁର୍ଥ - ଜୁଲି ଚତୁର୍ଥ ଶ୍ରେଣୀରେ ପଢ଼େ।

ବି- ଚାଏର୍ - ଜୁଲି ଚାଏର୍ ଗିଲାସ୍ ନେ ପଢ଼୍ ଥେ।

ଓ- ଚକ୍‌ମକି - ଚକ୍‌ମକି ପଥର ଘସି ନିଆଁ ବାହାର କରାଯାଏ।

ବି- ଚକ୍‌ମକି - ଚକ୍‌ମକି ପଖ୍‌ନା ରେଁଟ୍‌କେ ଜୁଏ ବାହାର୍ କରାଯଥେ।

| | | | |
|---|---|---|---|
| ଓ- | ଚମଡ଼ା | - | ଗୋରୁ ଚମଡ଼ାରେ ଯୋତା ତିଆରି ହୁଏ। |
| ବି- | ଛାଲ୍ | - | ଗୋରୁ ଛାଲ୍ ନେ ପଣ୍ହେି ବନା ଯଥେ। |
| ଓ- | ଚକୋଲେଟ୍ | - | ପିଲାମାନେ ଚକୋଲେଟ୍ ଭଲପାଆନ୍ତି। |
| ବି- | ଚକୋଲେଟ୍ | - | ଛୁଆମନ୍ ଚକୋଲେଟ୍ ଖବାକେ ଅଇନ୍ ପାଥେଁ। |
| ଓ- | ଚଳାଚଳ | - | କନ୍ଧମାଳରେ ରେଳ ଚଳାଚଳ ହୁଏ ନାହିଁ। |
| ବି- | ଚଲାଚଲ | - | କନ୍ଧମାଲ୍ ନେ ରେଲ୍ ଚଲାଚଲ୍ ନିଏ। |
| ଓ- | ଚକୁଳି | - | ମୁଁ ଚକୁଳି ଖାଇ ପଢାରେ ବସେ। |
| ବି- | ଚକେଲ୍ | - | ମେଁ ଚକେଲ୍ ପିଠା ଖାଏ କେ ପଢ଼୍ବାର କେ ବସ୍ ଥାଁ। |
| ଓ- | ଚଟିଆ | - | ଆମ ଘର ଚାଳରେ ଚଟିଆ ବସା ବାନ୍ଧିଛି। |
| ବି- | ଚଟିଁଆ | - | ହାମର୍ ଘର୍କେ ଚାଲ୍ନେ ଚଟିଁଆ ଗୁଡ଼ା ବନା ହେ। |
| ଓ- | ଚପଲ | - | ଚପଲ ପିନ୍ଧି ପାଇଖାନା ଯିବା ଉଚିତ୍। |
| ବି- | ଛିପ୍ଲି | - | ଛିପ୍ଲି  ପିନ୍ଦ୍କେ ପାଇଖନା ଯବା କଥା। |
| ଓ- | ଚଟଣି | - | ଚଟଣି ଭୋଜନକୁ ରଚିକର କରେ। |
| ବି- | ଚଟ୍ନି | - | ଚଟ୍ନି ଖବାର୍ ଜିନିଷ୍ କେ ସୁଆଦ୍ ବନାଥେ। |
| ଓ- | ଚଟାଣ | - | ଶୀତ ଦିନେ ଚଟାଣ ଭାରି ଥଣ୍ଡା ଲାଗେ। |
| ବି- | ଚଟେନ୍ | - | ଜାଡ଼୍ କେ ଦିନ୍ ଚଟେନ୍ ଅବଡ୍ ଚାଏଁ କର୍ଥେ। |
| ଓ- | ଚଉକି | - | ପ୍ଲାଷ୍ଟିକ ଚୌକି ଦେଖିବାକୁ ସୁନ୍ଦର ଦିଶେ। |
| ବି- | କୁର୍ଚି | - | ପଲାସ୍ଟିକ୍ କୁର୍ଚି ଦେଖ୍ବାର୍ କେ ଅଇନ୍ ଦିଶ୍ଥେ। |
| ଓ- | ଚିନି | - | ଗୁଡ଼ରୁ ଚିନି ପ୍ରସ୍ତୁତ କରାଯାଏ। |
| ବି- | ଚିନି | - | ଗୁଡ଼୍ ଠାନୁଲେ ଚିନି ବାନା ହୁଲିଆ। |
| ଓ- | ଚଳାଚଳ | - | ଲୋକେ ବସ ଯୋଗେ ଚଳାଚଳ କରନ୍ତି। |
| ବି- | ଆନାଯାନା | - | ଲୋକ୍ମନ୍ ବସ୍ ନେ ଅନାଯାନା କର୍ଥେ। |
| ଓ- | ଚକିପେଷା | - | ଚକି ପେଷା ଅଟା ଶରୀର ପାଇଁ ଉପକାରୀ। |
| ବି- | ଜଁତାପିଷା | - | ଜଁତୀ ପିସାନ୍ ଅଟା ଦେହେଁକେ ଲାଗି ବନେ ଏ। |

ଓ- ଚଟାପଟ୍ - ରବି ପ୍ରଶ୍ନର ଉତ୍ତର ଚଟାପଟ୍ ଦେଇଥାଏ।

ବି- ସାଏଁସାଏଁ - ରବି ପର୍‌ଶନ୍ କେ ଉତ୍ତର୍ ସାଏଁ ସାଏଁ ଦେଥେ।

ଓ- ଚାହାଣୀ - ଭିକାରୀର କରୁଣ ଚାହାଣୀ ଦେଖି ମୁଁ ତରଳିଗଲି।

ବି- ଚାନୀ - ମିଁଗ୍‌ତରିକେ ଗୁଲ୍‌ଗୁଲା ଚାନୀ ଦେଖ୍ କେ ମେ ପିଘଲ୍ ଯାଏଁ।

ଓ- ଚାହାଳି - ପୂର୍ବ କାଳରେ ପିଲାଏ ଚାହାଳିରେ ପଢୁଥିଲେ।

ବି- ଗୁହାଲ୍‌ପଢା - ଆଘୋ ପିଲାମନ୍ ଗୁହାଲ୍‌ପଢ଼ା ପଢ଼୍‌ତ୍ ରହେସ୍।

ଓ- ଚାଟ - ଦିନେ ମୁଁ ଆମ ଗ୍ରାମ ବିଦ୍ୟାଳୟର ଛାତ୍ର ଥିଲି।

ବି- ପଢ଼ାପିଲା - ଦିନେକ୍ ମେଁ ଆମର୍ ଗାଁ ଇସ୍‌କୁଲ୍ କେ ପଢ଼ା ପିଲା ଗୋଟେ ରେହେ।

ଓ- ଚାଳଘର - ଚାଳଘର ନିଆଁକୁ ଡ଼ର।

ବି- ଚାଲ୍‌ଘର୍ - ଚାଲ୍‌ଘର୍ କେ ଜୋଏକେ ବଡ଼୍ ଡ଼ର୍ ଏ।

ଓ- ଚାରିପଟ - ବେଳେବେଳେ ସମସ୍ୟା ଚାରିପଟେ ଘେରିଯାଏ।

ବି- ଚାରିଖୁଟ୍ - ଛନେକ୍ ଛନେକ୍ ଅସୁବିଧା ଚାରିଖୁଁଟେଁ କିନ୍ଦର୍ ଯଥେ।

ଓ- ଚାରିଆଡ଼କୁ - ପକ୍ଷୀ ମଡ଼କ ଚାରିଆଡ଼କୁ ବ୍ୟାପିଯାଏ।

ବି- ଚାରୋଖୁଟ୍ - ଚେରେ ଚିର୍‌ଙ୍ଗୁଲ୍ ମରଡ଼ି ଚାରୋ ଖୁଟ୍ ବଗେର୍ ଯଥେ।

ଓ- ଚାଲିଚାଲି - ପାର୍ବତ୍ୟ ଅଞ୍ଚଳରେ ଲୋକେ ଚାଲିଚାଲି ଯାଆସ କରନ୍ତି।

ବି- ରେଙ୍ଗ୍‌ରେଙ୍ଗ୍ - ଡ଼ଙ୍ଗର୍ ତଲିଆ ମନ୍‌ଷେମନ୍ ରେଙ୍ଗ୍ ରେଙ୍ଗ୍ କେ ଯନାଅନା କର୍‌ଥେ।

ଓ- ଚାଷ - ଚାଷ ଅଛି ଯାହାର କି ଆନନ୍ଦ ତାହାର।

ବି- ଚାଷ୍ - ଜୋକର୍ ଚାଷ୍ ଏହେ, ଓକର୍ ସୁଖ୍ ଏହେ।

ଓ- ଚାପି - ଗଳି ଯାଉଥିବା ପାଣିକୁ ଚାପି ରଖ।

ବି- ଚୁଇଁଟ୍ - ଭାଗତ୍ ପାନିକେ ଚୁଇଁଟ୍ କେ ରାଖ୍।

ଓ- ଚାକିରି - ଆଜିକାଲି ଚାକିରି ମିଳିବା କଷ୍ଟକର ଅଟେ।

ବି- ନକରୀ - ଆଏଜ୍‌କାଲ୍ ନକ୍‌ରୀ ପବାର ଟା ଭାରି ଦୁଖ୍ ଏ।

ଓ- ଚାବି - ମୁଁ ସାଇକଲ ଚାବି ହଜାଇ ଦେଇଥିଲି।

ବି- କୁଚି - ମେଁ ସାଇକଲ୍ କେ କୁଚି ହଜାଏ ଦେ ରେହେ।

| | | | |
|---|---|---|---|
| ଓ- | ଚାଳ | - | ଆଜି ଆମ ଚାଳ ଉପରେ କାଉ ରାବୁଥିଲା। |
| ବି- | ଛାନି | - | ଆଏଜ୍ ହାମର୍ ଛାନି ନେ କୁଆଁ ଗଙ୍ଗାତ୍ ରେହେସ୍। |
| ଓ- | ଚାକୁଣ୍ଡା | - | ଚାକୁଣ୍ଡାର ପତ୍ର ସନ୍ଧ୍ୟାବେଳେ ମଉଳିଯାଏ। |
| ବି- | ଚାକୁଣ୍ଡା | - | ଚାକୁଣ୍ଡା ପତର୍ ବେଲ୍ ବୁଡ଼ାନେ ଝୁମେର୍ ଯଥେ। |
| ଓ- | ଚାଉଳ | - | ଚାଉଳ ଚୂନାରେ ଆରିଷା ପିଠା ହୁଏ। |
| ବି- | ଚଉଲ୍ | - | ଚଉଲ୍ ଗୁଁଣ୍ ନେ ଆର୍ଷା ପିଠା ହୋଥେ। |
| ଓ- | ଚାରା | - | ଫଳ ଚାରା ଲଗାଇ ତାର ଯତ୍ନ ନିଅ। |
| ବି- | ଗଛ | - | ଫଲ୍ ଗଛ୍ ଲଗାକେ ଓକର୍ ଯତନ୍ ଲହ। |
| ଓ- | ଚାଲାକି | - | ଚାଲାକି ଲୋକ ବିପଦରୁ ରକ୍ଷାପାଏ। |
| ବି- | ଚତୁର୍ | - | ଚତୁର୍ ଲୋକ୍ ବିପଦ୍‌ଲେ ପାର୍ ପାଯଥେ। |
| ଓ- | ଚାଖଣ୍ଡ | - | ସହରରେ ଚାଖଣ୍ଡ ଜାଗାର ମୂଲ୍ୟ ମଧ ଅଧିକ। |
| ବି- | ଚାର୍ ଆଙ୍ଗୁଲ୍ | - | ସହର୍ ନେ ଚାର୍ ଆଙ୍ଗୁଲ୍ ଯଗା କେ ଦାମ୍ ଯହ ଏ। |
| ଓ- | ଚାରିପଟ | - | ଘର ଚାରି ପାଖରେ ଥିବା ଲତାବୁଦା ସଫା କର। |
| ବି- | ଚାରିଖୁଟ୍ | - | କୁରିଆ କେ ଚାରଖୁଟ୍  କେ ଲଟାଲୁଟି ଚାଁତର୍ କେର ଦହ। |
| ଓ- | ଚିତ୍ର | - | ରିମି ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବ। |
| ବି- | ଫଟୁ | - | ରିମି ଆଗ୍‌କେ ଅଇନ୍ ଫଟୁ କାଟ୍‌ନେ ବାଲା ହହି। |
| ଓ- | ଚିତ୍ରକାର୍ଡ | - | ଶିକ୍ଷକ ଚିତ୍ରକାର୍ଡ ସାହାଯ୍ୟରେ ଶିକ୍ଷା ଦିଅନ୍ତି। |
| ବି- | ଫଟୁକାଡ଼ | - | ମାଷ୍ଟର୍ ଫଟୁକାର୍ଡ୍ ଦେଖାକେ ପାଠ୍‌ପଢ଼ା ଶିଖାଥେ। |
| ଓ- | ଚିଲ | - | ଚିଲ କୁକୁଡ଼ା ଛୁଆ ଉଠାଇ ନେଇ ଖାଇଯାଏ। |
| ବି- | ଗିଧା | - | ଗିଧା କୁକୁରି ଚିଆଁ ବୁହେଲେ ଯାକେ ଖାଏ ଦେଥେ। |
| ଓ- | ଚିହ୍ନ | - | ମୋ ବାମ ହାତରେ ଗୋଟିଏ କଟା ଚିହ୍ନ ରହିଛି। |
| ବି- | ଚିନ୍‌ହାଁ | - | ମୋର୍ ଡ଼େବେରି ହାତ୍‌ନେ ଗୋଟେକ୍ କଟା ଚିନ୍‌ହା ଏହେ। |
| ଓ- | ଚିକିତ୍ସା | - | ନିୟମିତ ଚିକିତ୍ସା କଲେ ଏଡ଼ସ୍ ଭଲ ହୋଇଯାଏ। |
| ବି- | ଦେଖ୍‌ରେଖ୍ | - | ସବୋଦିନ୍ ଦେଖରେଖ୍ କର୍‌ନେ ଏଡ଼ସ୍ ଅଇନ୍ ହେ ଯଥେ। |

| | | | |
|---|---|---|---|
| ଓ- | ଚିଙ୍ଗୁଡ଼ି | - | ଚିଙ୍ଗୁଡ଼ି ଘେରି ଯାକ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି। |
| ବି- | ଚିଙ୍ଗରି | - | ଚିଙ୍ଗ୍‌ରି ଘେରା ଚିଲ୍‌କା କେ ଅଏନ୍ ଦେଖବାର୍‌ଟାକେ ନାଶ୍‌କାନ କରଥେ। |
| ଓ- | ଚିରାଲେଙ୍ଗଡ଼ା | - | ପାଗଳଟା ଚିରାଲେଙ୍ଗଡ଼ା ପିନ୍ଧି ବୁଲୁଛି। |
| ବି- | ଫଟାଟୁଟା | - | ବୈହା ଫଟାଟୁଟା ପିନ୍ଧ୍‌କେ ବୁଲ୍‌ଥେ। |
| ଓ- | ଚିହ୍ନାଇବା | - | ଜାତୀୟ ପତାକାର ରଙ୍ଗ ଗୁଡ଼ିକ ଅନ୍ୟକୁ ଚିହ୍ନାଇବା ଉଚିତ୍। |
| ବି- | ଜନାବାର୍‌ଟା | - | ଜାତୀୟ ପତ୍‌କା କେ ରଙ୍ଗ୍ କେ ଦୁସ୍‌ରା ଲୋଗ୍ ମନ୍‌କେ ଜନାବାର୍ ଏ। |
| ଓ- | ଚିହ୍ନିବା | - | ପଢ଼ାବେଳର  ପଢାସାଥିକୁ ବହୁ ବର୍ଷ ପରେ ଚିହ୍ନିବା କଷ୍ଟ। |
| ବି- | ଚିନ୍‌ବାରଟା | - | ପଢ଼ାବେଲ୍‌କେ ପଢ଼ା ସଙ୍ଗୀକେ ବହୁଁତ ବଛର୍ ନେ ଚିହ୍ନବାର୍‌ଟା  କଡ଼ାଏ। |
| ଓ- | ଚିପିବା | - | ହାତର ନାଡ଼ି ଚିପିବା ଦ୍ୱାରା ତାର ଗତି ଜଣାପଡ଼େ। |
| ବି- | ଚିପ୍‌ବା | - | ହାଁତ୍ କେ ଛିରକେ ଚିପ୍‌ନେ ଓକର୍ ଯାଆ ଆନା ଜନା ପଡ଼ଥେ। |
| ଓ- | ଚିନ୍ତା | - | ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି। |
| ବି- | ଭାଲ୍‌ନି | - | ନୁନ୍ ଖଥେ ହାଣି, ଭାଲନି ଖତେ ଦିହିଁ। |
| ଓ- | ଚିକିତ୍ସକ | - | ମାଳ ଅଞ୍ଚଳରେ ଚିକିତ୍ସକ ମାନଙ୍କର ଘୋର ଅଭାବ ରହିଛି। |
| ବି- | ଜତ୍‌ନିଆ | - | ମାଲ୍ ଏରିଆନେ ଜତ୍‌ନିଆ ମନ୍‌କେ ବନେଁଚ୍ ଅଭାବ୍ ହେ। |
| ଓ- | ଚିତ୍କାର | - | ଘରେ ନିଆଁ ଲାଗିଲେ ଚିତ୍କାର କରି ଲୋକଙ୍କୁ ଡ଼ାକିବା। |
| ବି- | ରଏଡ଼୍ | - | ଘର୍‌ନେ ଜଏ ଲଗନେ, ରଏଡ଼୍ କେ ମନ୍‌ସେ ଡ଼ାକିହି। |
| ଓ- | ଚିହ୍ନଟ | - | ପକ୍ଷୀ ମଡ଼କ ହେଲେ ଭୁତାଣୁ ଚିହ୍ନଟ କାମ କରାଯାଏ। |
| ବି- | ଚିନ୍‌ବାର | - | ଚିରେଇ ମର୍‌ଡ଼ି ହାନେ ଭୁତାଣୁ ଚିନ୍‌ଭାର୍ କାମ୍ କରାଯାଥେ। |
| ଓ- | ଚିରିବା | - | ଜଙ୍ଗଲରେ ପଶିଲେ ଲୁଗା ଚିରିବା ସମ୍ଭାବନା ଥାଏ। |
| ବି- | ଚିରା | - | ଝାର ଭିତର୍ ଯନେ, ଛିଡା ପଟା ଚିରାଯବାକେ ଡ଼ର୍ ରଥେ। |
| ଓ- | ଚିନାବାଦାମ୍ | - | ଚିନାବାଦାମ୍ ଚାଷ ଏକ ଲାଭଜନକ ଫସଲ। |
| ବି- | ମୁଙ୍ଗ୍‌ଫଲି | - | ମୁଙ୍ଗପଲି ଚାଷ୍ ଗୋଟେକ୍ ବନେ ଚାଷ୍ ଏ। |
| ଓ- | ଚିହ୍ନ ଉଠିବା | - | ବେତ ମାଡ଼ ହେଲେ ଦେହରେ ଚିହ୍ନ ଉଠିବା ସମ୍ଭାବନା ଥାଏ। |
| ବି- | ଲୋଲ | - | ବେତ ନେ ପିଟ୍‌ନେ ଦେହେନେ ଲୋଲ୍ ଉପେକ୍ ଯବାକେ ଡ଼ର୍ ରଥେ। |

ଓ- ଚୁନା - ଗହମ ଚୁନାରେ ପରଟା ତିଆରି ହୁଏ।
ବି- ଗୁଣାଁ - ଗହୁଁ ଗୁଣାଁନେ ପରାଟା ତିଆର୍ ହଥେ।
ଓ- ଚେହେରା - ଚିନ୍ତାରେ ବାପାଙ୍କ ଚେହେରା ମଳିନ ଦେଖାଯାଉଛି।
ବି- ଚେହେରା - ଭାଲ୍‌ନି ନେ ବୁଆକେ ଚେହେରା ଶୁଖା ଦେଖାଯାଥେ।
ଓ- ଚେର - ଚେରମୂଳି ଔଷଧ ଦେହ ପାଇଁ ନିରାପଦ ଅଟେ।
ବି- ଜରି - ଜରିବୁଟି ଉଷୋ ଦିହିଁ ଲାଏଗ୍ ଆଫଦ୍ ନି ରହେ
ଓ- ଚେତା - ଘଣ୍ଟାଏ ପରେ ରମାର ଚେତା ଫେରିଲା।
ବି- ସୁରତା - ଘଡକ୍ ନେ ରମାକେ ସୁର୍‌ତା ଆଏସ୍।
ଓ- ଚୋପା - କଦଳୀ ଚୋପା ରାସ୍ତାରେ ପକାଅ ନାହିଁ।
ବି- ଛାଲି - କଁଦ୍‌ଲୀ କେ ଛାଲି ବାଟେ ନେ ନି ପକାହିଦ୍।
ଓ- ଚୋରି - ଅସାମାଜିକ ଲୋକ ଚୋରି କରନ୍ତି।
ବି- ଚୋରା - ଅନ୍ ଡଗ୍‌ରିଆ ଲୋକ୍ ମନ୍ ଚୋରା କାମ୍ କରଥେ।
ଓ- ଚୋବାଇବା - ଖାଦ୍ୟ ଚୋବାଇବା ଦ୍ୱାରା ହଜମ ହୁଏ।
ବି- ଚେବ୍‌ଚେବ୍ - ଖାନାକେ ଚ୍‌ବ୍‌ଚ୍‌ବ୍‌କେ ଖନେ ପଚ୍‌ଥେ।

## 'ଛ'

ଓ- ଛଚିନ୍ଦ୍ରା - ଛଚିନ୍ଦ୍ରାକୁ ବିଲେଇ ଖାଏ ନାହିଁ।
ବି- ଛୁଛୁ - ଛୁଛୁ କେ ବିଲେଇ ନି ଖାଏ।
ଓ- ଛନଛନିଆ - ହାତୀମାନେ ଛନଛନିଆ ଫସଲକୁ ନଷ୍ଟ କରନ୍ତି।
ବି- କଅଁଲି - ହାତୀମନ୍ କଅଁଲି ଫସଲ କେ ନକସାନ୍ କର୍‌ଥେ।
ଓ- ଜାଲରେ - କେଉଟ ଜାଲରେ ମାଛ ଧରେ।
ବି- ଠଏଗ୍ - କେଉଁଟାମନ୍ ଠଏଗ୍‌କେ ଝୋରି ଧର୍ ଦାର୍‌ଥେ।
ଓ- ଛଟପଟ - ଯନ୍ତ୍ରଣାରେ ପିଲାଟି ଛଟପଟ ହେଉଛି।
ବି- ଛଟ୍‌ପଟା - ଦୁଖ୍ ନେ ଛୁଆଟା ଛଟ୍‌ପଟା ଥେ।

| | | | |
|---|---|---|---|
| ଓ- | ଛକି | - | ଭୁଲ ଉତ୍ତରରେ ଶିକ୍ଷକ ଛକି ଚିହ୍ନ ଦିଅନ୍ତି। |
| ବି- | ଡ଼େରାଖାପ୍ | - | ଭୁଲ ଉତ୍ତର୍‌ନେ ଗୁରୁଜୀ ଡେରାଖାପ୍ ଚିହ୍ନାଁ ଦିତିଆ। |
| ଓ- | ଛତା | - | ଖରା ବର୍ଷାରୁ ଛତା ରକ୍ଷା କରେ। |
| ବି- | ଛତା | - | ଘାମ୍ ବର୍ଷା ନେ ଛତାଟା ବଁଚାଥେ। |
| ଓ- | ଛତୁ | - | ପୁରୁଣା କାଠରେ ଛତୁ ଫୁଟେ। |
| ବି- | ପୁଟୁ | - | ଜୁନ୍‌ହା ଖୁଟାନେ ପୁଟୁ ଫୁଟ୍ ଥେ। |
| ଓ- | ଛପେଇ | - | ଡାକ ଟିକଟ ଅଠାରେ ଛପେଇ ଦିଆଯାଏ। |
| ବି- | ଲଟ୍‌କା | - | ଡ଼ାକ୍ ଟିକଟ୍ ଆଠାନେ ଲଟ୍‌କା ଯଥେ। |
| ଓ- | ଛାଞ୍ଚି | - | ବଙ୍କା ଗଛକୁ ଛାଞ୍ଚି ସଳଖ କରାଯାଏ। |
| ବି- | ଛୋଲ | - | ଟେଡ଼୍‌ଗା ଗଛ୍‌କେ ଛୋଏଲ୍  କେ ଛାଟ୍ କରାଯଥେ । |
| ଓ- | ଛାତି | - | ଭୂମିକମ୍ପ ଦେଖି ଭୟରେ ଛାତି ଥରି ଉଠେ। |
| ବି- | ଛାଏତ୍ | - | ଭୂମିକମ୍ପ୍ ଦେଖ୍‌କେ ଡ଼ର୍‌ନେ ଛାତି ହଏଲ ଯଥେ। |
| ଓ- | ଛିଞ୍ଚିବା | - | ଅଚେତ ବ୍ୟକ୍ତିର ମୁହଁରେ ପାଣି ଛିଞ୍ଚିବା ଭଲ। |
| ବି- | ଝିଟ୍‌ବା | - | ବିହୋସ୍ ମନ୍‌ଷେକେ ମୁହୁନେ ପାନି ଝିଟ୍‌ବା ବନେ। |
| ଓ- | ଛୁ | - | ଚୋର ପୁଲିସକୁ ଦେଖି ଛୁ ମାରିଲା। |
| ବି- | ଭାଏଗ୍ | - | ଚୋର୍ ପୁଲିସ୍ କେ ଦେଖ୍‌କେ ଭାଏଗ୍ ଯାଏସ୍। |
| ଓ- | ଛୁଆ | - | ମଣିଷ ଛୁଆ ଅନେକ ଯତ୍ନ ଆବଶ୍ୟକ କରେ। |
| ବି- | ଛୁଆ | - | ମନ୍‌ଷେ ଛୁଆ କେତନି ଯତନ୍ ଦରକାର୍ କର୍‌ଥେ। |
| ଓ- | ଛୁଇଁଲେ | - | ଲାଜକୁଳି ଲତାକୁ ଛୁଇଁଲେ ତାହା ମଉଳି ଯାଏ। |
| ବି- | ଛିଦେନେ | - | ଲାଜ୍‌କୁଲି ଲହକେ ଛିଦେନେ ସର୍‌ମା ଯଥେ। |
| ଓ- | ଛେଳି | - | ଛେଳି ପାଳନ ଏକ ଲାଭ ଦାୟକ ବ୍ୟବସାୟ। |
| ବି- | ଛେଲି | - | ଛେଲି ପୋଷ୍‌ବାଟା ଗୋଟେକ୍ ଫାଇଦା ଧନ୍ଦା। |
| ଓ- | ଛୋଟ | - | ଛୋଟ ବେଳୁ ପିତା ମାତାଙ୍କର ଆଜ୍ଞାବହ ହୁଅ। |
| ବି- | ଛୁଆ | - | ଛୁଆ ବେଲ୍‌ନେ ବୁଆ ମାଁକେ କଥା ମାନହି। |

## ‘ଜ’

ଓ- ଜଗତ - ଜଗତରେ ଅନ୍ୟାୟ ବଢ଼ି ଚାଲିଛି।

ବି- ପୁର୍‌ଥି - ପୁର୍‌ଥିନେ ଅନିଏ ବଢତ୍ ଯାଥେ।

ଓ- ଜଙ୍ଗଲିଆ - ଜଙ୍ଗଲିଆ ଯାଗାରେ ହିଂସ୍ର ଜନ୍ତୁ ଥାଆନ୍ତି।

ବି- ଭୁତ୍‌କା - ଭୁତ୍‌କା ଯଗାନେ ଚବ୍‌ରାହା ଜଅଁତ ରଥେ।

ଓ- ଜଗାଇ - ଆଦିବାସୀ ମାନେ ପିଲାଙ୍କୁ ଫସଲ ଜଗାଇ ଦିଅନ୍ତି।

ବି- ଜଗେଏ୍ - ଆଦିବାସୀ ମନ୍ ଛୁଆମନ୍‌କେ ଫସଲ୍ ଜଗୁ ଆଥେ।

ଓ- ଜଳ - ଜଳ ବିହୁନେ ସୃଷ୍ଟି ନାଶ ହେବ।

ବି- ପାନି - ପାନିକେ ବିନା ସଂସାର୍ ଛେଦ୍ ଯହି।

ଓ- ଜଳଛତ୍ର - ତୃଷ୍ଣାର୍ତ୍ତଙ୍କ ପାଇଁ ଜଳଛତ୍ର ଖୋଲାଯାଏ।

ବି- ପାନିଛତର - ପିଆସୀ ମନ୍ କଜେଙ୍ଗ୍ ପାନି ଛତର୍ ଖୋଲାଯାଥେ।

ଓ- ଜଳନ୍ତା - ଜଳନ୍ତା ଘରୁ ପିଲାଟିକୁ ଉଦ୍ଧାର କରାଗଲା।

ବି- ଜଲ୍‌ତି - ଜଲ୍‌ତି ଘରଲେ ଛୁଆକେ ବଚା ଯାଏସ୍।

ଓ- ଜଙ୍ଘ - ଖେଳରେ ରମିର ଜଙ୍ଘ ମଚକି ଯାଇଛି।

ବି- ଜଙ୍ଘ୍ - ଖେଲ୍‌ନେ ରମିକେ ଜଙ୍ଘ୍ ମସ୍‌କା ଯାଏସ୍।

ଓ- ଜଗୁଆଳି - ବ୍ୟାଙ୍କ ଗୁଡ଼ିକରେ ଜଗୁଆଳି ମାନେ ଥାନ୍ତି।

ବି- ଜଗୁଆ - ବେଙ୍କ୍ ନେ ଜଗୁଆ ମନ୍ ରେଥେ।

ଓ- ଜନମ - ଭାରତ ଆମର ଜନମ ଭୂଇଁ ଅଟେ।

ବି- ଜନମ୍ - ଭାରତ୍ ହାମର୍ ଜନମ୍ ମାଏଟ୍ ଏ।

ଓ- ଜନନୀ - ଜନନୀ ଓ ଜନ୍ମଭୂମି ସବୁଠାରୁ ବଡ଼।

ବି- ଆୟା(ମାଁ) - ମାଁ ଆଉର୍ ଜନମ୍ ମାଟି ସବ୍‌ଲେ ଗୋଟ୍ ଏ।

ଓ- ଜନ୍ମଭୂମି - ଜନ୍ମଭୂମିର ସେବାରେ ଆମେ ନିଜକୁ ସମର୍ପଣ କରୁ।

ବି- ଜନମ୍‌ଭୂଇଁ - ଜନମ୍ ଭୂଇଁ କେ ସେବାନେ ହାମେ ଆପ୍ଫୁନ୍ କେ ଜୀବନ ତ୍ୟାଗ୍ କରବ।

| | | | |
|---|---|---|---|
| ଓ- | ଜନ୍ମଦିନ | - | ଅକ୍ଟୋବର ଦୁଇ ମହାତ୍ମାଗାନ୍ଧୀଙ୍କ ଜନ୍ମ ଦିନ। |
| ବି- | ଜନମ୍‌ଦିନ | - | ଅକ୍ଟୋବର୍ ଦୁଇ ମହାତ୍ମାଗାନ୍ଧୀକେ ଜନମ୍ ଦିନ୍ ଏ। |
| ଓ- | ଜନଗଣନା | - | ପ୍ରତି ଦଶବର୍ଷକୁ ଥରେ ଜନଗଣନା କରାଯାଏ। |
| ବି- | ମନ୍‌ଷେଗନ୍‌ତି | - | ହର୍ ଦଶ୍ ବରଷ୍‌ନେ ଖେଫେନ୍ ମନ୍‌ଷେମନ୍ କେ ଗନ୍‌ତି କରାଯଥେ। |
| ଓ- | ଜବତ | - | ପୋଲିସ ଚୋରା ଜିନିଷକୁ ଜବତ କରନ୍ତି। |
| ବି- | ଜବତି | - | ପୁଲିସ୍ ଚୋରା ଜିନିଷ୍‌କେ ଜବ୍‌ତି କର୍‌ଥେ। |
| ଓ- | ଜମିବାଡ଼ି | - | ଜମିବାଡ଼ି ନ ଥିବା ଲୋକ ବହୁତ ଅଛନ୍ତି। |
| ବି- | ଡ଼ୋଲିଖେତ | - | ଡ଼ୋଲିକ୍ଷେତ୍ ନି ରବାର୍ ମନ୍‌ଷେମନ୍ ଜବର୍ ଏହେ। |
| ଓ- | ଜଡ଼ିତ | - | ଅଧ୍ୟୟନ ସହିତ ଜଣେ ଦେଶ ସେବାରେ ଜଡ଼ିତ ଥାଏ। |
| ବି- | ସାମିଲ | - | ପଢତ୍ ପଢତ୍ ଦେଶ୍‌କେ ସେବାନେ ଝନେକ୍ ସାମିଲ୍ ରଥେ। |
| ଓ- | ଜହ୍ନି | - | ଜହ୍ନିଫୁଲ ରଙ୍ଗ ହଳଦିଆ। |
| ବି- | ତରେଇ | - | ତରେଇ କେ ଫୁଲ୍ ହଲ୍‌ଦିଆ। |
| ଓ- | ଜୟ | - | କାରଗିଲ ଯୁଦ୍ଧରେ ଭାରତ ଜୟ ଲାଭ କଲା। |
| ବି- | ଜିତ୍ | - | କାରଗିଲ୍ ଯୁଦ୍ଧନେ ଭାରତ୍ ଜିତେସ୍। |
| ଓ- | ଜୟନ୍ତୀ | - | ନେତାଜୀଙ୍କ ଜୟନ୍ତୀ ବିଦ୍ୟାଳୟରେ ପାଳନ କରାଯାଏ। |
| ବି- | ଜନମ୍‌ଦିନ୍ | - | ନେତାଜୀ କେ ଜନମ୍‌ଦିନ୍ ଇସ୍କୁଲ୍‌ନେ ମନା ଯଥେ। |
| ଓ- | ଜଣକା | - | ଜଣକା ହଳେ ଲେଖାଏ ପୋଷାକ ଦିଆଗଲା। |
| ବି- | ଝନେ | - | ଝନେକ୍ କେ ଏକ ଯୋଡା ଛିଡ଼ା ପଟା ଦିଆଯାଏସ୍। |
| ଓ- | ଜଣ | - | ଏକ ଜଣ ବ୍ୟକ୍ତି ବଞ୍ଚିବା କଷ୍ଟ ଅଟେ। |
| ବି- | ଝନେ | - | ଝନେକ୍ ମୁନୁଷ୍ ଜିଁ ବାର୍‌ଟା ଭାରି ଦୁଃଖ୍ ଏ। |
| ଓ- | ଜମା | - | ଗାଁରେ ଜଣେ ମୃତ ହେଲେ ଲୋକ ଜମା ହୁଅନ୍ତି। |
| ବି- | ଗଦା | - | ଗାଁନେ ଝନେକ୍ ମର୍ ଜନେ ମନ୍‌ଷେ ମନ୍ ଗଦା ହେ ଯଥେ। |

| | | | |
|---|---|---|---|
| ଓ- | ଜ୍ୱର | - | ମେଲେରିଆ ଏକ ଘାତକ ଜ୍ୱର ଅଟେ। |
| ବି- | ଜର | - | ମେଲେରିଆ ଗୋଟେକ୍ ବଡ୍ ଭାରି ଜର୍ଏ। |
| ଓ- | ଜ୍ୱଳନ୍ତ | - | ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି। |
| ବି- | ଜ୍ୱଲନ୍ତ୍ | - | ଅଏନ୍ ଛୁଆ ଦୁସ୍ରାକେ ଜ୍ୱଲନ୍ତ୍ ଉଦାହରନ୍ ବନ୍ଥେ। |
| ଓ- | ଜକେଇ | - | ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା। |
| ବି- | ମୁଞ୍ଜା | - | ମୋର୍ ସଙ୍ଗୀ କେ ଦୁଖ୍ ଦେଖ୍ କେ ମୋର୍ ଆଁଖି ମୁଞ୍ଜା ଯାଏସ୍। |
| ଓ- | ଜାତି | - | ଜାତିପ୍ରଥା ଏକ ସାମାଜିକ କଳଙ୍କ ଅଟେ। |
| ବି- | ଜାଏତ୍ | - | ଜାଏତ୍ କେ ପର୍ଥା ଟା ଗୋଟେକ୍ ସମାଜ୍ କେ କଲଙ୍ଗ୍ ଏ। |
| ଓ- | ଜାଗରଣ | - | ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି। |
| ବି- | ଜାଗରଣ | - | ଦେଶ୍ନେ ଅନ୍ୟାୟକେ ପଖିଆ କେ ଜାଗରଣ୍ ତିଆର୍ ହଏହେ। |
| ଓ- | ଜାତୀୟ | - | ଖଣି ଗୁଡ଼ିକ ଜାତୀୟ ସମ୍ପତ୍ତି, ଏହାକୁ ଲୁଟ କରିବା ଅନ୍ୟାୟ। |
| ବି- | ଦେଶକେ | - | ଖଦାନ୍ ମନ୍ ଦେଶ୍କେ ସମ୍ପଦ୍ଏ, ଲୁଟ୍ବା ଟା ଅନ୍ୟାୟ୍ ଏ। |
| ଓ- | ଜାମା | - | ସ୍କୁଲ ସମୟରେ ମାଁ ମୋତେ ଜାମା ପିନ୍ଧାନ୍ତି। |
| ବି- | ପେଁଟ୍ଦଗ୍ଲି | - | ଇସ୍କୁଲ୍ ସମିୟା ହନେ ଆୟା ମଖେଁ ପେଟ୍ ଦଗ୍ଲି ପିନ୍ଧା ଦେଥେ। |
| ଓ- | ଜାମୁ | - | ଜାମୁ କୋଳି ଖାଇବାକୁ ମିଠା ଲାଗେ। |
| ବି- | ଜାମ୍ | - | ଜାମ୍ ଫଲ୍ ଖବାକେ ଭାରି ସୁଆଦ୍ ଲାଗ୍ଥେ। |
| ଓ- | ଜାଲ୍ | - | କେଉଟମାନେ ଜାଲରେ ମାଛ ଧରନ୍ତି। |
| ବି- | ଜାଲ୍ | - | କେଉଁଟାମନ୍ ଜାଲ୍ନେ ଝୋରି ଧେର୍ଥେ। |
| ଓ- | ଜାଣିଲୁ | - | ରେଡ଼ିଓରୁ ଆମେ ପାଣି ପାଗ ଖବର ଜାଣିଲୁ। |
| ବି- | ଜାନେ | - | ରେଡ୍ଡୁ ନେ ହାମେ ପାନି ବର୍ଷା କେ କଥା ଜାନେଁ। |
| ଓ- | ଜାଣିବା | - | ଦେଶରେ ଘଟୁଥିବା ଘଟଣା ଜାଣିବା ଆବଶ୍ୟକ। |
| ବି- | ଜାନେକ୍ | - | ଦେଶ୍ ନେ ଘଟତ୍ରବା ଘଟ୍ନା ମନ୍କେ ଜାନ୍ବା କଥା। |
| ଓ- | ଜିତିବା | - | ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ। |
| ବି- | ଜିତ୍ବା | - | ବିନା ଅଭ୍ୟାସ୍ ନେ ଖେଲ୍ନେ ଜିତ୍ବା ଟା କଡ଼ାଏ। |

| | | | |
|---|---|---|---|
| ଓ- | ଜିନିଷ | - | ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡ଼ିଯାଏ। |
| ବି- | ଜିନିଷପତର | - | ଘର୍ କୁରିଆ ନେ ଜଏଲ ଗ୍‌ଜନେ ଜିନିଷ୍ ପତର୍ ପୋଏଡ଼୍ ଯଥେ। |
| ଓ- | ଜିରାଫ୍ | - | ଜିରାଫ ଏକ ତୃଣଭୋଜି ପ୍ରାଣୀ। |
| ବି- | ଜିରାଫ୍ | - | ଜିରାଫ୍ ଗୋଟେକ୍ ଲଟା ଖିଆ ଜୀବଏ। |
| ଓ- | ଜିଲ୍ଲାଜଜ୍ | - | ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାନ୍ତି। |
| ବି- | ଜିଲାନିଆଏଦାର୍ | - | ସବୋଜିଲାନେ ଗୋଟେକ୍ ଜିଲାନିଆଏଦାର୍ ରେଥେ। |
| ଓ- | ଜୀବ | - | ଜୀବ ହତ୍ୟା ମହାପାପ। |
| ବି- | ଯଏଁତ୍ | - | ଯୋଁତ ମାର୍‌ବାର୍ ଟା ବଡ଼୍ ପାପ୍ ଏ। |
| ଓ- | ଜୀବନ୍ତ | - | ବଣପୋଡ଼ି ବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍ଧ ହୁଅନ୍ତି। |
| ବି- | ଜୀଅଁତ୍ | - | ଜଙ୍ଗଲ୍ ପୋଡ୍‌ବା ସମିଯାନେ ଜବର୍ ଯାଂ ଜୀଅଁତ୍ ପୋଏଡ଼୍ ଯଥେ। |
| ଓ- | ଜୀବନ | - | ଚିକିତ୍ସା ଅଭାବରେ ଅନେକଙ୍କ ଜୀବନ ଚାଲିଯାଏ। |
| ବି- | ଜୀବନ୍ | - | ଜତନ୍‌କେ ଅଭାବ୍ ନେ  ବନେଚ୍ ଲୋଗ୍ କେ ଜୀବନ୍ ଭାଏଗ୍ ଯଥେ। |
| ଓ- | ଜୀବନଯାପନ | - | ନର୍ସ ସ୍ୱାସ୍ଥ୍ୟ ସେବା ଦେଇ ଜୀବନଯାପନ କରନ୍ତି। |
| ବି- | ଜୀଅଁତ୍‌ଖାଏତ୍ | - | ଧାଇଁ ଯତନ୍ ପାତନ୍ କେର୍ କେ ଜୀଅଁତ୍ ଖାଏତ୍ ରେଥେ। |
| ଓ- | ଜୀବିକା | - | ଲୁଗାବୁଣା ତନ୍ତୀର ଜୀବିକା ଅଟେ। |
| ବି- | ପେଟପୋଷା | - | ଛିଡ଼ା ପଟା ବନାବାର୍‌ଟା ଭୁଲିଆ ମନ୍‌କେ ପେଟ୍‌ପୋଷା ଏ। |
| ଓ- | ଜୁହାର | - | ଗୁରୁଜନ ମାନଙ୍କୁ ଆମ୍ଭେ ଜୁହାର କରୁ। |
| ବି- | ଜୁହାର୍ | - | ଗୁରୁ ମନ୍ କେ ହାମେ ଜୁହାର୍ କର୍‌ଥୁଁ। |
| ଓ- | ଜୁଡୁବୁଡୁ | - | ମୁଣ୍ଡ ଫାଟିଯିବାରୁ ସେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛି। |
| ବି- | ଲଟ୍ ପଟିଆଏ | - | ମୁଡ଼୍ ଫାଏଟ୍ ଯବାନେ ଉ ଲହୁ ନେ ଲର୍‌ବଟା କେ ପଡ଼େ ହେ। |
| ଓ- | ଜେଜେ | - | ଆମ ଜେଜେ ଚଷମା ପିନ୍ଧି ବହି ପଢ଼ନ୍ତି। |
| ବି- | ଦାଦୀ | - | ହାମର୍ ଦାଦୀନେ ଚଷ୍‌ମା ଲଗାକେ ବହି ପଢ୍‌ଥେ। |
| ଓ- | ଜେବ୍ରାକ୍ରସିଂ | - | ଜେବ୍ରାକ୍ରସିଂ ରେ ଲୋକେ ଚାଲି ଚାଲି ପାର ହୁଅନ୍ତି। |
| ବି- | ଜେବ୍ରାକ୍ରସିଂ | - | ଜେବ୍ରାକ୍ରସିଂ ନେ ଲୋଗ୍ ମନ୍ ରେଙ୍ଗ୍ ରେଙ୍ଗ୍ କେ ନାହାକ୍ ଥେ। |

| | | | |
|---|---|---|---|
| ଓ- | ଜୋରରେ | - | ହେଲ୍‌ମେଟ ପିନ୍ଧି ନ ଥିଲେ ମୁଣ୍ଡରେ ଜୋରରେ ଆଘାତ ଲାଗେ। |
| ବି- | ଜୋର୍‌ସେ | - | ହେଲ୍‌ମେଟ୍ ନି ପିନ୍ଧେ ରେନେ ମୁଡ୍ ନେ ଜୋର୍‌ସେ ଆଘାତ୍ ହଥେ। |
| ଓ- | ଜୋରସୋର | - | ରାସ୍ତାକାମ ଜୋରସୋରରେ ଚାଲିଛି। |
| ବି- | ଜୋର୍‌ଦାର୍ | - | ସଡ଼କ୍ ନେ ବୁତାକାମ୍ ଜୋର୍ ଦାର୍ ଚଲଥେ। |
| ଓ- | ଜ୍ୟେଷ୍ଠ | - | ଜ୍ୟେଷ୍ଠ ଭ୍ରାତାଙ୍କୁ ଆମ୍ଭେ ପିତୃତୁଲ୍ୟ ସମ୍ମାନ ଦେଉ। |
| ବି- | ବଡ଼ଖା | - | ବଡ଼ଖା ଦଦାକେ ହାମେ ବୁଆ ବାଗିର୍ ମାନ୍‌ଥଁ। |
| ଓ- | ଜ୍ୟୋସ୍ନା | - | ଚାନ୍ଦର ଜ୍ୟୋସ୍ନା ଅନ୍ଧକାର ଦୂର କରେ। |
| ବି- | ଉଁକିଆ | - | ଜନକ୍ ଉଁକିଆନେ ଅନ୍ଧାର୍‌କେ ଭଗାଦେଥେ। |
| ଓ- | ଜ୍ୟୋତିର୍ବିଦ | - | ପଠାଣି ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ୍ ଥିଲେ। |
| ବି- | ଜ୍ୟୋତିର୍ବିଦ୍ | - | ପଠାଣି ସାମନ୍ତ ନେ ଝନେକ୍ ରୌଁଟ୍ ଜ୍ୟୋତିର୍ବିଦ ରେହେସ୍। |

## ‘ଝ’

| | | | |
|---|---|---|---|
| ଓ- | ଝଡ଼ | - | ଗତ ଝଡ଼ ବର୍ଷାରେ ବରଗଛଟି ଉପୁଡ଼ି ଗଲା। |
| ବି- | ଗର୍ରାଧୁକା | - | ଯାଏସ୍ ଗର୍ରାପାନିନେ ବରଗଛ୍ ଉଣେଲ୍ ଯାଏସ୍। |
| ଓ- | ଝଡୁଛି | - | ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡୁଛି। |
| ବି- | ଝଏର୍ | - | ଟିକେ ଧୋକାନେ ପବାଅମା ଗିର୍ ଯାଆଥେ। |
| ଓ- | ଝଡ଼ିବର୍ଷା | - | ଝଡ଼ିବର୍ଷା ଅନେକ ଦିନ ଯାଏ ଲାଗି ରହେ। |
| ବି- | ଝକୈଁର୍ | - | ପାନି ଝକୈଁର୍ ଜବର୍ ଦିନ୍ ଲାଗେ ରଥେ। |
| ଓ- | ଝଗଡ଼ା | - | ବେଳେବେଳେ ପିଲାଏ ପରସ୍ପର ଝଗଡ଼ା ଲାଗନ୍ତି। |
| ବି- | ଝଗ୍‌ରା | - | ଛନେକ୍ ଘଡେକ୍ ଛୁଆମନ୍ ନିଜର୍ ଭିଲ୍‌ନେ ଝଗ୍‌ରା ଲାଗ୍‌ଥେ। |
| ଓ- | ଝରଣା | - | ଝରଣାଟିଏ କୁଳୁକୁଳୁ ହୋଇ ବୋହି ଯାଉଛି। |
| ବି- | ଝରନ୍ | - | ଝରନ୍ ଟା ଖୁଲ୍‌ଖୁଲ୍ ହେକେ ବୋହାଏ ଯାଆଥେ। |
| ଓ- | ଝରଝର | - | ପର୍ବତରେ ବର୍ଷା ଝରଝର ଶବ୍ଦ କରୁଛି। |
| ବି- | ଖୁଲ୍‌ଖୁଲ୍ | - | ଡ଼ଙ୍ଗର୍ ନେ ପାନି ଖୁଲ୍‌ଖୁଲ୍ ହଥେ। |

| | | | |
|---|---|---|---|
| ଓ- | ଝରକା | - | ରାତିରେ ଝରକା ବନ୍ଦ କରି ରଖ। |
| ବି- | ଖିଡକି | - | ରାତିନେଁ  ଖିଡକି ଢେଁପ୍ କେ ରାଖ। |
| ଓ- | ଝଲକ | - | ଇନ୍ଦ୍ରଧନୁର ଝଲକ ଅତ୍ୟନ୍ତ ମନଲୋଭା। |
| ବି- | ଝିଲ୍‌ମିଲ୍ | - | ଇନ୍ଦର୍ ଧନୁକେ ଝିଲ୍‌ମିଲାବାର୍‌ଟା ବନେ ଲୋଭ୍ ଲୋଭାନିଆ ଏ। |
| ଓ- | ଝଲମଲ | - | ପାଣିରେ ସୂର୍ଯ୍ୟକିରଣ ଝଲ୍‌ମଲ୍ ହୋଇ ଦିଶୁଛି। |
| ବି- | ଝକ୍‌ଝକ୍ | - | ପାନି ଭିତର୍ ନେ ବେଲ୍ ଉଁକିଆ ଝକ୍‌ଝକ୍ ଦିଶଥେ। |
| ଓ- | ଝାଉଁଳିବା | - | ସଂନ୍ଧ୍ୟା ହେଲେ ଚାକୁଣ୍ଡା ପତ୍ର ଝାଉଁଳିବା ଆରମ୍ଭ କରେ। |
| ବି- | ଓଲମ୍‌ବା | - | ଅନ୍ଧାର୍ ହବେ ଚାଖୁଣ୍ଡା ଗଛ୍ କେ ପତର୍ ଓଲମବା କେ ସୁରୁ କର୍‌ଥେ। |
| ଓ- | ଝାଳ | - | ଦେହ ଭିତରର ମଇଳା ଝାଳ ଆକାରରେ ବାହାରେ। |
| ବି- | ପେସ୍‌ନା | - | ଦେହେଁ ଭିତର୍ କେ ଅସ୍‌କଟ୍ ପେସେନ୍‌ା ନେ ନିଥେର୍ ଯଥେ। |
| ଓ- | ଝାଡୁ | - | ଝାଡୁରେ ଅଳିଆ ସଫା କରାଯାଏ। |
| ବି- | ବାର୍‌ନି | - | ବାର୍‌ନି ନେ କେଚ୍‌ରାକୁଟା ଚଁଡ୍‌ରାଏ ଯଥେ। |
| ଓ- | ଝାମ୍ପି | - | ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପି ନିଏ। |
| ବି- | ଝପଟ୍ | - | ବାଜ୍ ଦୁସ୍‌ରା ଚେରେ କେ ଝପଟ୍ କେ ଲେଥେ। |
| ଓ- | ଝିଟିପିଟି | - | ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ। |
| ବି- | ଘିର୍‌ଲିଖା | - | ଘିର୍‌ଲିଖା କାଁଥି ନେ ରେହେକେ କିରା ଖଥେ। |
| ଓ- | ଝିମ୍‌ଝିମ୍ | - | ମୁଣ୍ଡରେ ଆଘାତ ଲାଗିଲେ ଦେହ ଝିମ୍‌ଝିମ୍ ହୁଏ। |
| ବି- | ଝିମ୍‌ଝିମା | - | ମୁଡ୍ ନେ ଆଘାତ୍ ହନେ ଦେହେଟା ଝିମ୍ ଝିମା ଜଥେ। |
| ଓ- | ଝୁଲିଝୁଲି | - | ପ୍ରଜାପତି ଫୁଲ୍ ଗୁଡ଼ିକରେ ଝୁଲିଝୁଲି ରସ ପାନ କରେ। |
| ବି- | ଝୁଇଲ୍‌ଝୁଇଲ୍ | - | ପର୍‌ଜା ପତି ଫୁଲ୍ ମନ୍‌କେ ଝୁଇଲ୍ ଝୁଇଲ୍ କେରସ୍ ପିଥେ। |
| ଓ- | ଝୁଲାଇ | - | ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖାଯାଏ। |
| ବି- | ଟେଙ୍ଗ୍‌କେ | - | ଆପ୍ପୁନ୍ ଲୋଗ୍ ମନ୍‌କେ ଫଟୋ କେ ଘରେଁ ନେ ଟେଙ୍ଗ୍ କେ ରଖାଯଥେ। |
| ଓ- | ଝୁଡ଼ି | - | ଶ୍ରମିକମାନେ ଝୁଡ଼ିରେ ମାଟି ବୋହି ନିଅନ୍ତି। |
| ବି- | ଡ଼ଲା | - | ଭୁତିଆର୍ ମନ୍ ଡୁଲାନେ ମାଟି ବୋଏକେ ଲେଥେ। |

## 'ଟ'

| | | | |
|---|---|---|---|
| ଓ- | ଟଙ୍କା | - | ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ। |
| ବି- | ରୁପିଆ ପଇସା | - | ରୁପିଆ ପଇସା୍ ଦେକେ ହାମେ ଜିନିଷ୍ ଘିନ୍ ଥାଁ। |
| ଓ- | ଟଙ୍କିଆ | - | ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଉ ନାହିଁ। |
| ବି- | ଏକରୁପିଆ | - | ଆଏଜ୍ କାଏଲ୍ ଏକ ରୁପିଆ ଲୋଟ୍ ଦେଖ୍ ବା କଜେଙ୍ଗ୍ ନି ମିଲ୍‌ତ୍। |
| ଓ- | ଟାଙ୍ଗି | - | ଅଲଗୁଣାରେ ସାର୍ଟ ଟାଙ୍ଗି ଦେଇଛି। |
| ବି- | ଟେଙ୍ଗ୍ | - | ଆଡ଼ା ନେ ଦଗ୍‌ଲି ଟେଙ୍ଗ୍ ଦେହଁ। |
| ଓ- | ଟାଙ୍ଗରା | - | ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି। |
| ବି- | ଠାଠୁ | - | ହାମର୍ ଦାଦୀ କେ ମୁଡ଼୍ ଠାଠୁ ହେ ଜାଏ ହେ। |
| ଓ- | ଟିକସ | - | ଲୋକମାନେ ସରକାରଙ୍କୁ ଟିକସ ଦିଅନ୍ତି। |
| ବି- | ଟିକସ୍ | - | ମନ୍‌ଷେମନ୍ ସର୍‌କାର୍‌କେ ଟିକସ୍ ଦେଥେ। |
| ଓ- | ଟିକି | - | ଟିକି ପିଲାଟି ଗୁରୁଣ୍ଡୁଛି। |
| ବି- | ନାନ୍‌କୁନ୍ | - | ନାନ୍‌କୁନ୍ ଛୁଆଟା ଉଁଣ୍ଡଲତ୍ ଥେ। |
| ଓ- | ଟିକିଲି | - | ମହିଳାମାନେ ମୁହଁରେ ଟିକିଲି ଛାପି ରଖନ୍ତି। |
| ବି- | ଟିକ୍‌ଲି | - | ଡୋକି ପିଲାମନ୍ ମୁହୁଁନେ ଟିକ୍‌ଲି ଛାପ୍ କେ ରାଖ୍‌ଥେ। |
| ଓ- | ଟ୍ରିଗାର | - | ଟ୍ରିଗାର ଟାଣିଲେ ବନ୍ଧୁକ ଫୁଟେ। |
| ବି- | ଘୋଡ଼ା | - | ଘୋଡ଼ା ଚିପ୍‌ଦେନେ ବନ୍ଧୁକ୍ ଫୁଟ୍ ଥେ। |
| ଓ- | ଟୋକନ୍ | - | ଟୋକନ ଦେଇ ଷ୍ଟାଣ୍ଡରେ ସାଇକେଲ ରଖାଯାଏ। |
| ବି- | ଟୋକନ | - | ଟୋକନ୍ କେ ଦେକେ ଷ୍ଟାଣ୍ଡ୍ ନେ ସାଇକଲ୍ ରଖାଯଥେ। |
| ଓ- | ଟୋକେଇ | - | କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ। |
| ବି- | ଛେଟ୍‌ନି | - | କିଷାନ୍‌ମନ୍ ଛେଟ୍‌ନି ନେ ଶାଗ୍ ଭାଜି ବୋଏକେ ହାଟ୍ କେ ଲେଥେ। |
| ଓ- | ଟୋପି | - | ଖରାଦିନେ ଟୋପି ପିନ୍ଧି ପଦାକୁ ବାହାରନ୍ତୁ। |
| ବି- | ଟୁପି | - | ଘାମ୍‌ଦିନ୍ ନେ ଟୁପି ପିନ୍ଧ୍‌କେ ଭଁଟା କେ ବାହାରିହି। |

# 'ଠ'

| | | |
|---|---|---|
| ଓ- | ଠାକୁର | - ମନ୍ଦିରରେ ଠାକୁର ପୂଜା ପାଆନ୍ତି। |
| ବି- | ଦେବ୍ତା | - ଗୁଁଡ଼ି ନେ ଦେବ୍ତା ପୂଜା ପାଥେ। |
| ଓ- | ଠାକୁରାଣୀ | - ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି। |
| ବି- | ଦେବୀ | - ଅନେକ୍ ଗୁଁଡିନେ ଦେବୀ ପୂଜା ପାଥେ। |
| ଓ- | ଠାବ | - ପୋଲିସ ଚୋରକୁ ଠାବ କରିପାରିଲେ। |
| ବି- | ପଢ଼ା | - ପୁଲୁସ୍ ଚୋର୍ କେ ପତା କର୍ ପକେସ୍। |
| ଓ- | ଠିକ୍ | - ରବି ଯାହା କହିଛନ୍ତି ତାହା ଠିକ୍ ଅଟେ। |
| ବି- | ଠିକ୍ | - ରବି ଯୁନଟା କୋହେହେ, ଉଟା ଠିକ୍ ଏହେ। |
| ଓ- | ଠିକଣା | - ବାପାଙ୍କର ଠିକଣା ଆମ ପାଖରେ ରହିଛି। |
| ବି- | ପତା | - ବୁଆକେ ପତା ହାମର୍ ଲଗ୍ ଏହେ। |
| ଓ- | ଠିକ୍ଠିକ୍ | - ରୋଗ ବିଷୟରେ ଡ଼ାକ୍ତରଙ୍କୁ ଠିକ୍ ଠିକ୍ କହ। |
| ବି- | ସାଫ୍ସାଫ୍ | - ବେମାର୍ କେ ବାରେନେ ଡ଼ାକ୍ତର୍ ଲଗ୍ ସାଫ୍ ସାଫ୍ କହ। |
| ଓ- | ଠୁଳ | - ବିଦେଶୀ ପକ୍ଷୀ ଶୀତ ଦିନେ ଚିଲିକାରେ ଠୁଳ ହୁଅନ୍ତି। |
| ବି- | ସେଁକଲାଥେ | - ବିଦେଶ୍ କେ ଚିରେଇ ଜାଡ଼୍ କେ ଦିନ୍‌ନେ ଚିଲ୍‌କାନେ ସେଁକ୍ ଲାଥେ। |
| ଓ- | ଠେକୁଆ | - ଠେକୁଆ ଆଖି ମେଲି ଶୋଇଥାଏ। |
| ବି- | ଲମ୍ହା | - ଲମହା ଆଏଁଖ୍ ମେଲା କର୍‌କେ ଶୋଏ ରଥେ। |
| ଓ- | ଠେଲାପେଲା | - କିରାସିନି ପାଇଁ ଲୋକେ ଠେଲାପେଲା ହୁଅନ୍ତି। |
| ବି- | ଠେଲ୍‌ଗାପେଲ୍‌ଘା- | ମାଟିତେଲ୍ କଜେଙ୍ଗ୍ ଲୋଗ୍‌ମନ୍ ଠେଲଗା ପେଲ୍‌ଘା ହଥେ। |
| ଓ- | ଠୋଠୋ | - ମତେ ଦେଖି ରବି ଠୋଠୋ ହସିଲା। |
| ବି- | ଖଲ୍‌ଖଲାକେ | - ମଝେଁ ଦେଖ୍‌କେ ରବି ଖଲ୍ ଖଲାକେ ହସେସ୍। |

## 'ଡ଼'

| | | | |
|---|---|---|---|
| ଓ- | ଡ଼ଉଲଡ଼ାଉଲ | - | ପିଲାଟି ଡ଼ଉଲଡ଼ାଉଲ ଦେଖାଯାଉଛି। |
| ବି- | ଅଇନ୍‌ମଜା | - | ଛୁଆଟା ଆଇନ୍ ମଜା ଦେଖାଯଥେ। |
| ଓ- | ଡ଼ର | - | ବାଘ ଦେଖିଲେ ମତେ ଡ଼ର ଲାଗିବ। |
| ବି- | ଡ଼ର୍ | - | ବାଘ୍‌କେ ଦେଖ୍‌ନେ ମଏଁ ଡ଼ର୍ ଲାଘି। |
| ଓ- | ଡ଼ରିବା | - | ଦୁଷ୍ଟ ମାନଙ୍କୁ ଡ଼ରିବା ଅନୁଚିତ। |
| ବି- | ଡ଼ରବା | - | ବଦମାସ୍ ମନ୍‌କେ ନି ଡ଼ରାହି। |
| ଓ- | ଡ଼ବା | - | ଡ଼ବାରେ କ୍ଷୀର ରଖି ରପ୍ତାନି କରାଯାଏ। |
| ବି- | ଡ଼ବା | - | ଗୋରସ୍ ଡବାନେ ଥୋଏ କେ ପଠାଯଥେ। |
| ଓ- | ଡ଼ଜନ | - | କଦଳୀ ଡ଼ଜନ କୋଡ଼ିଏ ଟଙ୍କା। |
| ବି- | ଦର୍‌ଜନ୍ | - | କେରା ଦର୍‌ଜନ୍ ବିସ୍ ରୁପିଆ। |
| ଓ- | ଡ଼ଙ୍ଗା | - | ଡ଼ଙ୍ଗାରେ ନଈ ପାର କରାଯାଏ। |
| ବି- | ଡ଼ଙ୍ଗା | - | ଡ଼ଙ୍ଗାନେ ନଂଦି କେ ନାହାକା ଯଥେ। |
| ଓ- | ଡ଼ାଇସ | - | ଲୁଡୁ ଖେଳ ପାଇଁ ଡ଼ାଇସ ଆବଶ୍ୟକ। |
| ବି- | ଠୁବି | - | ଲୁଡୁ ଖେଲ୍‌ବା କଜେଂ, ଠୁବି ଦର୍‌କାର୍ ଏ। |
| ଓ- | ଡ଼ାକିବା | - | ମୁଁ ଭାଇକୁ ଡ଼ାକିବା ପାଇଁ ଗଲି। |
| ବି- | ଡ଼ାକ୍‌ବାର୍ | - | ମେଁ  ଭାଇକେ ଡାକ୍‌ବାର୍ କଜେଙ୍ଗ୍ ଯାଏଁ। |
| ଓ- | ଡ଼ାକ୍ତରଖାନା | - | ଡ଼ାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ। |
| ବି- | ଡ଼ାକ୍ତରଖାନା | - | ଡ଼ାକ୍ତରଖନା ନେ ବେମ୍‌ରିହା କେ ଯତ୍‌ନା ଯାଥେ। |
| ଓ- | ଡ଼ାକ୍ତର | - | ଡ଼ାକ୍ତର ସମାଜକୁ ସ୍ୱାସ୍ଥ୍ୟ ସେବା ଦିଅନ୍ତି। |
| ବି- | ଡ଼ାକ୍ତର୍ | - | ଡ଼ାକ୍ତର୍ ସମାଜ୍ କେ ସ୍ୱାସ୍ଥ୍ୟ ସେବା ଦେଥେ। |
| ଓ- | ଡ଼ାହାଣ | - | ଆମେ ଡ଼ାହାଣ ହାତରେ ଲେଖୁ। |
| ବି- | ଭୁଜ୍‌ନୀ/ଖାଇ | - | ହାମେଁ ଖାଇ ହାଁତ୍ ନେ ଲିଖୁଥାଁ। |

ଓ- ଡ଼ାକବାଲା - ଡ଼ାକବାଲା ଆମକୁ ଚିଠି ଦେଇ ଯାଆନ୍ତି।

ବି- ଡାକ୍‌ବାଲା - ଡ଼ାକ୍‌ବାଲା ହାମ୍‌କେଁ ଚିଠି ଦେକେ ଯାଥେ।

ଓ- ଡ଼ାଳ - ଘୂର୍ଣ୍ଣିବାତ୍ୟାରେ ଗଛର ଡ଼ାଳ ଭାଙ୍ଗିଯାଏ।

ବି- ଡ଼ାଲ୍ - ଗର୍ରାଧୁକାନେ ଗଛ୍ କେ ଡାହିଟା ଟୁଟ୍ ଯଥେ।

ଓ- ଡ଼ିଆଁ - ମୀରା ଲମ୍ବ ଡ଼ିଆଁରେ ପ୍ରଥମ ହେଲା।

ବି- ଡାଁହାକ୍‌ବାର - ମୀରା ଲମା ଡାଁହାକ୍‌ବାର୍ ନେ ପହେଲା।

ଓ- ଡ଼ିଆଁଡେଇଁ - ମାଙ୍କଡ଼ ମାନେ ଗଛରେ ଡ଼ିଆଁଡ଼େଇଁ କରନ୍ତି।

ବି- ଡେହେକା ଡେହେକି- ବେନ୍ଦରାମନ୍ ଗଛ୍‌ନେ ଡେହେଁକା ଡ଼େହେଁକି କର୍‌ଥେ।

ଓ- ଡୁବିତବଲା - ରମା ଡୁବିତବଲା ବଜାଇ ଜାଣେ।

ବି- ଡୁବିତବଲା - ରମା ଡୁବିତବଲା ବଜାନ୍ ଜାନ୍ ଥେ।

ଓ- ଡ଼େରି - ଘରେ ପହଂଚିବା ମୋର ଡ଼େରି ହେଲା।

ବି- ବିଲମ୍ - ଘର୍ ନେ ପହଁଚ୍‌ବାର୍‌ଟା ମୋର ବିଲମ୍ ହେସ୍।

ଓ- ଡ଼େଙ୍ଗା - ଆମ ଗାଁରେ ଡ଼େଙ୍ଗା ଖଜୁରି ଗଛ ଗୁଡ଼ିକ ରହିଛି।

ବି- ଡ଼େଙ୍ଗ୍ - ହାମର୍ ଗାଁନେ ଡ଼େଙ୍ଗ୍ ଛିନ୍ ଗଛ୍‌ମନ୍ ଏହେ।

ଓ- ଡ଼େଙ୍ଗୁରା - ଡ଼େଙ୍ଗୁରା ବଜାଇ ସରକାରୀ ସୂଚନା ଦିଆଯାଏ।

ବି- ତାସା - ତାସା ବଜା ବଜାକେ ସରକାରୀ ଜାନ୍‌କାରି ଦିଆଯଥେ।

ଓ- ଡ଼େଣା - ପକ୍ଷୀର ଦୁଇଟି ଡ଼େଣା ଥାଏ।

ବି- ଡ଼େନା - ଚିରେଇ କେ ଦୁଇଟା ଡେନା ରେଥେ।

ଓ- ଡ଼ୋରି - କାଠ ବନ୍ଧା ଯାଇଥିବା ଡ଼ୋରି ଛିଣ୍ଡିଗଲା।

ବି- ଡ଼ୋର୍ - ଲଖ୍‌ରି ବନ୍ଧା ଯାଏ ରେବା ଡୋର୍ ଟା ଛିଁଡ଼୍ ଯାଏସ୍।

## 'ଢ଼'

ଓ- ଢ଼ିପ - ଆମ ଘର ଏକ ଢ଼ିପ ଉପରେ ରହିଛି।

ବି- ଢ଼ିପ - ହାମର୍ ଘର୍ ଗୋଟେକ୍ ଡିପା ଜାଗାନେ ଏହେ।

| | | | |
|---|---|---|---|
| ଓ- | ଢ଼ୋଲ | - | ଆଦିବାସୀ ମାନେ ଢ଼ୋଲ ବଜାଇ ନାଚନ୍ତି। |
| ବି- | ଢ଼ୋଲ୍ | - | ଆଦିବାସୀ ମନ୍ ଢୋଲ୍ ବଜାଏକେ ନାଚ୍‌ଥେ। |
| ଓ- | ଢ଼ଙ୍ଗ | - | ପ୍ରତ୍ୟେକେ ନିଜ ନିଜ ଢ଼ଙ୍ଗରେ ଚଳନ୍ତି। |
| ବି- | ଢଙ୍ଗ | - | ସବ୍‌ଝିନ୍ ଆଫୁନ୍ ଆଫୁନ୍ କେ ଢ଼ଙ୍ଗ ନେ ଚଲ୍‌ଥେ। |
| ଓ- | ଢ଼ୋଲ୍‌କି | - | ଢ଼ୋଲ୍‌କି ବଜାଇ ଗୀତ ଗାଅ। |
| ବି- | ଢ଼ୋଲ୍‌କ୍ | - | ଢ଼ୋଲ୍‌କ୍ ବଜାଏ କେ ଗୀତ୍ ଗାଅ। |

## 'ତ'

| | | | |
|---|---|---|---|
| ଓ- | ତରାଟି | - | ସେ ମୋତେ  ଆଖି ତରାଟି ଚାହିଁଲା। |
| ବି- | କର୍‌ନଖି | - | ଓ ମୋଖେଁ କର୍‌ନଖି ଦେଖେସ୍। |
| ଓ- | ତଟକା | - | ତଟକା ଫଳ ଖାଅ। |
| ବି- | ଦରଦ୍ | - | ଦରଦ୍ ଫଲ୍ ଖାଅ। |
| ଓ- | ତଳ | - | ଥାଳିର ତଳ ଅଂଶ ଚଟକା ଅଟେ। |
| ବି- | ତଲ୍ | - | ଥାଲିକେ ତଲ୍ ପାଖ ଚେପ୍‌ଟା ଏ। |
| ଓ- | ତଳେ | - | ପିଲାଟି ଖେଳୁ ଖେଳୁ ତଳେ ପଡ଼ିଗଲା। |
| ବି- | ତଲେଁ | - | ଛୁଆଟା ଖେଲତ୍ ଖେଲତ୍ ତଲେଁ ଗିର୍ ଜାଏସ୍। |
| ଓ- | ତଳୁ | - | ମାଟି ତଳୁ କୋଇଲା ବାହାରେ। |
| ବି- | ଭିତର୍ | - | ମାଟି କେ ଭିତର୍  ଲେ କୁଇଲା ନିସ୍‌ରଥେ। |
| ଓ- | ତଡ଼ା | - | ଛୋଟ ପିଲାଟି ତରାରେ ଠିଆ ହୋଇଅଛି। |
| ବି- | ତଡ଼ା୍ | - | ଛୁଇ ଛୁଆଟା ତଡ଼ାନେ ଠାଡ଼ ହେହେ। |
| ଓ- | ତମତମ | - | ସେ ରାଗରେ ତମତମ ହୋଇ ଚାଲିଗଲା। |
| ବି- | ଗର୍‌ଗର୍ | - | ଉ ରିସ୍ ନେ ଗର୍‌ଗର୍ ହେ କେ ଭାଗ୍ ଯାଏସ୍। |
| ଓ- | ତରତର | - | ବାପା ତରତର ହୋଇ ଅଫିସ ଗଲେ। |
| ବି- | ତରବର୍ | - | ବୁଆ ହର୍‌ବର୍ ହେକେ ଅଫିସ୍ ଯାଏସ୍। |

| | | | |
|---|---|---|---|
| ଓ- | ତରଳ | - | ତରଳ ପଦାର୍ଥକୁ ଲିଟରରେ ମପାଯାଏ। |
| ବି- | ପନିଆଁ | - | ପନିଆଁ ଜିନିଷ କେ ଲିଟର୍ ନେ ନପାଯଥେ। |
| ଓ- | ତରୁ | - | ଜଙ୍ଗଲରେ ବିଭିନ୍ନ ତରୁଲତା ଥାନ୍ତି। |
| ବି- | ନାଁର ବିଆଁର | - | ଜଙ୍ଗଲ ନେ ଅନେକ୍ କିସମ୍ କେ ନାଁର୍ ବିଆଁର୍ ରେଥେ। |
| ଓ- | ତଣ୍ଟି | - | ତାଙ୍କ ତଣ୍ଟିରେ ଥରେ ମାଛ କଣ୍ଟା ଲାଗିଥିଲା। |
| ବି- | ଢେଁଟୁ | - | ଓକର୍ ଢେଁଟୁ ନେ ମଛରିକେ କଁଟା ଗଡ଼େ ରେହେସ୍। |
| ଓ- | ତତ୍ତ୍ୱାବଧାନ | - | ପିତାମାତା ସନ୍ତାନର ତତ୍ତ୍ୱବଧାନ କରନ୍ତି। |
| ବି- | ଦେଖ୍‌ରେଖ୍ | - | ଆୟାବୁଆ ଛୁଆ ପିଲାକେ ଦେଖ୍‌ରେକ୍ କର୍‌ଥେ। |
| ଓ- | ତନ୍ତ | - | ତନ୍ତରେ ଲୁଗା ବୁଣାଯାଏ। |
| ବି- | ରହଁଟା | - | ରହଁଟା ନେ ଛିଡ଼ା ବନାୟଥେ। |
| ଓ- | ତାଳ | - | ତାଳରୁ ଗୁଡ଼ ତିଆରି ହୁଏ। |
| ବି- | ତାଲ୍ | - | ତାଲ୍‌ନେ ଗୁର୍ ବନାୟଥେ। |
| ଓ- | ତାଳଗଛ | - | ତାଳଗଛ ଖୁବ୍ ଡ଼େଙ୍ଗା। |
| ବି- | ତାଲ୍‌ଗଛ | - | ତାଲ୍‌ଗଛ ଜବର୍ ଡ଼େଙ୍ଗ୍ ଏ। |
| ଓ- | ତାଲିକା | - | ଭୋଟର ମାନଙ୍କର  ନାମ ତାଲିକା ପ୍ରକାଶ ପାଇଲା। |
| ବି- | ତାଲିକା | - | ଭୋଟ୍ ବାଲା ମନ୍‌କେ ନାମେ ତାଲିକା ପ୍ରକାଶ୍ ପାଏସ୍। |
| ଓ- | ତାଲା | - | ମାଁ ଘରେ ତାଲା ଦେଇ କାମକୁ ଯାନ୍ତି। |
| ବି- | ତାଲା | - | ଆୟା ଘର ନେ ତାଲା କେ ଦେକେ କାମ୍ କରନ୍ ଯାଏ ହେ। |
| ଓ- | ତାଟକା | - | ପିଲାଟି ହାତୀ ଦେଖି ତାଟକା ହୋଇଗଲା। |
| ବି- | ଅବାକ୍ | - | ଛୁଆଟା ହାଁଥିକେ ଦେଖ୍ କେ ଅବାକ୍ ହେ ଯାଏସ୍। |
| ଓ- | ତାରକା | - | ରାତିରେ ତାରକା ଦିଶେ କି ସୁନ୍ଦର। |
| ବି- | ତାରା | - | ରାତିନେ ତାରା କତକ୍ ସୁନ୍ଦର୍ ଦିଖ୍ ଥେ। |
| ଓ- | ତିନୋଟି | - | ନଡ଼ିଆରେ ତିନୋଟି ଆଖି ଥାଏ। |
| ବି- | ତିନ୍‌ଟା | - | ନଡ଼ିଆ ନେ ତିନ୍‌ଟା ଆଁଖି ରେଥେ। |

| | | | |
|---|---|---|---|
| ଓ- | ତ୍ରିଭୁଜ | - | ତ୍ରିଭୁଜରେ ତିନୋଟି କୋଣ ଥାଏ। |
| ବି- | ତିନ୍‌କୋଣିଆଁ | - | ତିନ୍‌କୋଟିଆଁ କେ ତିନ୍‌ଟା କୋହ୍ନା ରେଥେ। |
| ଓ- | ତିଳେ | - | ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟ କରେ ନାହିଁ। |
| ବି- | ଟିଖେଭି | - | ବାର୍ଷିକ ପରୀକ୍ଷା ମେଁ ଟିଖେଁ ଭି ନି ଡ଼ରଅଁ। |
| ଓ- | ତ୍ରିରଙ୍ଗା | - | ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ। |
| ବି- | ତ୍ରିରଙ୍ଗା | - | ତ୍ରିରଙ୍ଗା ହାମର୍ ଜାତୀୟ ପତ୍‌କା ଏ। |
| ଓ- | ତୀର | - | ଆଦିବାସୀ ମାନେ ତୀର ମାରି ଶୀକାର କରନ୍ତି। |
| ବି- | ଶର୍ | - | ଆଦିବାସୀ ମନ୍ ଶର୍ ମାଏର୍ କେ ଶୀକାର୍ କର୍‌ଥେ। |
| ଓ- | ତୁରନ୍ତ | - | ଜ୍ୱର ହେଲେ ତୁରନ୍ତ ଔଷଧ ଖାଅ। |
| ବି- | ଜଲ୍‌ଦି | - | ଜର୍ ହନେ ଜଲ୍‌ଦି ଉଷାହା ଖାଅ। |
| ଓ- | ତୁଷ୍ଟ | - | ସଇନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ। |
| ବି- | ଖୁସ୍ | - | ସଇନ୍ କେ ଧରେଜ୍ ଦେଖ୍ କେ ରଜା ଖୁସ୍ ହେ ଯାଏସ୍। |
| ଓ- | ତୃତୀୟ | - | ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ। |
| ବି- | ତିନ୍ | - | ରାଗିନୀ କୁଟୁମ୍‌କେ ତିନ୍ ଲମର୍ ବେଟି ଏ। |
| ଓ- | ତୁଚ୍ଛା | - | ସେ ତୁଚ୍ଛାରେ ମୋତେ ସନ୍ଦେହ କରୁଛି। |
| ବି- | ଶୋଝେ | - | ଉ ମୋଖେଁ ସୋଝେ ସୋଝେ ଭରମ୍ ଥେ। |
| ଓ- | ତୂରୀ | - | ଆଗେ ଯୁଦ୍ଧ ପାଇଁ ତୁରୀ ବଜାଉଥିଲେ। |
| ବି- | ମୁହୁରୀ | - | ଯୁଦ୍ଧ୍ ନେ ମୁହୁରୀ ବଜାତ୍ ରେହେସ୍। |
| ଓ- | ତେଲ | - | ଜଡ଼ା ମଞ୍ଜିରୁ ତେଲ ବାହାରେ। |
| ବି- | ତେଲ୍ | - | ଜଡ଼ା ବିହନ୍ ନେ ତେଲ୍ ନିସର୍ ଥେ। |
| ଓ- | ତେଣ୍ଡା | - | ତେଣ୍ଡାରେ ପାଣି ଉଠାଇ ଜଳସେଚନ କରାଯାଏ। |
| ବି- | ଟେଁଣା | - | ଟେଁଣାନେ ପାନି ଟେଁଣ୍‌କେ ବୋଲାଥେ। |
| ଓ- | ତେନ୍ତୁଳି | - | ତେନ୍ତୁଳି ଖଟା ଲାଗେ। |
| ବି- | ଅମ୍‌ଲି | - | ଅମ୍‌ଲି ଅମଟ୍ ଲାଗ୍‌ଥେ। |

ଓ- ତୋଟା - ଆମ ଗାଁ ପାଖରେ ଏକ ଆମ୍ବ ତୋଟା ଅଛି।

ବି- ବୁରେଇ - ହାମର୍ ଗାଁ କେ ପାସ୍‌ନେ ଗୋଟେକ୍ ଆମା ବୁରେଇ ଏହେ।

ଓ- ତୋତେ - ମୁଁ ତତେ ସାହାଯ୍ୟ କରିବି।

ବି- ତଖେ - ମେଁ ତୋଖେଁ ସାହାଜ୍ କର୍ ହିଁ।

ଓ- ତୋଳିବା - ରୀନା ଓ ଲିନା ଶାଗ ତୋଳିବା ପାଇଁ ଗଲେ।

ବି- ଟୋଲନ୍ - ରୀନା ଓ ଲିନା ଭାଜି ଟୋଲନ୍ ଯାଏସ୍।

ଓ- ତୋରାଣୀ - ଗାଈକୁ କଣ୍ଡା ତୋରାଣୀ ଦିଅ।

ବି- ଥିର୍ - ଗାଏ କେ ପସିଆଁ କୋଁଣା ଦୋହ।

## 'ଥ'

ଓ- ଥର - ମୁଁ ଦିନକୁ ଦୁଇଥର ଭାତ ଖାଏ।

ବି- ଘାଏ - ମେଁ ଦିନେକ୍ ନେ ଦୁଘା ବାସି ଖାଥାଁ।

ଓ- ଥରକେ - କୁକୁଡ଼ା ଥରକେ ଗୋଟିଏ ଅଣ୍ଡା ଦିଏ।

ବି- ଘାଏକେ - କୁକ୍‌ରୀ ଘାଏବନେ ଗୋଟେକ୍ ଗାରା ଦେଥେ।

ଓ- ଥରଥର - ରୋଗୀ ଥରଥର ହୋଇ ବସିଛି।

ବି- ଥର୍‌ଥେରା - ବେମ୍‌ରିହା ଥର୍‌ଥେରାକେ ବସେ ହେ।

ଓ- ଥରିବା - ଥରିବା ମେଲେରିଆ ରୋଗର ଲକ୍ଷଣ।

ବି- ହଲ୍‌ବା - ହଲ୍‌ବା ମେଲେଣିଆ ବେମାର୍ ଲଇଖନ୍ ଏ।

ଓ- ଥଟାମଜା - ଥଟାମଜାରେ  କ୍ଷଣିକ ଆନନ୍ଦ ମିଳେ।

ବି- ହାଁସିମଜା - ହାଁସି ମଜାକ୍ ନେ ଛନେକ୍ ଆନନ୍ଦ୍ ମିଲ୍‌ଥେ।

ଓ- ଥଣ୍ଟ - ଶୁଆର ଥଣ୍ଟ ବଙ୍କା ଥାଏ।

ବି- ଚଁଚ - ମିଟୁ କେ ଚଁଚ ଟେଡ଼୍‌ଗା ରେଥେ।

ଓ- ଥଣ୍ଡା - ଖରା ଦିନରେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ।

ବି- ଚାଏଁ - ଖରାଦିନ୍ ନେ କାକଁର୍ ପାନି ପିବା କେ ବନେ ଲାଗ୍ ଥେ।

ଓ- ସ୍ଥାନ - ଏହି ସ୍ଥାନରେ ମୋର ଭାଇ ଶହୀଦ ହୋଇଥିଲେ।
ବି- ଜଗା - ଇ ଜଗା ନେ ମୋର୍ ଭାଇ ସହୀଦ୍ ହେ ରେହେସ୍।
ଓ- ଥାନା - ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି।
ବି- ଥାନା - ଅନ୍ୟାୟ କେ ଦୂର୍ କର୍‌ବା କଲେଙ୍ଗ୍ ଥାନା ଏହେ।
ଓ- ଥାଳି - ମୁଁ ମୋ ଖାଇବା ଥାଳି ସଫା କରେ।
ବି- ଥାଲି୍ - ମେଁ ମୋର୍ ଖବା ଥାଲି କେ ସାଫ୍ କର୍‌ଥାଁ।
ଓ- ଥୋଇ - ଟେବୁଲ ଉପରେ ମୁଁ ଘଣ୍ଟାଟି ଥୋଇଥିଲି।
ବି- ଥୋଏ - ଟେବୁଲ୍ ଉପର୍‌ନେ ମେଁ ଘଡ଼ି କେ ଥୋଏ ରେହେଁ।

## 'ଦ'

ଓ- ଦୟା - ଅସହାୟ ଲୋକକୁ ଦୟା କର।
ବି- ଦୟା - ଦୁଃଖଲିଆ ଲୋଗ୍ କେ ଦୟା କର୍‌ବ୍।
ଓ- ଦରବ - ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ।
ବି- ଧନ୍‌ଦର୍‌ବ୍ - ହାମର୍ ରାଇଜ୍ ନେ ଧନ୍ ଦରବ୍ ନେ ପୁରେ୍ ହେ।
ଓ- ଦରିଆ - ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି।
ବି- ସମୁଦର୍ - ମନ୍‌ଷେମନ୍ ଜାହାଜ୍‌ନେ ସମୁଦର କେ ପାର୍ ହଥେ।
ଓ- ଦଉଲତ - ରାଜାଙ୍କର ଅନେକ ଦଉଲତ ଥାଏ।
ବି- ଧନ ଦରବ୍ - ରାଜାକେ ବନେଁଚ୍ ଧନ୍‌ଦର୍‌ବ୍ ରେଥେ।
ଓ- ଦଣ୍ଡ - ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ।
ବି- ଦଣ୍ଡ - ଇସ୍‌କୁଲ ଟା ଗୋଟେନ୍ ବିନା ଦଣ୍ଡ କେ ଜଗା ଏ।
ଓ- ଦଧିନଉତି - ମନ୍ଦିର ଚୁଡ଼ାରେ ଦଧିନଉତି ବସାଯାଏ।
ବି- କୁମ୍ - ମନ୍ଦିର୍ କେ ଟିପି ନେ କୁମ୍ ବସାଯଥେ।
ଓ- ଦମନ - ବ୍ରିଟିଶ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ।
ବି- ଦବାଏକେ - ଇଂରେଜ୍ ମନ୍ ଭାରତୀୟ ମନ୍‌କେ ଦବାଏ କେ ରାଖେ ରେହେସ୍।

| | | | |
|---|---|---|---|
| ଓ- | ଦଳ | - | ହାତୀଦଳ ଗାଁ ଗଣ୍ଡାରେ ପଶୁଛନ୍ତି। |
| ବି- | ଗୋହୋଡ଼ି | - | ହାଥିଁ  ଗାଁ ଗୋଁଡ଼ାନେ ପଏଶ୍ ଯାଥେ। |
| ଓ- | ଦରକାରୀ | - | ଦାଆ ଏକ ଦରକାରୀ ବସ୍ତୁ। |
| ବି- | ଦରକାରୀ | - | ହଁସିଆ ଗୋଟେକ୍ ଜରୁରୀ ଜିନିଷ ଏ। |
| ଓ- | ଦଳେ | - | ଦଳେ ଲୋକ ଭୋଟ ପ୍ରଚାର କରୁଛନ୍ତି। |
| ବି- | ଗୋହଡ଼େକ୍ | - | ଗୋହଡ଼େକ୍ ଲୋକ୍ ଭୋଟ୍ ପର୍‌ଚାର୍ କରତ୍ ରହେସ୍। |
| ଓ- | ଦଉଡ଼ | - | ଦଉଡ଼ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା। |
| ବି- | କୁଦ୍‌ବା | - | କୁଦ୍‌ବା ଖେଲ୍‌ନେ ରିମି ପହେଲା ଜାଗା ପାଏସ୍। |
| ଓ- | ଦଉଡ଼ି ଦଉଡ଼ି | - | ମୁଁ ଦଉଡ଼ି ଦଉଡ଼ି ଆମ୍ବ ଗୋଟାଇଲି। |
| ବି- | କୁଇଦ୍‌କୁଇଦ୍ | - | ମେଁ କୁଇଦ୍‌କୁଇଦ୍ କେ ଆମା ବେଟେଁ। |
| ଓ- | ଦଖଲ | - | ଏହି ଜମି ଆମ ଦଖଲରେ ରହିଛି। |
| ବି- | ଦଖଲ | - | ଇ ଜମିନ୍ ଟା ହାମର୍ ଦଖଲ୍‌ନେ ଏହେ। |
| ଓ- | ଦଣ୍ଡବିଧାନ | - | ଦୋଷୀକୁ ଦଣ୍ଡବିଧାନ କରାଯାଏ। |
| ବି- | ଡ଼ାଁଣ | - | ଦୋଷୀ କେ ଡାଡ୍ ଜରିବନା କରାଯଥେ। |
| ଓ- | ଦର୍ଶନୀୟ | - | ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ। |
| ବି- | ଦେଖେକ୍ ଲାଏକ୍ | - | ଚିଲିକା ଗୋଟେକ୍ ଦେଖେକେ ଲାଏକ୍ ଯାଗାଏ। |
| ଓ- | ଦର୍ପଣ | - | ମୁଁ ନିତି ଦର୍ପଣଦେଖି ମୁଣ୍ଡ କୁଣ୍ଡାଏ। |
| ବି- | ଦର୍‌ପନ୍ | - | ମେଁ ସବ୍ ଦିନ୍ ଦରପନ୍ କେ ଦେଖ୍ କେ ମୁଡ଼୍ କୋର୍‌ଥାଁ। |
| ଓ- | ଦଳ | - | ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି। |
| ବି- | ଜଗଲ୍ | - | ଗାଁ କେ କଁଟା ଜଗଲ୍ ନେ ପୁର୍  ଯାଏ ହେ। |
| ଓ- | ଦକ୍ଷିଣ | - | ଦକ୍ଷିଣ ଦିଗରୁ ମଳୟ ପବନ ବହେ। |
| ବି- | ଦକ୍ଷିନ୍ | - | ଦକ୍ଷିନ୍ ଦିଗ୍‌ଲେ ବଉଲିଆ ଧୁକା ଆଥେ। |
| ଓ- | ଦରକାର | - | ବରିଷ୍ଠ ନାଗରିକଙ୍କୁ ଉଭା ଦରକାର। |
| ବି- | ଦରକାର୍ | - | ବୁଢ଼ା ଲୋକ୍ ଜନ୍‌କେ ଉଭା ଦରକାର୍ ଏହେ। |

| | | | |
|---|---|---|---|
| ଓ- | ଦରଜୀ | - | ମୋ ଭାଇ ଜଣେ ଦରଜୀ ଅଟନ୍ତି। |
| ବି- | ଦରଜୀ | - | ମୋର୍ ଭାଇ ଗୋଟେକ୍ ଦର୍ଜୀ ଏ। |
| ଓ- | ଦସ୍ତା | - | ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ। |
| ବି- | ରଙ୍ଗା | - | ରଙ୍ଗା ଗୋଟେକ୍ ବେଭାରିକ୍ ଜିନିଷ୍ ଏ। |
| ଓ- | ଦପ୍ତର | - | ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି। |
| ବି- | ଦପ୍ତର | - | ମେଁ ଜିଲାପାଲ୍ ସାହେବ୍ କେ ଦପ୍ତର୍ ନେ ଅର୍ ଦଲି କରେଁ। |
| ଓ- | ଦଶ | - | ମାମୁଁ ମୋତେ ଦଶ ଟଙ୍କା ଦେଲେ। |
| ବି- | ଦଶ୍ | - | ମାମାଁ ମୋଖେଁ ଦଶ୍ ରୁପିଆ ଦେହେସ୍। |
| ଓ- | ଦଶମ | - | ରୀତା ଦଶମ ଶ୍ରେଣୀରେ ପଢ଼େ। |
| ବି- | ଦଶ୍ | - | ରୀତା ଦଶ୍ କିଲାସ୍‌ନେ ପଢ଼୍ ଥେ। |
| ଓ- | ଦଶକ | - | ପନ୍ଦରରେ, ଏକ, ଦଶକ ସ୍ଥାନରେ ରହିଛି। |
| ବି- | ଦଶ୍ | - | ପନ୍ଦର୍‌ଟା ନେ ଏକ୍ ଦଶ୍ କେ ଜାଗାନେ ଏହେ। |
| ଓ- | ଦର୍ଶନ | - | ମୋ ଜେଜେଙ୍କର ଟିକିଏ ଦର୍ଶନ ତ୍ରୁଟି ରହିଛି। |
| ବି- | ଦେଖିବା | - | ମୋର୍ ଦାଦୀକେ ଟିଂଚେକ୍ ଦେଖିବା ଦୋଷ୍ ଏହେ। |
| ଓ- | ଦଉଡ଼ିବା | - | ଦଉଡ଼ିବା ଏକ ଭଲ ବ୍ୟାୟାମ ଅଟେ। |
| ବି- | କୁଦାନର୍‌ଦା | - | କୁଦବାଟା ଗୋଟେକ୍ ବନେ ବ୍ୟାୟାମ୍ ଏ। |
| ଓ- | ଦାଆ | - | ଦାଆରେ ଧାନ କଟାଯାଏ। |
| ବି- | ହସିଆ | - | ହସିଆନେ ଧାନ୍ କଟାଯଥେ। |
| ଓ- | ଦାନ୍ତ | - | ପ୍ରତିଦିନ ସକାଳେ ଦାନ୍ତ ଘଷିବା ଭଲ ଅଭ୍ୟାସ। |
| ବି- | ଦାଁତ୍ | - | ସବ୍‌ଦିନ ବିହାନେଁ ଦାଁତ୍ କେ ଘେଁତ୍‌ବାର୍‌ଟା ବନେ ଏ। |
| ଓ- | ଦାଣ୍ଡ | - | ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ। |
| ବି- | ଖୁଏଲ୍ | - | ହାମର୍ ଗାଁକେ ଖୁଏଲ୍ ଜବର୍ ଉଷାର୍ ଏହେ। |
| ଓ- | ଦାନା | - | କୁକୁଡ଼ାଙ୍କୁ ଯଥେଷ୍ଟ ଦାନା ଦେଇ ପାଳନ କର। |

| | | | |
|---|---|---|---|
| ବି- | ଦାନା | - | କୁକ୍‌ରୀ  କେ ବନେଚ୍ ଦାନା ଦେକେ ପୋଷ। |
| ଓ- | ଦାର୍ଶନିକ | - | ଦାର୍ଶନିକ ମାନେ ଜୀବନର ପଥ ଦେଖାନ୍ତି। |
| ବି- | ଦାର୍ଶନିକ୍ | - | ଦାର୍ଶନିକ୍ ମନ୍ ଜୀବନ୍ କେ ବାଟ୍ ଦେଖାଥେ। |
| ଓ- | ଦାଉ | - | ପରିବେଶ ଆଜି ମନୁଷ୍ୟ ଉପରେ ଦାଉ ସାଧୁଛି। |
| ବି- | ଦୁଃଖ୍ | - | ପରିବେଶ୍‌ଟା ଲୋକ୍‌କେ ଉପର୍‌ନେ ହୁଃଖ୍ ଦେଥେ। |
| ଓ- | ଦାୟିତ୍ୱ | - | ବାପାଙ୍କ ପରେ ଘରର ଦାୟିତ୍ୱ ମୋ ଉପରେ ପଡିଛି। |
| ବି- | ବୋଝ | - | ବୁଆକେ ପଛିଲ୍‌ନେ ମୋର୍ ଉପରେ ଦେଖ୍‌ରେଖ୍‌ଟା ପୋରେହେ। |
| ଓ- | ଦିଆସିଲି | - | ନରମ କାଠରେ ଦିଆସିଲି ଖୋଳ ତିଆରି ହୁଏ। |
| ବି- | ମାଚିସ୍ | - | ହଲ୍‌କା ଗଛ୍‌କେ କାଠନେ ମାଚିସ୍ ଖୋଲ୍ ତିଆର୍ ହଥେ। |
| ଓ- | ଦ୍ୱିପହର | - | ଦ୍ୱିପହର ବେଳେ ମଧ୍ୟାହ୍ନ ଭୋଜନ ଦିଆଯାଏ। |
| ବି- | ଦୁଇପହରିୟା | - | ଦୁଇପହରିୟା ବେଲ୍‌ନେ ମଝନ୍ କେ ଖାନା ଦିଆଯାଥେ। |
| ଓ- | ଦିଗଦର୍ଶନ | - | ଗୁରୁଜନ ମାନେ ଆମକୁ ଦିଗଦର୍ଶନ ଦିଅନ୍ତି। |
| ବି- | ଦିଗଦର୍ଶନ- | | ଗୁରୁମନ୍ ହାମ୍‌କେ ଦିଗ୍‌ଦର୍ଶନ୍ ଦେଥେ। |
| ଓ- | ଦିବସ | - | ଦିବସରେ ଲୋକେ କାମ କରନ୍ତି |
| ବି- | ଦିନନେ | - | ଦିନ୍‌ନେ ଲୋକ୍ କାମ୍ କର୍‌ଥେ। |
| ଓ- | ଦ୍ୱିତୀୟ | - | ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା। |
| ବି- | ଦୁଇ | - | ଇଟା ରବିକେ ଦୁଇ ଲମର ଚେରେଷ୍ଟା ରେହେସ୍। |
| ଓ- | ଦୀପ | - | ଗରିବ ଲୋକେ ରାତିରେ ଘରେ ଦୀପ ଜାଳନ୍ତି। |
| ବି- | ଦିଆ | - | ଗରିବ୍ ଲୋକମନ୍ ରାତିନେ ଦିଆ ଯାଲ୍‌ଥେ। |
| ଓ- | ଦୀପାବଳୀ | - | ଦୀପାବଳୀ ଅମାବାସ୍ୟାରେ ବାଣ ଫୁଟାଯାଏ। |
| ବି- | ଦିଆଲି | - | ଦିଆଲି ଉଆଁସ୍ ନେ ଫୋଟ୍‌କା ଫୁଟାଯାଥେ। |
| ଓ- | ଦ୍ୱୀପ | - | ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ। |
| ବି- | ଟାପୁ | - | ହ୍ୱିଲର୍ ଟାପୁନେ ରକେଟ୍ ଛଡା ଯାଥେ। |

| | | | |
|---|---|---|---|
| ଓ- | ଦୁଇଫାଳ | - | ନଡ଼ିଆ ଭାଙ୍ଗିଲେ ଦୁଇ ଫାଳ ହୋଇଯାଏ। |
| ବି- | ଦୁଇଫାଲ୍ | - | ନଡ଼ିଆ ଫୁଟାନେ ଦୁଇଫାଲ୍ ହେ ଯଥେ। |
| ଓ- | ଦୁଧ | - | ଗାଈ ଦୁଧ ଶିଶୁ ମାନଙ୍କ ପାଇଁ ଉପକାରୀ। |
| ବି- | ଗୋରସ୍ | - | ଗାଏ ଗୋରସ୍ ଛୁଆମନ୍ କଲେଙ୍ଗ୍ ଅଏନ୍ ଏ। |
| ଓ- | ଦୁସ୍ଥ | - | ଦୁସ୍ଥ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳେ। |
| ବି- | ଦୁର୍‌ବଲିଆ | - | ଦୁର୍‌ବଲିଆ ଲୋଗ୍‌କେ ସର୍‌କାରୀ ସାହେଜ୍ ମିଲ୍‌ଥେ। |
| ଓ- | ଦୁହେଁ | - | ଆମେ ଦୁହେଁ ହାଟକୁ ଯାଇଥିଲୁ। |
| ବି- | ଦିନୋଝନ୍ | - | ହାମେଁ ଦିନୋଝନ୍ ହାଟ୍ ଯାଏ ରେହେଁ। |
| ଓ- | ଦୁଃଖ | - | ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ। |
| ବି- | ଦୁଖ୍ | - | ଆପୁନ୍ କେ ଲୋଗ୍‌କେ ଗୁଏଁଦାର୍‌ନେ ବଡ଼୍ ଦୁଃଖ୍ ଲାଗ୍‌ଥେ। |
| ଓ- | ଦୁଃଖିରଙ୍କୀ | - | ଆମ ଦେଶରେ ଦୁଃଖୀରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ। |
| ବି- | ଗରିବ୍‌ଦୁଖୀ | - | ହାମର୍ ଦେଶ୍‌ନେ ଗରିବ୍‌ଦୁଖି ମନ୍‌କେ ସଂଖ୍ୟା କମ୍ ନିଏ। |
| ଓ- | ଦୁଃସାହସ | - | ଶିକାରୀର ଦୁଃସାହାସ ଥାଏ। |
| ବି- | ବନେଚ୍ ଦମ୍ | - | ଶିକାରୀକେ ଜବର୍ ଦମ୍ ରେଥେ। |
| ଓ- | ଦୃଷ୍ଟି | - | ପିଲାଙ୍କ ପାଠ ପଢ଼ା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ। |
| ବି- | ଦେଖ୍‌ରେଖ୍ | - | ଛୁଆ ପିଲାକେ ପାଠ୍‌ପଢ଼ା ବା କଲେଙ୍ଗ ଆୟା ବୁଆ ଦେଖ୍‌ରେଖ୍ କରୋ। |
| ଓ- | ଦୂରରେ | - | ଦୂରରେ ଥାଇ ମଧ ସାହାଯ୍ୟ କରିହେବ। |
| ବି- | ଧୁରିଆ | - | ଧୁରିଆନେ ରେକେ ଭି ସାହାଜ୍ କରନ୍ ସେକାହି। |
| ଓ- | ଦୁଷ୍ଟ | - | ଦୁଷ୍ଟ ମାନେ ଦିନେ ବିନିଷ୍ଟ ହେବେ। |
| ବି- | ବଦ୍‌ମାସ୍ | - | ବଦ୍‌ମାସ୍ ମନ୍ ଦିନେକ୍ ନାଶ୍ ହେ ଯହି। |
| ଓ- | ଦୂଷିତ | - | ଦୂଷିତ ଜଳ ପାନ କଲେ ରୋଗ ହୁଏ। |
| ବି- | ଖରାପ୍ | - | ଖରାପ୍ ପାନି ପିନେ ବେମାର୍ ହଥେ। |
| ଓ- | ଦୃଶ୍ୟ | - | କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ। |
| ବି- | ଦୃଶ୍ୟ | - | କର୍‌ଲେଇକେ ଦେଖ୍‌ନେ ଛାତିକେ ବାଏଦ୍ ଯଥେ। |

ଓ- ଦେଖାଦେଖି - ନିଜ କୁଟୁମ୍ବକୁ ଦେଖାଦେଖି କର।

ବି- ଦେଖ୍‌ଦେଖା - କୁଟୁମ୍ କେ ଟିକେ ଦେଖ୍ ଦେଖାକେ ବୁଆ ଫିର୍ ଯଥେ।

ଓ- ଦେଶ - ଆମ ଭାରତ ଏକ ବୃହତ୍ ଦେଶ ଅଟେ।

ବି- ଦେଶ - ହାମର୍ ଭାରତ୍ ଗୋଟେକ୍ ବଡ଼୍ ଜାବର୍ ଦେଶ୍ ଏ।

ଓ- ଛୁଏଁ - ସମୁଦ୍ର ଆମ ଜନ୍ମଭୂମିର ପାଦ ଛୁଏଁ।

ବି- ଛିତେ - ସମୁଦର୍‌ନେ ହାମର୍ ଜନମ୍ ଭୂଇଁକେ ପାଦ୍‌କେ ଛିଥେ।

ଓ- ଦେଖିବା - ସୂର୍ଯ୍ୟଙ୍କୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ।

ବି- ଦେଖ୍‌ନେ - ବେଲ୍ କେ ଦେଖ୍‌ନେ ଆଁଖି ଖରାପ୍ ହଥେ।

ଓ- ଦେହ - ମୋ ଦେହ ଆଜି ଟିକିଏ ଭଲ ନାହିଁ।

ବି- ଦେହେଁ - ମୋର୍ ଦେହେଁ ଆଏଜ୍ ବନେ ନି ଏ।

ଓ- ଦେବଦାରୁ - ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ।

ବି- ଦେବ୍‌ଦାରୁ - ଦେବ୍‌ଦାରୁ ଗଛ୍ କେ ଲକ୍‌ରିନେ ଖାଡ଼ି ତିଆର୍ ହଥେ।

ଓ- ଦେଖି - ହଠାତ୍ ବାଘ ଦେଖି ମୁଁ ଡ଼ରିଗଲି।

ବି- ଦେଖ୍‌କେ - ଭର୍‌କୋ ଲେ ବାଘ୍ ଦେଖ୍ କେ ମେଁ ଡ଼ରାଯାଏଁ।

ଓ- ଦେବୀ - କାଲିଜାଇ ପାହାଡ଼ରେ ଦେବୀ ମନ୍ଦିର ଅଛି।

ବି- ଦେବୀ - କାଲି ଜାଇ ଡ଼ଙ୍ଗର୍ ନେ ଦେବୀ ମନ୍ଦିର୍ ଏହେ।

ଓ- ଦୋକାନ - ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ।

ବି- ଦୁକାନ୍ - ହାମର୍ ଗାଁନେ ଓଷୋଦୁକାନ୍ ନିଏ।

ଓ- ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି।

ବି- ଦୁଲି - ଛୋକ୍‌ରି ମନ୍ ଦୁଲି ଖେଲ୍‌ବାକେ ବନେଚ୍ ଆନନ୍ଦ୍‌ପାଥେ।

ଓ- ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କି.ମି.।

ବି- ଲମା - ହୀରାକୁଦ୍ ବାନ୍ଧ୍ କେ ଲମାଟା ଅନ୍‌ମାନ୍ ନେ ୨୫ କି.ମି. ହହି।

ଓ- ଦୌଡ଼ିବା - ଶିକ୍ଷକ ପିଲାଙ୍କୁ ଦୌଡ଼ିବା ପାଇଁ କହିଲେ।

ବି- କୁଦ୍‌ବା - ଗୁରୁ ଛୁଆମନ୍ କେ କୁଦ୍‌ବାର୍ କଲେଙ୍ଗ କୋହେସ୍।

| | | | |
|---|---|---|---|
| ଓ- | ଦ୍ୱନ୍ଦ | - | ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦରେ ପଡ଼ିଲି। |
| ବି- | ଅଡୁଆ | - | ଲୋଗ୍‌କେ ଗୋଏଟ୍ କେ ଶୁଇନ୍ କେ ମେଁ ଅଡୁଆ ନେ ପଡ଼୍ ଯାଏଁ। |
| ଓ- | ଦ୍ୱାର | - | ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ। |
| ବି- | ମୁହୁଁଟା | - | ମନ୍ଦିର୍‌କେ ମୁହୁଁଟା ସବ୍‌ଝନ୍ କଜେ ମେଲାରେବାର୍ କଥା। |

## 'ଧ'

| | | | |
|---|---|---|---|
| ଓ- | ଧଳା | - | ଟଗର୍ ଫୁଲର୍ ରଙ୍ଗ ଧଳା। |
| ବି- | ପର୍‌ର୍ଗା | - | ଟଗର୍ ଫୁଲ୍‌କେ ରଙ୍ଗ୍ ପର୍‌ର୍ଗା ଏ। |
| ଓ- | ଧମନୀ | - | ଧମନୀରେ ପରିଷ୍କୃତ ରକ୍ତ ଯାଏ। |
| ବି- | ଛିର | - | ଛିର୍ ନେ ଅଏନ୍ ଲହୁ ଯଥେ। |
| ଓ- | ଧନୁଶର | - | ଶବର ମାନେ ଧନୁଶର ଧରି ଯାଆ ଆସ କରନ୍ତି। |
| ବି- | ଧନୁତୀର୍ | - | ଶବର୍ ମନ୍ ଧନୁତୀର୍ ଧେର୍ କେ ଯା ଆସ୍ କର୍‌ଥେ। |
| ଓ- | ଧଇଁସଇଁ | - | ଲୋକଟି ଧଇଁସଇ ହୋଇ ଘରେ ପହଞ୍ଚିଲା। |
| ବି- | ଲକର୍‌ପକର୍ | - | ଲୋକ୍ ନେ ଲକର୍ ଧକର୍ ହେକେ ଘର୍ ଆଏସ୍। |
| ଓ- | ଧରିବା | - | ମାଛ ଧରିବା କେଉଁଟ ମାନଙ୍କର ବୃତ୍ତି ଅଟେ। |
| ବି- | ଧେରବା | - | ମଛଲି ଧେର୍‌ବା କେଉଁଟା ମନ୍‌କେ ପେଷା ଏ। |
| ଓ- | ଧରାଧରି | - | ପିଲାଏ ଧରାଧରି ହୋଇ ଖେଳନ୍ତି। |
| ବି- | ଧେରାଧେରି | - | ଛୁଆମନ୍ ଧେରାଧେରି ହେକେ ଖେଲ୍‌ଥେ। |
| ଓ- | ଧନ୍ଦା | - | ସ୍କୁଲ ମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ୍। |
| ବି- | ଧେନ୍ଦା | - | ଇସ୍‌କୁଲ୍ ମନ୍ କେ ଧନ୍ଦା ଶିଖାବାର୍ ଶିକ୍ଷା ଦେବାର୍ କଥା। |
| ଓ- | ଧନ୍ୟ | - | ଦେଶ ପାଇଁ ପ୍ରାଣବଳୀ ଦେଉଥିବା ଲୋକ ଧନ୍ୟ। |
| ବି- | ଧଇନ୍ | - | ଦେଶ୍ କଳେଇଂ ଜୀବନ୍ ଦେବା ଲୋକ୍‌ଟା ଧଇନ୍ ଏ। |
| ଓ- | ଧନୀ | - | ଧନୀମାନେ ଗରିବଙ୍କ କଥା ଶୁଣିବା ଉଚିତ୍। |
| ବି- | ଧନୀ | - | ଧନୀମନ୍ ଗରିବ୍ ଲୋକ୍‌କେ ବାତ୍ ଶୁନ୍‌ବା ବନେଏ। |

ଓ- ଧାର - ଗାଁର ଲୋକେ ଧାର ଉଧାର କରି ଚଳନ୍ତି।

ବି- ଉଧାର - ଗାଁକେ ଲୋକମନ୍ ଉଧାର୍ କର୍‌କେ ଚଲ୍‌ଥେ।

ଓ- ଧାନ - ବାସୁମତୀ ଧାନ ଚାଷ ଏକ ଲାଭଜନକ କୃଷି କାର୍ଯ୍ୟ।

ବି- ଧାନ - ବାସମତୀ ଧାନ୍ ଚାଷ୍ କମାବାଟା ଗୋଟେକ୍ ବନେ ଲାଭ୍ ଚାଷ ଏ।

ଓ- ଧିର - ଧିର ପାଣି ପଥର କାଟେ।

ବି- ଧିର୍ - ଧିର ପାଏନ୍ ପାଖୁନ୍ କାଠ୍ ଥେ।

ଓ- ଧୂଆଁ - ନିମ୍ବ ପତ୍ର ଧୂଆଁ, ମଶା ଘଉଡ଼ାଏ।

ବି- କୁହୁଲା - ଲିମ୍ ପତର୍ କେ କୁହୁଲା, ଗୁଣିଁଆ ଖେଦ୍‌ଥେ।

ଓ- ଧୂଆଁଳିଆ - ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଏ।

ବି- ଧୂଳିଆ - ଘାମ୍ ଦିନ୍‌ନେ ଆକାଶ୍ ଧୂଳିଆ ଦେଖାଯାଥେ।

ଓ- ଧୂପ - ପୂଜକ ଧୂପ ଦେଇ ପୂଜା କରନ୍ତି।

ବି- ଧୂପ୍ - ପୂଝାରୀ ଧୂପ୍ ଦେକେ ପୂଜା କର୍‌ଥେ।

ଓ- ଧୂଏ - ସକାଳେ ଉଠି ମୁଁ ମୁହଁ ଧୂଏ।

ବି- ଧୂଥଁ - ସକାଲ୍ ନେ ଉଠ୍ କେ ମେଁ ମୁହୁଁ ଧୋଥଁ।

ଓ- ଧୂଳି - ମାଟି ରାସ୍ତାରେ ଖୁବ୍ ଧୂଳି ଉଡ଼େ।

ବି- ଧୂଏଲ୍ - ମାଟି ସଡ଼କ୍‌ନେ ଅଡ଼୍‌ବଡ଼୍ ଧୂଏଲ୍ ଉଡ଼୍‌ଥେ।

ଓ- ଧୂଳିଝାଡ଼ି - ପିଲାଟି ଧୂଳିଝାଡ଼ି ଉଠିପଡ଼ିଲା।

ବି- ଧୁର୍ଗା ଝର୍‌ରାଏ - ଛୁଆଟା ଧୁର୍ଗା ଝର୍‌ରାଏ କେ ଉଠେସ୍।

ଓ- ଧ୍ୱଂସ - ପରମାଣୁ ବୋମା କ୍ଷଣିକେ ମଧ୍ୟରେ ସବୁ ଧ୍ୱଂସ କରେ।

ବି- ଧ୍ୱଂସ୍ - ପରମାଣୁ ବୋମା ଛନେକ୍ ଘଡ଼େକ୍ ନେ ସବ୍ ଧ୍ୱଂସ୍ କର୍‌ଦେଥେ।

ଓ- ନଈ - ମୁଁ ଆମ ଗାଁ ନଈରେ ପହଁରା ଶିଖିଛି।

ବି- ଜୋର୍ ନନ୍ଦି - ମେଁ ହାମର୍ ଗାଁକେ ଜୋର୍ ନେ ତଅଁରବା କେ ଶିଖେ ହଁ।

## 'ନ'

| | | | |
|---|---|---|---|
| ଓ- | ନଈବନ୍ଧ | - | ନଈବଢ଼ିବେଳେ ନଈବନ୍ଧ ଭାଙ୍ଗିଯାଏ। |
| ବି- | ନନ୍ଦିବନ୍ଧା | - | ଟୁଣାଁ ଆନେ ନନ୍ଦିବନ୍ଧା ଫୁଟ୍ ଯଥେ। |
| ଓ- | ନଈବଢ଼ି | - | ନଈବଢ଼ି ଆମ ରାଜ୍ୟର ଏକ ବଡ଼ ବିପତ୍ତି। |
| ବି- | ଟୁଣାଁ | - | ଟୁଣାଁ ହାମର୍ ରାଜ୍‌କେ ଗୋଟେକ୍ ବଡ଼ଖା ବିପ୍‌ତି ଏ। |
| ଓ- | ନକ୍ସା | - | ଇଂଜିନିୟର ଆସି ବିଦ୍ୟାଳୟର ନକ୍ସା ପ୍ରସ୍ତୁତ କଲେ। |
| ବି- | ନକ୍ସା | - | ଇଂଜିନିୟର୍ ଆକେ ଇସ୍‌କୁଲ୍‌କେ ନକ୍ସା କେ ବନାଏସ୍। |
| ଓ- | ନଜର | - | ଶିକ୍ଷକ ପ୍ରତି ପିଲା ଉପରେ ନଜର ରଖନ୍ତି। |
| ବି- | ନେଘା | - | ଗୁରୁଜୀ ସବେ ଛୁଆମନ୍ କେ ଉପର୍‌ନେ ନେଘା ରାଖ୍‌ଥେ। |
| ଓ- | ନଟୁ | - | ପିଲାମାନେ ନଟୁ ଖେଳକୁ ଭଲ ପାଆନ୍ତି। |
| ବି- | ଭଅଁରା | - | ଛୁଆମନ୍ ଭଅଁରା ଖେଲବାର୍ କଜେଂ ବନେପାଥେ। |
| ଓ- | ନଡ଼ିଆ | - | ନଡ଼ିଆ କତାରେ ଦଉଡ଼ି ତିଆରି ହୁଏ। |
| ବି- | ନଢେଲ | - | ନଢେଲ ବୁଜ୍ ନେ ଡ଼ୋର୍ ତିଆର୍ ହଥେ। |
| ଓ- | ନବମ | - | ଦୌଡ଼ ଖେଳରେ ରୀତା ନବମ ସ୍ଥାନରେ ରହିଲା। |
| ବି- | ନବମ | - | କୁଦ୍ ବା ଖେଲ୍ ନେ ରୀତା ନବମ ଜାଗାନେ ରେହେସ୍। |
| ଓ- | ନଳ | - | ନଳକୂପ ପାଣି ପିଇବା ନିରାପଦ। |
| ବି- | କଲ୍‌ଚୁଆଁ | - | କଲଚୁଆଁ କେ ପାନି ପିବାର୍‌ଟା ନିରାପଦ ଏ। |
| ଓ- | ନଷ୍ଟ | - | ଖାଦ୍ୟ ଦ୍ରବ୍ୟ ଆଦି ନଷ୍ଟ କର ନାହିଁ। |
| ବି- | ଖଇତା | - | ଖବା ଦରବ୍ କେ ଖଇତା ନି କର୍। |
| ଓ- | ନାଲି | - | ସଂନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ। |
| ବି- | ଲାଲିହା | - | ବେଲ୍‌ବୁଡ଼୍‌ତିକେ ବେଲ୍ ଲାଲିହା ଦିକ୍‌ଥେ। |
| ଓ- | ନାଳ | - | ନାଳରେ ପାଣି ଦୂରକୁ  ନିଆଯାଏ। |
| ବି- | ବର୍‌ହା | - | ବର୍‌ହାନେ ପାନି ଧୂରିଆକେ ନିଆଯଥେ। |

ଓ- ନାତୁଣୀ - ମୋର ଗୋଟିଏ ନାତୁଣୀ ଅଛି।

ବି- ନାତେନ୍ - ମୋର୍ ଗୋଟେକ୍ ନାତେନ୍ ଏହେ।

ଓ- ନାଶ - ଦୁଷ୍ଟର ସର୍ବନାଶ ହୋଇଯାଏ।

ବି- ନାଶ - ଦୁଷ୍ଟ ଲୋକ୍‌କେ ସରବ୍‌ନାଶ୍ ହେ ଯଥେ।

ଓ- ନାମ - ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ।

ବି- ନାଁ - ବନେ ଦାମ୍‌କିଆ ସୁନା ଲେ ବନେ ନାଁଟା ଅଇନ୍ ଏ।

ଓ- ନାରଖାର - ଅବାଧ୍ୟ ପୁତ୍ର ସଂପତ୍ତି ନାରଖାର କରେ।

ବି- ନାର୍‌ଖାର୍ - ବେଚ୍‌ଲନିଆ ଛୁଆଟା ସମ୍ପତି କେ ଖୁରୁପ୍ ନାଶ୍ କର୍‌ଥେ।

ଓ- ନାରିକେଲ - କେରଲ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି।

ବି- ନଡ଼ିଆ - କେରଲ୍ ରାଇଜ୍‌ନେ ଜବର୍ ନଡ଼ିଆ ଗଛ୍ ଏହେ।

ଓ- ନାତି - ରବିବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢ଼େ।

ବି- ନାତି - ରବିବାବୁକେ ନାତି ଛେ ଗିଲାସ୍ ନେ ପଢଥେ।

ଓ- ନା - ଧୂମ୍ର ପାନକୁ ନା କୁହ।

ବି- ଉଁ... - ଧୂଆଁ ପିବାକେ ଉଁ କୋହୋ।

ଓ- ନାଚିନାଚି - ଲହଡ଼ି ନାଚିନାଚି କୂଳରେ ପିଟି ହୁଏ।

ବି- ନାଚତ୍‌ନାଚତ୍ - ଲହରା ଟା ନାଚତ୍ ନାଚତ୍ ଖେଁଣ୍ ନେ ପିଟି ହଥେ।

ଓ- ନାଗରିକ - ଆମେ ଭାରତର ନାଗରିକ ଅଟୁ।

ବି- ପର୍‌ଜା - ହାମେ ଭାରତ୍ କେ ପର୍‌ଜା ଆଁ।

ଓ- ନାନା - ସେ ମୋତେ ନାନା କଟୁ କଥା କହିଲା।

ବି- ଅନେକ୍ - ଉଂ ମଖେଁ ଅନେକ୍ ଭାଁଡ଼୍‌ଭେସର୍ ଗୋଏଠ୍ କୋହେସ୍।

ଓ- ନାନା - ସେ ମୋତେ ନାନା କଟୁ କଥା କହିଲା।

ବି- ଅନେକ୍ - ଉମୋଖେଁ ଅନେକ୍ ଭାଁଡ଼୍‌ଭେସର ଗୋଏଠ୍ କୋହେସ୍।

ଓ- ନାକ - ଦୁର୍ଗନ୍ଧରେ ନାକ ଫାଟି ପଡୁଛି।

| | | | |
|---|---|---|---|
| ବି- | ନାକ୍ | - | ଗନ୍ଧିନେ ନାକ୍ ଫାଏଟ୍ ଯାଆଥେ। |
| ଓ- | ନାଡ଼ି | - | କବିରାଜ ନାଡ଼ି ଦେଖି ରୋଗ ଚିହ୍ନନ୍ତି। |
| ବି- | ଛିର | - | ବଇଦ୍ ନେ ଛିର୍ ଦେଖ୍‌କେ ବେମାର୍ ଚିନ୍‌ଥେ। |
| ଓ- | ନିଜେ | - | ପିଲାମାନେ ନିଜେ ନିଜର ଖାତା ପତ୍ର ସଜାଇ ରଖନ୍ତୁ। |
| ବି- | ଅପନ୍ | - | ପିଲାମନ୍ ନିଜେନିଜେକେ ଖାତା ପତର୍ ସଜାଏ କେ ରାଖେଁ। |
| ଓ- | ନିଦ | - | ଦିନ ବେଳେ ନିଦରେ ଶୋଇବା ଅନୁଚିତ୍। |
| ବି- | ନିନ୍ଦ/ଝୁମ୍‌ରା | - | ଦିନବେଲା ଝୁମ୍‌ରା ନେ ନି ଶୋବା କଥା। |
| ଓ- | ନିୟମ | - | ସମସ୍ତେ  ବିଦ୍ୟାଳୟର ନିୟମ ମାନିବା ଉଚିତ୍। |
| ବି- | ନିୟମ୍ | - | ସବୋଝନ୍ ଇସ୍‌କୁଲ୍‌କେ ନିୟମ୍ ମାନ୍‌ବାର୍ ଟାଏ। |
| ଓ- | ନିର୍ମଳ | - | ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ। |
| ବି- | ଫଟିଙ୍ଗ | - | ଶରତ୍ ଋତୁନେ ନନ୍‌ଦୀ କେ ପାନି ଫଟିଙ୍ଗ୍  ଦିକ୍‌ଥେ। |
| ଓ- | ନିକିତି | - | ଦୋକାନୀ ନିକିତିରେ ଓଜନ କରେ। |
| ବି- | କିଲୋ ତକଡ଼ି | - | ଦୋକାନ୍ ବାଲା କିଲୋତକ୍‌ଡ଼ି ନେ ଓଜନ୍ କର୍‌ଥେ। |
| ଓ- | ନିସ୍ୱ | - | ନିସ୍ୱ ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କର। |
| ବି- | ଗରିବଦୁଃଖି | - | ଗରିବ୍ ଦୁଃଖିକେ ଯେତ୍‌କି ସେକହି ଅତ୍‌କି ସାହାଜ୍ କରୋ। |
| ଓ- | ନିଷ୍ଠା | - | ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ। |
| ବି- | ନିଷ୍ଠା | - | ନିଷ୍ଠା ବଲ୍‌ନେ ନିହେଲା କାମ୍ ହନ୍ ସକ୍‌ଥେ। |
| ଓ- | ନିଷ୍ଫଳ | - | ପରିଶ୍ରମ କେବେ ନିଷ୍ଫଳ ହୁଏନାହିଁ। |
| ବି- | ବେକାର୍ | - | କମାବାର୍ ଟା କଭୁଁ ବେକାର୍ ନି ହଏ। |
| ଓ- | ନିର୍ବାହ | - | ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍। |
| ବି- | ନିପ୍‌ଟାବା | - | ହାମେ ନିଜେ କେ କାମ୍ କେ ନିପ୍‌ଟାବା ଟା ଠିକ୍ ଏ। |
| ଓ- | ନି ଷ୍ପ ତ୍ତି | - | ଦେଶସେବା କରିବାକୁ ସମସ୍ତେ ନିଷ୍ପତି ନେବା। |
| ବି- | ଫଇସଲା | - | ଦେଶ୍‌ସେବାକଜେଙ୍ଗ୍ ସବ୍‌ଝନ୍ ଫଇସଲା ଲେବାଟାଏ। |

| | | | |
|---|---|---|---|
| ଓ- | ନିଷ୍ପକ୍ଷ | - | ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରନ୍ତି। |
| ବି- | ନିଷ୍ପକ୍ଷ | - | ନ୍ୟାୟଦାର୍ ନିଷ୍ପକ୍ଷ ବିଚାର କର୍‌ଥେ। |
| ଓ- | ନିଷେଧ | - | ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ। |
| ବି- | ମନା | - | ସବ୍ ଝନିଆଁ ଜାଗାନେ କାହାଲି ପିବାଟା ମନାଏ। |
| ଓ- | ନିର୍ଦ୍ଦେଶ | - | ଦୁର୍ନିତି ନିବାରଣ ପାଇଁ ସରକାରୀ  ନିର୍ଦ୍ଦେଶ ରହିଛି। |
| ବି- | ଆଦେଶ | - | ଦୁର୍ନୀତି ନିକ୍‌ରାବା କଜେଂ ସର୍‌କାରୀ ଆଦେଶ୍ ଏହେ। |
| ଓ- | ନିଶ୍ଚଳ | - | ସମୀର ହୃଦଘାତରେ ନିଶ୍ଚଳ ହୋଇଛି। |
| ବି- | ଅଚଳ | - | ସମୀର୍ ହୃଦଘାତ୍ ନେ ଅଚଲ୍ ହେ ଯାଏହେ। |
| ଓ- | ନିରୀକ୍ଷଣ | - | ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ନିରୀକ୍ଷଣ କରନ୍ତି। |
| ବି- | ଦେଖଭାଲ୍ | - | ଗୁରୁ ଛୁଆ ପିଲାମନ୍ କେ ଦେଖ୍‌ଭାଲ୍ କର୍‌ଥେ। |
| ଓ- | ନିରୁପଣ | - | ଆସନ୍ତା ବର୍ଷ ଆଳୁଚାଷ କରିବାକୁ ଆମେ ନିରୁପଣ କରିଅଛୁ। |
| ବି- | ଠିକ୍ କର୍‌ବା | - | ଆହି ବରଷ୍ ଆଲୁ ଚାଷ କର୍‌ବା କଜେଙ୍ଗ୍ ହାମେ ଠିକ୍ କରେଁ ହେଁ। |
| ଓ- | ନିତି | - | ମୁଁ ନିତି ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରେ। |
| ବି- | ସବୋଦିନ୍ | - | ମେଁ ସବୋଦିନ୍ ଭଗ୍‌ବାନ୍‌କେ ଅର୍‌ଦଲି କର୍‌ଥୋଁ। |
| ଓ- | ନିଶ୍ଚୟ | - | ଶ୍ରମର ଫଳ ନିଶ୍ଚୟ ମିଳିବ। |
| ବି- | ଜରୁର୍ | - | ଖଟ୍‌ବା କେ ଫଲ୍ ଜରୁର୍ ମିଲ୍‌ହି। |
| ଓ- | ନିର୍ବୋଧ | - | ନିର୍ବୋଧ ମାନେ କିଛି କରିପାରନ୍ତି ନାହିଁ। |
| ବି- | ବେଡ଼ା | - | ବେଡ଼ା ଲକ୍‌ମନ୍ କହିଁ କରନ୍ ନିସେକେ। |
| ଓ- | ନିଆଁ | - | ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ। |
| ବି- | ଜୋଏ | - | ଅମ୍ଳଜାନ ଜୋଏ ଜାଲ୍‌ବାକେ ସାହାଜ୍ କର୍‌ଥେ। |
| ଓ- | ନିକାଞ୍ଚନ | - | ନିକଂଚନ ଜାଗାରେ ମୋତେ ଶାନ୍ତି ମିଳେ। |
| ବି- | ସୁନ୍‌ସାନ୍ | - | ସୁନ୍‌ସାନ୍ ଜାଗାନେ ମୋଖେଁ ଶାନ୍ତି ମିଲ୍‌ଥେ। |
| ଓ- | ନିଲାମ | - | ଜବତ ହୋଇଥିବା  ଗାଡ଼ି ନିଲାମ କରାଯିବ। |

| | | | |
|---|---|---|---|
| ବି- | ନିଲାମ୍ | - | ପକ୍ଡ଼ା ଯାଏ ରେଥେ ଗାଡ଼ିକେ ନିଲାମ୍ କରାଯହି। |
| ଓ- | ନିମନ୍ତ୍ରଣ | - | ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ। |
| ବି- | ନେଉତା | - | ମୋର୍ ଜନମ୍ ଦିନ୍ ନେ ଲୋକଜନ୍ ମନ୍‌କେ ନେଉତ୍‌ଥୋଁ । |
| ଓ- | ନିର୍ଣ୍ଣୟ | - | ପ୍ରତିଟି କାର୍ଯ୍ୟ କିପରି  କରାଯିବ ତାହା ଆମେ ନିର୍ଣ୍ଣୟ କରିବା। |
| ବି- | ବାଚ୍‌ଥୋଁ | - | ସବୋକାମ୍ କେନ୍‌ତା କର୍‌ବାଟାଏ ଅଗେଁ ହାମେ ବାଛବ୍। |
| ଓ- | ନିଜର | - | ନିଜେ ନିଜର ପ୍ରସଂସା କରିବା ଅନୁଚିତ୍। |
| ବି- | ନିଜ୍‌କେ | - | ନିଜେ ନିଜ୍‌କେ ବନେ କୋବାଟା ଅନୁଚିତ୍‌ଏ।। |
| ଓ- | ନିର୍ଦ୍ଦିଷ୍ଟ | - | ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ। |
| ବି- | ନିର୍ଦ୍ଦିଷ୍ଟ | - | ସବ୍ ପରଶନ୍ କେ ଗୋଟେକ୍ ନିର୍ଦ୍ଦିଷ୍ଟ ଉତ୍ତର୍ ରେଥେ। |
| ଓ- | ନିଃଶ୍ୱାସ | - | ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ। |
| ବି- | ନିଶାସ୍ | - | ନିନାଶ୍ ପବନ୍‌ନେ ବନେଚ୍ ଅଙ୍ଗାରକାମ୍ଳ ରେଥେ। |
| ଓ- | ନିୟନ୍ତ୍ରଣ | - | ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି। |
| ବି- | ରୋକ୍‌ବା | - | ହୀରାକୁଦ୍ ବନ୍ଧା ଟୁଣାଁ ରୋକ୍‌ବା କଜେଙ୍ଗ୍ ତିଆର୍ ହେହେ। |
| ଓ- | ନୀଡ଼ | - | ବାଇଚଢ଼େଇ ଝଡ଼ବର୍ଷା ବେଳେ ନୀଡ଼ରେ ଝୁଲୁଥାଏ। |
| ବି- | ଗୁଡ଼ା | - | ଖର୍ଦ୍ଦିଆ ଚିର୍‌ଇ ବର୍ଷାପାନିକେ ଗୁଡ଼ାନେ ଝୁଲତ୍ ରେଥେ। |
| ଓ- | ନୀତି | - | ସମାଜର ନୀତିନିୟମ ପାଳନ କରିବା ଉଚିତ୍। |
| ବି- | ନୀତି | - | ସମାଜ୍ କେ ନୀତିନୀୟମ୍  କେ ମାଏନ୍ କେ ଚଲ୍‌ବାଟା ଏ। |
| ଓ- | ନୀଳ | - | ନୀଳ ଆକାଶରେ ବାଦଲ ଭାସେ। |
| ବି- | ନୀଲିଆ | - | ନୀଲିଆ ଆକାଶ୍‌ନେ ବାଦଲ୍ ରେଙ୍ଗ୍‌ଥେ। |
| ଓ- | ନୀରବ | - | ବିଦ୍ୟାଳୟରେ ନୀରବତା ରକ୍ଷା କରୁ। |
| ବି- | ଚୁପ୍‌ଚାପ୍ | - | ଇସ୍‌କୁଲ୍‌ନେ ହାମେ ଚୁପ୍‌ଚାପ୍ ପ୍ରାର୍ଥନା କର୍‌ଥୁଁ। |
| ଓ- | ନୂଆଁ | - | ପଶ୍ଚିମ ଓଡ଼ିଶାରେ ନୂଆଖାଇ ପାଳନ କରନ୍ତି। |
| ବି- | ନୂଆଁ | - | ପଶ୍ଚିମ୍ ଓଡ଼ିଶାନେ ନୂଆଁଖାଇ ମାନ୍‌ଥେ। |

| | | | |
|---|---|---|---|
| ଓ- | ନୂଆଁଣିଆ | - | ଗାଁ ଗହଳିରେ ନୂଆଁଣିଆ ଚାଳଘର ଥାଏ। |
| ବି- | ନୂଆଁ | - | ଗାଁ ଗଡ଼ାକେ ନୁଆଁ ଚ୍ଚଲଘର୍ ରେଥେ। |
| ଓ- | ନୂଆନୂଆ | - | ମାମୁଁ ଘରେ ମୋତେ ନୂଆ ନୂଆ ଲାଗେ। |
| ବି- | ନୁଆ ନୁଆ | - | ମାମା ଘର୍ ମୋଖେଁ ନୁଆ ନୁଆ ଲାଗ୍‌ଥେ। |
| ଓ- | ନୂତନ | - | ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣିଦିଏ। |
| ବି- | ନୁଆଁ | - | ନୁଆଁ ବଚ୍ଛର୍ ହାମର୍ କଲେଇଂ ଖୁସ୍ ଆନ୍ ଦେଥେ। |
| ଓ- | ନେଉଳ | - | ନେଉଳ ସାପ ସହିତ ଲଢ଼େଇ କରେ। |
| ବି- | ନେଉରା | - | ନେଉରା ସାଁପ୍ ସଙ୍ଗ୍‌ନେ ଲଢ଼୍‌ଥେ। |
| ଓ- | ନେତା | - | ଆମ ରାଜ୍ୟରେ ସଚ୍ଚୋଟ ନେତା ମାନଙ୍କ ଅଭାବ ଅଛି। |
| ବି- | ନେତା | - | ହାମର୍ ରାଇଜ୍ ନେ ଅଇନ୍ ନେତା କେ ଅଭାବ୍ ହେ। |
| ଓ- | ନେତୃତ୍ୱ | - | ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶାସନର ନେତୃତ୍ୱ ନିଅନ୍ତି। |
| ବି- | ଦେଖାରେଖା | - | ରାଇଜ୍‌ନେ ମୁଖ୍ୟମନ୍ତ୍ରୀ ଶାସନ୍ କେ ଦେଖାରେଖା କର୍‌ଥେ। |
| ଓ- | ନେହୁରା | - | ଜିଲ୍ଲାପାଳଙ୍କ ଠାରେ ଲୋକେ ନେହୁରା ହୁଅନ୍ତି। |
| ବି- | ଅର୍‌ଦଲି | - | ଜିଲ୍ଲାପାଲ୍‌ଲଗା ଲୋଗ୍‌ମନ୍ ଅର୍‌ଦଲିକର୍‌ଥେ। |

## 'ପ'

| | | | |
|---|---|---|---|
| ଓ- | ପତାକା | - | ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ। |
| ବି- | ପତ୍‌କା | - | ତ୍ରିର୍‌ଙ୍ଗା ହାମର୍ ଜାତୀୟ ଝଣ୍ଡା ଏ। |
| ଓ- | ପଶୁ | - | ଗାଈ ଏକ ଗୃହପାଳିତ ପଶୁ ଅଟେ। |
| ବି- | ପଶୁ | - | ଗୋରୁ ଗୋଟେକ୍ ଘରେଁ ପୋଷ୍‌ବା ପଶୁ ଏ। |
| ଓ- | ପଲ | - | ଗୋରୁ ପଲ ସନ୍ଧ୍ୟାରେ ଫେରେ। |
| ବି- | ଗୋହଡ଼ି | - | ଗୋରୁ ଗୋହଡ଼ି ବେଲ୍‌ବୁଡ଼ା ନେ ଫିର୍ ଥେ। |
| ଓ- | ପକ୍ଷୀ | - | ପକ୍ଷୀମାନେ ବୁଣନ୍ତି ନାହିଁ କିମ୍ବା କାଟନ୍ତି ନାହିଁ। |
| ବି- | ଚିରଇ | - | ଚିରଇ ମନ୍ ନିବୁନେ କି ନି କାଟେ। |

| | | | |
|---|---|---|---|
| ଓ- | ପବନ | - | ଦକ୍ଷିଣାପବନ ଦେହକୁ ଥଣ୍ଡା ଲାଗେ। |
| ବି- | ଧୁକା | - | ଦଖିନ୍ ଧୂକା ଦେହେଁକେ କାଁକଁର ଲାଗ୍ଥେ। |
| ଓ- | ପଗଡ଼ି | - | ଶିଖ ଲୋକ ମୁଣ୍ଡରେ ପଗଡ଼ି ବାନ୍ଧନ୍ତି। |
| ବି- | ପାଗା | - | ପନ୍ଜାବି ଲୋଗ୍ମନ୍ ମୁଡ୍ନେ ପାଗା ବାନ୍ଥେ। |
| ଓ- | ପରାଣ | - | ସହିଦ୍ ମାନେ ଦେଶ ପାଇଁ ପରାଣ ଦିଅନ୍ତି। |
| ବି- | ଜୀବନ୍ | - | ସହିଦ୍ ଲୋଗ୍ ଦେଶ୍ କଜେଙ୍ଗ୍ ଜୀବନ୍ ଦେଥେ। |
| ଓ- | ପଥର | - | ପଥରରେ ପୁନାଦି ତିଆରି ହୁଏ। |
| ବି- | ପାଖୁନ୍ | - | ପାଖୁନ୍ ନେ ଲୋଢା ବନା ଯଥେ। |
| ଓ- | ପର୍ବ | - | ଓଡ଼ିଶାରେ ଅନେକ ପର୍ବପର୍ବାଣି ପାଳିତ ହୁଏ। |
| ବି- | ତିହାର୍ | - | ଓଡ୍ଶାନେ ରକମ୍ର କମ୍ କେ ତିହାର୍ ମନାଯଥେ। |
| ଓ- | ପଡ଼ିବା | - | ତଳେ ପଡ଼ିବା ଖାଦ୍ୟ ଖାଅନାହିଁ। |
| ବି- | ଗିରବା | - | ତଳେନେ ଗିର୍ନେ ଖାନା କେ ନି ଖହି। |
| ଓ- | ପରସ୍ପର | - | ପିଲାଏ ପରସ୍ପର ହାତ ଧରି ଖେଳନ୍ତି। |
| ବି- | ଇକର୍ ଉକର୍ | - | ଛୁଆମନ୍ ଇକର୍ ଉକର୍ ହାଁତ ଧେର୍ କେ ଖେଲ୍ଥେ। |
| ଓ- | ପତ୍ର | - | ତୁଳସି ଦୁଇ ପତ୍ରରୁ ବାସେ। |
| ବି- | ପତର୍ | - | ତୁଲ୍ସି ଦୁଇଟା ପତର୍ ଲେ କହଁର୍ ଥେ। |
| ଓ- | ପରିସ୍ଥିତି | - | ପରିସ୍ଥିତିକୁ ବିଚାର କରି କାର୍ଯ୍ୟ କରିବା ଉଚିତ୍। |
| ବି- | ଅବସ୍ଥା | - | ଅବସ୍ଥାକେ ଭାଏପ୍ କେ କାମ୍ କର୍ବାର୍ଟା ଏ। |
| ଓ- | ପଶୁପାଳନ | - | ପଶୁପାଳନ ଏକ ଲାଭଜନକ ଉଦ୍ୟୋଗ। |
| ବି- | ପଶୁପୋଷବା | - | ପଶୁପୋଷବା ଟା ଗୋଟେକ୍ ବନେ କମାନି ଧନ୍ଦା ଏ। |
| ଓ- | ପଞ୍ଚାୟତ | - | ସରପଞ୍ଚ ପଞ୍ଚାୟତକୁ ଚଳାନ୍ତି। |
| ବି- | ପଞ୍ଚେତ୍ | - | ସରପଁଚ୍ ପଞ୍ଚେତ୍ କେ ଚଲାଥେ। |
| ଓ- | ପରିଚ୍ଛନ୍ନ | - | ପରିଚ୍ଛନ୍ନତା ଦ୍ୱାରା ରୋଗ ହୁଏ ନାହିଁ। |
| ବି- | ସାଫ୍ସୁତ୍ରା | - | ସାଫ୍ସୁତ୍ରା ରେନେ ବେମାରି ନି ହଏ। |

ଓ- ପଶୁସମ୍ପଦ - ପଶୁସମ୍ପଦର ଯତ୍ନ ନେବା ଆବଶ୍ୟକ।
ବି- ପଶୁସମ୍ପଦ - ପଶୁସମ୍ପଦ୍ କେ ଯତନ୍ କର୍‌ବାଟା ଏ।
ଓ- ପରାମର୍ଶ - ପିତାମାତଙ୍କର ପରାମର୍ଶ ଗ୍ରହଣ କର।
ବି- ମାଏନ୍‌କେ - ଆୟାବୁଆ ମନ୍‌କେ କଥାବାର୍ତ୍ତା ଗ୍ରହଣ କରହି।
ଓ- ପରିବହନ - ଯାତ୍ରୀ ପରିବହନ ପାଇଁ ବସ ରହିଛି।
ବି- ଲେବାଆନ୍‌ବା - ଲୋଗ୍ ଲେବାଆନ୍‌ବା କଜେଂ ବସ୍ ଗାଡ଼ି ଏହେ।
ଓ- ପହଁରି - ମୁଁ ନଦୀ ପହଁରି ସେ ପାରିକି ଗଲି।
ବି- ତଅଁର୍ - ମେଁ ନନ୍‌ଦୀ ତଅଁର୍ କେ ଓ ଖେଁଣ୍ କେ ଯାଏଁ।
ଓ- ପହଁଞ୍ଚ - ମଙ୍ଗଳ ଗ୍ରହ ମନୁଷ୍ୟ ପହଁଞ୍ଚ ଦୂରତାରେ ନାହିଁ।
ବି- ପହୁଁଚ୍ - ମଙ୍ଗଳ ଗ୍ରୋହଟା ଲୋଗ୍  ପହୁଁଚ୍‌ବାଟା ଧୁରିଆ ନିଏ।
ଓ- ପରିବା - ଶୀତ ଦିନେ ପରିବା ଦର କମ୍ ରହେ।
ବି- ଶାଗ୍ - ଜାଡ଼ ଦିନ୍‌ନେ ଶାଗ୍ ସବ୍‌ଜି କେ ଦାମ୍ କମ୍ ରେଥେ।
ଓ- ପରିବେଶ - ସୁସ୍ଥ ପରିବେଶ ସୁସ୍ଥ ଦେଶ।
ବି- ପରିବେଶ - ସୁସ୍ଥ ପରିବେଶ୍ ସୁସ୍ଥ ଦେଶ୍।
ଓ- ପରୋପକାର - ପରୋପକାର ପରମ ଧର୍ମ।
ବି- ପର୍‌କେଉପ୍‌କାର୍ - ପର୍‌କେଉପକାର୍ କର୍‌ବାର୍‌ଟା ଧରମ୍ ଏ।
ଓ- ପରିଷ୍କାର - ଗାଁ ଦାଣ୍ଡ ପରିଷ୍କାର ରଖ।
ବି- ସଫାସୁତୁରା - ଗାଁ ଖୋଏଲ୍ ସଫାସୁତୁରା ରାଖୋ।
ଓ- ପରମେଶ୍ୱର - ପରମେଶ୍ୱର ଆମର ଜନ୍ମଦାତା।
ବି- ଭଗ୍‌ବାନ୍ - ଭଗ୍‌ବାନ ହାମ୍‌ର୍ ଜଜନ୍ ନେବା ବାଲା ଏ।
ଓ- ପଥରଦିଅଁ - ମନ୍ଦିରରେ ପଥରଦିଅଁ ପୂଜା ପାଆନ୍ତି।
ବି- ପଖନାଦେଉଁତା - ମନ୍ଦିର୍‌ନେ ପଖ୍‌ନାକେ ଦେବ୍‌ତା ପୂଜା ପାଥେ।
ଓ- ପଦାକରିବା - ଲଟାବୁଦା ପଦାକରିବା ଦ୍ୱାରା ମଶା ଧ୍ୱଂସ ହୁଏ।
ବି- ସାଫ କରବା - ଲଟାବୁଦା ସଫାକର୍‌ନେ ଗୁଁଡ଼ିଆ ନିରହେ।

| | | | |
|---|---|---|---|
| ଓ- | ପରି | - | ଆମ ଦେଶ ପରି ସୁନ୍ଦର ଦେଶ ପୃଥିବୀରେ ନାହିଁ। |
| ବି- | ରେଇଙ୍ | - | ହାମର୍ ଦେଶ୍‌ରେଇଙ୍ ସୁନ୍ଦର୍‌ଦେଶ୍ ଇ ସଂସାର୍ ନେ ନିଏ। |
| ଓ- | ପଲ୍ଲବ | - | ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ। |
| ବି- | କଷିଁ | - | ଗଛ୍‌ନେ କଷିଁ ବନେ ଦେଖାଯଥେ। |
| ଓ- | ପଲ୍ଲୀ | - | ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ। |
| ବି- | ଗାଁ ଗଣ୍ଡା | - | ଫସଲ୍ ଲୁଆ ମିଶା ସଁମେଁନେ ଗାଁ ଗୋଡ଼ା ହାଁସତ୍ ରେଥେ। |
| ଓ- | ପତ୍ନୀ | - | ପତୀ ପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି। |
| ବି- | ଡ଼ୋକି | - | ଡୋକି ଡୋକା ଛୁଆପିଲା ମନ୍‌କେ ଯତନ୍ ପାତନ୍ କର୍‌ଥେ। |
| ଓ- | ପଚାସଢ଼ା | - | ପଚାସଢ଼ା ଖାଦ୍ୟ ଶରୀର କ୍ଷତି କରେ। |
| ବି- | ସଢ଼ାସୁଡ଼ି | - | ସଢ଼ାସୁଡ଼ି ଖାନା ଦେହେଁ କେ ହାନି କର୍‌ଥେ। |
| ଓ- | ପଶୁପକ୍ଷୀ | - | ଅନେକ ପଶୁପକ୍ଷୀ ଆମ ସଙ୍ଗେ ବାସକରନ୍ତି। |
| ବି- | ଜୋଁତଚରେଇ | - | ଜତକ୍ ପତକ୍ ଜୋଁତ୍ ଚରେଇ ହାମର୍ ସଙ୍ଗ୍‌ନେ ବସା କର୍‌ଥେ। |
| ଓ- | ପଚରାପଚରି | - | ଚୋର ଧରିବା ପାଇଁ ପୋଲିସ ପଚରା ପଚରି କରନ୍ତି। |
| ବି- | ପୁଛାପୁଛି | - | ଚୋର୍‌ଧେର୍‌ବା କଜେଂ ପୁଲୁସ୍ ପୁଛାପୁଛି କର୍‌ଥେ। |
| ଓ- | ପହଁଞ୍ଚିବା | - | ଟ୍ରେନ୍ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ। |
| ବି- | ପହୁଁଚବା | - | ରେଲ୍‌ଗାଡ଼ି ଧେର୍‌ବା କଲେଙ୍ ଠିକ୍ ସିମିଆନେ ପହୁଁଚ୍‌ବା କେ ପଡ଼୍‌ହି। |
| ଓ- | ପରୀକ୍ଷା | - | ପ୍ରତ୍ୟେକ ଛାତ୍ର ପରୀକ୍ଷାର ସମ୍ମୁଖିନ ହେବା ଉଚିତ୍। |
| ବି- | ପରିକ୍ଷା | - | ସବ୍ ପିଲାମନ୍ ପରିକ୍ଷାକେ ସମ୍ମୁଖିନ୍ ହବା କଥା। |
| ଓ- | ପଙ୍କ | - | ଘୁଷୁରି ପଙ୍କରେ ଲୋଟେ। |
| ବି- | ଚିଖଲ୍ | - | ଘୁଷୁଁରା ଚିଖଲ୍ ନେ ଉଁଡ଼ଲ୍ ଥେ। |
| ଓ- | ପଶ୍ଚିମଦିଗ | - | ପଶ୍ଚିମ ଦିଗରେ ସୂର୍ଯ୍ୟ ଅସ୍ତ ହୁଏ। |
| ବି- | ପଚିମ ଦିଗ୍ | - | ପଚିମ୍ ଦିଗ୍‌ନେ ବେଲ୍ ବୁଡ଼୍ ଥେ। |
| ଓ- | ପରିଦର୍ଶିକା | - | ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କରନ୍ତି। |
| ବି- | ପରିଦର୍ଶିକା | - | ପରିଦର୍ଶିକା ଇସ୍‌କୁଲ୍ ଜାଂଚ୍ କର୍‌ଥେ। |

| | | | |
|---|---|---|---|
| ଓ- | ପଦଚାରୀ | - | ପାଦଚାରୀ ମାନେ ରାସ୍ତାରେ ବାମ ପଟେ ଚାଲନ୍ତି। |
| ବି- | ରେଙ୍ଗାଇୟା | - | ରେଙ୍ଗ୍ ବା ମନ୍‌ଷେ ମନ୍ ସଡ଼କ୍ କେ ଡ଼େବ୍‌ରି ଫାଖ୍ ରେଙ୍ଗ୍‌ଥେ। |
| ଓ- | ପସନ୍ଦ | - | ମୁଁ ମିଥ୍ୟା କହିବା ପସନ୍ଦ କରେନାହିଁ। |
| ବି- | ପସନ୍ଦ୍ | - | ମେଁ ଅସତ୍ କବା କଲେଙ୍ଗ ପସନ୍ଦ ନି କରୋଁ। |
| ଓ- | ପଦ୍ୟାନ୍ତ | - | ଗୀତଟିର ପଦ୍ୟାନ୍ତ ବେଶ ହୃଦୟ ସ୍ପର୍ଶୀ ହୋଇଛି। |
| ବି- | ଛେଦଲାଧାଡ଼ି | - | ଗୀତ୍‌କେ ଛେଦ୍‌ଲା ଧାଡ଼ିଟା ବନେ ମନ୍‌ପସନ୍ଦ୍ ହୋଏ ହେ। |
| ଓ- | ପରପୃଷ୍ଠା | - | ବହିର ପରପୃଷ୍ଠାରେ ହାଟ ବିଷୟରେ ଲେଖାଯାଇଛି। |
| ବି- | ପଛିଲ୍‌ପତା | - | ବହିକେ ପଛିଲ୍‌ପତାନେ ହାଟ୍ କେ ବାବଦ୍ ନେ ଲିଖାଯାଏ ହେ। |
| ଓ- | ପଣସ | - | ପଣସ ଏକ ସୁଆଦିଆ ଫଳ ଅଟେ। |
| ବି- | ଫନସ୍ | - | ଫନସ୍ ଗୋଟେକ୍ ସୁଆଦ ଫାଲ୍ ଏ। |
| ଓ- | ପରିକଳ୍ପନା | - | ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ। |
| ବି- | ସପ୍‌ନା | - | ସୁନ୍ଦର୍ ବଗିଚା କିଷାନ୍ କେ ସପ୍‌ନା ଏ। |
| ଓ- | ପଦ୍ମଫୁଲ | - | ପଦ୍ମ ଫୁଲ ଆମର ଜାତୀୟ ଫୁଲ। |
| ବି- | ପଦମ୍ ଫୁଲ୍ | - | ପଦମ୍ ଫୁଲ ହାମର୍ ଜାତୀୟ ଫୁଲ୍ ଏ। |
| ଓ- | ପଡ଼ିଆ | - | ସ୍କୁଲ  ପଡ଼ିଆରେ ପିଲାଏ ଖେଳନ୍ତି। |
| ବି- | ଟିକରା | - | ଇସ୍‌କୁଲ୍ କେ ଟିକ୍‌ରାନେ ଛୁଆମନ୍ ଖେଲ୍‌ଥେ। |
| ଓ- | ପଙ୍ଖା | - | ଲୋକେ ପଙ୍ଖା ଚଳାଇ ଗରମରୁ ରକ୍ଷା ପାଆନ୍ତି। |
| ବି- | ଧୋକ୍‌ନା | - | ଲୋକ୍‌ମନ୍ ଧୋକ୍‌ନା ଚଲାକେ ଘାମ୍ ନେ ଆରାମ୍ ପାଥେ। |
| ଓ- | ପନ୍ଥା | - | ସଫଳତା ନିମନ୍ତେ ସାଧନା ଏକ ମାତ୍ର ପନ୍ଥା ଅଟେ। |
| ବି- | ବାଟ୍ | - | ସଫଲ୍ ମିଲ୍‌ବାକେ ସାଧନ୍ ଗୋଟେକ୍ ବାଟ୍‌ଏ। |
| ଓ- | ପରଦା | - | କବାଟରେ ପରଦା ଲଗାଯାଏ। |
| ବି- | ଅଲୁଆର୍ | - | ଟାଟିନେ ଅଲୁଆର୍ ଲଗାଯଥେ। |
| ଓ- | ପରିବା | - | ଶୀତ ଦିନେ ପରିବା ଦର୍ କମ୍ ରହେ। |
| ବି- | ଶାଗ୍ | - | ଜାଡ଼୍ ଦିନ୍ ନେ ଶାଗ୍ କେ ଦାମ୍ କମ୍ ରେଥେ। |

| | | | |
|---|---|---|---|
| ଓ- | ପରିବାର | - | ରବିବାବୁ ପରିବାର ନେଇ କଟକରେ ରୁହନ୍ତି। |
| ବି- | କୁଟୁମ୍ | - | ରବିବାବୁ ନେ କୁଟୁମ୍ ବାଟୁମ୍ ଲେକେ କଟ୍‌କ୍ ନେ ରେହେଥେ। |
| ଓ- | ପରିଚ୍ଛଦ | - | ଖରାଦିନେ ପତଳା ପରିଚ୍ଛଦ ଆବଶ୍ୟକ। |
| ବି- | ଛିଡ଼୍‌ହାପଟା | - | ଘାମ୍ ଦିନ୍‌ନେ ପତ୍‌ଲା ଛିଡ଼୍‌ହାପଟା ଦରକାର୍ ଏ। |
| ଓ- | ପନିକି | - | ପନିକିରେ ପରିବା କାଟିବା ସହଜ। |
| ବି- | ପନ୍‌ଖି | - | ପନ୍‌ଖି ନେ ସବ୍‌ଜି କାଟ୍‌ବାଟା ସହଜ୍ ଏ। |
| ଓ- | ପରିଶ୍ରମ | - | ପରିଶ୍ରମ କେବେ ନିଷ୍ଫଳ ହୁଏନାହିଁ। |
| ବି- | କମାବାଟା | - | କମାବାଟା କଭୁ ବେକାର୍ ନି ହଏ। |
| ଓ- | ପଦ୍ଧତି | - | ଉନ୍ନତ ଚାଷ ପଦ୍ଧତି କୃଷକମାନେ ଜାଣନ୍ତୁ। |
| ବି- | ପଦ୍ଧତି | - | ଉନ୍ନତି ପଦ୍ଧତିନେ କିଷାନ୍ ମନ୍ ଜନ୍‌ବା କଥା। |
| ଓ- | ପଚପଚ | - | ବର୍ଷା ଦିନେ ମାଟି ରାସ୍ତା ପଚପଚ ହୁଏ। |
| ବି- | ପଚପଚିଆ | - | ବରଷା ଦିନ୍ ନେମାଟିସଡକ୍ ପଚ୍ ପଚୋ ହଥେ। |
| ଓ- | ପଛପଟ | - | ଆମ ଘର ପଛପଟେ ବରକୋଳି ଗଛଟିଏ ଅଛି। |
| ବି- | ପଛିଲ୍‌ପାର୍ | - | ହାମର୍ ଘର୍‌କେ ପଛିଲ୍‌ପାର୍ ବର୍‌ଗଛ ଗୋଟେକ୍ ହେ। |
| ଓ- | ପହଞ୍ଚିଲେ | - | ମାମୁଁ ଆମ ଘରେ ସକାଳେ ପହଞ୍ଚିଲେ। |
| ବି- | ପହୁଁଚେସ୍ | - | ମମାଁ ହାମର୍ ଘର୍‌କେ ବିହାନେ ପହୁଁଚେସ୍। |
| ଓ- | ପତ୍ର | - | ଶୀତଦିନେ ଗଛରୁ ପତ୍ର ଝଡ଼ିଯାଏ। |
| ବି- | ପତର | - | ଜାଡ଼୍ ଦିନ୍ ନେ ପତର୍ ଟା ଝର୍ ଯଥେ। |
| ଓ- | ପଥୁରିଆ | - | ପଥୁରିଆ ମାଟିରେ ଗଛ ବଢ଼େ ନାହିଁ। |
| ବି- | ପଖନିଆ | - | ପଖ୍‌ନିଆ ମାଟିନେ ଗଚ୍ ନି ବାଢ୍ ହେ। |
| ଓ- | ପଡ଼ିଲା | - | ଭାଡ଼ିରୁ ମାଠିଆଟିଏ ତଳେ ପଡ଼ିଲା। |
| ବି- | ଗିର୍‌ଜବା | - | ପନିହା ପଟ୍‌ନି ଲେ ମଠିଆ ଗିର୍ ପୋରେସ୍। |
| ଓ- | ପଛକୁ | - | ଗାଈଗୋରୁ ପଛକୁ ଚାଲି ଜାଣନ୍ତି ନାହିଁ। |
| ବି- | ପଛିଲଫାଲ | - | ଗାଏଗୋରୁ ପଛିଲ୍ ଫାକ୍‌ଲେ ରେଙ୍ଗନ୍ ନିଜାନେ। |

ଓ- ପଞ୍ଚମ - ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି।

ବି- ପଞ୍ଚମ୍ - ପଞ୍ଚମ୍ କେ ଘର୍‌ନେ ମୋର୍ ସାଙ୍ଗ୍ ରେଥେ।

ଓ- ପରଖି - ସାଇକେଲର ବ୍ରେକ୍ ପରଖି ଦେଖ।

ବି- ଯାଁଚ୍ - ସାଇକେଲ୍ କେ ବ୍ରେକ୍ କେ ଯାଁଚ୍ କେର୍‌କେ ଦେଖ୍।

ଓ- ପଡ଼ିବା - ଆମ୍ବ ପାଚିଲେ ତଳେ ପଡ଼ିବା ଆରମ୍ଭ ହୁଏ।

ବି- ଗିର୍‌ବା - ଆମା ପାକ୍‌ନେ ତଲେ ଗିର୍‌ବାକେ ସୁରୁ ହେଥେ।

ଓ- ପକାଇବା - ମଇଳା ଏଣେତେଣେ ପକାଇବା ଅନୁଚିତ୍।

ବି- ଫେକ୍‌ବା - କଚ୍‌ରା ଯତ୍‌ଖତ୍ ଫେକ୍ ବା ଟା ଅନୁଚିତ୍ ଏ।

ଓ- ପାହୁଣ୍ଡ - ଡେ଼ଙ୍ଗା ଲୋକ ଲମ୍ବା ଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି।

ବି- ପାହାଁ - ଡେ଼ଙ୍ଗ୍ ଲୋଗ୍‌ଟା ଲାମା ଲାମା ପାହାଁ ପକାକେ ରେଙ୍ଗ୍ ଥେ।

ଓ- ପାହାଡ଼ - ଆମ ଗାଁ ପାହାଡ଼ ଉହାଡ଼ରେ ସୂର୍ଯ୍ୟ ଉଏଁ।

ବି- ଡ଼ଙ୍ଗର୍ - ହାମର୍ ଗାଁକେ ଡ଼ଙ୍ଗର୍ ଓଧାନେ ବେଲ୍ ଉଦ୍‌ଥେ।

ଓ- ପାରା - ଘରର ଚାଳ ମାନଙ୍କରେ ପାରା ବାସ କରେ।

ବି- ପେରୁଆ - ଘର୍‌କେ ଚାଲ୍ ତଲ୍‌ନେ ପେରୱା ମନ୍ ବାସା କର୍‌ଥେ।

ଓ- ପାହାଡ଼ିଆ - ପାହାଡ଼ିଆ ଅଞ୍ଚଳ ଚାଷ ପାଇଁ ଅନୁପଯୋଗୀ।

ବି- ପଥ୍‌ରିଆ - ପଥ୍‌ରିଆ ଇଲାକାଟା ଚାଷ୍ କର୍‌ବା କଲେଙ୍ଗ୍ ବନେ ନି ହଏ।

ଓ- ପାଳିବା - ଆମେ ଜାତୀୟ ଦିବସ ଗୁଡ଼ିକ ପାଳିବା ଉଚିତ୍।

ବି- ମାନିବା - ହାମେ ଜାତୀଅ ଦିନ୍ ମନ୍‌କେ ମାନ୍‌ବାଟା ଏ।

ଓ- ପାନୀୟ ଜଳ - ମଫସଲ ଅଞ୍ଚଳରେ ପାନୀୟ ଜଳ ଅଭାବ ରହିଛି।

ବି- ପିବା ପାନି - ଗାଁ ଗୋଡ଼୍‌ହାନେ ପିବା କଜେଙ୍ଗ ପାନି ଅଭାବ୍ ଏହେ।

ଓ- ପାଣି - ପାଣି ଗରମ ହେଲେ ବାଷ୍ପ ହୁଏ।

ବି- ପାନି - ପାନି ତପ୍‌ନେ ଫାପ୍ ହଥେ।

ଓ- ପାଚିଲା - ପାଚିଲା ଆମ୍ବ ତଳେ ପଡ଼େ।

ବି- ପାକନେ - ପାକ୍‌ଲା ଆମା ତଳି ନେ ଗିର୍‌ଥେ।

ଓ- ପାକସ୍ଥଳୀ - ଖାଦ୍ୟ ପାକସ୍ଥଳୀରେ ହଜମ ହୋଇଥାଏ।

ବି- ଚରାପୋଟା - ଖାନା ଚରାପୋଟାନେ ପଚ୍‌ଥେ।

ଓ- ପାଇଖାନା - ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ।

ବି- ବାହିରବୋସବାଠାନ- ସବ୍ ଘର୍‌ନେ ବାହିର୍‌ବୋସ୍‌ବାକେ ଠାନ୍ ରହେବାର ଦର୍‌କାର୍ ଏ।

ଓ- ପାଖରେ - ଗାଁ ପାଖରେ ନଈଟିଏ ବହିଯାଉଛି।

ବି- ତିରନେ - ଗାଁ ତିର୍‌ନେ ନନ୍ଦି ଗୋଟେକ୍ ବୋହଲାଥେ।

ଓ- ପାର୍ଥକ୍ୟ - ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ।

ବି- ଫରକ - ଆଜକାଲ ନନୀ ବାବୁନେ ଫରକ୍ ନିଏ।

ଓ- ପାଟି - ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧିବ।

ବି- ମୁହୁଁ - ରୋଜ୍ ଦାଁତ୍ ନି ରେତ୍ ଲେ ମୁହୁଁ ଗନ୍ଧାଏ।

ଓ- ପଡ଼ୋଶୀ - ପଡ଼ୋଶୀଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କର।

ବି- ଘରତିର - ଘର୍‌ତିର୍‌କେଲୋଗ୍ ସଙ୍ଗ୍‌ନେ ଅଏନ୍ ସଂପର୍କ୍ ରାଖୋ।

ଓ- ପାଖାପାଖି - ଶ୍ରେଣୀରେ ରବି ସହିତ ଆମେ ପାଖାପାଖି ବସୁ।

ବି- ତିରେତିର - ଶ୍ରେଣୀନେ ରବି ସଙ୍ଗେ ତିରେତିର୍ ବୋସ୍‌ଥୋଁ।

ଓ- ପାତି - ଭିକାରୀ ହାତ ପାତି ଭିକ୍ଷା ମାଗେ।

ବି- ହାତଲାମାକେ - ମଙ୍ଗନ୍ ହାତ୍‌ଲାମାକେ ଭିକ୍ ମାଙ୍ଗ୍‌ଥେ।

ଓ- ପାଠାଗାର - ଆମ ଗାଁରେ ନେହେରୁ ପାଠାଗାର ରହିଛି।

ବି- ପାଠାଗାର - ହାମର୍ ଗାଁନେ ନେହେରୁ ପାଠାଗାର୍ ଏହେ।

ଓ- ପାଳି - ଆଜି ମୋର ଶ୍ରେଣୀ ସଜାଇବା ପାଳି ରହିଛି।

ବି- ପାଳି - ଆଜ ମୋର୍ ଶ୍ରେଣୀ ସଜାବା ପାଳି ଏହେ।

ଓ- ପାଳ - ଗାଈ ଗୋରୁ ପାଳ ଖାଆନ୍ତି।

ବି- ପଏଁରା - ଗାଏଗରୁ ପଏଁରା ଖାଥେ।

ଓ- ପାଳୁଛି - ଧରଣୀ ନିଜ କୋଳରେ ଧରି ଆମକୁ ପାଳୁଛି।

ବି- ପୋଷଥେ - ଧରତି ମାଁ ଅକର କୋଳେଁ ଧେରକେ ହାମ୍‌କେ ପୋଷଥେ।

ଓ- ପାଖେ - ମୁଁ ତୁମ ପାଖେ ପାଖେ ରହିଛି।

ବି- ତରାତରା - ମେଁ ତାହାନ୍‌କେ ତରାତରାନେ ରେଥୋଁ।

ଓ- ପାଦତଳେ - ଆମେ ଈଶ୍ୱରଙ୍କ ପାଦ ତଳେ ପ୍ରଣାମ କରୁ।

ବି- ଗୋଡ଼ତଲେଁ - ହାମେ ଭଗୱାନ୍ କେଗୋଡ଼ ତଲେଁ ଜୁହାର୍ କର୍‌ଥୋଁ।

ଓ- ପାଠଶାଳା - ଆଗକାଳରେ ପାଠଶାଳାରେ ପାଠ ପଢ଼ାଯାଉଥିଲା।

ବି- ପାଠଶାଲା - ଅଗିଲ୍‌ଯୁଗ୍‌ନେ ପାଠ୍‌ଶାଲାନେ ପାଠ୍ ପଢା଼ ଜାତ୍ ରେହେସ୍।

ଓ- ପାନେ - ଚୋର ଧରାପଡ଼ିବାରୁ ତାକୁ ପାନେ ଶିକ୍ଷା ମିଳିଲା।

ବି- ଅକଲବୁଦ୍ଧି - ଚୋର୍ ଧେରା ପୋରେସ୍‌ତୋ ଅଖେଁ ଅକଲ୍ ବୁଦ୍ଧି ହେସ୍।

ଓ- ପାଠ୍ୟପୁସ୍ତକ - ସରକାର ମାଗଣାରେ ପାଠ୍ୟପୁସ୍ତକ ଯୋଗାନ୍ତି।

ବି- ପଢ଼ାବହି - ସରକାର୍ ସୋଝେ ପଢ଼ାବହି ଦେଥେ।

ଓ- ପାନ - ବନ୍ୟ ପଶୁ ବନ ଝରଣାରେ ଜଳ ପାନ କରିଥାନ୍ତି।

ବି- ପିଥେ - ଜଙ୍ଗଲ୍ ପଶୁ ଝରନ୍‌କେ ପାନିକେ ପିଥେ।

ଓ- ପାଳନ - କିଛି ଲୋକ ପଶୁପାଳନ କରି ଚଳନ୍ତି।

ବି- ପୋଷକେ - କତକ୍ ଲୋଗ୍ ପଶୁ ପୋଏସ୍ କେ ଚଲ୍‌ଥେ।

ଓ- ପାତ୍ର - ବାଳିକାଟିଏ ଜଳପାତ୍ର ଧରି ନଈକୁ ଯାଉଛି।

ବି- ଠେଁକା - ଛୋକ୍‌ରି ଗୋଟେକ୍ ଠେଁକା ଧେର୍‌କେ ନନ୍ଦି ଯାଥେ।

ଓ- ପରାସ୍ତ - ରାଜା ଯୁଦ୍ଧରେ ପରାସ୍ତ କରି ଫେରି ଆସିଲେ।

ବି- ହାରାଏ - ରାଜା ଲଢ଼ୁଇନେ ହାରାଏକେ ଫିର୍‌ଆଏସ୍।

ଓ- ପାଞ୍ଚଟଙ୍କିଆ - ପାଞ୍ଚଟଙ୍କିଆ ନୋଟ ଈଶତ ଶାଗୁଆ ଦିସେ।

ବି- ପାଁଚରୁପିଆ - ପାଁଚ୍ ରୁପିଆ ଲୋଟ୍ ହର୍‌ହରି ଦିଖ୍‌ଥେ।

ଓ- ପାହାଚ - ବୃଦ୍ଧ ଲୋକଟା ପାହାଚ ଚଢ଼ି ପାରୁନାହାନ୍ତି।

ବି- ପହୁଁଚ - ବୁଢ଼ା ଲୋଗ୍‌ଟା ପହୁଁଚ୍‌କେ ଚେଘନ୍ ନି ସେକତ୍।

| | | | |
|---|---|---|---|
| ଓ- | ପାଇଁ | - | ଦେଶ ପାଇଁ ଆମେ ଜୀବନ ଦେବା। |
| ବି- | କଜେଙ୍ଗ | - | ଦେଶ୍ କଜେଙ୍ଗ୍ ହାମେ ଜୀବନ୍ ଦେଦହବ୍। |
| ଓ- | ପାଖରୁ | - | ପାଖରୁ ପାହାଡ଼ ଅସୁନ୍ଦର ଦିଶେ। |
| ବି- | ଡରାଲେ | - | ଡରାଲେ ପାହାଡ଼୍ ଅଇନ୍ ନି ଦିଖେ। |
| ଓ- | ପାକୁଆ | - | ପାକୁଆ ପାଟିରେ ଚଣା ଖାଇହୁଏନାହିଁ। |
| ବି- | ଭୋବଲା | - | ଭୋବଲା ମୁହୁଁନେ ଚନା ଖାନ୍ ନିସେକାଏ। |
| ଓ- | ପ୍ୟାରେଡ଼ | - | ପୋଲିସମାନେ ସକାଳେ ପ୍ୟାରେଡ଼ କରନ୍ତି। |
| ବି- | ପେରେଟ | - | ପୁଲୁସ୍‌ମନ୍ ସେକ୍‌ଲିଆ ପେରେଟ୍ କରଥେ। |
| ଓ- | ପିଚକାରୀ | - | ଲୋକେ ପିଚକାରୀ ମାରି ହୋଲି ଖେଳନ୍ତି। |
| ବି- | ପିଚ୍‌କାରୀ | - | ଲୋଗମନ୍ ପିଚ୍‌କାରୀ ମାର୍‌କେ ହୋଲେ ଖେଲ୍‌ଥେ। |
| ଓ- | ପିଡ଼ିଆ | - | ଗାଈକୁ ପିଡ଼ିଆ ଦେଲେ ଭଲ କ୍ଷୀର ଦିଏ। |
| ବି- | ଖରହି | - | ଗାଏକେ ଖର୍‌ହି ଦେନେ ବନେ ଗୋରସ୍ ଦେଥେ। |
| ଓ- | ପିଣ୍ଡୁଳା | - | ଦେହରେ ମାଂସ ପିଣ୍ଡୁଳାଟିଏ ବଢ଼ିଚାଲିଛି। |
| ବି- | ମସା | - | ଦେହେଁନେ ମସା ଗୋଟେକ ବଢ଼ହତ୍ ବଢ଼ହତ୍ ଯାଥେ। |
| ଓ- | ପିତାମାତା | - | ପିତାମାତା ଆମର ପ୍ରଥମ ଗୁରୁ ଅଟନ୍ତି। |
| ବି- | ଆୟାବୁଆ | - | ଆୟାବୁଆ ହାମର୍ ପହେଲି ଗୁରୁଏ। |
| ଓ- | ପିଠି | - | ଘୋଡ଼ା ପିଠିରେ ବସି ରାଜା ଭ୍ରମଣରେ ଯାଆନ୍ତି। |
| ବି- | ପିଟ | - | ଘୋଡ଼ାକେ ପିଟ୍‌ନେ ବୋସ୍‌କେ ରଜା ବୁଲନ୍ ଯଥେ। |
| ଓ- | ପିଲାମାନେ | - | ପିଲାମାନେ ଖେଳ ପ୍ରିୟ ଅଟନ୍ତି। |
| ବି- | ଛୁଆମନ | - | ଛୁଆମନ୍ ଖେଳବା କଜେଙ୍ଗ ସଉଁକ କରଥେ। |
| ଓ- | ପିନ୍ଧିବା | - | ଝିଅମାନେ ପୁଅଙ୍କ ପରି ପୋଷାକ ପିନ୍ଧିବା ଅନୁଚିତ। |
| ବି- | ପିନ୍ଧବା | - | ଛୋକରି ମନ ଛୋକରା ବାଗିର ଛିଡ଼ହା ପଟା ପିନ୍ଧ୍‌ବାଟା ଠିକ୍ ନି ହୁଏ। |
| ଓ- | ପିଜୁଳି | - | ପାଚିଲା ପିଜୁଳି ଭାରି ମିଠା ଲାଗେ। |
| ବି- | ବିହି | - | ପାକ୍‌ଲା ବିହି ବନେଚ୍ ମିଠା ଲାଗ୍‌ଥେ। |

| | | | |
|---|---|---|---|
| ଓ- | ପିଇବା | - | ଆମ ଗ୍ରାମରେ ପିଇବା ପାଣିର ଅଭାବ ରହିଛି। |
| ବି- | ପିବା | - | ହାମର୍ ଗାଁନେ ପିବା ପାନି ଅଭାବ୍ ହେ। |
| ଓ- | ପୀଡ଼ା | - | ବିଶ୍ରାମ କଲେ ଦେହରେ ପୀଡ଼ା କମିଯାଏ। |
| ବି- | ଦୁଖାବାଟା | - | ଧକିଆନେ ଦେହେଁ ଦୁଖାବାଟା କମ୍ ହେ ଯାଥେ। |
| ଓ- | ପୀଠ | - | ଲୋକେ ପବିତ୍ର ପୀଠ ଦର୍ଶନରେ ଯାଆନ୍ତି। |
| ବି- | ଜାଗା | - | ଲୋଗ୍‌ମନ୍ ପବିତର୍ ଜଗାକେ ଦର୍‌ଶନ୍ କରନ୍ ଯଥେ। |
| ଓ- | ପୁଣି | - | ପୁଣି ଥରେ ମୋ ଦେହ ଅସୁସ୍ଥ ହେଲା। |
| ବି- | ଆରୁ ଘାଏ | - | ଫେର ଘାଏ ମୋର୍ ଦେହେଁ ଖରାପ୍ ହେସ୍। |
| ଓ- | ପୁଣ୍ୟ | - | ଜନସେବା କରି ପୁଣ୍ୟ ଅର୍ଜନ କର। |
| ବି- | ପୁନ | - | ଲୋଗମନକେ ସେବା କେର୍‌କେ ପୁଇନ୍ ଅର୍‌ଜନ୍ କରୋ। |
| ଓ- | ପୁରା | - | ଶ୍ରମିକଙ୍କୁ ପୁରା ମଜୁରି ଦେଇଦିଅ। |
| ବି- | ସବୋ | - | ଭୁଥିଆର୍ ମନ୍‌କେ ସବୋ ଭୂତିକେ ଦେଦୋ । |
| ଓ- | ପୁଡ଼ିଆ | - | ଦୋକାନି ଡ଼ାଲି ପୁଡ଼ିଆ ବାନ୍ଧି ଦିଏ। |
| ବି- | ପୁଡ଼ିଆ | - | ଦୁକାନ ଗୋସିଆ ଦାଲକେ ପୁଡ଼ିଆ ବାନ୍ଧକେ ଦେଥେ। |
| ଓ- | ପୁସ୍ତକ | - | ପୁସ୍ତକରେ ଅନେକ ଜ୍ଞାନର କଥା ଲେଖା ହୋଇଥାଏ। |
| ବି- | ବହି | - | ବହିନେ ବନେଚ୍ ଗିଆନ୍ କେ ବାତ୍ ଲିଖା ହେରେଥେ। |
| ଓ- | ପୁରୁଷ | - | ନାରୀ ପୁରୁଷର ପରସ୍ପର ପରିପୂରକ ଅଟନ୍ତି। |
| ବି- | ଡ଼ୋକା | - | ଡ଼ୋକି ଡ଼ୋକା ଇକର୍ ଓକର୍ ପରିପୂରକ୍ ଏ। |
| ଓ- | ପୁଷ୍ପ | - | ଆମ ବଗିଚ୍ଚ ବିଭିନ୍ନ ପୁଷ୍ପରେ ସୁଶୋଭିତ ଅଟେ। |
| ବି- | ଫୁଲ | - | ହାମର୍ ବଗିଚା ଟା ନାନା ପର୍‌କାର୍ କେ ଫୁଲ୍‌ନେ ଶୁଶୋଭିତଏ। |
| ଓ- | ପୁରାଇ | - | ମୀନା ବହି ବସ୍ତାନୀରେ ପୁରାଇ ଧରିଛି। |
| ବି- | ଭୋରକେ | - | ମୀନା ବହିକେ ଝୋଲାନେ ଭୋର୍‌କେ ଧେରେହେ। |
| ଓ- | ପୁରାତନ | - | ପୁରାତନ ବିଷୟ ସବୁ ଲୋପ ପାଇବାକୁ ବସିଲାଣି। |
| ବି- | ଅଗିଲଯୁଗ | - | ଅଗିଲଯୁଗକେ ଜିନିଷ୍‌ମନ୍ ଲୁକା ଯବାକେ ହେସ୍‌ନେ। |

| | | | |
|---|---|---|---|
| ଓ- | ପୁଷ୍କରିଣୀ | - | ପୁଷ୍କରିଣୀରେ ଆମେ ଗାଧୋଇବାକୁ ଯାଉ। |
| ବି- | ତରିଆ | - | ତରିଆନେ ହମେଁ ଗୋଧନ୍ ଯଥୋଁ। |
| ଓ- | ପୁଷ୍ପବୃନ୍ତ | - | ପୁଷ୍ପବୃନ୍ତରେ ପାଖୁଡ଼ା ଲାଗିଥାଏ। |
| ବି- | ଫୁଲକେବୁନ୍ଦା | - | ଫୁଲ୍ ଖେନାନେ ପୀଖୁଡା ଲାଏଗ୍ କେ ରେଥେ। |
| ଓ- | ପୁନେଇ | - | ପୁନେଇ ଜହ୍ନ ଥାଳିପରି ଦେଖାଯାଏ। |
| ବି- | ପିନି | - | ପୁନି ଜୋନ୍‌ଟା ଥାଲିରେଙ୍ଗ୍ ଦିଖିଥେ। |
| ଓ- | ପୃଥିବୀ | - | ପୃଥିବୀ ଆମର ଚିରସ୍ଥାୟୀ ବାସସ୍ଥାନ । |
| ବି- | ଧରତୀ | - | ଧରତୀ ହାମର୍ ସବୋଦିନ୍‌କେ ବସାକର୍‌ବାଯାଗା ନିହେ। |
| ଓ- | ପୃଷ୍ଠା | - | ବିଷୟ ଖୋଜି ପାଇବାରେ ପୃଷ୍ଠା ସାହାଯ୍ୟ କରେ। |
| ବି- | ଫଂରଦା | - | ବିଷୟ ଖୋଜକେ ନିକଲାବା କଜେଙ୍ଗ ଫଂରଦା ସହଯୋଗ କର୍‌ଥେ। |
| ଓ- | ପୂଜା | - | ଆଦିବାସୀ ମାଟି ଦେବତା ପୂଜା କରିଥାନ୍ତି। |
| ବି- | ପୂଜା | - | ଆଦିବାସୀ ମାଟିକେ ଦେଉଁତାକେ ପୂଜା କର୍‌ଥେ। |
| ଓ- | ପୂର୍ବ | - | ପୂର୍ବ କାଳର ଲୋକେ ଅଧିକ ବଳବାନ ଥିଲେ। |
| ବି- | ଅଗିଲ | - | ଅଗିଲ୍ ଯୁଗ୍‌କେ ଲୋଗ୍‌ମନ୍ ଜାଦା ତାକତ୍‌ବାଲା ରେହେସ୍। |
| ଓ- | ପୂରଣ | - | ନଳକୂପ ପାନୀୟ ଜଳର ଅଭାବ ପୂରଣ କରେ। |
| ବି- | ପୁରା | - | ବୋରିଙ୍ଗ୍ ପିବାପାନିକେ ଅଭାବ୍‌କେ ପୁରା କର୍‌ଥେ। |
| ଓ- | ପୂର୍ବପୁରୁଷ | - | ଆମ ପୂର୍ବ ପୁରୁଷ ମାନେ ଖୁବ୍ ପରିଶ୍ରମୀ ଥିଲେ। |
| ବି- | ଅଗ୍‌ଲୀକେଲଗ | - | ହାମର୍ ଅଗିଲ୍‌କେଲୋଗ୍‌ମନ୍ ଅଧିକ୍ ବୁତାକାମ୍ କରତ୍ ରେହେସ୍। |
| ଓ- | ପେଚା | - | ପେଚା ଏକ ରାତ୍ରିଚର ପକ୍ଷୀ। |
| ବି- | ଖୁସର | - | ଖୁସର୍ ଗୋଟେକ୍ ରାତିକେ ଚର୍‌ବା ଚିରେଇଏ। |
| ଓ- | ପେଟ | - | ପେଟରେ ଖାଦ୍ୟ ହଜମ ହୁଏ। |
| ବି- | ପେଟ | - | ପେଟ୍‌ନେ ଖାନା ପଚ୍‌ଥେ। |
| ଓ- | ପେଣ୍ଡୁ | - | ଦୋଳକ ଘଣ୍ଟାରେ ପେଣ୍ଡୁଟିଏ ଝୁଲି ହଲୁଥାଏ। |

| | | | |
|---|---|---|---|
| ବି- | ଗୋଲ | - | ଝୁଲ୍‌ବା ଘଡ଼ିନେ ଗୋଲରେଙ୍ଗ୍ ଜିନିଷ୍ ଝୁଲ୍‌କେ ହଲତ୍‌ରେଥେ। |
| ଓ- | ପେଟି | - | ଔଷଧ କାଗଜ ପେଟିରେ ବନ୍ଧା ହୋଇ ଆସେ। |
| ବି- | ବୋଚକା | - | ଓଷାହା କାଗଜ୍‌କେ ବୋଚ୍‌କା ବନ୍ଧାକେ ଅଥେ। |
| ଓ- | ପେଟପୂରା | - | ଗରୀବ ଲୋକ ପେଟପୂରା ଖାଇବାକୁ ପାଆନ୍ତି ନାହିଁ। |
| ବି- | ପେଟଭୋରତ୍‌ଲେ- | | ଗରୀବ୍‌ଲୋଗ୍  ପେଟ୍‌କେ ଭୋରତ୍‌ଲେ ଖବା କଲେଙ୍ଗ୍ ନି ପାଏ। |
| ଓ- | ପେନ୍‌ସିଲ | - | ପେନସିଲ୍‌ରେ ଚିତ୍ର ଅଙ୍କାଯାଏ। |
| ବି- | ସୀସା | - | ସୀସାନେ ଫଟୁ କଟା ଯଥେ। |
| ଓ- | ପୋଲ | - | କଲିକତାରେ ହାବଡ଼ା ପୋଲ ଅଛି। |
| ବି- | ପୁଲିଆ | - | କଲ୍‌କତାନେ ହାବ୍‌ଡ଼ା ପୁଲିଆ ଏହେ। |
| ଓ- | ପୋଲିସ | - | ପୋଲିସ ଚୋରକୁ ଧରିଥାନ୍ତି। |
| ବି- | ପୁଲୁସ | - | ପୁଲୁସ୍ ଚୋର୍‌କେ ଧେର୍‌ଥେ। |
| ଓ- | ପୋଷଇ | - | ଚାଷୀ ଲକ୍ଷେ ଲୋକଙ୍କୁ ପୋଷନ୍ତି। |
| ବି- | ପୋଷଥେ | - | କିଶାନ୍ ଲଖେକ୍ ଲୋଗ୍‌କେ ପୋଷ୍‌ଥେ। |
| ଓ- | ପୋଷାକ | - | ମଇଳା ପୋଷାକ ସଙ୍ଗେସଙ୍ଗେ ସଫାକର। |
| ବି- | ଛିଡ଼୍‌ହା | - | ମଇଲା ଛିଡ଼୍‌ହାକେ ସଙ୍ଗେସଙ୍ଗ୍ ସଫା କର୍‌ବାଟା ଏ। |
| ଓ- | ପୋତିଲେ | - | ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ। |
| ବି- | ଗାଡ଼େସ୍ | - | ଲୋଗ୍‌ମନ୍ ପୂଜା କର୍‌ବା କଜେଙ୍ଗ୍ ଖୁଟା ଗାଡ଼େସ୍। |
| ଓ- | ପୋଖରୀ | - | ଆମେ ଗାଁ ପୋଖରୀରୁ ଦଳ ସଫା କଲୁ। |
| ବି- | ତରିଆ | - | ହାମେ ଗାଁ ତରିଆକେ ଚିଖଲ୍ କେ ସଫା କରେଁ। |
| ଓ- | ପୋଟଳ | - | ପୋଟଳ ଏକ ଭଲ ପରିବା। |
| ବି- | ପୁଟଲ | - | ପୁଟଲ ଗୋଟେକ୍ ଅଇନ୍ ଶାଗ୍‌ଏ। |
| ଓ- | ପୋଡ଼ଇ | - | ଭାଟିରେ ଇଟା ପୋଡ଼ଇ। |
| ବି- | ପୋଡ଼୍‌ଥେ | - | ଭାଟିନେ ଇଟା ପୋଡ଼୍‌ଥେ। |
| ଓ- | ପଡ଼ୋଶୀ | - | ରବି ଆମର ଜଣେ ପଡ଼ୋଶୀ ବନ୍ଧୁ ଅଟନ୍ତି। |

ବି- ଘରକେଟା - ରବି ହାମର୍ ଝନେକ୍ ଘୋରୋଧି ଲୋଗ୍ ଏ।

ଓ- ପୋଚିବା - ଯତ୍ନ ନ ନେଲେ ପରିବା ପୋଚିବା ଆରମ୍ଭ କରେ।

ବି- ସଢବା - ଯତନ୍ ନି କର୍‌ନେ ଶାଗ୍ ସଢ଼୍‌ଭାକେ ସୁରୁ କର୍‌ଥେ।

ଓ- ପୋଡ଼ିଗଲା - ଦିନେ ହଠାତ୍ ଆମ ଘର ପୋଡ଼ିଗଲା।

ବି- ପୋଡ଼୍‌ଯାଏସ - ଦିନେକ୍ ଅଚାନେକ୍ ହାମର୍ ଘର୍ ପୋଡ଼୍‌ଯାଏସ୍।

ଓ- ପ୍ରଶ୍ନ - ଶିକ୍ଷକ ପିଲାଙ୍କୁ ପ୍ରଶ୍ନ ପଚାରନ୍ତି।

ବି- ପ୍ରଶ୍ନ - ମାଷ୍ଟର ଛୁଆମନ୍‌କେ ପରଶନ୍ ପାଚ୍ଚର୍‌ତିଆ।

ଓ- ପ୍ରଜା - ଆମ ଦେଶରେ ପ୍ରଜାତନ୍ତ୍ର ଶାସନ ଚାଲିଛି।

ବି- ପରଜା - ହାମର୍ ଦେଶ୍‌ନେ ପ୍ରଜାତନ୍ତ୍ର ଶାସନ୍ ଚଲ୍‌ଥେ।

ଓ- ପ୍ରତି - ପ୍ରତି ବାଳିକାକୁ ପୋଷାକ ଦିଆଯାଇଛି।

ବି- ସବୋ - ସବୋନନୀ ମନ୍‌କେ ପିନ୍ଧ୍‌ବା କଜେଙ୍ଗ୍ ଛିଡ଼୍‌ହା ଦେଲାହେ।

ଓ- ପ୍ରତିଭା - ଛୋଟ ବେଳୁ ପିଲାଟିର ପ୍ରତିଭା ଜଣାପଡ଼ିଲା।

ବି- ପ୍ରତିଭା - ଛୋଟ୍ ବେଲ୍‌ଲେ ଛୁଆକେ ପ୍ରତିଭା ଜନା ପଡ୍‌ଥେ।

ଓ- ପ୍ରତ୍ୟେକ - ପ୍ରତ୍ୟେକ ନାଗରିକର ଦେଶ ପ୍ରତି କର୍ତ୍ତବ୍ୟ ରହିଛି।

ବି- ସବୋ - ସବୋ ଲୋଗ୍‌କେ ଦେଶ୍ କଜେଙ୍ଗ୍ କର୍ତ୍ତବ୍ୟ ଏହେ।

ଓ- ପ୍ରକୃତି - ଋତୁ ପରିବର୍ତ୍ତନ ପ୍ରକୃତିର ଏକ ଦାନ ଅଟେ।

ବି- ପ୍ରକୃତି - ଋତୁ ବଦଲ୍‌ବାଟା ପ୍ରକୃତିକେ ଗୋଟେକ୍ ଦାନ୍‌ଏ।

ଓ- ପ୍ରଚୁର - ଗତ ବର୍ଷ ପ୍ରଚୁର ବର୍ଷା ହୋଇଥିଲା।

ବି- ବନେଚ - ଯାଏସ୍ ବରସ୍ ବନେଚ୍ ବର୍‌ଷା ହୋଏରେହେସ୍।

ଓ- ପ୍ରଥମ - ଇନ୍ଦିରାଗାନ୍ଧୀ ଭାରତର ପ୍ରଥମ ମହିଳା ପ୍ରଧାନ ମନ୍ତ୍ରୀ ଥିଲେ।

ବି- ପହେଲା - ଇନ୍ଦିରାଗାନ୍ଧୀ ଭାରତ୍‌କେ ପହେଲା ମାଇଲୋଗ୍ ପ୍ରଧାନମନ୍ତ୍ରୀ ରେହେସ୍।

ଓ- ପ୍ରଭାବ - ଶୀତର ପ୍ରଭାବରେ ବହୁ ଲୋକ କଷ୍ଟ ପାଆନ୍ତି।

ବି- ପରଭାବ - ଜାଡ଼୍‌କେ ପର୍‌ଭାବ୍‌ନେ ବନେଚ୍‌ଲୋଗ ଦୁଖ୍ ପାଥେ।

ଓ- ପ୍ରଶ୍ୱାସ - ପ୍ରଶ୍ୱାସ ବାୟୁରେ ଅଧିକ ଅମ୍ଳଜାନ ଥାଏ।

| | | |
|---|---|---|
| ବି- ପ୍ରଶ୍ୱାସ | - | ପ୍ରଶ୍ୱାସ ପବନ୍‌ନେ ବନେଚ୍ ଅମ୍ଳଜାନ ରେଥେ। |
| ଓ- ପ୍ରଭୃତି | - | ବଣରେ ବାଘ, ଭାଲୁ ପ୍ରଭୃତି ବାସ କରନ୍ତି। |
| ବି- ପ୍ରଭୃତି | - | ଜଙ୍ଗଲ୍‌ନେ ବାଘ, ଭାଲୁ, ପ୍ରଭୁତି ବସା କର୍‌ଥେ। |
| ଓ- ପୂର୍ଣ୍ଣ | - | ଗଣିତରେ ପୂର୍ଣ୍ଣ ନମ୍ବର ଶହେ ଥାଏ। |
| ବି- ପୁରା | - | ଗନିତ୍‌ନେ ପୁରା ନମର୍ ଶଏକ୍ ରେଥେ। |
| ଓ- ପ୍ରହରୀ | - | ବ୍ୟାଙ୍କକୁ ପ୍ରହରୀ ମାନେ ଜଗନ୍ତି। |
| ବି- ପ୍ରହରଦାର | - | ବେଙ୍କକେ ପହର୍‌ଦାର୍‌ମନ୍ ଜୋଗ୍‌ଥେ। |
| ଓ- ପ୍ରବେଶ | - | ପାଞ୍ଚ ବର୍ଷ ବୟସରେ ପିଲାଙ୍କୁ ସ୍କୁଲରେ ପ୍ରବେଶ କରାଯାଏ। |
| ବି- ଭରତି | - | ପାଁଚ୍ ବରଷ୍‌ନେ ଛୁଆମନ୍‌କେ ଇସକୁଲ୍‌ନେ ଭର୍‌ତି କର୍‌ଥେ। |
| ଓ- ପ୍ରସାର | - | ମାତୃଭାଷାର ପ୍ରସାର  ହେବା ଦରକାର। |
| ବି- ପରଚାର | - | ମ୍ାତଭାଷାକେ ପ୍ରଚାର୍ ହେବା କାଥା। |
| ଓ- ପ୍ରତିଦିନ | - | ପ୍ରତିଦିନ ଘଣ୍ଟାଏ ବ୍ୟାୟାମ କରିବା ଉଚିତ୍। |
| ବି- ସବୋଦିନ | - | ସବୋଦିନ୍ ଘଣ୍ଟେକ୍ ବିଆମ୍ କର୍‌ବା ଟାଏ। |
| ଓ- ପ୍ରଶଂସା | - | ଭଲ ପିଲାକୁ ସମସ୍ତେ ପ୍ରଶଂସା କରନ୍ତି। |
| ବି- ଭଲପଥେ | - | ଅଇନ୍ ଛୁଆକେ ସବୋଝନ୍ ଭାଥେ। |
| ଓ- ପ୍ରତିକ୍ରିୟା | - | ଅନ୍ୟକୁ ପ୍ରଶଂସା କଲେ ତା ମନରେ ପ୍ରତିକ୍ରିୟା ଜାତ ହୁଏ। |
| ବି- ପ୍ରତିକ୍ରିୟା | - | ଦୁସ୍‌ରାକେ ପ୍ରଶଂସା କର୍‌ନେ ଉକର୍ ମନ୍‌ନେ ପ୍ରତିକ୍ରିୟା ଦେଖା ଯଥେ। |
| ଓ- ପ୍ରଣାମ | - | ଈଶ୍ୱରଙ୍କୁ ପ୍ରଣାମ କର। |
| ବି- ଜୁହାର | - | ଭଗୱାନ୍ କେ ଜୁହାର୍ କରୋ। |
| ଓ- ପ୍ରସିଦ୍ଧି | - | ଦାରିଙ୍ଗିବାଡ଼ି ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଛି। |
| ବି- ପରସିଧ | - | ଦାରିଙ୍ଗିବାଡ଼ି ଜାଡ଼୍ କଜେଙ୍ଗ୍ ପରସିଧ୍ ଏ। |
| ଓ- ପ୍ରତିହତ | - | ମେଲେରିଆକୁ ପ୍ରତିହତ କରିବା ପାଇଁ କ୍ଲୋରୋକୁଇନ୍ ଖାଆନ୍ତୁ। |
| ବି- ଛଡ଼ାବା | - | ମେଲେରିଆକେ ଛଡ଼ା ବା କଜେଙ୍ଗ୍ କ୍ଲୋରୋକୁଇନ୍ ଖହି। |
| ଓ- ପ୍ରତିବାଦ | - | ଅନ୍ୟାୟର ପ୍ରତିବାଦ କରିବାକୁ ଭୟ କରନାହିଁ। |

| | | | |
|---|---|---|---|
| ବି- | ଲଡ଼ବା | - | ଅନ୍ୟାୟକେ ବିରୋଧ୍ କରିବା କଲେଙ୍ଗ ନି ଡ଼ରାହିଁ। |
| ଓ- | ପ୍ରସ୍ତାବ | - | ବିଦ୍ୟାଳୟରେ ଏକ ପୁସ୍ତକମେଳା କରିବାକୁ ପ୍ରସ୍ତାବ ଦିଆଗଲା। |
| ବି- | ରାଜିନାମା | - | ଇସକୁଲ୍‌ନେ ଗୋଟେକ୍ ବହି ମେଳା କର୍‌ବାକେ ପ୍ରସ୍ତାବ୍ ଦିଆଯାଏସ୍। |
| ଓ- | ପ୍ରକାଶ | - | ସରକାର ପାଠ୍ୟ ପୁସ୍ତକ ପ୍ରକାଶ କରନ୍ତି। |
| ବି- | ଛାପଥେ | - | ସର୍‌କାର୍ ପଢ଼ା ବହି ଛାପ୍‌ଥେ। |
| ଓ- | ପ୍ରଶସ୍ତ | - | ଆମ ବିଦ୍ୟାଳୟରେ ଏକ ପ୍ରଶସ୍ତ ଖେଳ ପଡ଼ିଆ ଅଛି। |
| ବି- | କୋଡ଼କ୍‌ନିକୋଡ଼କ୍- | | ହାମର ଇସକୁଲ୍‌ନେ ଗୋଟେକ୍ କୋଡ଼୍‌ନିକୋଡ଼୍‌କ୍ ଖେଲ୍‌ପଡ଼ିଆ ଏହେ। |
| ଓ- | ପ୍ରତୀକ | - | ଲାଲ ରିବନ ଏଡ଼ସ୍‌ର ପ୍ରତୀକ ଅଟେ। |
| ବି- | ଚିହ୍ନା | - | ଲାଲ୍ ଫିତାଟା ଏଡ଼ସ୍‌କେ ଚିହ୍ନାଏ। |
| ଓ- | ପ୍ରଚାର | - | ଦୂରଦର୍ଶନରେ  ଦେଶ ବିଦେଶର ଖବର  ପ୍ରଚାର କରାଯାଏ। |
| ବି- | ପ୍ରରଚାର | - | ଦୁର୍‌ଦର୍‌ଶନ୍‌ନେ ଦେଶ୍ ବିଦେଶ୍‌କେ ଖବର୍ ପର୍‌ଚର୍ କରାଯାଥେ। |
| ଓ- | ପ୍ରଧାନ | - | ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଥାଆନ୍ତି। |
| ବି- | ମୁଖିଆ | - | ଇସକୁଲ୍‌ନେ ଗୋଟେ ମୁଖିଆ ଗୁରୁ ରେଥେ। |
| ଓ- | ପ୍ରତିଯୋଗିତା | - | ମୁଁ ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଯୋଗ ଦେଲି। |
| ବି- | ହରାଜିତା | - | ମେଁ ଜିଲା ଭେର୍‌କେ କବଡ଼ି ହରାଜିତାନେ ସାମିଲ୍ ହଏଁ। |
| ଓ- | ପ୍ରଥମେ | - | ସକାଳୁ ଉଠି ପ୍ରଥମେ ମୁହଁ ଧୋଇ ପ୍ରାର୍ଥନା କରିବ। |
| ବି- | ପହେଲା | - | ସେକଲିଆ ଉଠ୍‌କେ ପହେଲାମୁହୁଁ ଧୋଏକେ ପାର୍‌ଥନା କର୍‌ହି। |
| ଓ- | ପ୍ରକାର | - | ହାଟରେ ସବୁ ପ୍ରକାରର ପରିବା ବିକ୍ରି ହୁଏ। |
| ବି- | ପରକାର | - | ହାଟ୍‌ନେ ସବୋ ପର୍‌କାର୍‌କେ ଶାଗ୍‌ଡାଲ୍ ବେଁଚାଥେ। |
| ଓ- | ପ୍ରକ୍ରିୟା | - | ବିଦ୍ୟାଳୟରେ ବର୍ଷ ସାରା ଶିକ୍ଷାଦାନ ପ୍ରକ୍ରିୟା ଚାଲେ। |
| ବି- | ପରକ୍ରିୟା | - | ଇସ୍‌କୁଲ୍‌ନେ  ବରଷ୍‌ଭେର୍ ପାଠ୍‌ପଢ଼ାବା ପର୍‌କ୍ରିୟା ଚଲ୍‌ଥେ। |
| ଓ- | ପ୍ରତିଧାଡ଼ି | - | ପ୍ରତିଧାଡ଼ି ସଳଖ ହେବା ଉଚିତ। |
| ବି- | ସାବଧାଡି | - | ସବୋଧାଡ଼ି ଛାଟ୍ ରେବାର୍ କଥା। |
| ଓ- | ପ୍ରାଣୀ | - | ସ୍ଥଳଭାଗରେ ଅନେକ ପ୍ରାଣୀ ବାସ କରନ୍ତି। |

| | | | |
|---|---|---|---|
| ବି- | ଜୀବ | - | ଥଳଭାଗ୍‌ନେ ଅନେକ୍ ଜୀବ୍ ବସା କର୍‌ଥେ। |
| ଓ- | ପ୍ରାୟ | - | ଆମ ଦେଶର ଜଙ୍ଗଲ ସମ୍ପଦ ପ୍ରାୟ ବିଲୁପ୍ତ ହେଲାଣି। |
| ବି- | ପରାଏ | - | ହାମର୍ ଦେଶ୍‌କେ ଜଙ୍ଗଲ୍ ସମ୍ପତିଟା ପର୍‌ାଏ ଲୁକ୍ ଯାଥେନେ। |
| ଓ- | ପ୍ରାଚୀନ | - | ପ୍ରାଚୀନ କାଳରେ ଲୋକେ ବଦଳ କରି କିଣାବିକା କରୁଥିଲେ। |
| ବି- | ଅଜଳ | - | ଅଗିଲ୍ ଯୁଗ୍‌ନେ ଲୋଗ୍ ଅଦ୍‌ଲା ବଦ୍‌ଲା କର୍‌କେ ଘିନା ବିକା କରତ୍ ରେହେସ୍। |

## 'ଫ'

| | | | |
|---|---|---|---|
| ଓ- | ଫଳ | - | ଫଳରେ ପ୍ରଚୁର ଭିଟାମିନ୍ ଥାଏ। |
| ବି- | ଫଲ୍ | - | ଫଲ୍‌ନେ ଆବଡ୍ ଭିଟାମିନ୍ ରେଥେ। |
| ଓ- | ଫରକ | - | ଆଜିକାଲି ପୁଅ ଝିଅ ମଧ୍ୟରେ ଫରକ ନାହିଁ। |
| ବି- | ଫରକ | - | ଆଏଜ୍‌କାଲେ ବେଟିବେଟାନେ ଫରକ୍ ନିଏ। |
| ଓ- | ଫଳିବ | - | ଗଛରେ ଖତ ଦେଲେ ପ୍ରଚୁର ଫଳ ଫଳିବ। |
| ବି- | ଫୋଲହି | - | ଗଚ୍‌ନେ ଖତୁଦେନେ ବନେଚ୍ ଫୋଲ୍ ଫୋଲ୍‌ହି। |
| ଓ- | ଫମ୍ପା | - | ବାଉଁଶ ଭିତରପଟ  ଫମ୍ପା ଥାଏ। |
| ବି- | ପୋଣ୍ଡା | - | ବଉଁଶ୍‌କେ ଭିତର୍‌ଟା ପୋଣ୍ଡା ରେଥେ। |
| ଓ- | ଫସଲ | - | ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଫସଲ ହୁଏ। |
| ବି- | ଖେତି | - | ନବରଙ୍ଗପୁର୍ ଏରିଆନେ ବନେଚ୍ ଜନ୍‌ଦ୍‌ଲା ଖେତି ହଥେ। |
| ଓ- | ଫର୍‌ଚା | - | ଫର୍‌ଚା ହେବା ପୂର୍ବରୁ ଚାଷୀ ହଳ ନିଏ। |
| ବି- | ବିହାନ | - | ବିହାନ୍ କେ ଅଗିଲରେ କିଶାନ୍ ନଙ୍ଗଲ୍ ଲେଥେ। |
| ଓ- | ଫଳପ୍ରଦ | - | ଏମ୍.ଡ଼ି.ଟି. କୁଷ୍ଠ ରୋଗ ପାଇଁ ଫଳପ୍ରଦ ଔଷଧ ଅଟେ। |
| ବି- | ବନେ | - | ଏମ୍.ଡ଼ି.ଟି. ଠୁଠା ବେମାର୍ କଲେଙ୍ଗ୍ ବନେଓଷୋ ଏ। |
| ଓ- | ଫାଳେ | - | ମୁଁ ରମାକୁ ଫାଳେ କମଳା ଦେଲି। |
| ବି- | ଫାଳେକ | - | ମେଁ ରମାକେ ଫାଳେକ୍ ମିଠା କମ୍‌ଲା ଦେହେଁ। |
| ଓ- | ଫାଶୀ | - | ଜଘନ୍ୟ ଅପରାଧୀକୁ ଫାଶୀ ଦିଆଯାଏ। |

| | | | |
|---|---|---|---|
| ବି- | ଫାଶୀ | - | ଜବଡ୍ ବଦମାସ୍ କେ ଫାଶୀ ଦିଆଯଥେ। |
| ଓ- | ଫାଙ୍କା | - | ବେଳେବେଳେ ପୋଲିସ୍ ଫାଙ୍କା ଗୁଳି ଚାଳନା କରନ୍ତି। |
| ବି- | ମେଲା | - | ଟେମ୍‌ଟେମ୍‌ନେ ପୁଲୁସ୍‌ମନ୍ ମେଲାନେ ଗୋଲି ଚଲାଥେ। |
| ଓ- | ଫିଟିକିରି | - | ଫିଟିକିରି ଏକ ବିଶୋଧକ ଅଟେ। |
| ବି- | ଫିଟିକିରି | - | ଫିଟିକିରିଟା ସଫା କର୍‌ବା ଜିନିଷ୍ ଏ। |
| ଓ- | ଫୁଟି | - | ଫୁଲ ଫୁଟି ସୁନ୍ଦର ଦେଖାଯାଉଛି। |
| ବି- | ଫୁଟକେ | - | ଫୁଲ ଫୁଟ୍‌କେ ଅଇନ୍ ଦିଖ୍‌ଥେ। |
| ଓ- | ଫୁଲ | - | ଗୋଲାପ ଫୁଲର ବାସ୍ନା ଥାଏ। |
| ବି- | ଫୁଲ | - | ଗୁଲାପ୍ ଫୁଲ୍‌କେ କହଁର୍ ରେଥେ। |
| ଓ- | ଫୁଲିବା | - | ଗୋଡ଼ ମଚକିଲେ ଫୁଲିବା ଆରମ୍ଭ ହୁଏ। |
| ବି- | ଫୁଲବାକେ | - | ଗୋଡ଼ ଲଚକ୍ ଯନେ ଫୁଲ୍ ଯଥେ। |
| ଓ- | ଫୁଟା | - | ଫୁଟା ପାଣି ଥଣ୍ଡା କରି ପିଇବା ଭଲ। |
| ବି- | ଡ଼ବକ୍‌ଲା | - | ଡବ୍‌କ୍‌ଲା ପାନିକେ ଜୁଡ଼ାକେ ପିନେ ଅଇନ୍‌ଏ। |
| ଓ- | ଫୁଲ୍‌ଦାନୀ | - | ଫୁଲଦାନୀରେ  ଫୁଲ୍ ରଖାଯାଏ। |
| ବି- | ଟପଲି | - | ଫୁଲ୍‌ଦାନୀନେ ଫୁଲ୍ ଥୋ ଥେ। |
| ଓ- | ଫୁସ୍‌ଫୁସ୍ | - | ଫୁସ୍‌ଫୁସ୍‌ରେ ରକ୍ତ ପରିଷ୍କାର ହୁଏ। |
| ବି- | ଫଫସ୍ା | - | ଫଫସ୍ା ନେ ଲହୁ ସଫା ହଥେ। |
| ଓ- | ଫେରିବା | - | ସଂନ୍ଧ୍ୟା ପୂର୍ବରୁ ଲୋକେ ହାଟରୁ ଫେରିବା ଆରମ୍ଭ କରନ୍ତି। |
| ବି- | ଆବାକଜେଙ୍ଗ | - | ବେଲ୍ ବୁଡା କେ ଅଗିଲଲେ ହାଟ୍‌ଲେ ଲୋଗ୍‌ମନ୍ ଆବାକଜେଙ୍ଗ୍ ଧେର୍‌ଥେ। |
| ଓ- | ଫେଣା | - | ଫେଣାରେ ମହୁମାଛି ମହୁ ସଂଗ୍ରହ କରେ। |
| ବି- | ପୋଲିକେମୂତ | - | ପୋଲିକେ ମୁତ୍‌ନେ ଭଔଁର୍ ମାଛି ମନ୍ଦ୍‌ରସ୍ ସେକଲ୍‌ଥେ। |
| ଓ- | ଫୋପାଡ଼ିବା | - | ଆବର୍ଜନା ଖାତରେ ଫୋପାଡ଼ିବା ଉଚିତ। |
| ବି- | ଫେକବାଟା | - | କେଚ୍‌ରାକୁଟାକେ ଖଁଚାନେ ଫେକ୍‌ବା ଉଚିତ୍।' |
| ଓ- | ଫୋଟକା | - | ବିବାହ ଭୋଜିରେ ଲୋକେ ଫୋଟକା ଫଟାନ୍ତି। |

| | | | |
|---|---|---|---|
| ବି- | ଫଟକା | - | ବିହା ଭୋଜିନେ ଲୋଗ୍‌ମନ୍ ଫଟ୍‌କା ଫୁଟାଥେ। |
| ଓ- | ଫୌଜଦାରି | - | ଫୌଜଦାରି ମାମଲାରେ ତାଙ୍କୁ ଗିରଫ କରାଗଲା। |
| ବି- | ଫୌଜଦାରି | - | ଫୌଜଦାରି ମାମ୍‌ଲାନେ ଅଖେଁ ଧେରେସ୍। |

## 'ବ'

| | | | |
|---|---|---|---|
| ଓ- | ବଣ | - | ବାଘ ବଣର ରାଜା ଅଟେ। |
| ବି- | ଜଙ୍ଗଲ | - | ବାଘ୍ ଜଙ୍ଗଲ୍‌କେ ରଜାଏ। |
| ଓ- | ବର | - | ବରଗଛ ଛାଇ ଭାରି ଥଣ୍ଡା ଲାଗେ। |
| ବି- | ବର | - | ବର୍ ଗଚ୍ କେ ଛଇହାଁଟା ବନେ ଥଣ୍ଡା ଲାଗ୍‌ଥେ। |
| ଓ- | ବଡ଼ | - | ମହାନଦୀ ଓଡ଼ିଶାର ବଡ଼ ନଦୀ ଅଟେ। |
| ବି- | ବଡ଼ଖା | - | ମହାନଦୀ ଓଡ଼ିଶାକେ ବଡ଼୍‌ଖା ନଦି ଏ। |
| ଓ- | ବହି | - | ବହିପତ୍ର ଯତ୍ନ କରି ରଖ। |
| ବି- | ବହି | - | ବହି ପତର୍ ଯତନ୍ କେ ରାଖୋ। |
| ଓ- | ବସି | - | କୋଇଲି ଗଛ ଡ଼ାଳରେ ବସି ରାବୁଛି। |
| ବି- | ବୋସକେ | - | କୁଇଲି ଗଛ୍‌କେ ଡ଼ାଲ୍‌ନେ ବୋସ୍‌କେ ଗଙ୍ଗାଥେ। |
| ଓ- | ବଙ୍କା | - | ଗାଁକୁ ଗୋଟିଏ ଅଙ୍କା ବଙ୍କା ରାସ୍ତା ଯାଇଛି। |
| ବି- | ଟେଡ଼ଗାମେଡ଼ଗା | - | ଗାଁନେ ଗୋଟେକ୍ ଟେଡ଼ଗା ମେଡ଼୍‌ଗା ବାଟ୍ ଯାଏ ହେ। |
| ଓ- | ବନ୍ଧା | - | ପଘାରେ ଗାଇକୁ ବନ୍ଧା ଯାଇଛି। |
| ବି- | ବାନ୍ଧେହେ | - | ଗେରୁଆଁନେ ଗରୁକେ ବାନ୍ଧା ଯାଏହେ। |
| ଓ- | ବଇଦ | - | ଗାଁ ବଇଦ ଛୋଟ ଛୋଟ ରୋଗର ଚିକିତ୍ସା କରିଥାନ୍ତି। |
| ବି- | ବଇଦ | - | ଗାଁ କେ ବଇଦ୍ ଛୋଟେମୋଟେ ବେମାର୍‌କେ ଯତନ୍‌ଥେ। |
| ଓ- | ବଗିଚା | - | ସ୍କୁଲ ବଗିଚାରେ ଅନେକ ଫଳ ଗଛ ରହିଛି। |
| ବି- | ବଗିଚା | - | ଇସକୁଲ୍‌କେ ବଗିଚାନେ ନାନା ପର୍‌କାର୍‌କେ ଫଲ୍‌ଗଚ୍ ଏହେ। |
| ଓ- | ବରଷା | - | ବରଷା ଦିଏ, ପାଣି, ପାଣି ପିଅ ଛାଣି। |

| | | |
|---|---|---|
| ବି- ବରଷା | - | ବରଷା ଦେଥେ ପାନି, ପାନିକେ ପିଅ ଛାନ୍‌କେ। |
| ଓ- ବଳଦ | - | ବଳଦ ଶଗଡ଼ ଟାଣେ। |
| ବି- ବଇଲା | - | ବଇଲା ଶଗଡ଼ିଆ ଗାଡ଼ିକେ ଘିଚ୍‌ଥେ। |
| ଓ- ବଦଳି | - | ଆମ ବାପା ବାଲିଗୁଡ଼ାକୁ ବଦଳି ହେଲେ। |
| ବି- ବଦଳି | - | ମୋର୍ ବୁଆ ବାଲିଗୁଡ଼ାକେ ବଦ୍‌ଳି ହେସ୍। |
| ଓ- ବତକ | - | ବତକ ପାଣିରେ ପହଁରିପାରେ। |
| ବି- ବଦକ | - | ବଦକ୍ ପାନିନେ ତଓଁରନ୍ ସେକ୍‌ଥେ। |
| ଓ- ବର୍ଣ୍ଣନା | - | ଘର ପୋଡ଼ି ଦୃଶ୍ୟ ବର୍ଣ୍ଣନା କରିବା କଷ୍ଟ। |
| ବି- କୋହବା | - | ଘର ପୋଡ଼ା ଦୁରୁସ୍ ବର୍ଣ୍ଣନା କର୍‌ବା କଠିନ୍ ଏ। |
| ଓ- ବହୁତ | - | ଆମ ଗ୍ରାମରେ ବହୁତ ପିଲା ଅଛନ୍ତି। |
| ବି- ବନେଚ | - | ହାମର୍ ଗାଁନେ ବନେଚ୍ ଛୁଆ ଏହେ। |
| ଓ- ବଜାର | - | ବଜାରରେ ପ୍ରତିଦିନ କିଣାବିକା ହୋଇଥାଏ। |
| ବି- ହାଟ | - | ହାଟ୍‌ନେ ସବୋଦିନ୍ ଘିନ୍‌ବାଟା ବେଁଚ୍‌ବାଟା ହଥେ। |
| ଓ- ବସ୍ତ୍ର | - | ଶ୍ରମ କଲେ ଅନ୍ନ ବସ୍ତ୍ର ଅଭାବ ହୁଏ ନାହିଁ। |
| ବି- ବସ୍ତର | - | କମାନେ କୁଠାନେ ଅରନ୍‌ବସ୍ତର୍‌କେ ଦୁଃଖ ନି ହଏ। |
| ଓ- ବଢ଼ିବା | - | ନଖ ବଢ଼ିବାକୁ ଦିଅନାହିଁ। |
| ବି- ବାଢ଼ନ | - | ନଖ୍‌କେ ବାଢ଼ହନ୍ ନି ଦହ। |
| ଓ- ବଳିବା | - | ବଳିବା ଖାଦ୍ୟ ଫ୍ରିଜରେ ରଖ। |
| ବି- ଅଗଲହା | - | ଅଗ୍‌ଲାହା ଖାନାକେ ଫ୍ରିଜନେ ରାଖ। |
| ଓ- ବୟସ | - | ବୟସ ବଢ଼ିଲେ ଜ୍ଞାନ ବି ବଢ଼େ। |
| ବି- ଉମର | - | ଉମର୍ ବଢ଼ନେ ବୁଦ୍ଧି ବଢ଼୍‌ଥେ। |
| ଓ- ବଦଳେ | - | ଗ୍ରୀଷ୍ମ ଋତୁରେ ପରିବେଶ ବଦଳେ। |
| ବି- ବଦଳଥେ | - | ଖରାଦିନ୍‌ନେ ପରିବେଶ୍ ବଦଲ୍‌ଥେ। |
| ଓ- ବଢ଼େଇ | - | ବଢ଼େଇ ଆମ ପାଇଁ ଖଟ ତିଆରି କରନ୍ତି। |

| | | | |
|---|---|---|---|
| ବି- | ବଢ଼ଇ | - | ବଢ଼ଇ ହାମର୍ କଜେଙ୍ଗ୍ ଖଟିଆ ବନାଦେଥେ। |
| ଓ- | ବତାସ | - | ବେଳେବେଳେ ଜୋରରେ ବତାସ ବହେ। |
| ବି- | ଗର୍ରା | - | ଛନେକ୍ଘଡ଼େକ୍ ଜୋର୍ଦାର୍ ଗର୍ରା କର୍ଥେ। |
| ଓ- | ବନ | - | ବନରକ୍ଷୀ ବନ ରକ୍ଷା କରନ୍ତି। |
| ବି- | ଜଙ୍ଗଲ୍ | - | ଜଙ୍ଗଲ୍ ଚପ୍ରାସୀ ଜଙ୍ଗଲ୍କେ ଯୋଗ୍ଥେ। |
| ଓ- | ବନ୍ଧୁ | - | ଦୁଃଖୀ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ଅଟନ୍ତି। |
| ବି- | ସଙ୍ଗୁଆରି | - | ଦୁଖ୍ ବେଲ୍କେ ସଙ୍ଗୁଆରିଟା ଠିକ୍ସଙ୍ଗୁଆରି ଏ। |
| ଓ- | ବର୍ଷା | - | ଗ୍ରୀଷ୍ମ ଋତୁ ପରେ ବର୍ଷା ଋତୁ ଆସେ। |
| ବି- | ବରଷା | - | ଖରାମାସ୍ ଯନେ ବର୍ଷା ମାସ୍ ଅଥେ। |
| ଓ- | ବନ୍ଧୁକ | - | ସୈନ୍ୟମାନେ ବନ୍ଧୁକରେ ଯୁଦ୍ଧ କରନ୍ତି। |
| ବି- | ବନ୍ଧୁକ | - | ସଇନାମନ୍ ବନ୍ଧୁକ୍ନେ ଲଢ଼ଇ କର୍ଥେ। |
| ଓ- | ବସୁଧା | - | ବସୁଧା ଆମର ମାତା ସମାନ ଅଟେ। |
| ବି- | ଧରତି | - | ଧର୍ତି ହାମର୍ ମାଆ ସମାନ୍ ଏ। |
| ଓ- | ବଢୁଛି | - | ପ୍ରତି ବର୍ଷ ପରିବେଶ ପ୍ରଦୂଷଣ ବଢୁଛି। |
| ବି- | ବଢ଼ଥେ | - | ସବୋ ବଛର୍ ପରିବେଶ୍ ଖରାପ୍ ହେଯାଆଥେ। |
| ଓ- | ବନ୍ଧକ | - | ମୋ ବନ୍ଧୁ ରମା ଜମି ବନ୍ଧକ ରଖି ଋଣ କରିଛନ୍ତି। |
| ବି- | ଗାହନା | - | ମୋର୍ ସଙ୍ଗୁଆରି ରମାନେ ଜମିନ୍କେ ଗହନାଧେର୍କେ ଋଣ୍ କରେହେ। |
| ଓ- | ବକଳ | - | ଆଦିମ ମନୁଷ୍ୟ ଗଛର ବକଳ ପିନ୍ଧୁଥିଲେ। |
| ବି- | ଛାଲି | - | ଅଗିଲ୍କେ ଲୋଗ୍, ଗଛ୍କେ ଛେଲ୍ପା ପିନ୍ଧ୍ତ ରେହେସ୍। |
| ଓ- | ବସିବସି | - | ବୁଢ଼ାଟି ବସିବସି ଥକି ଯିବଣି। |
| ବି- | ବୋସେବୋସେ | - | ବୁଢ଼ାଟା ବୋଏସ୍ ବୋଏସ୍ କେ ଥେକ୍ ଯହି। |
| ଓ- | ବଞ୍ଚିବା | - | ଆମେ ବଞ୍ଚିବା ପାଇଁ ଖାଉ। |
| ବି- | ବାଟଁବା | - | ହାମେ ବାଟ୍ଁବା କଲେଙ୍ଗ୍ ଖାଥୋଁ। |
| ଓ- | ବର୍ଗକ୍ଷେତ୍ର | - | କ୍ୟାରାମ୍ ବୋର୍ଡ଼ ବର୍ଗକ୍ଷେତ୍ର ପରି ଅଟେ। |

ବି- ଚାରଖୁଟିଆ - କେରମ୍  ବୋଡ଼୍ଟା ଚାର୍‌ଖୁଟିଆ ବାଗିର୍ ଏହେ।

ଓ- ବସାଇଲା - ଲୋକଟି ତା ପୁଅକୁ କାନ୍ଧରେ ବସାଇଲା।

ବି- ବୋସାଏସ୍ - ଲୋଗ୍ ଗୋଟେକ୍ ଅକର୍ ବେଟାକେ ଖନ୍ଧ୍‌ନେ ବୋସାଏସ୍।

ଓ- ବଜ୍ରକାପ୍‌ତା - ବଜ୍ରକାପ୍‌ତାର କାଢ଼ି ଖୁବ ଟାଣ ଅଟେ।

ବି- ଶାଲ୍‌କାତି - ଶାଲ୍‌କାତିକେ କାତିଟା ଭାରି ବର୍‌କସ୍ ଏ।

ଓ- ବଡ଼ିଭୋର - ମୁଁ ବଡ଼ିଭୋର ବେଳେ ଉଠି ବହି ପଢ଼େ।

ବି- ବିହାଣ୍ଡେ - ମେଁ ବିହାଣ୍ଡେ ବେଲା ଉଠ୍‌କେ ବହି ପଢ଼ଥୋଁ।

ଓ- ବଡ଼ ଚିହ୍ନ - ବଡ଼ ଚିହ୍ନ ବଡ଼କୁ ବୁଝାଏ।

ବି- ବଡ଼ଖା ଚିହ୍ନା - ବଡ଼୍‌ଖା ଚିହ୍ନାଟା ବଡ଼୍‌ଖାକେ ବୁଝାଥେ।

ଓ- ବଞ୍ଚାଇବା - ରୋଗୀକୁ ବଞ୍ଚାଇବା ଡ଼ାକ୍ତରଙ୍କ ପରମ କର୍ତ୍ତବ୍ୟ।

ବି- ବଚାଁବା - ବେମ୍‌ରିଆକେ ବଂଚାବା ଡ଼ାକ୍ଟର୍‌କେ କାମ୍ ଏ।

ଓ- ବଂଶୀ - ମୁଁ ଭଲ ବଂଶୀ ବାଦନ ଜାଣେ।

ବି- ବଂଶୀ - ମେଁ ଅଇନ୍ ବଂଶୀ ବଜାନ୍ ଜାନ୍‌ଥୋଁ।

ଓ- ବଣଭୋଜି - ଆମେ ସ୍କୁଲ ପିଲା ବଣଭୋଜି କରିଗଲୁ।

ବି- ବନଭୋଜି - ହାମେ ଇସ୍‌କୁଲ୍‌କେ ଛୁଆ ବନ୍‌ଭୋଜି କରନ୍ ଯାଏଁ।

ଓ- ବଳି ପଡ଼ିଲା - ଭୋଜିରେ ମାଂସ ତରକାରୀ ବଳି ପଡ଼ିଲା।

ବି- ଅଗଲ୍ ଯାଏସ୍ - ଭୋଜିନେ ଶିକାର୍ ତର୍‌କାରି ଅଗଲ୍ ଯାଏସ୍।

ଓ- ବାଡ଼ି - ବାଡ଼ି ଦେଖି ବିରାଡ଼ି ଭୟରେ ଦଉଡ଼ି ଯାଏ।

ବି- ଠେଙ୍ଗା - ଠେଙ୍ଗାକେ ଦେଖ୍‌କେ ବିଲଇ କୁଦତ୍ ଭାଏଗ୍ ଯଥେ।

ଓ- ବାଘ - ବାଘ ଗୋଟିଏ ମାଂସାଶୀ ପ୍ରାଣୀ ଅଟେ।

ବି- ବାଘ - ବାଘ୍‌ଟା ଗୋଟେକ୍ ଶିକାର୍ ଖିଆ ଜୀବ୍ ଏ।

ଓ- ବାଡ଼ - ବଗିଚାରେ ବାଡ଼ ବାନ୍ଧିଲେ ଫଳଗଛ ସୁରକ୍ଷିତ ରହିବ।

ବି- ରୁନ୍ଧାନ - ବଗିଚାକେ ରୁନ୍ଧ୍‌ନେ ଫୋଲ୍‌ଗଚ୍‌ମନ୍ ବାଁଚ୍‌ଯାହି।

ଓ- ବାସି - ବାସି ଖାଦ୍ୟ ଖାଅ ନାହିଁ।

ବି- ବାସି - ବାସି ଖାନା ନିଖାଅ।

ଓ- ବାଦ୍ୟ - ବିବାହ ଭୋଜିରେ ବାଦ୍ୟ ବାଜି ଉଠିଲା।

ବି- ବାଜା - ବିହା ଭୋଜିନେ ବାଜା ବାଜେସ୍।

ଓ- ବାଷ୍ପ - ଜଳ ଗରମ ହେଲେ ବାଷ୍ପ ହୋଇ ଉପରକୁ ଉଠେ।

ବି- ଫାପ୍ - ପାନି ତିପନେ ଫାପ୍ ହକେ ଉପର ଫାକ୍ ଉଠ୍ଥେ।

ଓ- ବାକ୍ସ - ଚିଠି ବାକ୍ସରେ ଚିଠି ପକାଯାଏ।

ବି- ବାକସ - ଚିଠି ବାକସ୍ନେ ଚିଠି ଭୋର୍ଥେ।

ଓ- ବାମ୍ଫ - ଫୁଟନ୍ତା ପାଣିରୁ ବାମ୍ଫ ବାହାରେ।

ବି- ବୁଜବୁଜି - ତିପତ ପାନିନେ ଫାପ୍ ନିକଲ ଥେ।

ଓ- ବାଟ - ଅନ୍ଧକୁ ବାଟ ଦେଖାଇବା ଏକ ପରମ ଧର୍ମ।

ବି- ବାଟ୍ - ଅନ୍ଧୁଆକେ ବାଟ୍ ଦେଖାବାଟା ଧରମ୍ ଏ।

ଓ- ବାଜା - ଭୋଜିରେ ବାଜା ବାଜିଲେ ଲୋକେ ନାଚନ୍ତି।

ବି- ବାଜା - ଭୋଜିନେ ବାଜା ବାଜ୍ନେ ଲୋଗ୍ମନ୍ ନାଚ୍ଥେ।

ଓ- ବାଟିଲେ - ଆମ ମାଁ ତରକାରୀ ପାଇଁ ବେସର ବାଟିଲେ।

ବି- ପିସେସ୍ - ହାମର୍ ଆୟା ଶାଗ୍ ରାନ୍ଧ୍‌ବା କଲେଇଁ ମସେଲା ପିସେସ୍।

ଓ- ବାପାର ଭାଇ - ସମୀର ମୋ ବାପାର ଭାଇ ଅଟନ୍ତି।

ବି- ବୁଆକେ ଭାଇ - ସମୀର୍ ମୋର୍ ବୁଆକେ ଭାଇ ଏ।

ଓ- ବାପାର ବାପା - ମୋ ଜେଜେ ମୋ ବାପାର ବାପା ଅଟନ୍ତି।

ବି- ବୁଆକେ ବୁଆ - ମୋର୍ ଦାଦି ମୋର୍ ବୁଆକେ ବୁଆ ଏ।

ଓ- ବାୟା ଚଢ଼େଇ - ଖଜୁରୀ ବାହୁଙ୍ଗା ଅଗରେ ବାୟାଚଢ଼େଇ ଘର କରେ।

ବି- ଖଟଖଟିଆ ଚିରଇ- ଛିନ୍ଦ ଗଚ୍କେ ଡାଲ୍କେ ପତର୍ନେ ଖଡ୍ଡିଆ ଚିରଇ ଗୁଡ଼ା ବନାଥେ।

ଓ- ବାସସ୍ଥଳୀ - ଜଙ୍ଗଲ ବାଘ ଭାଲୁଙ୍କ ବାସସ୍ଥଳୀ।

ବି- ଡ଼େରା - ଜଙ୍ଗଲ୍ଟା ବାଘ୍ ଭାଲୁମନ୍କେ ଡ଼େରାଏ।

ଓ- ବାହାର - ଘର ବାହାର ପରିବେଶ ସଫା ରଖ।

ବି- ତିର - ଘରକେ ବହିର୍ ଫାଖ୍‌କେ ପରିବେଶ୍ ସଫା ରାଖୋ।

ଓ- ବାଛିବାଛି - ଦୋକାନରୁ ଆମେ ବାଛି ବାଛି ପରିବା କିଣୁ।

ବି- ବାଛବାଛକେ - ଦୁକାନ୍‌ଲେ ହାମେ ବାଛ୍ ବାଛ୍‌କେ ଶାଗ୍ ସବ୍‌ଜି ଘିନ୍‌ଥିଁ।

ଓ- ବାଛୁରୀ - ବାଛୁରୀ ଡ଼େଇଁ ଡ଼େଇଁ ଖେଳୁଛି।

ବି- ଦାମୁର - ଦାମୁର୍ ଡ଼ାହାଁକ୍ ଡ଼ାହାଁକ୍‌କେ ଖେଲଥେ।

ଓ- ବାଚସ୍ପତି - ବାଚସ୍ପତି ବିଧାନ୍‌ସଭା ପରିଚାଳନା କରନ୍ତି।

ବି- ବାଚସ୍ପତି - ବାଚସ୍ପତି ବିଧାନସଭାକେ ଚଲାଥେ।

ଓ- ବାଘମାମୁଁ - ଗପରେ ବାଘକୁ ବାଘ ମାମୁଁ ବୋଲି ଭାବନ୍ତି।

ବି- ବାଘମଁମା - କଥାନିନେ ବାଘ କେ ମାଁମା ବେଲ୍‌କେ ଭାବ୍‌ଥେ।

ଓ- ବାଳକେ - ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ।

ବି- ଛୁଆମନ - ପାଠଟା ହଥେ ବଡ଼୍‌ଖା ଧନ୍, ଛୁଆମନ୍ କରୋ ଉପାର୍ଜନ୍।

ଓ- ବାଦାମ - ବାଲିଆ ମାଟିରେ ବାଦାମ ଚାଷ ଭଲ ହୁଏ।

ବି- ମୁଙ୍ଗଫଲି - କୁଧୁର୍ ମାଟିନେ ମୁଙ୍ଗ୍‌ଫଲି ବନେ ହଥେ।

ଓ- ବାଦୁଡ଼ି - ବାଦୁଡ଼ି ଏକ ରାତ୍ରିଚର ପ୍ରାଣୀ ଅଟେ।

ବି- ଗେଦୁର ଚିରେଇ - ଗେଦୁର୍ ଗୋଟେକ୍ ରାତିନେ ବୁଲ୍‌ବା ଜୀବ ଏ।

ଓ- ବାଳିକା - ଆମ୍ଭ ବିଦ୍ୟାଳୟରେ ବାଳକ ବାଳିକା ଉଭୟ ପଢ଼ନ୍ତି।

ବି- ଛକରି - ହାମର ଇସକୁଲ୍‌ନେ ଛକ୍‌ରା ଛକ୍‌ରି ଦୁନୋ ପଢ଼୍‌ଥେ।

ଓ- ବାରଣ୍ଡା - ଘର ବାରଣ୍ଡାରେ ଲୋକ ବସନ୍ତି।

ବି- ପରଛି - ଘର୍‌କେ ପର୍‌ଛିନେ ଲୋଗ୍‌ମନ୍ ବୋସ୍‌ଥେ।

ଓ- ବାର୍ଷିକ - ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହୁଏ।

ବି- ବଛରଦିନକେ - ମାର୍ଚ୍ଚ୍ ମହିନାନେ ବଛରଦିନ୍‌କେ ପରୀକ୍ଷା ହଥେ।

ଓ- ବାଡ଼ାଇବା - ପିଲାଙ୍କୁ ବାଡ଼ାଇବା ମନା କରାଯାଇଛି।

ବି- ଠେଙ୍ଗିଆବା - ଛୁଆମନ୍‌କେ ଠେଙ୍ଗିଆବାଟା ମନା କର୍‌ଲାହେ।

ଓ- ବାହାରିବା - ଝାଡ଼ା ଫେରି ସାବୁନରେ ହାତ ନ ଧୋଇଲେ ଘା ବାହାରିବା ନିଶ୍ଚିତ।

| | | | |
|---|---|---|---|
| ବି- | ହବା | - | ବାହିର୍ ବୋସ୍‌କେ ସାଗୁନ୍ ନେ ହାତ୍‌ନି ଧୋନେ ଘାହବାଟୀପକ୍କା ଏ। |
| ଓ- | ବାଟଯାକ | - | କଣା ବ୍ୟାଗରୁ ଚାଉଳ ବାଟଯାକ ଗଳି ଚାଲିଲା। |
| ବି- | ବାଟସୁଧା | - | ଟଣ୍‌କା ଝୋଲାଲେ ବାଟସୁଧା ଚଉଲ୍‌ଟା ଗିରତ୍ ଗିରତ୍ ଯାଏସ୍। |
| ଓ- | ବାସ | - | ଫୁଲର ବାସ ଚହଟି ଯାଉଛି। |
| ବି- | କହଁର | - | ଫୁଲକେ କହଁର୍ ଟା ଫଏଲ୍ ଯାଆଥେ। |
| ଓ- | ବାନର | - | ବାନର ଡ଼ାଳରୁ ଡ଼ାଳ ଡ଼େଇଁ ପଳାଏ। |
| ବି- | ବେନ୍ଦରା | - | ବେନ୍ଦ୍‌ରାଟା ଇଡ଼ାଲ୍‌ଲେ ଅଡ଼ାଲ୍ ଡ଼ାହାଁକତ୍ ଡ଼ାହାଁକତ୍ ଭାଗ୍‌ଥେ। |
| ଓ- | ବାରିଷ୍ଟର | - | ମଧୁବାବୁ ପ୍ରଥମ ଓଡ଼ିଆ ବାରିଷ୍ଟର। |
| ବି- | ବାରିଷ୍ଟର | - | ମଧୁବାବୁ ପହେଲି ଓଡ଼ିଆ ବାରିଷ୍ଟର୍ ଏ। |
| ଓ- | ବାରମ୍ବାର | - | ଦୁଷ୍ଟ ପିଲା ବାରମ୍ବାର କଳି କରନ୍ତି। |
| ବି- | ଉଦ୍‌ଦେ ଉଦ୍‌ଦେ | - | ଝଗଡ଼ାହା ଛୁଆ ଉଦ୍‌ଦେ ଉବ୍‌ଦେ ଝଗ୍‌ଡ଼ା କର୍‌ଥେ। |
| ଓ- | ବାର୍ଦ୍ଧକ୍ୟ ଭତ୍ତା | - | ସରକାର ବାର୍ଦ୍ଧକ୍ୟ ଭତ୍ତା ଦେଇଥାନ୍ତି। |
| ବି- | ବୁଢ଼ାଭତ୍‌ତା | - | ସରକାର୍ ବୁଢ଼ା ଭତ୍‌ତା ଦେଥେ। |
| ଓ- | ବାସଗୃହ | - | ଯାଯାବର ମାନଙ୍କ ବାସଗୃହ ନଥାଏ। |
| ବି- | ଘର | - | ବୁଲନ୍ତା ମ୍‌ନକେ ଘର୍‌ଘାଟ ନି ରେହେ। |
| ଓ- | ବାଇଗଣ | - | ବାଇଗଣ ଚାଷ ଏକ ଲାଭଜନକ ଫସଲ। |
| ବି- | ଭାଁଟା | - | ଭାଁଟା ଚାଷ୍ ଗୋଟେକ୍ ଲାଭ୍ ଦାୟକ୍ ଫସଲ୍ ଏ। |
| ଓ- | ବାହାଘର | - | ଗତବର୍ଷ ଆମ କକାଙ୍କର ବାହାଘର ହେଲା। |
| ବି- | ବିହା | - | ଯାଏସ୍‌ବଛର୍ ହାମର୍ କକାକେ ବିହା ହେସ୍। |
| ଓ- | ବାହାରକୁ | - | ରାତିରେ ବାହାରକୁ ଯିବାପାଇଁ ମୁଁ ଡ଼ରେ। |
| ବି- | ଭାଁଠାକେ | - | ରାତିନେ ଭାଁଠାକ ଯାବାକ୍‌ଲେଙ୍ଗ୍ ଡ଼ରାଥିଁ। |
| ଓ- | ବାଲି | - | ବସି ଖାଇଲେ ନଈ ବାଲି ସରେ। |
| ବି- | କୁଧୁର | - | ବୋଏସ୍ କେ ଖନେ ନନ୍ଦିକେ କୁଧୁରୁ ଘଲେ ନିପୁରେ। |
| ଓ- | ବାଣ୍ଟିବା | - | ମୁଁ ବିସ୍କୁଟ ବାଣ୍ଟିବା ଜାଣେ। |

| | | | |
|---|---|---|---|
| ବି- | ବାଟନ | - | ମେଁ ବିସ୍କୁଟ ବାଟନ୍ ଜାନ୍ଥାଁ। |
| ଓ- | ବାହାରେ | - | ବାହାରେ ଏଠିସେଠି ଛେପ ପକାଅ ନାହିଁ। |
| ବି- | ବାହାରନେ | - | ବାହାର୍‌ନେ ଇଫାଲ୍ ସେଫାଲ୍ ନିଥୁକୋ। |
| ଓ- | ବାମପଟ | - | ରାସ୍ତାର ବାମପଟ ଦେଇ ଚାଲ। |
| ବି- | ଡ଼େରିକଢ଼ି | - | ବାଟ୍‌କେ ଡେରି ହାତ୍ ଫାଲ୍ ରେଁଗୋ। |
| ଓ- | ବାହୁ | - | ରାଜାମାନେ ନିଜ ବାହୁ ବଳରେ ରାଜ୍ୟ ଜୟ କରୁଥିଲେ। |
| ବି- | ଭୂଜା | - | ରଜାମ୍‌ନ ଅକର୍ ଭୂଜାକେ ବଲ୍‌ନେ ରାଇଜ୍ ଜିତତ୍ ରେହେସ୍। |
| ଓ- | ବାଉଁଶ | - | ବାଉଁଶରେ କୁଲା ତିଆରି କରାଯାଏ। |
| ବି- | ବଉଁଶ୍ | - | ବଉଁଶନେ ସୁପା ବନାଯାଥେ। |
| ଓ- | ବିଜୁଳି | - | ବିଜୁଳି ମାରିଲେ ନିଆଁ ବାହାରେ। |
| ବି- | ଚଡ଼୍‌କା | - | ଚଡ଼୍‌କା ମାର୍‌ନେ ଜୋଏ ବାହାର୍ ଥେ। |
| ଓ- | ବିଭବ | - | ଆମ ରାଜ୍ୟ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ। |
| ବି- | ସଂପଦ | - | ହାମର୍ ରାଜ୍‌ଟା ପ୍ରାକୃତିକ ସଂପଦ୍‌ନେ ଭର୍ତ୍ତି ଭଣ୍ଡାର ଏ। |
| ଓ- | ବିଦେଶୀ | - | ଦିନେ ବିଦେଶୀମାନେ ଆମ ଦେଶ ଶାସନ କରୁଥିଲେ। |
| ବି- | ବିଦେଶକେଟାମନ- | | ଦିନେକ୍ ବିଦେଶ୍‌କେଟାମନ୍ ହାମର୍ ଦେଶ୍‌କେ ଚଲାତ୍ ରେହେସ୍। |
| ଓ- | ବିଚିତ୍ର | - | ବେଳେବେଳେ ଆକାଶରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ। |
| ବି- | ଜେନ୍‌ତାତେନ୍‌ତା | - | ଛନେକ୍ ଘଡ଼େକ୍ ଆକାଶ୍‌ନେ ଜେନ୍‌ତା ତେନ୍‌ତା ଦୁରୁଶ ଦେଖ୍‌ବାକେ ମିଲ୍‌ଥେ। |
| ଓ- | ବିପତ୍ତି | - | ବିପତ୍ତି ବେଳର ବନ୍ଧୁ ପ୍ରକୃତ ବନ୍ଧୁ। |
| ବି- | ବି ପ ତ୍ତି | - | ବିପତ୍ତି ବେଲ୍‌କେ ସଙ୍ଗୁଆରିଟା ଠିକ୍ ସଙ୍ଗୁଆରି ଏ। |
| ଓ- | ବିଲୁଆ | - | ବିଲୁଆ ବଡ଼ ଚତୁର। |
| ବି- | କୋଲିହା | - | କୋଲିହା ବଡ଼୍ ଚତୁରାହା ଏ। |
| ଓ- | ବିଦାୟ | - | ବିଦାୟ ବେଳେ ଦୁଃଖ ଲାଗିଥାଏ। |

| | | | |
|---|---|---|---|
| ବି- | ବଟିଆବା | - | ବଟିଆବା ବେଲ୍‌କେ ଦୁଃଖ୍ ଲାଗ୍‌ଥେ। |
| ଓ- | ବିହଙ୍ଗ | - | ବିହଙ୍ଗ ଉଡ଼େ ଗଗନ ଛୁଇଁ। |
| ବି- | ଚିରଇ | - | ଚିରଇ ଉଡ୍‌ଥେ ଆକାଶ୍ କେ ଛିଅତ୍। |
| ଓ- | ବିମଳ | - | ବିମଳ ଶଶୀ ଆକାଶେ ହସେ। |
| ବି- | ଫଟିଙ୍ଗ୍ | - | ଫଟିଙ୍ଗ ଜୋନ୍ ଆକାଶ୍ ନେଁ ହାଁସ୍‌ଥେ। |
| ଓ- | ବିଚାର | - | ଈଶ୍ୱର ଦିନେ ପାପିର ବିଚାର କରିବେ। |
| ବି- | ବିଚାର | - | ଭଗୱାନ ଦିନେକ୍ ପପୀଆକେ ବିଚାର୍ କର୍‌ହି। |
| ଓ- | ବିରୋଧ | - | ଅନ୍ୟାୟର ବିରୋଧ କରିବା ଉଚିତ୍। |
| ବି- | ବିରୋଧ | - | ଅନ୍ୟାୟକେ ବିରୋଧ୍ କର୍‌ବା ଟାଏ। |
| ଓ- | ବିମାନ | - | ବିମାନ ପକ୍ଷୀ ପରି ଆକାଶରେ ଉଡ଼େ। |
| ବି- | ବିବାନ | - | ବିବାନ୍ ଚିରଇରେଙ୍ଗ୍ ଆକାଶ୍‌ନେ ଉଡ୍‌ଥେ। |
| ଓ- | ବିହନ | - | ଉନ୍ନତ ବିହନ ବୁଣିଲେ ଅଧିକ ଅମଳ ହୁଏ। |
| ବି- | ବିଝା | - | ବନେ ବିଝା ବୁନ୍‌ନେ ବନେଚ୍ ଫସଲ ହଥେ। |
| ଓ- | ବିଚାରପତି | - | ବିଚାରପତି ନିଷ୍ପକ୍ଷ ବିଚ୍ଚର କରନ୍ତି। |
| ବି- | ବିଚ୍ଚରକର୍‌ବାଲୋଗ୍- | | ବିଚ୍ଚର୍‌କର୍‌ବା ଲୋଗ୍ କାକରୋ ପକ୍ଷୀଆ ନିହକେ ବିଚ୍ଚର୍ କର୍‌ଥେ। |
| ଓ- | ବିତରିବା | - | ଗରିବଙ୍କୁ ପୋଷାକ ବିତରିବା ପୂଣ୍ୟ କାମ ଅଟେ। |
| ବି- | ବାଁଟ୍‌ବା | - | ଗରିବ୍‌କେ ଛିଡ୍‌ହାପଟା ବାଁଟ୍‌ବାଟା ଧରମ୍ କାମ୍ ଏ। |
| ଓ- | ବିଚଳିତ | - | ବିପଦ ସମ୍ବାଦ ଶୁଣି ଆମେ ବିଚଳିତ ହେଉ। |
| ବି- | ତାଏଁଭାଏଁ | - | ବିପତ୍ତି ସୋର୍ ଶୁନ୍‌କେ ହାମେ ତାଏଁଭାଏଁ ହଥୋଁ। |
| ଓ- | ବିଲେଇ | - | ବିଲେଇ ରାତିରେ ଦେଖିପାରେ। |
| ବି- | ବିଲ | - | ବିଲ ରାତି ଦେଖାନ୍ ସେକ୍‌ଥେ। |
| ଓ- | ବିଶେଷଜ୍ଞ | - | ଜଟିଳ ରୋଗ ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଅ। |
| ବି- | ଜାନ୍‌ବାଲୋଗ୍ | - | କଡ଼ା ବେମାର୍ କଜେଙ୍ଗ୍ ଜାନ୍‌ବାର୍ ଲୋଗ୍ ଲଗ ପରାମର୍ଶ ଲୋହୋ। |
| ଓ- | ବିନ୍ଦୁ | - | ବିନ୍ଦୁର ଦୈର୍ଘ୍ୟ ପ୍ରସ୍ଥ ନଥାଏ। |

| | | | |
|---|---|---|---|
| ବି- | ବିନ୍ଦୁ | - | ବିନ୍ଦୁ ଚିହ୍ନକେ ଲମା ଚଉଡ଼ା ନିରେହେ। |
| ଓ- | ବିପରୀତ | - | ସ୍ରୋତର ବିପରୀତ ଦିଗକୁ ପହଁରିବା କଷ୍ଟ। |
| ବି- | ଉପରଫାଳ | - | ଧାର୍‌କେ ଉପର୍‌କଢି ତଅଁର୍ ବାଟା କଡା ଏ। |
| ଓ- | ବିନ୍ଦୁଡ଼ିଗ୍ରୀ | - | ବିନ୍ଦୁ ଡ଼ିଗ୍ରୀ କୋଣ ମାପର ଏକକ ଅଟେ। |
| ବି- | ବିନ୍ଦୁଡ଼ିଗ୍ରୀ | - | ବିନ୍ଦୁଡ଼ିଗ୍ରୀ  କୋନହାକେ ନାବ୍‌ବା କେ ଏକକ ଏ। |
| ଓ- | ବିୟୋଗ | - | ବଡ଼ ସଂଖ୍ୟାରୁ  ସାନ ସଂଖ୍ୟା ବିୟୋଗ କରାଯାଏ। |
| ବି- | କଟା | - | ବଡ୍‌ଖା ସଂଖ୍ୟାଲେ ଛୋଟେ ସଂଖ୍ୟା କଟା ଯଥେ। |
| ଓ- | ବିଛଣା | - | ବିଛଣା ଖରାରେ ଶୁଖାଇବା ଉଚିତ। |
| ବି- | ଦଶ୍‌ନା | - | ଦଶ୍‌ନା ଘାମ୍‌ନେ ଶୁଖାବାଟା ଠିକ୍‌ଏ। |
| ଓ- | ବିଛିନ୍ନ | - | ଓଡ଼ିଶାର ବିଛିନ୍ନାଞ୍ଚଳର ଉନ୍ନତି ଆବଶ୍ୟକ। |
| ବି- | ଜତଖତିଆ | - | ଓଡ଼ିଶାକେ ଜତ୍‌ଖତିଆ ଅଞ୍ଚଳକେ ଉନ୍ନତି କର୍‌ବାଟାଏ। |
| ଓ- | ବିରି | - | ବିରି ମାଡ଼ ଦେଖି କୋଳଥ ଚେପା। |
| ବି- | ବିରହି | - | ବିର୍‌ହି କେ ମାଡ୍ ଦେଖି କେ କୁଳୁତ୍ ଚେପ୍‌ଟା ହେ ଯାଏସ୍। |
| ଓ- | ବିଭାଗ | - | ସରକାର ଅନେକ ବିଭାଗ ପରିଚାଳନା କରନ୍ତି। |
| ବି- | ବିଭାଗ | - | ସରକାର୍ କତ୍‌ନିକ୍ କର୍‌କେ ବିଭାଗମନ୍‌କେ ଚଲାଥେ। |
| ଓ- | ବିଶ୍ୱାସ | - | ବିଶ୍ୱାସ ବିନା ଈଶ୍ୱରଙ୍କୁ ଜାଣି ହୁଏ ନାହିଁ। |
| ବି- | ବିଶ୍ୱାସ | - | ବିଶ୍ୱାସ ନିକର୍‌ନେ ଭଗଓ୍ୱାନକେ ଜାନନ୍ ନି ସେକାଏ। |
| ଓ- | ବିକ୍ରି | - | ବେପାରି ମାନେ ବିକ୍ରି ପାଇଁ ହାଟକୁ ବଳଦ ଆଣନ୍ତି। |
| ବି- | ବେଚବା | - | ବେପାରିମନ୍ ହାଟ୍‌କେ ବଇଲା ବେଚ୍‌ବା କଜେଙ୍ଗ୍ ଆନ୍‌ଥେ। |
| ଓ- | ବିନିମୟ | - | ଟଙ୍କାର ବିନିମୟ ମୂଲ୍ୟ ସବୁବେଳେ ଅସ୍ଥିର ଥାଏ। |
| ବି- | ଠିକଠିକାନା | - | ରୁପିଆ ପଇସାକେ ଘିନାବିଚା ସବ୍‌ବେଲ୍ ଠିକ୍‌ଠିକାନା ନିରେହେ। |
| ଓ- | ବିଲ | - | ଗହୀର ବିଲରେ ଭଲ ଫସଲ ହୁଏ। |
| ବି- | ଡ଼ୋଲି | - | ଗହିର୍ ଡ଼ୋଲିନେ ଅଇନ୍ ଫସଲ୍ ହଥେ। |
| ଓ- | ବିଦ୍ୟାଳୟ | - | ରବିବାର ବିଦ୍ୟାଳୟ ଛୁଟି ରହେ। |

| | | | |
|---|---|---|---|
| ବି- | ଇସକୁଲ | - | ଏତୁଆର୍‌କେ ଦିନ୍ ଇସ୍‌କୁଲ ଛୁଟି ରେଥେ। |
| ଓ- | ବିଜୟୀ | - | ଆମେ ଦିନେ ନିଶ୍ଚୟ ବିଜୟୀ ହେବା। |
| ବି- | ଜିତବୋ | - | ହାମେ ଦିନେକ୍ ପକ୍କା ଜିତବ୍। |
| ଓ- | ବିପଦ | - | ବିପଦ ବେଳେ ସାହାସ ଧରି କାର୍ଯ୍ୟ କର। |
| ବି- | ବିପଦ | - | ବିପଦ୍ ପୋଡ଼୍‌ନେ ଦମକର୍‌କେ କାମ୍ କର୍‌ବାଟା ଏ। |
| ଓ- | ବିଳମ୍ବ | - | ବିଳମ୍ବରେ ବିଦ୍ୟାଳୟକୁ ଯିବା ଅନୁଚିତ୍। |
| ବି- | ବିଲମ୍ | - | ବିଲମ୍‌ନେ ଇସ୍‌କୁଲ ଯବା ଠିକ୍ ନି ହଏ। |
| ଓ- | ବିଭକ୍ତ | - | ବିଭକ୍ତ ଦୁଇ ମାନେ ଅଧା। |
| ବି- | ବାଁଟା | - | ବାଁଟାଁ ଦୁଇ ମାନେ ଅଧା ଏ। |
| ଓ- | ବିଶ୍ୱବିଦ୍ୟାଳୟରେ- | | ବିଶ୍ୱବିଦ୍ୟାଳୟରେ ଅନେକ ଦେଶର ପିଲା ପଢ଼ନ୍ତି। |
| ବି- | ବିଶ୍ୱ ବିଦ୍ୟାଳୟନେ- | | ବିଶ୍ୱବିଦ୍ୟାଳୟନେ ଅନେକ୍ ଦେଶ୍‌କେ ଛୁଆମନ୍ ପଢ଼୍‌ଥେ। |
| ଓ- | ବିଚ୍ଛେଦ | - | ବେଳେବେଳେ ଦୁଇ ବନ୍ଧୁଙ୍କର ବିଚ୍ଛେଦ ଘଟେ। |
| ବି- | ବିଚ୍ଛେଦ | - | ମଉକା ମଉକାନେ ଦୋନୋ ସଙ୍ଗୁଆରୀ କେ ଭିତର୍ ନେ ବିଚ୍ଛେଦ୍ ପଟଥେ। |
| ଓ- | ବିଶ୍ୱ | - | ଈଶ୍ୱର ବିଶ୍ୱ ବିଧାତା ଅଟନ୍ତି। |
| ବି- | ସଂସାର | - | ଭଗୱାନ୍ ସଂସାର୍‌କେ ମାଲିକ୍ ଏ। |
| ଓ- | ବିଡ଼ା | - | ଶାଗ ବିଡ଼ାକର ଦାମ କମ୍ ରହିଛି। |
| ବି- | ବିଡ଼ା | - | ଭାଜି ବିଡ଼ାକେ ମୋଲ କମ୍ ହେ। |
| ଓ- | ବିଶ୍ରାମ | - | ବାଟୋଇ ମାନେ ଗଛ ଛାଇରେ ବିଶ୍ରାମ ନିଅନ୍ତି। |
| ବି- | ଧକିଆବା | - | ବାଟ୍‌ରେଙ୍ଗା ମନ୍ ଗଚ୍ ଛଇଁହାଁନେ ଧକିଆଥେ। |
| ଓ- | ବିକାଳି | - | ବିକାଳି ସବୁବେଳେ ଲାଭ ଚାହେଁ। |
| ବି- | ବେଚନେ ବାଲା | - | ବେଚ୍‌ନେ ବାଲା ସବୋଦିଆଁ ଫାଇଦା ଚାହଁଥେ। |
| ଓ- | ବିଜ୍ଞ | - | ବିଜ୍ଞ  ଲୋକମାନଙ୍କର ପରାମର୍ଶ ଗ୍ରହଣ କର। |
| ବି- | ଗିଆନି | - | ଗିଆନି ଲୋଗ୍‌କେ ପରାମର୍ଶ ଗ୍ରହଣ୍ କରୋ। |
| ଓ- | ବିଜ୍ଞପ୍ତି | - | ବିଜ୍ଞପ୍ତି ପାଠ କରି ଅନେକ କଥା ଜାଣି ହୁଏ। |

| | | | |
|---|---|---|---|
| ବି- | ଗେଜେଟ | - | ଗେଜେଟ୍ ପେଢ୍‌କେ ବନେଚ୍ କଥା ଜାନନ୍ ସେକାଥେ। |
| ଓ- | ବୀରତ୍ୱ | - | ଭାରତୀୟ ମାନଙ୍କ ବୀରତ୍ୱ ପୃଥିବୀ ଜାଣେ। |
| ବି- | ଦମ | - | ଭାରତ୍‌କେ ଲୋଗ୍‌ମନ୍‌କେ ସାହାସ୍‌କେ ସାରା ସଂସାର୍ ଜାନ୍‌ଥେ। |
| ଓ- | ବୀରଭୂମି | - | ଆମ ଦେଶ ବୀରଭୂମି ଅଟେ। |
| ବି- | ଛତ୍ରୀମାଟି | - | ହାମର୍ ଦେଶ୍‌ଟା ଛତ୍ରୀମାଟି ଏ। |
| ଓ- | ବୁଦ୍ଧିମାନ୍ | - | ବୁଦ୍ଧିମାନ ପିଲା ମନ ଦେଇ ପାଠ ପଢ଼େ। |
| ବି- | ବୁଧିଆ | - | ବୁଧିଆ ଛୁଆ ମନ୍‌ଲଗାକେ ପାଠ୍ ପଢ଼୍‌ଥେ। |
| ଓ- | ବୁଦା | - | ଘର ଚାରିପାଖ  ବୁଦା କାଟି ପକାଅ। |
| ବି- | ଲଗଡ଼ାଚକଡ଼ା | - | ଘର୍‌କେ ଚାରୋ ଫାକ୍‌କେ ଛେପା କାଏଟ୍ ଦହ। |
| ଓ- | ବୁଢ଼ା | - | ବୁଢ଼ା ଲୋକକୁ ସାହାଯ୍ୟ କର। |
| ବି- | ବୁଢ଼ା | - | ବୁଢ଼ା ଲୋଗ୍‌କେ ସାହାଯ୍ କରୋ। |
| ଓ- | ବୁଢ଼ୀ ମା | - | ଆମ ବୁଢ଼ୀ ମା ଭଲ ଗପ କହି ଜାଣନ୍ତି। |
| ବି- | ବୋବି ମା | - | ହାମର୍ ବୋବିମା ବନେ କଥାନି କୋହନ୍ ଯାନ୍‌ଥେ। |
| ଓ- | ବୁଣିବା | - | ଲୁଗା ବୁଣିବା ତନ୍ତୀର ବୃତ୍ତି ଅଟେ। |
| ବି- | ବୁନ୍‌ବା | - | ଚେନ୍ଦ୍‌ରା ବୁନ୍‌ବା ଭୁଲିଆ ମନ୍‌କେ କାମ୍ ଏ। |
| ଓ- | ବୁଝାଇ | - | ଖାତା କିପରି ସିଲେଇ ହେବ ତାହା ଭାଇ ବୁଝାଇ ଦେଲେ। |
| ବି- | ବତାଦେହେସ | - | ଖାତା କେନ୍‌ତା ସିଲ୍‌ଥେ ଅଖେଁ ମୋର୍ ଭାଇ ବତ଼ା ଦେହେସ୍। |
| ଓ- | ବୁଦାଳିଆ | - | ବଗିଚାର ବୁଦାଳିଆ ଘାସ ଓପାଡ଼ି ଦିଅ। |
| ବି- | ଛେପାବୁଟା | - | ବଗିଚାକେ ଛେପା ବୁଟା ବୋନ୍ଦ୍‌କେ ଘିଚ୍‌କେ ଫେଁକ ଦୋହୋ। |
| ଓ- | ବୁଡ଼ାଇବା | - | ଜଳ ପାତ୍ରରେ ହାତ ବୁଡ଼ାଇବା ଅନୁଚିତ୍। |
| ବି- | ବୁଡ଼ାବାଟା | - | ପାନି ଠେଁକାନେ ହାତ୍  ବୁଡ଼ାବାଟା  ଠିକ୍ ନିହଏ। |
| ଓ- | ବୁଢ଼ା ମାଙ୍କଡ଼ | - | ବୁଢ଼ା ମାଙ୍କଡ଼ ଗଛରେ ଆଉ ଡ଼େଇଁ ପାରୁନି। |
| ବି- | ବୁଢ଼ା ବେନ୍ଦରା | - | ବୁଢ଼ା ବେନ୍ଦରା ଆରୁ ଗଚ୍‌ନେ ଡ଼ାହାକନ୍ ନି ସେକତ୍। |
| ଓ- | ବୁଝାମଣା | - | ଦୁଇ ଦେଶ ମଧ୍ୟରେ ବେଳେବେଳେ ବୁଝାମଣା ହୁଏ। |

| | | | |
|---|---|---|---|
| ବି- | ବୁଝାବୁଝି | - | ଦୁନୋ ଦେଶକେ ଭିତର୍‌ନେ ଘାଏକ୍ ଘାଏକ୍ ବୁଝାଶୁଝା ହଥେ। |
| ଓ- | ବୁଦ୍ଧିଦାତା | - | ଈଶ୍ୱର ବୁଦ୍ଧିଦାତା ଅଟନ୍ତି। |
| ବି- | ବୁଦ୍ଧି ଦେନେବାଲା- | | ଭଗଓ୍ୱାନ ବୁଦ୍ଧି ଦେନେବାଲାଏ। |
| ଓ- | ବେମାର | - | ରାଜୁ ଜ୍ୱରରେ ବେମାର ପଡ଼ିଛି। |
| ବି- | ବେମାରୀ | - | ରାଜୁ ଜର୍‌କେ ବେମାରୀନେ ପୋରେହେ। |
| ଓ- | ବେଳା | - | ସକାଳ ବେଳ୍ ମନ ପ୍ରଫୁଲ୍ଲ ରହେ। |
| ବି- | ବେଲ | - | ସେକ୍‌ଲିଆ ବେଲ୍ ମନ୍‌ଟା ଚଙ୍ଗା ରେଥେ। |
| ଓ- | ବେଲୁନ୍ | - | ଫୁଙ୍କିଲେ ବେଲୁନ ଫୁଲିଯାଏ। |
| ବି- | ଫୁଗା | - | ଫୁକ୍‌ନେ ଫୁଗା ଫୁଲ୍‌ଥେ। |
| ଓ- | ବେଲ | - | ବେଲ ପତ୍ର ପୂଜାରେ ବ୍ୟବହୃତ ହୁଏ। |
| ବି- | ବେଲ୍ | - | ବେଲ୍ ପତର୍ ପୂଜାନେ ଲାଗ୍‌ଥେ। |
| ଓ- | ବେଙ୍ଗ | - | ବେଙ୍ଗ ଏକ ଉଭୟଚର ପ୍ରାଣୀ ଅଟେ। |
| ବି- | ବେଙ୍ଗା | - | ବେଙ୍ଗା ଗୋଟେକ୍ ଦିନ୍ ରାଏତ୍ ଚର୍‌ବା ଜୀବଏ। |
| ଓ- | ବେଗି | - | ରବି ଡ଼ାକୁଛି, ବେଗି ଆସ। |
| ବି- | ଝଟ୍‌କେ | - | ରବି ଡ଼ାକ୍‌ଥେ, ଝଟ୍‌କେ ଆ। |
| ଓ- | ବେଶୀଥର | - | ସତ କହିବାକୁ ବାପା ମୋତେ ବେଶୀ ଥର କହିଛନ୍ତି। |
| ବି- | ବନେଚ୍ | - | ସତ୍ କୋବା କଲେଙ୍ଗ ବୁଆ ମୋଖେଁ ବନେଃ ଘା କହେ ହେ। |
| ଓ- | ବେସରକାରୀ | - | ବେସରକାରୀ ଅନୁଷ୍ଠାନକୁ ଲୋକ ଚଲାନ୍ତି। |
| ବି- | ବେସରକାରୀ | - | ବେସର୍‌କାରୀ ଜାଗାମନ୍‌କେ ଲୋଗ୍‌ମନ୍ ଚଲାଥେ। |
| ଓ- | ବେଳେବେଳେ | - | ବେଳେବେଳେ ଭୂମିକମ୍ପ ହୋଇଥାଏ। |
| ବି- | ଛନେଛନେ | - | ଛନେଛନେ ଭୂଇଁଟା ହେଲ୍‌ଯଥେ। |
| ଓ- | ବୋଇତ | - | ସାଧବ ପିଲାମାନେ ବୋଇତରେ ବିଦେଶ ଯାଉଥିଲେ। |
| ବି- | ଡ଼ୋଙ୍ଗା | - | ସାଧବ୍ ପୁତା ମନ୍ ଡ଼ୋଙ୍ଗାନେ ବିଦେଶ୍ ଯାତ୍ ରେସ୍। |
| ଓ- | ବୋଧହୁଏ | - | ବୋଧହୁଏ ବାପା ଆଜି ଘରକୁ ଆସିବେ। |

| | | | |
|---|---|---|---|
| ବି- | ହୋସେକଥେ | - | ହୋ ସେକ୍‌ଥେ ବୁଆ ଆଏଜ୍ ଘର୍ ଅହି। |
| ଓ- | ବୋକା | - | ବୋକା ଲୋକ କିଛି କରିପାରେ ନାହିଁ। |
| ବି- | ବୁରବକ | - | ବୁର୍‌ବକ୍ ଲୋଗ୍ କହିଁ କରନ୍ ନି ସେକେ। |
| ଓ- | ବୈଦ୍ୟ | - | ବୈଦ୍ୟ ଚେରମୂଳି ଔଷଧ ଦିଅନ୍ତି। |
| ବି- | ବଇଦ | - | ବଇଦ୍ ଚେର୍‌ମୂଳି ଓଷୋ ଦେଥେ। |
| ଓ- | ବୈଶାଖ | - | ବୈଶାଖ ମାସରେ ଟାଣ ଖରା ହୁଏ। |
| ବି- | ବଇଶାଖ | - | ବଇଶାଖ୍ ମହିନାନେ ଆବଡ଼୍ ଖରା କର୍‌ଥେ। |
| ଓ- | ବ୍ୟସ୍ତ | - | ମୁଁ ବିଳମ୍ବରେ ଘରକୁ ଫେରିଲେ ମା ବ୍ୟସ୍ତ ହୁଅନ୍ତି। |
| ବି- | ଧୁକୁରପୁଚୁର | - | ମେଁ ଜଲ୍‌ଦି ଘରନି ଫିର୍‌ନେ ମାଁ ଧୁକୁରପୁଚୁର ହେଯାଥେ। |
| ଓ- | ବ୍ୟତୀତ | - | ମୋ ବ୍ୟତୀତ କେହି ଏ କାମ କରିପାରିବେ ନାହିଁ। |
| ବି- | ବିନା | - | ମୋର୍ ବିନା ଇ ବୁତାକେ କୁନ୍‌ହେ କରନ୍ ନି ସେକେ। |
| ଓ- | ବ୍ୟାଟ | - | ବ୍ୟାଟରେ କ୍ରିକେଟ ଖେଳାଯାଏ। |
| ବି- | ବେଟ | - | ବେଟ୍‌ନେ କିର୍‌କେଟ୍ ଖେଲ୍‌ଥେ। |
| ଓ- | ବ୍ୟାଗ | - | ମୁଁ ବହିପତ୍ର ବ୍ୟାଗରେ ଧରେ। |
| ବି- | ଝୋଲା | - | ମେଁ ବହି ପତର୍‌କେ ଝୋଲାନେ ଧର୍ ଥାଁ। |
| ଓ- | ବ୍ୟାଘ୍ର | - | ଆମ ଜଙ୍ଗଲରୁ ବ୍ୟାଘ୍ର ଶିକାର ନିଷେଧ ଅଟେ। |
| ବି- | ବାଘୁଆ | - | ହାମର୍ ଝାର୍‌ନେ ବାଘୁଆ ଶିକାର୍ କର୍‌ବାଟା ମନା ଏ। |
| ଓ- | ବ୍ୟାୟାମ | - | ବ୍ୟାୟାମ କଲେ ଶରୀର ସୁସ୍ଥ ରହେ। |
| ବି- | କସରତ | - | କସ୍‌ରତ୍ କର୍‌ନେ ଦେହେଁଟା ବନେ ରେଥେ। |
| ଓ- | ବୃତ୍ତି | - | ମାଛ ମାରିବା କେଉଁଟର ବୃତ୍ତି ଅଟେ। |
| ବି- | ଧନ୍ଦା | - | ମଛରି ଧେର୍‌ବାଟା କେଉଁଟାକେ ଧନ୍ଦା ଏ। |
| ଓ- | ବୃଦ୍ଧି | - | ଜନସଂଖ୍ୟା ବୃଦ୍ଧି ଦେଶର ବଡ଼ ସମସ୍ୟା ଅଟେ। |
| ବି- | ବଡ଼ଭା | - | ଲୋଗ୍‌କେ ବଡ଼ଭାଟା ଦେଶ୍‌କେ ବଡ଼୍‌ଖା ସମସ୍ୟା ଏ। |
| ଓ- | ବୃତ୍ତ | - | ବୃତ୍ତର ଗୋଟିଏ କେନ୍ଦ୍ର ଥାଏ। |

ବି- ଗୁଲା - ଗୁଲାକେ ଗୋଟେକ୍ ମୁନ୍ଦି ରେଥେ।

ଓ- ବୃଷ୍ଟି - ଅନିୟମିତ ବୃଷ୍ଟି କୃଷି ପାଇଁ ଅନୁକୂଳ ନୁହେଁ।

ବି- ବରଷା - ଛାଡ଼ ବର୍ଷା ଖେତି କିସାନି କର୍ବା କଜେଙ୍ଗ୍ ବନେ ନିସେ।

ଓ- ବୃଦ୍ଧ - ବୃଦ୍ଧ ବୟସରେ ସାହାଯ୍ୟ ଆବଶ୍ୟକ।

ବି- ବୁଢ଼ା - ବୁଢ଼ା ବେଲ୍‌ନେ ସାହାଯ ଦର୍‌କାର୍।

ଓ- ବୃଥା - ପରିଶ୍ରମ ବୃଥା ଯାଏ ନାହିଁ।

ବି- ବେକାର - ଖଟ୍‌ବାଟା ବେକାର୍ ନି ଯାଏ।

ଓ- ବୃହ□ମ - ନଅ ଏକଅଙ୍କର ବୃହତ୍ତମ ସଂଖ୍ୟା ଅଟେ।

ବି- ରୋଟ୍ - ନଅ ଗୋଟେକ୍ ଅଙ୍କ୍‌କେ ରୋଟ୍ ସଂଖ୍ୟା ଏ।

## 'ଭ'

ଓ- ଭଲ - କ୍ଲୋରୋକୁଇନ୍ ଖାଇବା ପରେ ମୋର ମେଲେରିଆ ଜ୍ୱର ଛାଡ଼ିଗଲା।

ବି- ଅଇନ - କ୍ଲୋରୋକୁଇନ ଖାବାର୍ ପଛେଁ ମୋଖେଁ ମେଲେରିଆ ଜର୍ ଛାଡ଼େସେ।

ଓ- ଭୟ - ବାଘ ଦେଖି ମୁଁ ଭୟ କଲି।

ବି- ଡ଼ରାଏଁ - ବଘୁଆ ଦେଖ୍‌କେ ମେଁ ଡ଼ରାଏଁ।

ଓ- ଭକ୍ତ - ଭକ୍ତମାନେ ଈଶ୍ୱରଙ୍କ ଠାରେ ଆରାଧନା କରନ୍ତି।

ବି- ଭଗତ - ଭଗତମନ୍ ଈଶ୍ୱର୍‌କେ ଆରଧନା କର୍‌ଥେ।

ଓ- ଭଗ୍ନ - ଆମ ଦେଶର ପୁରାତନ କୀର୍ତ୍ତି ଭଗ୍ନାବସ୍ଥାରେ ରହିଛି।

ବି- ଟୁଟାହା ଫୁଟାହା - ହାମର୍ ଦେଶକେ ଜୁନା ଯଶମନ୍ ଟୁଟାହା ଫୁଟାହା ଅବସ୍ଥାନେ ଏହେ।

ଓ- ଭରସା - ଆମେ ଈଶ୍ୱରଙ୍କ ଠାରେ ଭରସା ରଖିବା ଉଚିତ୍।

ବି- ଭରସା - ହାମେ ଈଶ୍ୱର୍‌କେ ଲଗ୍ ଭର୍‌ସା ରଖ୍‌ବା ଟାଏ।

ଓ- ଭକତି - ପିତାମାତାଙ୍କୁ ଭକତି କରିବା ଉଚିତ୍।

ବି- ଭକତି - ବୁଆମାଁକେ ଭକ୍‌ତି କର୍‌ବାଟା ଏ।

ଓ- ଭଲ୍ଲୁକ - ଭଲ୍ଲୁକ ଅତ୍ୟନ୍ତ ହିଂସ୍ର ଅଟେ।

| | | | |
|---|---|---|---|
| ବି- | ଭାଲୁଆ | - | ଭାଲୁଆ କେତେନି ଚବ୍‌ରାହା ଜିବ୍ ଏ। |
| ଓ- | ଭସାଇ | - | ନଦୀ ବଢ଼ିଲେ ଅନେକ ଘର ଭସାଇ ନିଏ। |
| ବି- | ବୋହଲାକେ | - | ନନ୍ଦି ବାଢ଼ନେ ବନେ ଘର୍ କୁରିଆ ବୋହଲାକେ ଲେ ଯଥେ। |
| ଓ- | ଭର୍ତ୍ସନା | - | ଅଦାଲତ ସରକାରଙ୍କୁ ଭର୍ତ୍ସନା କରିଥାଏ। |
| ବି- | ଭୋରସବା | - | କଛରି ସର୍‌କାର୍‌କେ ଭର୍ସନା କର୍‌ଥେ। |
| ଓ- | ଭଲିକିଭଲି | - | ଦୋକାନରେ ଭଲିକିଭଲି କଣ୍ଢେଇ ଅଛି। |
| ବି- | କିସମକିସମ | - | ଦୁକାନ୍‌ନେ କିସମ୍ କିସମ୍ କେ ଖେଲ୍‌ନା ଏହେ। |
| ଓ- | ଭଲ ପଡ଼ିଲା | - | ବ୍ୟାୟାମ ତାଙ୍କୁ ଭଲ ପଡ଼ିଲା। |
| ବି- | ନେଲାଗେସ | - | କସରତ୍ ଅଖେଁ ବନେ ଲାଗେସ୍। |
| ଓ- | ଭାତ | - | ଭାତରୁ ଆମକୁ ଶକ୍ତି ମିଳେ। |
| ବି- | ଭାତ | - | ଭାତ୍‌ଲେ ହାମଖେଁ ବଲ୍ ମିଲ୍‌ଥେ। |
| ଓ- | ଭାଲୁ | - | ଭାଲୁ ଉଇ ଖାଇବାକୁ ଭଲ ପାଏ। |
| ବି- | ଭଲୁଆ | - | ଭଲୁଆ ଢୁକୁ ଖାବାକେ ବନେ ପାଥେ। |
| ଓ- | ଭାଇ | - | ମୋ ଭାଇ କଟକରେ ରହି ଚାକିରୀ  କରନ୍ତି। |
| ବି- | ଭାଏ | - | ମୋର୍ ଭାଏ କଟକନେ ରେହେକେ ଚାକରି କର୍‌ଥେ। |
| ଓ- | ଭାରି | - | ବାଲି ଭାରି ଲାଗେ। |
| ବି- | ଉଜନ | - | କୁଧୁର୍ ଉଜନ୍ ଲାଗ୍‌ଥେ। |
| ଓ- | ଭାଷଣ | - | ସଭାରେ ଭାଷଣ ଦେଇ ମୁଁ  ପୁରସ୍କାର ପାଇଲି। |
| ବି- | ଗୋଠିଆଏଁ | - | ବେସ୍‌କାନେ ଗୋଠିଆଏଁ କେ ମିଁ ଇନାମ୍ ପାଏଁ। |
| ଓ- | ଭାବ | - | ଏହାର ଭାବ ମୁଁ ବୁଝିପାରୁନାହିଁ। |
| ବି- | ଭାବନା | - | ଏକର୍ ଭାବ୍‌ନାକେ ମିଁ ବୁଝନ୍  ନି ସେକତ୍। |
| ଓ- | ଭାଗ | - | ଏକ ଟଙ୍କାକୁ ଚାରି ଭାଗ କଲେ ପଚିଶି ପଇସା ହୁଏ। |
| ବି- | ବାଁଟା | - | ଗୁଟେକ୍ ରୁପିଆକେ ଚାରବାଁଟା କର୍‌ନେ ପଚିଶ ପଇସା ହଥେ। |
| ଓ- | ଭାଜ୍ୟ | - | ଯେଉଁ ସଂଖ୍ୟାକୁ ଭାଗ କରାଯାଏ ତାହା ଭାଜ୍ୟଅଟେ। |

| | | | |
|---|---|---|---|
| ବି- | ଭାଜ୍ୟ | - | ଯୁନ୍ ସଂଖ୍ୟାକେ ବଁଟା କରାଯାଥେ ଭଟା ଭାଜ୍ୟ ଏ। |
| ଓ- | ଭାଜକ | - | ଯାହାଦ୍ୱାରା  ଭାଗ କରାଯାଏ ତାହା ଭାଜକ ଅଟେ। |
| ବି- | ଭାଜକ୍ | - | ଯେକରସଙ୍ଗ୍ ବାଁଟା କରାଯାଥେ ଉଟା ଭାଜକ୍ ଏ। |
| ଓ- | ଭାଗଫଳ | - | ଭାଗକଲେ ଫଳ ଯାହା ପଡ଼େ ତାହା ଭାଗଫଳ ଅଟେ। |
| ବି- | ଭାଗଫଳ | - | ବାଁଟା କର୍‌ନେ ବାଁଟା ଯୁନଟା ପାଥେ ଭଟା ଭାଗଫଳ ଏ। |
| ଓ- | ଭାଗକେ | - | ଭାଗକେ ଏକ କିଗ୍ରା ପଡ଼ିଛି। |
| ବି- | ବାଁଟାକେ | - | ବାଁଟାକେ ଏକ୍ କିଲୋ ପୋଡ଼େହେ। |
| ଓ- | ଭାଗଶେଷ | - | ଭାଗ କ୍ରିୟାର ବଳକା ଭାଗଶେଷ ଅଟେ। |
| ବି- | ଭାଗଶେଷ | - | ବାଟାଁକେ   ବାଁଚ୍‌ଲାଟା ଭାଗଶେଷ ଏ। |
| ଓ- | ଭାଙ୍ଗିଗଲା | - | ହାତରୁ ଖସି କାଚ ଗ୍ଲାସଟି ଭାଙ୍ଗିଗଲା। |
| ବି- | ଫୁଟ୍‌ଯାଏସ | - | ହାତ୍‌ଲେ ଖସେଲ୍‌କେ କାଁଚ ଗିଲାସ୍‌ଟା ଫୁଟ୍‌ଯାଏସ୍। |
| ଓ- | ଭଉଣୀ | - | ରିତୁ ମୋର ସାନ ଭଉଣୀ ଅଟେ। |
| ବି- | ବହେନି | - | ରିତୁ ମୋର୍ ଛୋଟେ ବହେନି ଏ। |
| ଓ- | ଭାଇବନ୍ଧୁ | - | ଆମର ଅନେକ ଭାଇ ବନ୍ଧୁ ଅଛନ୍ତି। |
| ବି- | ଭାଏବନ୍ଧୁ | - | ହାମର୍ ବନେଚ୍ ଭାଏବନ୍ଧୁ ଏହେ। |
| ଓ- | ଭାଗକୁ | - | ବାଇଗଣ ଭାଗକୁ ଦଶ ଟଙ୍କା ରହିଛି। |
| ବି- | ବାଁଟାକେ | - | ଭାଁଟା ବାଁଟାକେ ଦଶ୍‌ରୁପିଆ ଏହେ। |
| ଓ- | ଭାଗରେ | - | ମୋଭାଗରେ କଲମ ପଡ଼ିଲା। |
| ବି- | ବାଁଟା | - | ମୋର ବାଁଟାନେ କଲମ୍ ପରେସ୍। |
| ଓ- | ଭିକ | - | ଅସହାୟ ଲୋକ ଭିକ ମାଗି ବୁଲନ୍ତି। |
| ବି- | ଭିକ | - | ଅସହାୟ ଲୋଗ୍ ଭିକ୍‌ମାଙ୍ଗ୍‌ମାଙ୍ଗ୍‌କେ ବୁଲ୍‌ଥେ। |
| ଓ- | ଭିଡ଼ | - | ହାଟରେ ବହୁତ ଲୋକଙ୍କର ଭିଡ଼ ଜମେ। |
| ବି- | ଭିଡ଼ | - | ହାଟ୍‌ନେ ବନେଚ୍ ଲୋଗ୍‌ମନ୍‌କେ ଭିଡ୍ ଜମ୍ ଥେ। |
| ଓ- | ଭିନ୍ନ | - | ତେଲୁଗୁ ଭାଷା ଓଡ଼ିଆ ଭାଷା ଠାରୁ ଭିନ୍ନ ଅଟେ। |

| | | | |
|---|---|---|---|
| ବି- | ଅଲଗ୍ | - | ତେଲୁଗୁ ଭାଷାଟା ଓଡ଼ିଆ ଭାଷାଲେ ଅଲଗ୍ ଏ। |
| ଓ- | ଭିନ୍ନତା | - | ପ୍ରତ୍ୟେକ ଲୋକଙ୍କ ଠାରେ ଭିନ୍ନତା ଦେଖାଯାଏ। |
| ବି- | ଅଲଗ | - | ସବୋ ଲୋଗ୍ ଲଗ୍ ଫରକ୍ ଦେଖାଯଥେ। |
| ଓ- | ଭିତରେ | - | ବାଉଁଶ ଭିତର ପୋଲା ଥାଏ। |
| ବି- | ଭିତର୍ | - | ବଉଁଶ୍ ଭିତର୍‌ଟା ପୋଣ୍ଡା ରେଥେ। |
| ଓ- | ଭିନ୍ନଭିନ୍ନ | - | ଭାରତରେ ଭିନ୍ନ ଭିନ୍ନ ଜାତିର ଲୋକ ଅଛନ୍ତି। |
| ବି- | ଅଲଗଅଲଗ | - | ଭାରତ୍‌ନେ ଅଲଗ୍‌ଅଲଗ୍ ଜାଏତ୍‌କେ ଲୋଗ୍ ଏହେ। |
| ଓ- | ଭୁଷୁଡ଼ି | - | ଦୁର୍ବଳ ଥିବାରୁ ଘରଟି ଭୁଷୁଡ଼ି ପଡ଼ିଲା। |
| ବି- | ଧସେଁକ | - | କମଜୋର୍ ରେହେସ୍ ତୋ ଘରଟା ଧସେଁକ୍ ଯାଏସ୍। |
| ଓ- | ଭୁସ୍‌କରି | - | ମୀନା ବାଲିରେ ଭୁସ୍‌କରି ପଡ଼ିଗଲା। |
| ବି- | ଖସେଲ୍‌କେ | - | ମୀନା କୁଧୁରୁନେ ଖସେଲ୍‌କେ ଗିର୍ ଯାଏସ୍। |
| ଓ- | ଭୁଲିବୁନି | - | ପିତାମାତାଙ୍କ ପରାମର୍ଶ ଭୁଲିବୁନି। |
| ବି- | ନିଭୂଲାହି | - | ଆୟା ବୁଆ କେ କୋହଲାଟାକେ ନିଭୂଲାହି। |
| ଓ- | ଭୂମି | - | ଉର୍ବର ଭୂମିରେ ଭଲ କୃଷି ହୁଏ। |
| ବି- | ମାଟି | - | କପୁ ମାଟିନେ ବନେ ବିର୍‌ଥା ହଥେ। |
| ଓ- | ଭେଳା | - | ପାରାଦ୍ୱୀପରେ ଜାହାଜ ଭେଳା ହୁଏ। |
| ବି- | ଢ଼ଉଁରବାପଟା | - | ପାରାଦ୍ୱିପନେ ଜାହାଜ୍ ଢ଼ଉଁରାବା ପଟା ଏହେ। |
| ଓ- | ଭେରୀ | - | ଯୁଦ୍ଧ ସମୟରେ ଭେରୀ ବାଜି ଉଠେ। |
| ବି- | ବଡ଼୍‌ଖାକାହାଲି | - | ଲଢ଼ଇ ସମିଆନେ ବଡ଼୍‌ଖା କାହାଲି ବାଜ୍‌ଥେ। |
| ଓ- | ଭୋକ | - | କାମ କଲେ ଭୋକ ଲାଗେ। |
| ବି- | ଭୁକ | - | ବୁତା କର୍‌ନେ ଭୁକ୍‌ଲାଗ୍‌ଥେ। |
| ଓ- | ଭୋଜି | - | ଆମେ ଭୋଜି କରିବାକୁ ବଣକୁ ଯାଇଥିଲୁ। |
| ବି- | ଭୁଜି | - | ହାମେ ଭୁଜି କରନ୍ ଝାର୍‌କେ ଯାଏରେହେଁ। |

# 'ମ'

| | | | |
|---|---|---|---|
| ଓ- | ମନ | - | ସରଳ ମନ ଯାହାର ସେ ଶାନ୍ତିରେ ରହେ। |
| ବି- | ମନ | - | ପରଛାମନ୍ ଯାକର୍ ଆର୍ ଶାନ୍ତିନେ ରେଥେ। |
| ଓ- | ମଜା | - | ଦୋଳି ଖେଳିବାକୁ ଭାରି ମଜା ଲାଗେ। |
| ବି- | ମଜା | - | ଝୁଲ୍ନା ଝୁଲ୍ବାକେ ବଡ଼୍ ମଜା ଲାଗ୍ଥେ। |
| ଓ- | ମକା | - | ନବରଙ୍ଗପୁର୍ ଅଞ୍ଚଳରେ ପ୍ରଚୁର ମକା ଚାଷ ହୁଏ। |
| ବି- | ଜନ୍ଦଲା | - | ନବରଙ୍ଗପୁର  ଏରିଆନେ ବନେଚ୍ ଜନ୍ଦଲା ଖେତି ହଥେ। |
| ଓ- | ମଳ | - | ରାସ୍ତା କଡ଼ରେ ମଳ ତ୍ୟାଗ କରନାହିଁ। |
| ବି- | ହଗା | - | ସଡ଼କ ତିର୍ନେ ନି ହାଘି। |
| ଓ- | ମଲ୍ଲ | - | ବଡ଼ ହେଲେ ମୁଁ ମଲ୍ଲ ଯୋଦ୍ଧା ହେବି। |
| ବି- | କସରତବାଲା | - | ରୋଁଟ୍ ହନେ ମିଇଁ ମଲ୍ ଯୋଧା ହ ହିଁ। |
| ଓ- | ମଥା | - | ଓଡ଼ିଆ ବୋହୁ ମଥାରେ ଓଢ଼ଣା ଟାଣନ୍ତି। |
| ବି- | ମୁଡ଼ | - | ଉଡ଼ିଆ ବୁହାସେନ୍  ମୁଡ଼୍ନେ ଉନ୍ନା ଦେଥେ। |
| ଓ- | ମତ୍ସ୍ୟ | - | ଆମ ଗାଁ ପୋଖରୀରେ ମତ୍ସ୍ୟଚାଷ କରାଯାଇଛି। |
| ବି- | ମଛରୀ | - | ହାମର୍ ଗାଁ କଁଟାନେ ମଛ୍ରୀ ଚାଷ୍ କରାଯାଏ ହେ। |
| ଓ- | ମଞ୍ଜି | - | ମଞ୍ଜିରୁ ଗଜା ବାହାରେ। |
| ବି- | ବିଜା | - | ବିଜାଲେ ଗଜା ନିସର୍ଥେ। |
| ଓ- | ମହିମା | - | ଈଶ୍ୱର ସମସ୍ତ ମହିମା ପାଇବାକୁ ଯୋଗ୍ୟ। |
| ବି- | ମହିମା | - | ଈଶ୍ୱର୍ ସବ୍ ମହିମା ପାବାକେ ଯୋଏଗ୍  ଏ। |
| ଓ- | ମଉସା | - | ଖରା ଛୁଟିରେ ମୁଁ ମଉସା ଘରକୁ ଯିବି। |
| ବି- | ମୌଁସା | - | ଖରା ଛୁଟିନେ ମିଁଇ  ମୌଁସା ଘର୍ ଯାହିଁ। |
| ଓ- | ମରୁଡ଼ି | - | ମରୁଡ଼ି ହେଲେ ଲୋକେ ବହୁତ କଷ୍ଟ ପାଆନ୍ତି। |
| ବି- | ଦୁକାଲ | - | ଦୁକାଲ୍ ହନେ ଲୋଗ୍ ଗୁର୍ଦୁ ଦୁକ୍ ପାଥେ। |

| | | | |
|---|---|---|---|
| ଓ- | ମହୁଲ | - | ମହୁଲ ମଞ୍ଜିରୁ ତେଲ ବାହାରେ। |
| ବି- | ମହୁଲ | - | ମହୁଲ୍‌କେ ବିଜା ନେ ତେଲ୍ ବାହାର୍‌ଥେ। |
| ଓ- | ମଇଁଷି | - | ଆମେ ହଳେ ମଇଁଷି ପାଳିଛୁ। |
| ବି- | ଭଇଁଷ | - | ହାମେ ହଲେ ଭଇଁଷ୍ ପୋଷେ ହେଁ। |
| ଓ- | ମଇଳା | - | ମଇଳା ହାତରେ କିଛି ଖାଇବ ନାହିଁ। |
| ବି- | କେଚ୍‌କେଚା | - | କେଚ୍‌କେଚା ହାତ୍‌ନେ କୁଛୁ ନି ଖହି। |
| ଓ- | ମଧୁର | - | ଆଖୁ ରସ ମଧୁର ଲାଗେ। |
| ବି- | ସୁଆଦ | - | କୁସିଆର୍ ରସ୍ ସୁଆଦା ଲାଗ୍‌ଥେ। |
| ଓ- | ମଉଜ | - | ଛୁଟି ଦିନରେ ଆମେ ମଉଜ କରିଥାଉ। |
| ବି- | ମଜା | - | ଛୁଟି ଦିନ୍‌ନେ ହାମେ ମଜା ମଜଲିସ୍ କରଥୋଁ। |
| ଓ- | ମଝିରୁ | - | ବାଡ଼ିଟା ଠିକ୍ ମଝିରୁ ଭାଙ୍ଗିଗଲା। |
| ବି- | ମଂଝା | - | ଠେଙ୍ଗାଟା ଠିକ୍ ମଂଝାନେ ଟୁଟ୍ ଯାଏସ୍। |
| ଓ- | ମଳୟ | - | ବସନ୍ତ ଋତୁରେ ମଳୟ ପବନ ବହେ। |
| ବି- | ବଉଲିଆ | - | ବସନ୍ତ ଋତୁନେ ବଉଲିଆ ଧୁକା ବୋଥେ। |
| ଓ- | ମଧ୍ୟରେ | - | ଆମ ମଧ୍ୟରେ ରବି ଅଧିକ ଡ଼େଙ୍ଗା ଅଟେ। |
| ବି- | ଭିତରନେ | - | ହାମର୍ ଭିତର୍‌ନେ ରବି ଜବଡ଼୍ ଡ଼େଙ୍ଗ୍ ଏ। |
| ଓ- | ମର୍ଦ୍ଦଳ | - | ମର୍ଦ୍ଦଳ ବାଜିଲେ ମିନି ନୃତ୍ୟ କରେ। |
| ବି- | ମାନ୍ଦଲ | - | ମାନ୍ଦଲ୍ ବାଜ୍‌ନେ ମିନି ନାଚ୍‌ଥେ। |
| ଓ- | ମନ୍ଦିର | - | ଆରାଧନା କରିବାକୁ ଲୋକେ ମନ୍ଦିରକୁ ଯାଆନ୍ତି। |
| ବି- | ମନ୍ଦିର | - | ସୁମରନ୍ କରିବାକେ ଲୋଗ୍ ମନ୍ଦିର୍ ଯଥେ। |
| ଓ- | ମଣିଷ | - | ମନୁଷ୍ୟ ସବୁ ପ୍ରାଣୀ ଠାରୁ ଶ୍ରେଷ୍ଠ ଅଟେ। |
| ବି- | ମନ୍‌ଷେ | - | ମନଷେ ସବ୍ ପରାନୀଲେ ବଡ୍‌ଖା ଏ। |
| ଓ- | ମନ୍ଦାର | - | ଆମ ବଗିଚାରେ ଶ୍ୱେତ ମନ୍ଦାର ଫୁଲ ଫୁଟିଛି। |
| ବି- | ମନ୍ଦାର | - | ହାମର ବଗିଚାନେ ପଁର୍‌ରା ମନ୍ଦାର ଫୁଲ ଫୁଟେ ହେ। |

| | | | |
|---|---|---|---|
| ଓ- | ମଗର | - | ଗହୀରା ପାଣିରେ ମଗର ଭଲ ବଢ଼ନ୍ତି। |
| ବି- | ମଙ୍ଗର | - | ଗୁହେର୍ ପାନିନେ ମଙ୍ଗର୍ ବନେ ବାଢ଼୍‌ଥେ। |
| ଓ- | ମୟୂର | - | ମୟୂର ଡ଼ାକ ଦୂରକୁ ଶୁଭାଯାଏ। |
| ବି- | ମଞ୍ଜୁର | - | ମଞ୍ଜୁର୍ ଗଗାନେ ଧୁରିହାଲେ ସୁନାଥେ। |
| ଓ- | ମଧ୍ୟବର୍ତ୍ତୀ | - | ଚାରି, ତିନି ଓ ପାଞ୍ଚର ମଧ୍ୟବର୍ତ୍ତୀ ସଂଖ୍ୟା ଅଟେ। |
| ବି- | ମଂଝା | - | ଚାରଟା ତିନି ଆଉ ପାଞ୍ଚ କେ ମଂଝା କେ ସଂଖ୍ୟାଏ। |
| ଓ- | ମହୁମାଛି | - | ମହୁମାଛି ମହୁ ସଂଗ୍ରହ କରେ। |
| ବି- | ଭଓଁର ମାଛି | - | ଭଓଁର୍ ମାଛି ମନ୍ଦରସ୍ ସେକଲ୍‌ଥେ। |
| ଓ- | ମନେମନେ | - | ମୁଁ ଜଣେ ଭଲ ଗାୟକ ହେବି ବୋଲି ମନେମନେ ଭାବୁଛି। |
| ବି- | ମନେମନେ | - | ମିଇଁ ଝନେକ୍ ବନେ ଗୀତକାର୍ ହ ହିଁ ବଏଲ୍‌କେ ମନେ ମନେ ଭାବଥିଁ। |
| ଓ- | ମହୋତ୍ସବ | - | ବାର୍ଷିକ ମହୋତ୍ସବରେ ଆମେ ଯୋଗଦେଲୁ। |
| ବି- | ତିହାର | - | ବଛର୍ ଦିନ୍‌କେ ତିହାର୍ ନେ ହାମେ ଯୋଗ୍ ଦେ ରେହେସ୍ |
| ଓ- | ମଳଦ୍ୱାର | - | ମଳଦ୍ୱାର ସଫା ରଖ। |
| ବି- | ଟୁଇଁ | - | ଟୁଇଁକେ ସଫା ରଖୋ। |
| ଓ- | ମନୋହର | - | ବିଲ ହୁଡ଼ାରେ ବଧୁଲି ଫୁଲ ମନୋହର ଦେଖାଯାଏ। |
| ବି- | ଲୋଭଲୋଭିଆ | - | ଡ଼ୋଲିକେ ପାରନେ କାଁସି ଫୁଲ ଲୋଭଲୋଭିଆ ଦିଖ୍‌ଥେ। |
| ଓ- | ମନମାରି | - | ଫେଲ ଖବର ଶୁଣି ସୁନି ମନ ମାରି ବସିଛି। |
| ବି- | ମନମାରକେ | - | ଫେଲ୍ ଖବର୍ ଶୁନ୍‌କେ ସୁନି ମନ୍‌କେ ମାର୍‌କେ ବୋସେ ହେ। |
| ଓ- | ମରାମତି | - | ପୁରୁଣା ଘରର ମରାମତି ଆବଶ୍ୟକ। |
| ବି- | ସଜାଡୁନା | - | ଜୁନା ଘର୍‌କେ ସଜାଡୁନ ଦର୍‌କାର୍। |
| ଓ- | ମନଯୋଗ | - | ପିଲାଏ ପାଠ ପଢ଼ାରେ ମନଯୋଗ ଦେବା ଉଚିତ୍। |
| ବି- | ମନ ଲଗାବା | - | ଛୁଆମନ୍ ପାଠ୍ ପଢ଼ାନେ ମନ୍ ଲଗାବା କଥା। |
| ଓ- | ମନଭରି | - | ନନ୍ଦନକାନନର ପଶୁପକ୍ଷୀଙ୍କୁ ମୁଁ ମନ ଭରି ଦେଖିଲି। |
| ବି- | ମନମାଡ଼ ହତଲେ | - | ନନ୍ଦନ୍‌କାନନ୍ କେ ଜିବଜଁତ, କେ ମେଁ ମାତତଲେ ଦେଖେ। |

| | | | |
|---|---|---|---|
| ଓ- | ମଲାଭଳି | - | ଦୁର୍ବଳ ବ୍ୟକ୍ତିଟି ମଲାଭଳି ପଡ଼ି ରହିଛି। |
| ବି- | ମରଲାରେଙ୍ଗ | - | ଦୂର୍‌ବଲିହା ଝନେକ୍ ମରଲାରେଙ୍ଗ୍ ପୋରେହେ। |
| ଓ- | ମନିଟର | - | ରମାକୁ ଆମ ଶ୍ରେଣୀରେ ମନିଟର ବଛାଯାଇଛି। |
| ବି- | ମୁଖିଆ | - | ରମାକେ ହାମର୍ ଶ୍ରେଣୀ କେ ମୁଖିଆ ବାଛେହୋଁ। |
| ଓ- | ମନ୍ଥର | - | କଚ୍ଛପ ମନ୍ଥର ଗତିରେ ଚାଲେ। |
| ବି- | ଧିରେଧିରେ | - | କେଛୋଁ ଧିରେ ଧିରେ ରେଙ୍ଗ୍‌ଥେ। |
| ଓ- | ମନୋରଞ୍ଜନ | - | ସେ କୌତୁକ ଦେଖାଇ ମନରଞ୍ଜନ କରାଏ। |
| ବି- | ଖୁସି | - | ଉ ଜାକ୍‌ଜମକ୍ କେର୍‌କେ ଖୁସି କରାଥେ। |
| ଓ- | ମନାସୁଥିବା | - | ଆମେ ଆମ ଦେଶର ଶୁଭ ମନାସୁଥିବା। |
| ବି- | ମାନତରବ | - | ହାମେ ହାମର୍ ଦେଶ୍‌କେ ଶୁଭ୍ ମାନତ୍‌ରବ। |
| ଓ- | ମନେପକାଉ | - | ଅତୀତର ଗୌରବ ଆମେ ମନେ ପକାଉ। |
| ବି- | ସୋର କରଥେ | - | ଯାଲା ଦିନ୍‌କେ ଗରିମାକେ ହାମେ ସୋର୍ କର୍‌ଥେ। |
| ଓ- | ମସଜିଦ୍ | - | ମୁସଲ୍‌ମାନ ମାନେ ମସ୍‌ଜିଦ୍‌କୁ ଯାଇ ପ୍ରାର୍ଥନା କରନ୍ତି। |
| ବି- | ମଜିଦ | - | ପଠାନ ମନ୍ ମଜିଦ୍ ନେ ଯାକେ ସୁବର୍‌ନା କର୍‌ଥେ। |
| ଓ- | ମହମବତୀ | - | ମହମବତୀ ଭିତରେ ସୂତାଟିଏ ଥାଏ। |
| ବି- | ମହମବତୀ | - | ମହମ୍‌ବତୀ  ଭିତର୍‌ନେ ସୂତଁ ଗୋଟେକ୍ ରେଥେ। |
| ଓ- | ମାଳ | - | ସଭାରେ ଅତିଥିଙ୍କୁ ଫୁଲମାଳ ଦିଆଗଲା। |
| ବି- | ମାଲା | - | ବେସକାନେ ପୋହନାମନ୍‌କେ ଫୁଲମାଲା ଦିଆ ହେସ। |
| ଓ- | ମାଟି | - | ଚିକିଟା ମାଟିରେ ଫସଲ ହୁଏ ନାହିଁ। |
| ବି- | ମାଟି | - | ଚିଟ୍‌କା ମାଟିନେ ବିର୍‌ଥା ନି ହଏ। |
| ଓ- | ମାଖି | - | ତେଲ ମାଖି ଗାଧୋଇବା ଭଲ। |
| ବି- | ମାଖକେ | - | ତେଲ୍ ମାଖିକେ ଗୋଧିବାଟା ବନେ ଏ। |
| ଓ- | ମାଛ | - | ମାଛ ଗାଲିସି ଦ୍ୱାରା ଶ୍ୱାସକ୍ରିୟା କରେ। |
| ବି- | ମଛରୀ | - | ମଛ୍‌ରୀ ଗେଲ୍‌ଫୁନେ ନିଶାସ୍ ଲେଥେ। |

| | | | |
|---|---|---|---|
| ଓ- | ମାଂସ | - | ହାଡ଼ ସହିତ ମାଂସ ଲାଗିଥାଏ। |
| ବି- | ମାଁସ | - | ହାଡ଼ା ସଙ୍ଗ୍‌ନେ ମାଁସ ଜଟକ୍‌କେ ରେଥେ। |
| ଓ- | ମାମୁଁ | - | ଗତକାଲି ମାମୁଁ ଆମ ଘରକୁ ଆସିଥିଲେ। |
| ବି- | ମମା | - | କାଏଲ୍ ମମା ହାମର୍ ଘର୍ ଆଏରେହେସ୍। |
| ଓ- | ମାଡ଼ପିଟ | - | ମଦ୍ୟପ ମାନେ ମାଡ଼ପିଟ କରିଥାନ୍ତି। |
| ବି- | ମାର୍‌ପିଟ୍ | - | ମଧୁଆ ମନ୍ ମାର୍‌ପିଟ୍ କର୍‌ଥେ। |
| ଓ- | ମାଇଲା | - | ରିମି ରବିକୁ ମାଇଲା। |
| ବି- | ମାରେସ୍ | - | ରିମି ରବିକେ ମାରେସ୍। |
| ଓ- | ମାଠିଆ | - | ମାଠିଆରେ ଅଳ୍ପ ପାଣି ଥିଲା। |
| ବି- | ଘଘରି | - | ଘଘ୍‌ରିନେ ଟିକେ ପାନି ରେହେସ୍। |
| ଓ- | ମାଗିବା | - | ମାଗିବା ଅପେକ୍ଷା ଦେବା ଶ୍ରେୟସ୍କର। |
| ବି- | ମାଙ୍ଗବା | - | ମାଙ୍ଗ୍‌ବାଲେ ଦେବା ଅଇନ୍ ଏ। |
| ଓ- | ମାଉସୀ | - | ଆମ ମାଉସୀ କଲିକତାରେ ରହନ୍ତି। |
| ବି- | ମୌଁସି | - | ହାମର୍ ମୌଁସି କଲ୍‌କତା ନେ ରେଥେ। |
| ଓ- | ମାଗଣା | - | ଟିବି ଔଷଧ ମାଗଣାରେ ମିଳେ। |
| ବି- | ଫୋକଟ୍ | - | ଟିଭି ଓଷାହା ଫୋକଟ୍ ନେ ମିଲ୍‌ଥେ। |
| ଓ- | ମାଧ୍ୟମ | - | ବିଦ୍ୟୁତ ସରବରାହ ପାଇଁ ତାର ମାଧ୍ୟମ ଅଟେ। |
| ବି- | ମାଧ୍ୟମ | - | ବିଜ୍‌ଲି ଯବାଆବା କଲେଙ୍ଗ୍ ତାର୍‌ଟା ମାଧ୍ୟମ୍ ଏ। |
| ଓ- | ମାଣ୍ଡିଆ | - | ମାଣ୍ଡିଆ ଜାଉ ଦେହ ପାଇଁ ହିତକର। |
| ବି- | ମଡ଼ିଆ | - | ମଡ଼ିଆ ଘୋଟୋଁ ଦେହେଁ ଲାଏଗ୍ ବନେ ଏ। |
| ଓ- | ମାଡ଼ଗୋଳ | - | ଦୁଷ୍ଟମାନେ ମାଡ଼ଗୋଳ ଖୋଜନ୍ତି। |
| ବି- | ମାରଗାଲି | - | ଗୋଲ୍‌ମଲିହା ମନ୍ ମାର୍‌ଗାଲି ଖୋଜତ୍ ରେଥେ। |
| ଓ- | ମାଈକୁକୁଡ଼ା | - | ମାଈ କୁକୁଡ଼ା ଅଣ୍ଡା ଦିଏ। |
| ବି- | ମାଇ କୁକରି | - | ମାଇ କୁକ୍‌ରି ଗାର୍‌ଦେଥେ। |

| | | | |
|---|---|---|---|
| ଓ- | ମାଛବାଲା | - | ମାଛ ବାଲା ମାଛ ବିକ୍ରି କରେ। |
| ବି- | ମଛରୀ ବାଲା | - | ମଛ୍‌ରୀ  ବାଲା ମଛରୀ ବେଁଚ୍‌ଥେ। |
| ଓ- | ମାଆର ଭାଇ | - | ମାଆର ଭାଇକୁ ଆମେ ମାମୁଁ କହୁ। |
| ବି- | ମାଁକେଭାଏ | - | ମାଁ କେ ଭାଇକେ ହାମେ ମାମା କଥଁ। |
| ଓ- | ମାଆର ଭଉଣୀ | - | ମାଆର ଭଉଣୀକୁ ଆମେ ମାଉସୀ କହୁ। |
| ବି- | ମାଁକେ ବହନୀ | - | ମାଁକେ ବହେନୀକେ ହାମେଁ ମୋସି କଥଁ। |
| ଓ- | ମ୍ୟାଚ | - | ଆମ ବିଦ୍ୟାଳୟରେ କ୍ରିକେଟ ମ୍ୟାଚ୍ ଚାଲିଛି। |
| ବି- | ହରାଜିତା | - | ହାମର୍ ଇସକୁଲ୍‌ନେ କ୍ରିକେଟ୍ ଖେଲ୍‌କେ ହରାଜିତା ଚାଲେହେ। |
| ଓ- | ମିରିଗ | - | ବାଘ ନଥିଲେ ମିରିଗ ନାଚ କରନ୍ତି। |
| ବି- | ତିଥଲ | - | ବାଘୁଆ ନିରେନେ ତିଥଲ୍ ନାଚତ୍ ରେଥେ। |
| ଓ- | ମିତ | - | ମାଙ୍କଡ଼ ଓ କୁମ୍ଭୀର ମିତ ବସିଥିଲେ। |
| ବି- | ମିତାନ | - | ବେନ୍ଦ୍‌ରା ଆଉ ମଙ୍ଗର୍ ମିତାନ୍ ବୋସେ ରେହେସ୍। |
| ଓ- | ମିଠା | - | ରସଗୋଲା ଭାରି ମିଠା ଲାଗେ। |
| ବି- | ମିଠା | - | ରସ୍‌ଗୁଲାଟା ବନେଚ ମିଠା ଲାଗଥେ। |
| ଓ- | ମିସ୍ତ୍ରୀ | - | ଘର୍ ତିଆରି ପାଇଁ ମିସ୍ତ୍ରୀର୍ ଆବଶ୍ୟକତା ରହିଛି। |
| ବି- | ମିସ୍ତ୍ରୀ | - | ଘର୍ ବନାବା କାଜେ ମିସ୍ତ୍ରୀ ଦରକାର୍ ଏହେ। |
| ଓ- | ମିଶାଣ | - | ମିଶାଣ ଗଣିତରେ ଚାରି ସୂତ୍ରରୁ ଗୋଟିଏ। |
| ବି- | ମେଁସାବା | - | ମେଁସାବାଟା ଗନିତକେ ଚାର୍‌ଟା ଧାରାଲେ ଗୁଟେକ୍ ଏ। |
| ଓ- | ମିଳିତ | - | ମିଳିତ ଉଦ୍ୟମରେ ଅସାଧ୍ୟ ସାଧିତ ହୁଏ। |
| ବି- | ମେସଲେଁ | - | ମେସ୍‌ଲେଁ କେରେନେ ନିହ ବା ଜିନିଷଟା ବି ହଥେ। |
| ଓ- | ମୁହିଁ | - | ମୁହିଁ ତାହା କରି ଦେଖାଇଥିଲି। |
| ବି- | ମିଇଁ | - | ମିଇଁ ଉଟେଁ କର୍‌କେ ଦେଖାରେହେଁ। |
| ଓ- | ମୁଣ୍ଡ | - | ଖରାରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି ପିନ୍ଧ। |
| ବି- | ମୁଡ଼ | - | ଖରାରେ ବାଚ୍‌ବା ଲାଏଗ୍ ମୁଡ଼୍‌ନେ ପଁର୍‌ରା ଟୋପି ଲଗା ହି। |

| | | | |
|---|---|---|---|
| ଓ- | ମୁଣା | - | ମୁଁ ମୁଣାରେ ବହିପଟା ଧରେ। |
| ବି- | ଝୋଲା | - | ମିଇଁ ଝୋଲାନେ ବହି ପଟା ଧର୍‌ଥିଁ। |
| ଓ- | ମୁକ୍ତ | - | ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ। |
| ବି- | ନିଦେବା | - | ଇସକୁଲ୍ ଗୋଟେକ୍ ଶାସ୍ତିନିଦେବା ଜାଗାଏ। |
| ଓ- | ମୁଗ | - | ଧାନକଟା ସରିଲେ ମୁଗ ବୁଣାଯାଏ। |
| ବି- | ମୁଙ୍ଗ | - | ଧାନକେଲୁଇକେ ସେକ୍‌ନେ ମୁଙ୍ଗକେ ବୁନ୍‌ଥେ। |
| ଓ- | ମୁଖ୍ୟ | - | ସରପଞ୍ଚ ପଞ୍ଚାୟତର ମୁଖ୍ୟ ଅଟନ୍ତି। |
| ବି- | ମୁଖିଆ | - | ସର୍‌ପଚଁ ପଞ୍ଚେତ୍‌କେ ମୁଖିଆ ଏ। |
| ଓ- | ମୁଦ୍ରା | - | ମୁଦ୍ରା ଦେଇ ଆମେ ସବୁ କିଛି କିଣିପାରିବା। |
| ବି- | ରୁପିଆ | - | ରୁପିଆ ଦେକେ ହାମେ ସବୋଟା ଘିନନ୍ ସେକବ୍। |
| ଓ- | ମୁଣ୍ଡି | - | ମନ୍ଦିରର ମୁଣ୍ଡି ଖୁବ୍ ଉଚ୍ଚରେ ରହିଛି। |
| ବି- | କୁମ୍ | - | ମନ୍ଦିର୍‌କେ କୁମ୍ ବନେଚ୍ ଉପର୍‌ନେ ଏହେ। |
| ଓ- | ମୁଲକ | - | ବାଘ ବଣ ମୁଲକର ରାଜା ଅଟେ। |
| ବି- | ରାଜ | - | ବଘ୍‌ଟା ଝାର ରାଏଜ୍ କେ ରାଜା ଏ। |
| ଓ- | ମୁହୂର୍ତ୍ତ | - | ଘର ପୋଡ଼ିରେ ମୁହୂର୍ତ୍ତକ ମଧ୍ୟରେ ସର୍ବନାଶ ହୁଏ। |
| ବି- | ଛନେକ୍‌ନେ | - | ଘରପୋଡ଼୍‌ନେ ଛନେକ୍‌ନେ ସର୍ବନାଶ୍ ହେ ଯଥେ। |
| ଓ- | ମୁହାଣ | - | ନଦୀ ସମୁଦ୍ର ମୁହାଣରେ ମିଶେ। |
| ବି- | ଖେଁଡ଼ | - | ନନ୍ଦୀ  ସମୁଦର୍‌କେ ଖେଁଡ଼୍‌ନେ ମେସ୍‌ଥେ। |
| ଓ- | ମୁଣ୍ଡାଇ | - | ବୁଢ଼ୀଟିଏ ଝାଟି ମୁଣ୍ଡାଇ ଧରିଛି। |
| ବି- | ବୋଏକେ | - | ବୁଢ଼ି ଗୋଟେକ୍ ମୁଡ଼୍‌ନେ ଝିଟ୍‌କା ବୋଏକେ ଧେରେହେ। |
| ଓ- | ମୁଣ୍ଡୁଳା | - | ଠିକ୍ ଉତ୍ତର ଉପରେ ମୁଣ୍ଡୁଳା ବୁଲାଅ। |
| ବି- | ଗୋଲ | - | ଠିକ୍ ଉତ୍ତର୍‌କେ ଉପରେନ୍ ଗୋଲ୍ ଚିନା ଦୋହ। |
| ଓ- | ମୁଖଶାଳା | - | ଏହି ମନ୍ଦିରର ମୁଖଶାଳା ଭାଙ୍ଗିଯାଇଛି। |
| ବି- | ମୁହୁଁଟା | - | ଏ ମନ୍ଦିର୍‌କେ ମୁହୁଁଟା ଟୁଟ୍‌ଯାଏ ହେ। |

| | | | |
|---|---|---|---|
| ଓ- | ମୁଷ୍ଟି | - | ମୁଷ୍ଟି ଆଘାତ ଭାରି ବାଧେ। |
| ବି- | ମୁଟକା | - | ମୁଟ୍‌କାନେ ମାର୍‌ନେ ବନେଚ୍ ବାଦ୍‌ଥେ। |
| ଓ- | ମୂଲ୍ୟ | - | ସମୟ ବହୁମୂଲ୍ୟ ଅଟେ। |
| ବି- | ମୋଲ | - | ସମୀଆକେ ବହୁତ୍ ମୋଲ୍ ଏ। |
| ଓ- | ମୂଳଧନ | - | ମୁଁ ଅଳ୍ପ ମୂଳଧନରେ ଛୋଟ ବ୍ୟବସାୟ କରିବି। |
| ବି- | ପୁଞ୍ଜି | - | ମିଇଁ ଟିକେକ୍ ପୁଞ୍ଜିନେ ଛୋଟେ ଧାନ୍ଦା କର୍‌ହିଁ। |
| ଓ- | ମୂଷା | - | ମୂଷା ଖାଦ୍ୟ ଶସ୍ୟ ଖାଇ ନଷ୍ଟ କରେ। |
| ବି- | ମୂଷା | - | ମୂଷା ଖାଦ୍ୟ ଶସ୍ୟ ଖାଏକେ ନକ୍‌ସାନ୍ କର୍‌ଥେ। |
| ଓ- | ମୂର୍ତ୍ତି | - | ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯାଏ। |
| ବି- | ପୁତ୍‌ଲା | - | ପୂଜା ଛେଦ୍‌ନେ ପୁତ୍‌ଲାକେ ଉହେଲା ଯାଥେ। |
| ଓ- | ମୂଷିକ | - | ମୂଷିକ ମାନେ ଗର୍ତ୍ତ ଭିତରେ ବାସକରନ୍ତି। |
| ବି- | ମୂଷା | - | ମୂଷା ମନେ ଦୁଏଲ୍ ଭିତର୍‌ନେ ବାସ୍ କର୍‌ଥେ। |
| ଓ- | ମୃଦୁ | - | ବାୟୁ ମୃଦୁ ଗତିରେ ପ୍ରବାହିତ ହେଉଛି। |
| ବି- | ଧିର୍ | - | ଧୁକା ଧିର୍ ଭାବେନେ ବୋହଥେ। |
| ଓ- | ମେଘ | - | ମେଘ ଥଣ୍ଡା ହେଲେ ବର୍ଷା ହୁଏ। |
| ବି- | ବାଦଲ୍ | - | ବାଦଲ୍ କାଁକର ହେଯାଲେଁ ବରଷା ହଥେ। |
| ଓ- | ମେଳା | - | ପ୍ରତି ବର୍ଷ ଆମ ଗ୍ରାମରେ ମେଳା ଅନୁଷ୍ଠିତ ହୁଏ। |
| ବି- | ଯତରା | - | ସବ୍ ବଚ୍ଛର୍ ହାମର୍ ଗାଁନେ ଯତ୍‌ରା ହଥେ। |
| ଓ- | ମେଣ୍ଢା | - | ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ। |
| ବି- | ଗର୍‌ରା | - | ଗର୍‌ରା ରୁଆଁ ନେ କମଲ୍ ତିଆର୍ ହଥେ। |
| ଓ- | ମେଘମାଳା | - | ବର୍ଷା ଋତୁରେ ମେଘମାଳା ଭାସେ। |
| ବି- | ବାଦଲ୍‌ଢ଼ିଣା | - | ବର୍‌ଷା ଋତୁନେ ବାଦଲ୍‌ଢ଼ିଣା ବୁଲ୍‌ଥେ। |
| ଓ- | ମୋର | - | ମୋର ବୟସ ଆଠ ବର୍ଷ ଅଟେ। |
| ବି- | ମଖେଁ | - | ମୋର ବୟସ୍ ଆଠ୍ ବଚ୍ଛର ଏ। |

| | | | |
|---|---|---|---|
| ଓ- | ମୋଟ | - | ବିଜ୍ଞାନରେ ମୋଟ ନମ୍ବର ଶହେ ଅଛି। |
| ବି- | ପୁରା | - | ବିଜ୍ଞାନ୍‌ନେ ପୁରା ଏକ୍ ଶୋ ନମ୍ବର୍ ହେ। |
| ଓ- | ମୋଟା | - | ମୋଟା ବ୍ୟକ୍ତିଟି ଧାଇଁବା କଷ୍ଟକର ଅଟେ। |
| ବି- | ଭୁଷକା | - | ଭୁଷ୍‌କା ମନ୍‌ଷେ କୁଦ୍‌ବାର୍ ତକ୍‌ଲିତ୍ ହଥେ। |
| ଓ- | ମୋ ଯୋଗୁଁ | - | ମୋ ଯୋଗୁଁ ଦେଶ ଗର୍ବିତ ହେବ। |
| ବି- | ମୋର ଲାଏଗ୍ | - | ମୋର୍ କଜେଂ ଦେଶ୍ ଗରବ୍ ହେହି। |
| ଓ- | ମୋବାଇଲ୍ | - | ମୋବାଇଲ୍ ଫୋନ୍ ଦ୍ୱାରା ଅନେକ କାର୍ଯ୍ୟ ସାଧିତ ହୋଇପାରୁଛି। |
| ବି- | ମୋବାଇଲ୍ | - | ମୋବାଇଲ୍ ଫୁନ୍ ଲାଏଗ୍ ଗୁର୍‌ତୁ ବୁତା ହୋନ୍‌ସକଥେ। |
| ଓ- | ମୋକଦ୍ଦମା | - | ରମା ବିରୁଦ୍ଧରେ ବର୍ତ୍ତମାନ ମୋକଦ୍ଦମା ଚାଲିଛି। |
| ବି- | କେଶ୍‌ମୁଗ୍‌ଦମା | - | ରମା ବିରୁଦ୍‌ନେ ଏଛେଁନ୍‌କା କେଶ୍ ମୁକ୍‌ଦମା ଚାଲେହେ। |
| ଓ- | ମୈତ୍ରୀ | - | ପରସ୍ପର ମୈତ୍ରୀ ଭାବ ଆମେ ଚାହୁଁ। |
| ବି- | ସଙ୍ଗୀ | - | ଉକର୍ ଏକର ସଙ୍ଗୀ ଭାବ୍ ହମେ ଚାହେଥିଁ। |
| ଓ- | ମୌଜ | - | ପର୍ବପର୍ବାଣୀରେ ଲୋକେ ମୌଜ କରିଥାନ୍ତି। |
| ବି- | ମଜା | - | ତିହାର୍ ବାହାର୍‌ନେ ମନ୍‌ଷେ ମଜା କର୍‌ଥେ। |
| ଓ- | ମୌଳିକ | - | ସୁନା ଏକ ମୌଳିକ ପଦାର୍ଥ ଅଟେ। |
| ବି- | ମୌଲିକ୍ | - | ସୋନା ଗୋଟେକ୍ ମୌଲିକ୍ ପଦାର୍ଥ୍ ଆଏ୍। |
| ଓ- | ମୌଖିକ | - | ରବି ମୌଖିକ ଉତ୍ତର ଦେଇପାରିଲା ନାହିଁ। |
| ବି- | ମୁହେଁକେ | - | ରବି ମୌଖିକ ଉତର୍ ଦେନ୍ ନି ସକେସ୍। |

## 'ଯ'

| | | | |
|---|---|---|---|
| ଓ- | ଯଜ୍ଞ | - | ଆମ ଗ୍ରାମରେ ବିଶ୍ୱ ଶାନ୍ତି ଯଜ୍ଞ ହୋଇଥିଲା। |
| ବି- | ହୁମ୍ | - | ହାମର୍ ଗରାମେ ବିଶ୍ୱ ଶାନ୍ତି ହୁମ ହୋଏରେହେସ୍। |
| ଓ- | ଯନ୍ତ୍ର | - | ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜରେ ହୋଇଥାଏ। |
| ବି- | ମସିନ୍ | - | ମସିନ୍ କଜେଂ ଅଡୁଆ କବାର୍ ସେହେଜ୍‌ନେ ହଏ୍‌ଯାଥେ। |

| | | |
|---|---|---|
| ଓ- | ଯଶ | - ବଡ଼ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଯାଏ। |
| ବି- | ନାଁ | - ବଡ଼୍ଖା ମନ୍ଷେକେ ନାଁ ପୁର୍ଥି ସରା ବଗର୍ଯାଥେ। |
| ଓ- | ଯଥା | - ରିମି ଯଥା ଅର୍ଥ କହିପାରିଲା। |
| ବି- | ଠିକ୍ | - ରିମି ଠିକ୍ ଅର୍ଥ କହନ୍ ସକେସ୍। |
| ଓ- | ଯତ୍ନ | - ବାର୍ଦ୍ଧକ୍ୟ ବେଳେ ଯତ୍ନ ଆବଶ୍ୟକ ଅଟେ। |
| ବି- | ଦେଖ୍ରେକ୍ | - ବୁଢ଼ା ହେଯାଲେଁ ଦେଖ୍ରେକ୍ ଦରକାର୍ ହଥେ। |
| ଓ- | ଯାହାର | - ଯାହାର ବୟସ ଅଠର ବର୍ଷ ସେ ଭୋଟ ଦେଇପାରିବ। |
| ବି- | ଯାକର୍ | - ଯାକର୍ ବଏସ୍ ଅଠର ବଛର୍ ଏ ଓ ଭୋଟ୍ ଦେନ୍ ସଖି। |
| ଓ- | ଯାତ୍ରା | - ଯାତ୍ରାରେ ଅନେକ ଲୋକ ଆନନ୍ଦ କରନ୍ତି। |
| ବି- | ଯତ୍ରା | - ଯତ୍ରାନେ କତ୍ନିକତକ୍ ମନ୍ଷେ ଆନନ୍ଦ୍ କର୍ଥେ। |
| ଓ- | ଯାନବାହନ | - ଯାନବାହନ ନିମନ୍ତେ ଭଲ ରାସ୍ତା ଆବଶ୍ୟକ। |
| ବି- | ଗାଡ଼ିପିଣା | - ଗାଡ଼ିପିଣା କାଜେ ବନେ ବାଟ୍ ଦର୍କାର୍। |
| ଓ- | ଯାଗା | - ଉପଯୁକ୍ତ ଯାଗା ବାଛି ଫଳ ଚାଷ କରନ୍ତୁ। |
| ବି- | ଜଗା | - ବଢ଼ିଆ ଜଗା ବାଏଛ୍କେ ଫଲ୍ ଚାସ୍ କର୍ହି। |
| ଓ- | ଯାତ୍ରା | - ରେଲଯାତ୍ରା ଆମୋଦ ଦାୟକ ଅଟେ। |
| ବି- | ଯାବାର୍ଟା | - ରେଲ୍ନେ ଯାବାର୍ଟା ଆନନ୍ଦ୍ ଦାୟକ୍ ଏ। |
| ଓ- | ଯାଦୁକର | - ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ। |
| ବି- | ମନ୍ତର୍ଜନ୍ତର୍ବାଲା- | ହାମର୍ଇସ୍କୁଲ୍କେ ଗୋଟେକ୍ ମନ୍ତର୍ଜନ୍ତରବାଲା ଆଏରେହେସ୍। |
| ଓ- | ଯୁଦ୍ଧ | - ପାକିସ୍ଥାନ ଆମ ସହିତ ଅନେକ ବାର ଯୁଦ୍ଧ କରିଛି। |
| ବି- | ମାରଧର | - ପାକିଥାନ୍ ହାମର୍ ସଙ୍ଗେ ଅନେକ୍ ବାର ଯୁଦ୍ କରେହେ। |
| ଓ- | ଯୁଗ୍ମ | - ଲତା ଓ ରମା ଖେଳରେ ଯୁଗ୍ମ ପୁରସ୍କାର ପାଇଲେ। |
| ବି- | ଲଗାସାହେଜି | - ଲତା ଆର୍ ରମା ଖେଲ୍ନେ ସାହେଜି ଇନାମ୍ ପାଏସ୍। |
| ଓ- | ଯୁକ୍ତାକ୍ଷର | - ଏକ ଯୁକ୍ତାକ୍ଷର ଅଟେ। |
| ବି- | ଯୋଡ୍ତୋଡ୍ | - ଗୋଟେକ୍ ଯୋଡ୍ ଅଖର୍ ଆଏ। |

| | | | |
|---|---|---|---|
| ଓ- | ଯୁକ୍ତ | - | ମୋ ବଡ଼ ଭାଇ ଯୁକ୍ତ ଦୁଇ ବିଜ୍ଞାନ ପଢ଼େ। |
| ବି- | ଯୋଡ଼୍ | - | ମୋର୍ ବଡ଼୍ଖା ଦଦା ଯୁକ୍ତ ଦୁଇ ବିଜ୍ଞାନ୍ ପଢ଼୍ଥେ। |
| ଓ- | ଯୁବକ | - | ଯୁବକମାନେ ଅସାଧ କାର୍ଯ୍ୟ କରିପାରନ୍ତି। |
| ବି- | ଧଙ୍ଗ୍ରା | - | ଧଙ୍ଗ୍ରାମନେ ନିସକ୍ଲା କବାର୍କେ କର୍ସକ୍ଥେ। |
| ଓ- | ଯେଉଁ | - | ଯେଉଁ ଦେଶବାସୀ ଯେତେ ଶିକ୍ଷିତ ସେଇ ଦେଶ ସେତେ ଉନ୍ନତ। |
| ବି- | ଯୁନ୍ | - | ଯୁନ୍ ଦେଶ୍ ଯତକ୍ ଜାନ୍ବାର୍ ଉ ଦେଶ୍ ଅତକ୍ ଉନ୍ନତ। |
| ଓ- | ଯୋଜନା | - | ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ୍। |
| ବି- | ଯୋଜନା | - | ସବ୍ କବାର ଯୋଜନା ହିସାବ୍ନେ ହେବାର୍ ଦର୍କାର। |
| ଓ- | ଯୋଡ଼ | - | ଦୁଇଟି କାଠିକୁ ଯୋଡ଼। |
| ବି- | ଯୋଡ଼୍ | - | ଦିଟା କାଠିକେ ଯୋଡ଼୍। |
| ଓ- | ଯୋଡ଼ା | - | କାଉ ଯୋଡ଼ା ରାବୁଛନ୍ତି। |
| ବି- | ଯୁଡି | - | କୁଆ ଯୁଡି ଗଂଗାଥେ। |
| ଓ- | ଯୋଡ଼ି | - | ଦୁଇଟି ବଳଦ ଉତ୍ତମ ଯୋଡ଼ି ହୋଇଛନ୍ତି। |
| ବି- | ଯୁଡ଼ି | - | ଦିଟା ବଳଦ୍ ବଢ଼ିଆ ଯୁଡ଼ି ହଏହେ। |
| ଓ- | ଜ୍ଞାନ | - | ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢ଼େ। |
| ବି- | ବୁଧି | - | ବହି ପଢତ୍ରେନେ ବୁଧି ବଢ଼୍ଥେ। |

## 'ର'

| | | | |
|---|---|---|---|
| ଓ- | ରଙ୍ଗ | - | ମୟୂର ଚିତ୍ରରେ ସଠିକ୍ ରଙ୍ଗ ଲଗାଯାଇଛି। |
| ବି- | ରଙ୍ଗ୍ | - | ମୟୁର୍ ଫଟୁଥିଁ ଠିକ୍ ରଙ୍ଗ୍ ଲଗା ଯାଏହେ। |
| ଓ- | ରଙ୍ଗିନ୍ | - | ରଙ୍ଗିନ୍ ପ୍ରଜାପତିଟିଏ ଫୁଲରେ ବସିଛି। |
| ବି- | ରଙ୍ଗିଆ | - | ରଙ୍ଗିଆ କାପ୍କାପି ଫୁଲ୍ନେ ବସେହେ। |
| ଓ- | ରଜା | - | ଆମ ଦେଶରେ ଆଜିକାଲି ଆଉ ରାଜା ନାହାନ୍ତି। |
| ବି- | ରଜା | - | ହାମର୍ ଦେଶ୍ନେ ଏଜ୍କାଏଲ୍ ଆର୍ ରଜା ନିଏଁ। |

| | | | |
|---|---|---|---|
| ଓ- | ରଡ଼ି | - | ବାଘ ରଡ଼ି ଶୁଣିଲେ ଭୟ ଲାଗେ। |
| ବି- | ଗୁଗ୍ା | - | ବାଘୁଆ ରଡି ଶୁନ୍‌କେ ଡର୍ ଲାଗ୍‌ଥେ। |
| ଓ- | ରକ୍ତ | - | ରକ୍ତରେ ପ୍ରାଣ ଥାଏ। |
| ବି- | ଖୁନ୍ | - | ଖୁନ୍‌ନେ ଜାନ୍ ରଥେ। |
| ଓ- | ରସୁଣ | - | ରସୁଣର ରଙ୍ଗ ଧଳା ଅଟେ। |
| ବି- | ଲେସୁନ୍ | - | ଲେସୁନ୍ କେ ରଙ୍ଗ୍ ପର୍‌ରା ଏ। |
| ଓ- | ରକ୍ଷଣ ବେକ୍ଷଣ | - | ରକ୍ଷଣବେକ୍ଷଣ ଅଭାବରେ ସ୍ମୃତି ନଷ୍ଟ ହୁଏ। |
| ବି- | ଦେଖ୍‌ରେଖ୍ | - | ଦେଖ୍‌ରେଖ୍ କେ ଅଭାବନେ ସ୍ମୃତି ନଷ୍ଟ୍ ହେ ଯାଥେ। |
| ଓ- | ରକ୍ଷାକରିବା | - | ପ୍ରଜାଙ୍କୁ ରକ୍ଷାକରିବା ସରକାରଙ୍କର କାର୍ଯ୍ୟ। |
| ବି- | ବଁଚ୍‌ବାର୍‌ଲାଏଗ୍ | - | ପର୍‌ଜାକେ ବଁଚ୍‌ବାର୍‌ଟା ସର୍‌କାର୍‌କେ କାମ୍। |
| ଓ- | ରାବ | - | ଚଢ଼େଇ ରାବ ଭାରି ମଧୁର ଶୁଭେ। |
| ବି- | ଗୁଗା | - | ଚେରେ ଗୁଗା ଭାରି ବଢ଼ିଆ ଶୁନାଥେ। |
| ଓ- | ରାଜା | - | ରାଜାମାନେ ପରସ୍ପର ଯୁଦ୍ଧ କରୁଥିଲେ। |
| ବି- | ରଜା | - | ରଜାମନେ ତାକର୍‌ତାକର୍ ଭିତର୍‌ନେ ଯୁଦ୍ କରତ୍ ରେହେସ୍। |
| ଓ- | ରାସ୍ତା | - | ମଫସଲ ଅଞ୍ଚଳରେ ଭଲ ରାସ୍ତା ନ ଥାଏ। |
| ବି- | ବାଟ୍ | - | ଗଅଁଲି ଏରିଆନେ ନୁକୋ ବାଟ୍ ନି ରେହେ। |
| ଓ- | ରାତି | - | ଜହ୍ନ ରାତିରେ ତାରାମାନେ ଲୁଚିଯାଆନ୍ତି। |
| ବି- | ରାଏତ୍ | - | ଜନ୍ ରାଏତ୍‌ନେ ତରାମନେ ଲୁକ୍ ଯାଥେ। |
| ଓ- | ରାନ୍ଧି | - | ମାଆ ଆମ ପାଇଁ ଭାତ ରାନ୍ଧି କାମକୁ ଯାଏ। |
| ବି- | ରାଏନ୍ଧ୍ | - | ମାଁ ହାମର୍ ଲାଏଗ୍ ବାସୀ ରାଏନ୍ଧ୍‌କେ ବୁତା ଯାଥେ। |
| ଓ- | ରାଶି | - | ରାଶି ଖଜା ଭାରି ମିଠା ଲାଗେ। |
| ବି- | ତିଲ୍ | - | ତିଲ୍ ଖାଜା ଜାଦା ମଧୁର୍ ଲାଗ୍‌ଥେ। |
| ଓ- | ରାଜି | - | ସେ ମୋ ସହିତ ଯିବାକୁ ରାଜି ହେଲେ। |
| ବି- | ମୁଢ଼ାଏ୍ | - | ଓ ମୋର୍ ସାଙ୍ଗେ ଯାବାର୍‌କେ ରାଜି ହେ ହେ। |

| | | | |
|---|---|---|---|
| ଓ- | ରାଜତ୍ୱ | - | ନିର୍ବାଚିତ ସରକାର ପାଞ୍ଚ ବର୍ଷ ରାଜତ୍ୱ କରନ୍ତି। |
| ବି- | ରାଏଜ୍ | - | ନିର୍ବାଚିତ ସର୍କାର୍ ପାଚ୍ ବଛର୍ ରାଏଜ୍ କର୍ଥେ। |
| ଓ- | ରାଜସ୍ୱ | - | ସରକାର ପ୍ରଜାଙ୍କ ଠାରୁ ରାଜସ୍ୱ ଆଦାୟ କରନ୍ତି। |
| ବି- | ମାଲ୍ଗୁଜାରୀ | - | ସର୍କାର୍ ପର୍ଜାଲେ ମାଲ୍ଗୁଜାରୀ ଅସୁଲ୍ କର୍ଥେ। |
| ଓ- | ରାଜଉଆସ | - | ରାଜଉଆସ ଗୁଡ଼ିକ ଜାତୀୟ ସମ୍ପତ୍ତି ହୋଇଛି। |
| ବି- | ରଜାଉଆଁସ୍ | - | ରଜା ଉଆଁସ୍ ଜତକ୍ ଦେଶ୍କେ ସଂପତ୍ ହୋଏହେ। |
| ଓ- | ରିକ୍ସା | - | ରିକ୍ସାରେ ତିନୋଟି ଚକ ଥାଏ। |
| ବି- | ରିକ୍ସା | - | ରିକ୍ସାକେ ତିନ୍ଟା ଚାକାରେଥେ। |
| ଓ- | ରୁଦ୍ଧ | - | ବୁଢ଼ା ଲୋକଟି ଶ୍ୱାସରୁଦ୍ଧ ହୋଇ ମରିଗଲା। |
| ବି- | ବଏନ୍ | - | ବୁଢ଼ା ମନ୍ସେ ଶାସ୍ ବଏନ୍ ହେକେ ମର୍ଯେସ୍। |
| ଓ- | ରୁଚି | - | ପିଠା ଖାଇବାରେ ମୋର ରୁଚି ଅଛି। |
| ବି- | ବନେ | - | ପିଠା ଖୋବାର୍ ମଖେଁ ବନେ ଲାଗ୍ଥେ। |
| ଓ- | ଋତୁ | - | ବର୍ଷକୁ ଛଅଟି ଋତୁ ଅଛି। |
| ବି- | ରିତୁ | - | ବଛର୍କେ ଛଟା ରିତୁ ଏହେ। |
| ଓ- | ରୂପ | - | ମାଆର ରୂପରେ  କନ୍ୟା ଜାତ ହୋଇଛି। |
| ବି- | ମେତାର | - | ମାଁ କେ ଚେହେରା ରେଙ୍ଗ୍ନେ ବେଟି ଜନମ୍ ହେ ହେ। |
| ଓ- | ରେଖା | - | ଏକାଧିକ ବିନ୍ଦୁ ମିଶି ରେଖା ହୁଏ। |
| ବି- | ଗାର୍ | - | ଗୋଟେକ୍ଲେ ଜହ ବିନ୍ଦୁ ମେସଲ୍ ନେ ଗାର ବନ୍ଥେ। |
| ଓ- | ରୋଗ | - | ମାଛି ହଇଜା ରୋଗର ବାହକ ଅଟେ। |
| ବି- | ବେମାର୍ | - | ମଖି ହର୍ଜା ବେମାର୍ କେ ବାହକ୍ ଏ। |
| ଓ- | ରୋପଣ | - | ଜେଜେ ବାପା ଆମ ପାଇଁ ଗଛଟିଏ ରୋପଣ କରିଥିଲେ। |
| ବି- | ଜଗା | - | ଦାଦୀ ହାମର୍ କଜେ ଗଛ୍ଟେ ଜଗାଏ୍ରେହେସ୍। |
| ଓ- | ରୋଷେଇ | - | ପ୍ରତି ବିଦ୍ୟାଳୟରେ ରୋଷେଇ ଘର ରହିଛି। |
| ବି- | ରାନ୍ଧା | - | ସବ୍ ଇସ୍କୁଲ୍ନେ ରାନ୍ଧା ଘର୍ ଏହେ। |

| | | | |
|---|---|---|---|
| ଓ- | ରୋଗୀ | - | ଏଡ଼ସ୍ ରୋଗି ନିୟମିତ ଔଷଧ ଖାଇବା ଉଚିତ୍। |
| ବି- | ବେମ୍‌ରିଆ | - | ଏଡ଼ସ୍ ବେମ୍‌ରିଆ ସବ୍‌ଦିନ୍ ଉଷୋ ଖାବାର୍ ଉଚିତ୍ ଏ। |
| ଓ- | ରୋଗୀଣା | - | ଲୋକଟି ରୋଗୀଣା ଦେଖାଯାଉଛି। |
| ବି- | ବେମ୍‌ରିଆ | - | ମନ୍‌ଷେଟା ବେମ୍‌ରିଆ ଦେଖାଯାଥେ। |
| ଓ- | ରୌଦ୍ର | - | ରୌଦ୍ର ତାପରେ କୂଅ ପୋଖରୀ ପାଣି ଶୁଖିଯାଏ। |
| ବି- | ଖରା | - | ଖରା ଝଉନେ ଚୂଆଁ, ବନ୍ଦ୍ ପାନି ଶୁଖାଯାଥେ। |

## 'ଲ'

| | | | |
|---|---|---|---|
| ଓ- | ଲତା | - | କଖାରୁ ଲତା ରଞ୍ଜାରେ ମାଡିଯାଇଛି। |
| ବି- | ଲହ | - | ମଖ୍‌ନା ଲହ ରାଏଞ୍ଜନେ୍ ଚେଗ୍ ଯାଏହେ। |
| ଓ- | ଲଟା | - | ଘର ଚାରିପାଖର ଲଟା ବୁଦା ସଫା କର। |
| ବି- | ଲାଟା | - | ଘର୍ କେ ଚାରୋ ପାକ କେ ଛେପା ଗୁଛା ସାଫ୍ କରୋ। |
| ଓ- | ଲକ୍ଷ୍ୟ | - | ଶିକ୍ଷକ ହେବା ପାଇଁ ମୋର ଲକ୍ଷ୍ୟ ରହିଛି। |
| ବି- | ଲଏଖ୍ | - | ଅଜ୍ଝା ହାବାର୍ ଲାଗିଁ ମୋର୍ ଇଛାଏହେ। |
| ଓ- | ଲମ୍ବା | - | ଭୋଟ ଦେବାକୁ ଲୋକେ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି। |
| ବି- | ଲମ୍ | - | ବୋଟ୍ ଦେବାର୍‌କେ ମନ୍‌ଷେ ଲମ୍ ଧାଡିନେ ଠାଡ଼୍ ହଏ୍‌ହେ। |
| ଓ- | ଲମ୍ଫ | - | ମାଙ୍କଡ଼ଟି  ଲମ୍ଫ ଦେଇ ଦୌଡ଼ିଗଲା। |
| ବି- | ଡେଗ୍ | - | ବେନ୍ଦେରା ଡ଼େଗ୍‌କେ କୁଦତ୍ ଯାଏସ୍। |
| ଓ- | ଲଙ୍କା | - | ନାଲି ଲଙ୍କା ଅଧିକ ରାଗ ହୁଏ। |
| ବି- | ମିର୍‌ଚ୍ଚ | - | ଲାଲି ମିର୍‌ଚ୍ଚ ଜହ ଝାଲ୍ କର୍‌ଥେ। |
| ଓ- | ଲକ୍ଷଣ | - | ବେଳେବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ। |
| ବି- | ଲଏଖନ୍ | - | ଛନେ ଛନେ ଆକାଶ୍ ନେ ଅଦ୍ଭୁତ ଲଏଖନ୍ ଦେଖାଯାଥେ। |
| ଓ- | ଲଢ଼େଇ | - | ବିନା ଅସ୍ତ୍ରରେ ନିର୍ବାଚନ ଲଢ଼େଇ ହୁଏ। |

| | | | |
|---|---|---|---|
| ବି- | ଲଡ଼ା | - | ବିନ୍ ହତିଆରନେ ନିର୍ବାଚନ୍ ଲଡ଼ା ହଥେ। |
| ଓ- | ଲାଞ୍ଜ | - | ଗାଈ ତାର ଲାଞ୍ଜରେ ମାଛି ଅଡ଼ାଏ। |
| ବି- | ପୁଛ୍ | - | ଗାଏ୍ ଉକର୍ ପୁଛ୍‌ନେ ମଖି ଖେଦ୍‌ଥେ। |
| ଓ- | ଲାଳ | - | କୁକୁର ଲାଳ ବିଷାକ୍ତ ଅଟେ। |
| ବି- | ଘେଁଘଲ୍ | - | କୁକୁର୍ ଘେଁଘଲ୍ ମହରା ଆଏ୍। |
| ଓ- | ଲାଲ | - | ଲାଲ ଗୋଲାପ ଦେଖିବାକୁ ଖୁବ୍ ସୁନ୍ଦର। |
| ବି- | ଲାଲି | - | ଲାଲି ଗୁଲାପ୍ ଦେଖ୍‌ବାର୍‌କେ ଭାରି ସୁନ୍ଦର୍। |
| ଓ- | ଲାଗିବ | - | ଘର ତିଆରି ପାଇଁ ୨୧ ହଜାର ଟଙ୍କା ଲାଗିବ। |
| ବି- | ଲାଗି | - | ଘର୍ ବନାବା କାଜେ  ଏକୁଶ୍ ହାଜାର୍ ଟଙ୍କା ଲାଗ୍‌ହି। |
| ଓ- | ଲାଜ | - | ନୂଆ ଲୋକଙ୍କୁ ମୁହଁ ଦେଖାଇବାକୁ ମୋତେ ଲାଜ ଲାଗେ। |
| ବି- | ଲାଜ୍ | - | ଅକ୍‌ଲିଆ ମନ୍‌ସେକେ ମୁହୁଁ ଦେଖାବାର୍‌କେ ମଖେଁ ଲାଏଜ୍ ଲାଗ୍‌ଥେ। |
| ଓ- | ଲାଭ | - | କମ୍ ଦାମ୍‌ରେ କିଣି ଅଧିକ ଦାମ୍‌ରେ ବିକିଲେ ଲାଭ ହୁଏ। |
| ବି- | ଅଗ୍‌ଲି | - | କମ୍ ଦାମ୍‌ରେ ଘିନ୍‌କେ ଜହ ଦାମ୍ ନେ ବିକ୍‌ଲେଁ ଅଗ୍‌ଲି ହଥେ। |
| ଓ- | ଲିଭାଇ | - | କଳାପଟାର  ଲେଖାକୁ ଶିକ୍ଷକ ଲିଭାଇ ଦେଲେ। |
| ବି- | ମେଁଟା | - | କଲାପଟା ଲେଖାକେ ଅଜ୍ଞା ମେଁଟା ଦେହେସ୍। |
| ଓ- | ଲିଚୁ | - | ଲିଚୁ ଏକ ମିଠା ଫଳ ଅଟେ। |
| ବି- | ଲିଚ୍‌ଚୁ | - | ଲିଚ୍‌ଚୁ ଗୋଟେକ୍ ସୁଆଦ୍ ଫଲ୍ ଆଏ୍। |
| ଓ- | ଲୁଗା | - | ଭିକାରୀଟି ଚିରା ଲୁଗା ପିନ୍ଧିଛି। |
| ବି- | କପ୍‌ଡ଼ା | - | ଭିକ୍‌ମଗାଟା ଫଟା କପ୍‌ଡ଼ା ପିନ୍ଧେ ହେ। |
| ଓ- | ଲୁହ | - | ଆଖିରୁ ଲୁହ ଝରେ। |
| ବି- | ଆଶୁ | - | ଆଁଏଖ୍‌ନେ ଆଶୁ ଝର୍‌ଥେ। |
| ଓ- | ଲୁଚି | - | ଚୋରଟି ଲୁଚି ପଳାଇଲା। |
| ବି- | ଲୁଏକ୍ | - | ଚୋେର୍ ଲୁଏକ୍‌କେ ଭାଏଗ୍ ଯାଏସ୍। |
| ଓ- | ଲୁଣ | - | ସମୁଦ୍ର ପାଣିରୁ ଲୁଣ ମରାଯାଏ। |

| | | | |
|---|---|---|---|
| ବି- | ନୁନ୍ | - | ସମୁନ୍ଦର୍ ପାନିଲେ ନୁନ୍ ତିଆର୍ କରାଯାଥେ। |
| ଓ- | ଲେବଲ କ୍ରସିଂ | - | ରେଳରାସ୍ତା ପାର ହେବାକୁ ଲେବଲ କ୍ରସିଂ ଥାଏ। |
| ବି- | ଲେବଲ୍ କର୍ସିଂ | - | ରେଲ୍‌ବାଟ ନାହାକ୍ ବାର କାଜେ ଲେବଲ୍ କର୍ସିଂ ରେଥେ। |
| ଓ- | ଲେଖ | - | ପ୍ରତିଦିନ ହସ୍ତାକ୍ଷର ଲେଖ। |
| ବି- | ଲେଖି୍ହି | - | ସବ୍ ଦିନ୍ ହସ୍ତାକ୍ଷର୍ ଅଖର୍ ଲେଖି୍ହି। |
| ଓ- | ଲେଖାଲେଖି | - | ସମୟ ମିଳିଲେ ମୁଁ ଲେଖା ଲେଖି କରେ। |
| ବି- | ଲେଖା୍ଲେଖି୍ | - | ସମିଏ ମିଲ୍‌ଲେଁ ମିଇଁ ଲେଖାଲେଖି କର୍‌ଥାଁ। |
| ଓ- | ଲୋକସଂଖ୍ୟା | - | ପ୍ରତିଦିନ ଲୋକସଂଖ୍ୟା ବଢୁଛି। |
| ବି- | ମନ୍‌ଷେ ସଂଖ୍ୟା | - | ସବ୍‌ଦିନ୍ ମନ୍‌ସେ ସଂଖ୍ୟା ବଢ଼ଥେ। |
| ଓ- | ଲୋଟି | - | ପିଲାଟି ତଳେ ଲୋଟି କାନ୍ଦୁଛି। |
| ବି- | ଉଣେଲ୍ | - | ଛୁଆଟା ତଳେନେ୍ ଉଣେଲ୍ କେ ରୋଥେ। |
| ଓ- | ଲୋଭୀ | - | ଲୋଭୀର ଧନ ଅନ୍ୟମାନେ ଖାଆନ୍ତି। |
| ବି- | ଲୁଭୀଆ | - | ଲୁଭୀଆକେ ଧନ୍ ଦୁସ୍‌ରା ମନେ ଖଥେ। |

## 'ୱ'

| | | | |
|---|---|---|---|
| ଓ- | ୱିକେଟ | - | କ୍ରିକେଟ ଖେଳରେ ଏଗାରଟି ୱିକେଟ୍ ଥାଏ। |
| ବି- | ଉକେଟ୍ | - | କ୍ରିକେଟ୍ ଖେଲ୍‌ଥିଁ ଗିଆର୍‌ଟା ଉକେଟ୍ ରେଥେ। |

## 'ସ'

| | | | |
|---|---|---|---|
| ଓ- | ସର | - | କ୍ଷୀରରେ ସର ବସିଛି। |
| ବି- | ସାରୀ | - | ଗୋରସ୍‌ନେ ସାରୀ ବସେହେ। |
| ଓ- | ସତ୍ୟ | - | ସତ୍ୟ ଚିର ସତେଜ ଅଟେ। |
| ବି- | ସତ୍ | - | ସତ୍ ଚିର୍ ଦଗ୍‌ଦଗ ଆଏ୍। |
| ଓ- | ସର୍ପ | - | ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି। |

| | | | |
|---|---|---|---|
| ବି- | ସାଆଁପ୍ | - | ବଦ୍‌ମାସ୍ ମନ୍‌ଷେ ସାଆଁପ୍ ବରୋବର୍ ହଥେ। |
| ଓ- | ସଦା | - | ପିତାମାତା ସଦା ସର୍ବଦା ଆମର ଯତ୍ନ ନିଅନ୍ତି। |
| ବି- | ହମିସା | - | ବୁଆ ମାଁ ହମିସା ହାମର୍ ଯତନ୍ ନେଥେ। |
| ଓ- | ସଭା | - | ସଭାରେ ଭାଷଣ ଦେବାପାଇଁ ମୋତେ ବଛାଯାଇଛି। |
| ବି- | ସଭା | - | ସଭାନେ ବକ୍‌ବାର୍ କାଜେ ମଖେଁ ବାଛା ଯାଏ୍‌ହେ। |
| ଓ- | ସତେ | - | ଆଜି ବାପା ଆସିବେ, ସତେ ନା କଣ ? |
| ବି- | ସଥେଁ | - | ଏଜ୍ ବୁଆ ଏହି ସଥେଁ ଏକେଁ। |
| ଓ- | ସାଥି | - | ଆଜିକାଲି ପ୍ରତି ଗାଁରେ ଗାଁ ସାଥୀ ରହିଛନ୍ତି। |
| ବି- | ସାଥି | - | ଏଜ୍‌କେଲ୍ ସବ୍ ଗାଁନେ ଗାଁ ସାଥି ରହଥେ। |
| ଓ- | ସତ୍ | - | ସତ୍ ମାର୍ଗରେ ଯିବାକୁ ପିତାମାତା ପରାମର୍ଶ ଦିଅନ୍ତି। |
| ବି- | ସତ୍ | - | ସତ୍ ବାଟ୍‌ନେ ଯାବାର୍‌କେ ବୁଆ ମାଁ ବତାଥେ। |
| ଓ- | ସରା | - | ସରାରେ ମାଣ୍ଡିଆ ଜାଉ ରାନ୍ଧିବା। |
| ବି- | ପାତୀଲି | - | ପାତିଲିନେ ମଡିଆ ଜଉ ରାନ୍‌ଧବ୍। |
| ଓ- | ସାରୁ | - | ସାରୁ ପତ୍ରରେ ପାଣି ଢ଼ଳଢ଼ଳ ହୁଏ। |
| ବି- | ସାରୁ | - | ସାରୁ ପତର୍‌ନେ ପାନି ତଲ୍ ତଲ୍ ହଥେ। |
| ଓ- | ସାଧୁ | - | ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି। |
| ବି- | ସତ୍‌ସତ୍ | - | ମିଇଁ ସତ୍‌ସତ୍ ଉପାଏ୍‌ନେ ପରୀକ୍ଷା ଦିହିଁ। |
| ଓ- | ସିଧା | - | ଆମ ଗାଁରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ରହିଛି। |
| ବି- | ଛାଟ୍ | - | ହାମର ଗାଁଲେ ହାମର ସାଙ୍ଗୀ ଗାଁକେ ଛାଟ୍ ବାଟ୍ ଏହେ। |
| ଓ- | ସାଙ୍ଗ | - | ରବି ମୋର ପିଲା ବେଳର ସାଙ୍ଗ ଅଟେ। |
| ବି- | ସଂଗ | - | ରବି ମୋର୍ ଛୁଆ ବେଲ୍‌କେ ସଙ୍ଗ ଏ। |
| ଓ- | ସାଧା | - | ବେଳେବେଳେ ପୋଲିସ ସାଧା ପୋଷାକ ପିନ୍ଧି ବୁଲନ୍ତି। |
| ବି- | ସଦା | - | ଛନେ ଛନେ ପୁଲିସ୍ ସଦା ପୁଷାକ୍ ପିନ୍ଦ୍‌କେ ବୁଲ୍‌ଥେ। |
| ଓ- | ସହ | - | ମାଧୁରୀ ସହ ରିତା ନଦୀକୁ ଯାଇଛି। |

| | | | |
|---|---|---|---|
| ବି- | ସଙ୍ଗେ | - | ମାଧୁରୀ  ସଙ୍ଗେ ରିତା ନନ୍ଦିକେ ଯାଏ୍‌ହେ। |
| ଓ- | ସବୁ | - | ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି। |
| ବି- | ସବ୍ | - | ପରୀକ୍ଷାନେ ମିଇଁ ସବ୍ ପର୍‌ଶନ୍‌କେ ଉତର୍ ଲେଖେହଁ। |
| ଓ- | ସରି | - | ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ। |
| ବି- | ସମାନ୍ | - | ମଧୁବାବୁ କେ ସାଙ୍ଗେ କୁନେ ସମାନ୍ ହେହିଁ। |
| ଓ- | ସାର | - | ଜୈବିକ ସାର ଭୂମିକୁ ଉର୍ବର ରଖେ। |
| ବି- | ଖତୁ | - | ଗୋରୁ ଖତୁ ଭୂଇଁକେ ଉସାସ୍ ରଖିଥେ। |
| ଓ- | ସକାଳ | - | ସକାଳ ହେଲେ ଲୋକେ କାମକୁ ବାହାରନ୍ତି। |
| ବି- | ସେକାଲ | - | ସେକାଲ୍ ହେଲେଁ ମନ୍‌ଷେ କବାର୍ ବାହାର୍‌ଥେ। |
| ଓ- | ସଜନା | - | ସଜନା ପତ୍ର ଦେହ ପାଇଁ ହିତ କର। |
| ବି- | ମୁନ୍‌ଗା | - | ମୁନ୍‌ଗା ପତର ଦିହିଁକେ ଲାଗି ବଢ଼ିଆ ଆଏ୍। |
| ଓ- | ସଜାଡ଼ି | - | ତୁମର ଖାତା ପତ୍ର ସଜାଡ଼ି ରଖ। |
| ବି- | ସଜାଏ୍‌କେ | - | ତାହାମନ୍‌କେଖତା ପତର୍ ସଜାଏ୍‌କେ ରଖି। |
| ଓ- | ସରାଗ | - | ମାଉସୀ ସରାଗରେ ମୋତେ କୋଳେଇ ଧରିଲେ। |
| ବି- | ଗେଲେଁ | - | ମସୀ ଗେଲେଁନେ ମଖେଁ କୁଲେଁ ଧରେସ୍। |
| ଓ- | ସାହାଯ୍ୟ | - | ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଆବଶ୍ୟକ। |
| ବି- | ସାହାଯ୍ | - | ବାଏଡ୍ ବିପନ୍ନ ସାହେଯ୍ ଦରକାର୍। |
| ଓ- | ସଡ଼କ | - | ପ୍ରତି ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ସଡ଼କ ଯାଇଛି। |
| ବି- | ସଡ଼କ୍ | - | ସବ୍ ପଞ୍ଚାୟତକେ ପ୍ରଧାନ ମନ୍ତ୍ରୀ ସଡ଼କ ଯାଏ୍‌ହେ। |
| ଓ- | ସମ୍ପଦ | - | ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ। |
| ବି- | ସପଦ୍ | - | ହାମର୍ ରାଏଜ୍ ମାଟିର୍ ସଂପଦ୍‌ନେ ଭର୍‌ପୁର୍ ଏହେ। |
| ଓ- | ସମ୍ଭବ | - | ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ। |
| ବି- | ସମ୍ଭବ | - | ପରିବେଶ ସୁରକ୍ଷା କର୍‌ବା ସମ୍ଭବ ଏ। |
| ଓ- | ସନ୍ତୁଷ୍ଟ | - | ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ। |

| | | | |
|---|---|---|---|
| ବି- | ଖୋସି | - | ବାର୍ଷିକ ଫଳାଫଳନେ ମିଇଁ ଖୋସି ଏହେଁ। |
| ଓ- | ସର୍ବତ | - | ଖରା ସମୟରେ ସର୍ବତ ପିଇବାକୁ ଭଲଲାଗେ। |
| ବି- | ସର୍ବତ୍ | - | ଖାରା ସମେନେ ସର୍ବଦ୍ ପିଇବାକେ ବନେ୍ ଲଗ୍‌ଥେ। |
| ଓ- | ସର୍ବଦା | - | ସର୍ବଦା ପ୍ରଫୁଲ୍ଲ ରହିବା ଆବଶ୍ୟକ। |
| ବି- | ସବ୍‌ବେକ୍ | - | ସବ୍‌ବେକ୍ ହସ୍‌ଖୁସ୍ ମନନେ ରହବାର୍ ଦର୍‌କାର୍। |
| ଓ- | ସବୁଜ | - | ବର୍ଷା ଋତୁରେ ପରିବେଶ ସବୁଜ ଦେଖାଯାଏ। |
| ବି- | ସାଗୁଆ | - | ବର୍ଷା ରିତୁନେ ପରିବେଶ ସାଗୁଆ ଦେଖାଯାଥେ। |
| ଓ- | ସତେଜ | - | ସକାଳେ ମନ ସତେଜ ଥାଏ। |
| ବି- | ଦଗ୍‌ଦଗା | - | ସେକାଲେଁ ମନ୍ ଦଗ୍‌ଦଗ୍‌ା ରେଥେ। |
| ଓ- | ସଫା | - | ପାଇଖାନା ଯିବା ପରେ ସାବୁନରେ ହାତ ସଫା କର। |
| ବି- | ସାପ୍ | - | ହଗରି ଖାନା ଯାବାର୍ ପଛେଁ ସାବୁନ୍‌ନେ ହାତ୍ ସାପ୍ କରହି। |
| ଓ- | ସଭିଙ୍କ | - | ମହାତ୍ମାଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ। |
| ବି- | ସବ୍‌କର୍ | - | ମହାତ୍ମାଗାନ୍ଧି ସବ୍‌କର୍ ପ୍ରିୟ ନେତା ରେହେସ୍। |
| ଓ- | ସର୍ଦ୍ଦାର | - | ସର୍ଦ୍ଦାର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି। |
| ବି- | ମୁଖିଆ | - | ମୁଖିଆ ଆଦେଶ ମାଏନ୍‌କେ ସୈନ୍‌ମନ୍ କବାର୍ କର୍‌ଥେ। |
| ଓ- | ସପୁରୀ | - | ସପୁରୀ ଏକ ମିଠା ଫଳ ଅଟେ। |
| ବି- | ସପୁରୀ | - | ସପୁରୀ ଗୋଟେକ୍ ସୁଆଦ୍ ଫଲ୍ ଏ। |
| ଓ- | ସପ୍ତାହ | - | ସାତ ଦିନରେ ଏକ ସପ୍ତାହ। |
| ବି- | ହପ୍‌ତା | - | ସାତ୍ ଦିନ୍‌ନେ ଗୋଟେକ୍ ହପ୍‌ତା। |
| ଓ- | ସହିଷ୍ଣୁ | - | ଭଲ ଲୋକ ସହିଷ୍ଣୁ ହୁଅନ୍ତି। |
| ବି- | ସହନ୍ | - | ନୁକୋ ମନ୍‌ଷେ ସହନ୍ ସକ୍‌ଥେ। |
| ଓ- | ସରଗ | - | ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ। |
| ବି- | ସର୍‌ଗ | - | ସର୍‌ଗ୍ ଗୋଟେକ୍ ଆନନ୍ଦ୍‌ମଏ ଜାଗା ବଏଲ୍‌କେ ପର୍‌ତେ କରାଯାଥେ। |
| ଓ- | ସମାନ | - | ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି। |

| | | | |
|---|---|---|---|
| ବି- | ବରାବର୍ | - | ଏଜ୍‌କେଲ୍ ବେଟା ଆର୍ ବେଟିକେ ବରାବର୍ ଅଧିକାର୍ ମିଲେହେ। |
| ଓ- | ସଭିଏଁ | - | ଆମେ ସଭିଏଁ ଭାରତବାସୀ ଅଟୁ। |
| ବି- | ସଭେ | - | ହାମେ ସଭେ ଭାରତବାସୀ ହଥାଁ। |
| ଓ- | ସପ୍ତମ | - | ସପ୍ତମ ଦିନରେ ହାଟ ହୁଏ। |
| ବି- | ସାତ୍ | - | ସାତ୍ ଦିନ୍‌ନେ ହାଟ୍ ହଥେ। |
| ଓ- | ସହିତ | - | ରବି ସହିତ ମୁଁ ସର୍କସ ଦେଖିଗଲି। |
| ବି- | ସାଙ୍ଗେ | - | ରବି ସାଙ୍ଗେ ମିଇଁ ସର୍କସ ଦେଖନ୍ ଯାଏ୍ ରେହେଁ। |
| ଓ- | ସମସ୍ତେ | - | ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି। |
| ବି- | ସବ୍ | - | ସବ୍ ଶାନ୍ତିନେ ରେବା କାଜେ ଗହାଁଥେ। |
| ଓ- | ସଜାଇ | - | ମୁଁ ମୋ ପଢ଼ା ଘରକୁ ସଜାଇ ରଖିଛି। |
| ବି- | ସଜାଏ୍‌କେ | - | ମେଇଁ ମୋର୍ ପଢ଼ା ଘର ସଜାଏ୍‌କେ ରାଖେହଁ। |
| ଓ- | ସଜବାଜ | - | ତୂରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ। |
| ବି- | ସଜାସୁଜି | - | ମୁହୁରୀ ବଜାଲେଁ ସୈନମନେ ଯୁଦ କାଜେ ସଜାସୁଜି ହେତ୍‌ରେସେ୍। |
| ଓ- | ସ୍ୱପ୍ନ | - | ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି। |
| ବି- | ସପନ୍ | - | ସପନ୍‌ନେ ମିଇଁ ଆକାଶନେ ଉଡ଼ତ ରେହେଁ |
| ଓ- | ସରାଗରେ | - | ମାମୁଁ ମୋତେ ସରାଗରେ କୋଳରେ ବସାଇଲେ। |
| ବି- | ଗେଲେଁ | - | ମାମୁଁ ମଖେଁ ଗେଲେଁନେ କୁଲେଁ ବସାଏସ୍। |
| ଓ- | ସଞ୍ଚୟ | - | ଆସନ୍ତାକାଲି ପାଇଁ ଆଜି ସଞ୍ଚୟ କରିବା ଶିଖ। |
| ବି- | ଠୋଲ୍ | - | କାଏଲ୍ କାଜେ ଆଏଜ୍ ଲେ ଠୋଲ୍‌କର୍ ବାର୍‌ଟା ଶିଖୋ। |
| ଓ- | ସଳଖି | - | ବାଡ଼ିଟି ଆପେ ସଳଖି ଗଲା। |
| ବି- | ସଲଖ୍ | - | ପାଚେନ୍ ଆପେଁ ସଲଖ୍ ଯାଏସ୍। |
| ଓ- | ସହିବା | - | ସହିବା ଗୁଣ ଯାହାର ଥାଏ ସେ ଧନ୍ୟ। |
| ବି- | ସହବାର୍ | - | ସହବାର୍ ଗୁନ୍ ଯାକର୍ ଲେଗା ରଥେ, ଉଧଇମ୍ ଏ। |
| ଓ- | ସମ୍ବର | - | ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲାଣି। |

| | | | |
|---|---|---|---|
| ବି- | ସମର | - | ଆଏଜ୍ କାଏଲ ସମ୍ବର ଜାଏତ୍ ଜଙ୍ଗଲ୍ ଲେ ଲୁକ୍ ଯାଆଥେ ନେ। |
| ଓ- | ସଦସ୍ୟ | - | ରମା ଆମ ପରିବାରର ଜଣେ ସଦସ୍ୟ ଅଟନ୍ତି। |
| ବି- | ସଦସ୍ୟ | - | ରମା ହାମର କୁଟୁମ୍ବକେ ଗୋଟେକ୍ ସଦସ୍ୟ ଏ୍। |
| ଓ- | ସର୍କସ | - | ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ। |
| ବି- | ସର୍କସ | - | ସର୍କସ ନେ ନାନା କିଶମ୍ କେ ଖେଲ୍ ଦେଖ୍‌ବାକେ ମିଲ୍‌ଥେ। |
| ଓ- | ସଜାଡ଼ିବା | - | ବଜାରକୁ ଯିବା ପାଇଁ ମୁଁ ସାଇକେଲ୍ ସଜାଡ଼ିବା ଆରମ୍ଭ କରିଛି। |
| ବି- | ଠିକ୍‌ଠାକ୍ | - | ହାଟ୍‌କେ ଯାବାର୍ କାଜେ ମେଁ ବାଇସ୍‌କଲ୍ ଠିକ୍‌ଠାକ୍ କରେଁହେଁ। |
| ଓ- | ସଞ୍ଜ | - | ସଞ୍ଜ ହେଲେ ବେଳ ବୁଡ଼ିଯାଏ। |
| ବି- | ସଞ୍ଜ୍ | - | ସଞ୍ଜ୍ ହେଜାଲେଁ ବେଲ୍ ବୁଡ଼୍‌ଯାଥେ। |
| ଓ- | ସମଗ୍ର | - | ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢ଼ିଛି। |
| ବି- | ସବୋ | - | ସବୋ ଜିଲାନେ ଜାଡ଼୍ ବଢେ ହେ। |
| ଓ- | ସମାଧାନ | - | ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି। |
| ବି- | ସମଝୋତା | - | ସରପଞ୍ଚ ଗାଁକେ ଝମ୍‌ଲା ସମଝୋତା କର୍‌ଥେ। |
| ଓ- | ସମ୍ବିଧାନ | - | ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି। |
| ବି- | ଦେଶ୍‌ନିତି | - | ହାମର ଦେଶ୍‌କେ ଗୋଟେକ୍ ବଢ଼େ ଦେଶନିତି ଏ୍‌ହେ। |
| ଓ- | ସମ୍ଭାଳିବା | - | ଦୁଃଖ ସମ୍ଭାଳିବା ଏକ ମହତ ଗୁଣ ଅଟେ। |
| ବି- | ସହନ୍ | - | ଦୁଖ ସମ୍‌ଲାଭାଟା ଗୋଟେକ୍ ବନେ୍ ଗୁନ୍ ଏ୍। |
| ଓ- | ସଉକ | - | ରମା ସଉକରେ ସୁନ୍ଦର ଯୋତା ପିନ୍ଧିଛି। |
| ବି- | ସଉକ୍ | - | ରମା ସଉକ୍‌ନେ ଅଏନ୍ ପଁଢ଼େଇ ପିନ୍‌ଧେହେ। |
| ଓ- | ସମତୁଲ | - | ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ ? |
| ବି- | ସମାନ୍ | - | ଗୋପବନ୍ଧୁକେ ସଙ୍ଗେ କୁନେ ସମାନ୍ ହୋନ୍ ସେଖି ? |
| ଓ- | ସରିସୃପ | - | ସର୍ପ ଏକ ସରିସୃପ ପ୍ରାଣୀ ଅଟେ। |
| ବି- | ସରିସୃପ୍ | - | ସାଆଁପ୍ ଗୋଟେକ୍ ସରିସୃପ୍ ପରାନି ଏ୍। |
| ଓ- | ସମ୍ମୁଖୀନ | - | ବିପଦ ସମ୍ମୁଖୀନ ହେଲେ ଭୟ କରନାହିଁ। |

| | | | |
|---|---|---|---|
| ବି- | ପଡ଼୍‌ଜାନେ | - | ବିପଦ୍ ପଡଜାନେ ନି ଡରାହି। |
| ଓ- | ସମର୍ଥନ | - | ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି। |
| ବି- | ସହମତ୍ | - | ମେଁ ମୋର ସଙ୍ଗୁଆରୀ କେ ଗୋଏଟ୍ କେ ସର୍ଥନ୍ କରେଁ। |
| ଓ- | ସଚେତନ | - | ପରିବେଶ ପ୍ରତି ସଚେତନ ରହିବା ଉଚିତ୍। |
| ବି- | ଜାଏଗ୍ | - | ପରିବେଶ ପର୍‌ତି ଜାଏଗ ହେକେ ରହବାର ଉଚିତ୍। |
| ଓ- | ସହଯୋଗ | - | ଲୋକ ସହଯୋଗ କଲେ ଗ୍ରାମ ସଫା ହେବ। |
| ବି- | ସହଯୋଗ | - | ମନ୍‌ସେ ସହଯୋଗ୍ କର୍‌ଲେଁ ଗରାମ୍ ସଫା ହେହି। |
| ଓ- | ସଙ୍ଗେସଙ୍ଗେ | - | ଖବର ପାଇ ଦମକଳ ସଙ୍ଗେସଙ୍ଗେ ପହଞ୍ଚିଲା। |
| ବି- | ସାଙ୍ଗେସାଙ୍ଗେ୍ | - | ଖବର୍ ପାଏସ୍‌କି ଦମ୍‌କଲ୍ ସାଙ୍ଗେସାଙ୍ଗ୍ ହାଜିର୍‌ହେସ୍। |
| ଓ- | ସପ୍ତର୍ଷିମଣ୍ଡଳ | - | ଅନ୍ଧାର ରାତିରେ ସପ୍ତର୍ଷି ମଣ୍ଡଳ ସ୍ୱଷ୍ଟ ଦେଖାଯାଏ। |
| ବି- | ସପ୍ତର୍ଷିମଣ୍ଡଳ | - | ଅନ୍ଧିଆର୍ ରାତିନେ ସପ୍ତର୍ଷିମଣ୍ଡଳ ପର୍‌ଘଟ୍ ଦେଖାଯାଥେ। |
| ଓ- | ସଂଗ୍ରହ | - | ମୁଁ ନେତା ମାନଙ୍କର ଛବି ସଂଗ୍ରହ କରି ରଖେ। |
| ବି- | ଠୋଲ୍ | - | ମେଇଁ ନେତାମନ୍‌କେ ଫଟୁ ଠୋଲ୍ କଏର୍‌କେ ରଖିଥିଁ। |
| ଓ- | ସମ୍ପର୍କ | - | ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି। |
| ବି- | ଯୋଟ୍ | - | ରବି ସଙ୍ଗେ ମୋର୍ ବଢ଼ିଆ ଯୋଟ୍ ଏହେ। |
| ଓ- | ସଂଗୀତ | - | ସଂଗୀତ ମୋର ଅତି ପ୍ରିୟ ଅଟେ। |
| ବି- | ଗାନା | - | ଗାନା ମୋର୍ କେତିନି ପ୍ରିୟ ଆଏ୍। |
| ଓ- | ସନ୍ଧ୍ୟା | - | ସନ୍ଧ୍ୟା ହେଲେ ତାରା ଦେଖାଯାଆନ୍ତି। |
| ବି- | ବେଲ୍‌ବୁଡ଼୍ | - | ବେଲ୍‌ବୁଡ଼୍ ଜାଲେଁ ତରା ଦେଖାଯାଥେ। |
| ଓ- | ସଂଗ୍ରାମୀ | - | ଭଗତସିଂହ ଜଣେ ସଂଗ୍ରାମୀ ଯୁବକ ଥିଲେ। |
| ବି- | ଲଡ଼ାକୁ | - | ଭଗତସିଂହ ଗୋଟେକ୍ ଲଡ଼ାକୁ ଧଙ୍ଗରା ରେହେସ୍। |
| ଓ- | ସଂପଦ | - | ସଂପଦ ବେଳେ ବନ୍ଧୁ ସଖା ହୁଅନ୍ତି। |
| ବି- | ଧନ୍ | - | ଧନ ହେ ଜାନେ ବହୁତ ସଙ୍ଗଆରୀ ହଥେ। |
| ଓ- | ସଂକଳ୍ପ | - | ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ। |

| | | | |
|---|---|---|---|
| ବି- | କିରିଆ | - | ଦେଶ୍ ସେବା ଲାଏଗ୍ ହମେ୍ ସତ୍ କିରିଆ କରେଁହେ। |
| ଓ- | ସଂଗ୍ରାମ | - | ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର। |
| ବି- | ଲଡେଇ | - | ଅନ୍ୟାୟ କେ ବିରୁଦ୍ଧ ନେ ଲଡେଇ କରୋ। |
| ଓ- | ସଙ୍କେତ | - | ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡ଼ି ଚଳାଅ। |
| ବି- | ଚିନା | - | ବାଟ୍‌ନେ ଦିଆଜାଏ୍‌ରେଥେ ଚିନା ମାଏନ୍‌କେ ଗାଡ଼ି ଚଲାହି। |
| ଓ- | ସଂକୁଚିତ | - | ବୃଦ୍ଧର ଚର୍ମ ସଂକୁଚିତ ହୋଇଥାଏ। |
| ବି- | ଲଚେ୍ | - | ବୁଢ଼ା ଲୋଗ୍ କେ ଛାଲିଟା ଲୋଚୋ ହେ ଯାଏହେ । |
| ଓ- | ସଂଗୃହୀତ | - | ଆମ ଶ୍ରେଣୀ ପୁରୁଣା ପାଠ୍ୟ ପୁସ୍ତକ ସଂଗୃହିତ ହେଲା। |
| ବି- | ଗଦା | - | ହାମର ଶ୍ରେଣୀ ଜୁନା ପତା ବହି ଗଦା ଦେସ୍। |
| ଓ- | ସଂଗୀତ ଦଳ | - | ମୁଁ ଗୋଟିଏ ସଙ୍ଗୀତ ଦଳରେ ଗୀତ ଗାଏ। |
| ବି- | ସଂଗୀତ ଦଲ୍ | - | ମେଇଁ ଗୋଟେକ୍ ସଙ୍ଗୀତ୍ ଦଲ୍‌ନେ ଗାନା ଗାଥିଁ। |
| ଓ- | ସଂରକ୍ଷଣ | - | ବାଳିକା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି। |
| ବି- | ରେଖା | - | ବାଲିକାମନ୍‌କେ ଲାଗି ଜଗା ରେଖା ଯାଏ୍‌ହେ। |
| ଓ- | ସାଧାରଣ | - | ଜନ ସାଧାରଣ ଭୋଟ ଦେଇ ସରକାର ଗଢ଼ନ୍ତି। |
| ବି- | ସାଧାରନ୍ | - | ଜନ୍‌ସାଧାରନ୍ ବୋଟ୍ ଦେକେ ସରକାର ବନାଥେ। |
| ଓ- | ସାରଣୀ | - | ସହଜରେ ବୁଝିବାପାଇଁ ସାରଣୀ ସାହାଯ୍ୟ କରେ। |
| ବି- | ସାରଣୀ | - | ସହଜେଁ ବୁଝବାର ଲାଗି ସାରଣୀ ସାହେଯ୍ କରଥେ। |
| ଓ- | ସାକ୍ଷାତ | - | ହଠାତ୍ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ ହେଲା। |
| ବି- | ଭେଁଟ୍ | - | ଆଚ୍ଚନେକ୍ ମୋର୍ ସଂଘି ସଙ୍ଗେ ମୋର ଭେଁଟ୍ ହେସ୍। |
| ଓ- | ସାପ | - | ସାପୁଆ ମାନେ ସାପ ଖେଳାନ୍ତି। |
| ବି- | ସାଆଁପ୍ | - | ସାଁପୁଆ ମନେ ସାଆଁପ୍ ଖେଲାଥେ। |
| ଓ- | ସାନଚିହ୍ନ | - | ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ। |
| ବି- | ସାନ୍‌ଚିନା | - | ସାନ୍ ସଂଖ୍ୟା ଜାନ୍‌ବାର୍ ଲାଏଗ୍ ସାନ୍ ଚିନା ଦିଆଯାଥେ। |
| ଓ- | ସାଙ୍ଗ | - | ରବି ମୋର ପିଲା ଦିନର ସାଙ୍ଗ ଅଟେ। |

| | | | |
|---|---|---|---|
| ବି- | ସଂଘ | - | ରବି ମୋର୍ ପିଲା ଦିନର୍ ସାଙ୍ଗ ଆଏ୍। |
| ଓ- | ସାଗର | - | ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି। |
| ବି- | ସାଗର୍ | - | ହାମର୍ ଦେଶ୍ କେ ତିନ୍‌ଟା ଦିଗ୍‌ନେ ସାଗର୍ ଘେର୍ ଜାଏ୍‌ହେ। |
| ଓ- | ସାଥେ | - | ବଜାରରେ ମୁଁ ବାପାଙ୍କ ସାଥେ ସାଥେ ଯାଏ। |
| ବି- | ସଙ୍ଗେ | - | ହାଟ୍‌କେ ମେଇଁ ବୁଆକେ ସଙ୍ଗେ ସଙ୍ଗେ ଯାଥିଁ। |
| ଓ- | ସାହସ | - | ରବି ସାହସ ଧରି ନଦୀରୁ ରମାକୁ ଉଦ୍ଧାର କଲା। |
| ବି- | ବଲ୍ | - | ରବି ବଲ୍ କଏର୍‌କେ ନନ୍ଦିନେ ରମାକେ ବଚ୍ଚେଏସ୍। |
| ଓ- | ସାଜସଜା | - | ଭାଇଙ୍କ ବାହାଘର ବେଳେ ଆମେ ଘର ସାଜସଜା କରୁ। |
| ବି- | ସଜାସୁଜି | - | ଭାଏକେ ବିହାଘର୍ ବେଲେଁ ହାମେ ଘର ସଜାସୁଜି କରଥିଁ। |
| ଓ- | ସାମୁହିକ | - | ପୋଖରୀ ସଫା ଏକ ସାମୁହିକ କାର୍ଯ୍ୟ ଅଟେ। |
| ବି- | ସାମୁହିକ | - | କାଁଟା ସଫା଼ ଗୋଟେକ୍ ସାମୁହିକ୍ କାମଏ। |
| ଓ- | ସାଉଁଳା | - | ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ। |
| ବି- | ସାଉଁଳା | - | ମାଁ ଗେଲଭରା ସାଉଁଳା ମଖେଁ ଶାନ୍ତି୍ ଦେଥେ। |
| ଓ- | ସିଞ୍ଚିବା | - | କେହି ଅଚେତ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ୍। |
| ବି- | ଝିଟ୍‌ବାର | - | କୁନ୍‌ହେ ବିହୋସ୍ ହେଯାଲେଁ ମୁହୁଁନେ ପାନି ଝିଟ୍‌ବାର୍ ଉଚିତ୍। |
| ଓ- | ସିଲିଣ୍ଡର | - | ଦୋକାନୀ ସିଲିଣ୍ଡରରେ ଗ୍ୟାସ ବିକ୍ରି କରେ। |
| ବି- | ସିଲିଣ୍ଡର | - | ଦୁକାନ୍‌ବାଲା ସିଲିଣ୍ଡରନେ ଗ୍ୟାସ ବିକ୍‌ଥେ। |
| ଓ- | ସିମ୍ପାଞ୍ଜି | - | ଆଫ୍ରିକା ଜଙ୍ଗଲରେ ସିମ୍ପାଜିମାନେ ରହନ୍ତି। |
| ବି- | ସିମ୍ପାଞ୍ଜି | - | ଆଫ୍ରିକା ଝାଡ୍‌ନେ ସିମ୍ପାଞ୍ଜି ରଥେ। |
| ଓ- | ସିଂହ | - | ସିଂହ ସବୁଠାରୁ ବଳବାନ ପଶୁ ଅଟେ। |
| ବି- | ସିଂ | - | ସିଂ ସବ୍‌ଲେ ବଲୁଆ ଯିବ୍ ଆଏ୍। |
| ଓ- | ସୀମା | - | ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି। |
| ବି- | ସୀମା | - | ହାମର୍ ଦେଶ୍‌କେ ସୀମା ସୁରକ୍ଷା ବାହିନୀ ଜଗେହେ। |
| ଓ- | ସୁସ୍ଥ | - | ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ। |

ବି- ବଢ଼ିଆ - କତନିକତକ୍ ଦିନ୍ ପଛେଁ ମୋର୍ ଦାଦୀ ବନେ ହେସ୍ ।

ଓ- ସୁଯୋଗ - ଗତବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି ।

ବି- ସୁଯୋଗ୍ - ଗଲା ବରଷ୍ ମେ ଚିଲିକା ଦେଖ୍‌ବାର୍ ସୁଯୋଗ୍ ପାଏ ରେହେଁ ।

ଓ- ସୁନ୍ଦର - ଆମ ଗାଁ ପାହାଡ଼ ଦୂରରୁ ସୁନ୍ଦର ଦିଶେ ।

ବି- ଅଏନ୍ - ହାମର୍ ଗାଁ ଡଙ୍ଗରୀ ଦୁରିଆଲେ ଅଏନ୍ ଦିଶ୍‌ଥେ ।

ଓ- ସୁଫଳ - ଶ୍ରମ କଲେ ସୁଫଳ ମିଳେ ।

ବି- ସୁଫଳ - ଶ୍ରମ୍ କର୍‌ଲେଁ ସୁଫଲ୍ ମିଲ୍‌ଥେ ।

ଓ- ସୁସ୍ୱାଦୁ - ସପେଟା ଏକ ସୁସ୍ୱାଦୁ ଫଳ ଅଟେ ।

ବି- ସୁଆଦିଆ - ସପେଟା ଗୋଟେକ୍ ସୁଆଦିଆ ଫଳ ଆଏ୍ ।

ଓ- ସୁଆଦିଆ - ଅମୃତ ଭଣ୍ଡା ଏକ ସୁଆଦିଆ ଫଳ ଅଟେ ।

ବି- ସୁଆଦିଆ - ଅର୍‌ମୁତ୍ ମଡ଼ା ଗୋଟେକ୍ ସୁଆଦିଆ ଫଳ ଆଏ୍ ।

ଓ- ସୂର୍ଯ୍ୟ - ସୂର୍ଯ୍ୟକିରଣ ବାଜି ଜଳ ବାଷ୍ପ ହୁଏ ।

ବି- ବେଲ୍ - ବେଲ୍ ଧାଜ୍ ପାଲେଁ ପାନି ଫାଫ୍ ହଥେ ।

ଓ- ସୂରଯନ୍ତ୍ର - ବୀଣା ଏକ ସୂରଯନ୍ତ୍ର ଅଟେ ।

ବି- ସୂର୍‌ଯନ୍ତର - ରେଡୁ ଗୋଟେକ୍ ସୂର ଯନ୍ତର ଆଏ୍ ।

ଓ- ସୂଚକ - ଥର୍ମୋମିଟରରେ ପାରଦ ସୂଚକ ଭଳି କାମ କରେ ।

ବି- ସୂଚକ - ଥର୍ମୋମିଟର ନେ ପାରଦ୍ ସୂଚକ ଊଲିଆ କାମ୍ କର୍‌ଥେ ।

ଓ- ସୂଚାଇବା - ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।

ବି- ସୂଚ୍‌ଇବା - ଇସ୍‌କୁଲ୍‌ନେ ସମେ ନିର୍ଘଣ୍ଟ ସୂଚ୍‌ଇବା ଦର୍‌କାର୍ ।

ଓ- ସୂଚନା - ପ୍ରଧାନଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।

ବି- ବତାଏସ୍ - ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ବତା ଦେସ୍ ।

ଓ- ସୂତ୍ର - ବାପା କଳି ସମାଧାନର ସୂତ୍ର ବାହାର କଲେ ।

ବି- ଧରା - ବୁଆ କଳି ସମାଧାନକେ ଧରା ବାହାର୍ କରେସ୍ ।

ଓ- ସୂଚୀ - ନାବିକ କମ୍ପାସ ସୂଚୀ ଚୁମ୍ବକଟିଏ ଥାଏ ।

| | | | |
|---|---|---|---|
| ବି- | ସୂଚୀ | - | ନାବିକ କମ୍ପାସ୍‌ନେ ସୂଚୀ ଚୁମ୍ବକଟେ ରଥେ। |
| ଓ- | ସେଠାରେ | - | ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲେ। |
| ବି- | ଉଠାନେ | - | ମେ କୁଇଦ୍ ଯାଏ୍‌କେ ଦେଖେଁ ଉଠାନେ କୁନେ ନି ରେଇଁ। |
| ଓ- | ସେବା | - | ବରିଷ୍ଠ ନାଗରିକ ମାନଙ୍କୁ ସେବା କରିବା ଉଚିତ୍। |
| ବି- | ସେବା | - | ବଡ୍‌ଖା ନାଗରିକ୍ ମନ୍‌କେ ସେବା କର୍‌ବାର୍ ଉଚିତ। |
| ଓ- | ସେପଟେ | - | ଏ ପଟେ ରାସ୍ତା ବନ୍ଦ ସେପଟେ ଆସ। |
| ବି- | ଉଫାକ୍ | - | ଇଫାକ୍ ରସ୍‌ତା ବନ୍ଦ୍ ଉଫାକ୍‌ଲେ ଆହି। |
| ଓ- | ସେମାନେ | - | ସେମାନେ ଗୀତ ଗାଉଛନ୍ତି। |
| ବି- | ଉଟାମନେ | - | ଉଟାମନ୍ ଗାନା ଗାଥେ। |
| ଓ- | ସ୍ନେହ | - | ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢ଼ିଛୁ। |
| ବି- | ସେନ୍‌ହ | - | ହାମେ ବୁଆ ଆୟାକେ ସେନ୍‌ହ ଆଦର୍ ପାଏ୍‌କେ ବଢ଼େହେଁ। |
| ଓ- | ସେଓ | - | ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ। |
| ବି- | ସେଉ | - | ହାମର୍ ଏରିଆନେ ସେଉ ତାସ୍ ନହଏ। |
| ଓ- | ସେହି | - | ସେହି ଘରେ ମୋର ବନ୍ଧୁ ରହନ୍ତି। |
| ବି- | ଉ | - | ଉ କୁରିଆନେ ମୋର ସଂଘ ରହଥେ। |
| ଓ- | ସେହିପରି | - | ସେହିପରି କାମ କରିବା ଅନୁଚିତ। |
| ବି- | ଅନ୍ତା | - | ଅନ୍ତା କାମ କର୍‌ବାର୍‌ଟା ଉଚିତ୍ ନିହେଁ। |
| ଓ- | ସେନାପତି | - | ସେନାପତି ଯୁଦ୍ଧ ଚଳାନ୍ତି। |
| ବି- | ସେନାପତି | - | ସେନାପତି ଯୁଦ୍ ଚଲାଥେ। |
| ଓ- | ସଦନ | - | ବଡ଼ ହେଲେ ମୁଁ ସେବା ସଦନଟିଏ ଖୋଲିବି। |
| ବି- | ସଦନ | - | ବଡ଼େ ହେଯାଲେଁ ମେଁ ସେବା ସଦନ୍ ଗୋଟେକ୍ ଖୋଲହିଁ। |
| ଓ- | ସୈନ୍ୟ | - | ସୈନ୍ୟମାନେ ଯୁଦ୍ଧ କରନ୍ତି। |
| ବି- | ସୈନ୍ | - | ସୈନ୍‌ମନେ ଯୁଦ୍ କର୍‌ଥେ। |
| ଓ- | ସୌରମଣ୍ଡଳ | - | ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ ଗଠିତ। |

| | | | |
|---|---|---|---|
| ବି- | ସୌରମଣ୍ଡଲ୍ | - | ବେଲ ଔର ନଟାଁ ଗରହକେ ଲେକେ ସୌରମଣ୍ଡଲ୍। |
| ଓ- | ସ୍ୱପ୍ନ | - | ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି। |
| ବି- | ସପନ୍ | - | ମିଇଁ ଆଏଜ୍ ଗୋଟେକ୍ ବନେ୍ ସପନ୍ ଦେଖେଁ। |
| ଓ- | ସ୍ୱଭାବ | - | ରମାର ସ୍ୱଭାବ ଅତି ସୁନ୍ଦର ଅଟେ। |
| ବି- | ବେଭାର୍ | - | ରମାକେ ବେଭାର୍ ଭାରି ସୁନ୍ଦର ଏ। |
| ଓ- | ସ୍ୱଚ୍ଛ | - | ଗୋଳିଆ ପାଣି ବସିଗଲେ ସ୍ୱଚ୍ଛ ଦେଖାଯାଏ। |
| ବି- | ଫଟିଂ | - | ଗୋନ୍ଦାଲ୍ ପାନି ବଏସ୍ୟାଲେଁ ଫଟିଂ ଦିଶ୍ଥେ। |
| ଓ- | ସ୍ୱର | - | ରିମି ସ୍ୱର ବଦଳାଇ କଥାହୋଇପାରେ। |
| ବି- | ସୋର୍ | - | ରିମି ସୋର୍ ବଦ୍‌ଲାଏ୍‌କେ କହନ୍ ସକ୍ଥେ। |
| ଓ- | ସ୍ୱୟଂଚାଳିତ | - | ଏଟିଏମ୍ ସ୍ୱଂୟଚାଳିତ ଯନ୍ତ୍ର ଅଟେ। |
| ବି- | ସ୍ୱୟଂଚାଳିତ | - | ଏଟିଏମ୍ ସ୍ୱୟଂଚାଳିତ ଯନ୍ତ୍ରର୍ ଆଏ୍। |
| ଓ- | ସ୍ୱାଧୀନ | - | ଆମେ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରୁ। |
| ବି- | ସ୍ୱାଧୀନ୍ | - | ହାମେ ସ୍ୱାଧୀନ୍ ହିସାବେଁ କବାର୍ କର୍‌ସକ୍ଥୁଁ। |
| ଓ- | ସ୍ୱାସ୍ଥ୍ୟ | - | ଆମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। |
| ବି- | ଦିହିଁ | - | ହାମର ଇସ୍‌କୁଲ୍‌ନେ ଦିହିଁ ପରୀକ୍ଷା କରାଯାଏସ୍। |
| ଓ- | ସ୍ୱାସ୍ଥ୍ୟସେବା | - | ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦିଅନ୍ତି। |
| ବି- | ସ୍ୱାସ୍ଥ୍ୟସେବା | - | ସରକାର ସ୍ୱାସ୍ଥ୍ୟସେବା ଯୋଗା ଦେଥେ। |
| ଓ- | ସ୍ୱାର୍ଥ | - | ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି। |
| ବି- | ସ୍ୱାର୍ଥ | - | ଆଏଜ୍ କାଏଲ୍ ସବୋଝନ୍ ନିଜର ସ୍ୱାର୍ଥ କାଜେ ଚେଷ୍ଟା କର୍ଥେ। |
| ଓ- | ସ୍ୱାସ୍ଥ୍ୟକେନ୍ଦ୍ର | - | ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। |
| ବି- | ସ୍ୱାସ୍ଥ୍ୟକେନ୍ଦ୍ର | - | ସବ୍ ପଞ୍ଚେତନେ ହସ୍‌ପାତାଲ ଏହେ। |
| ଓ- | ସ୍ଥଳୀ | - | ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ। |
| ବି- | ଠାନ୍ | - | ଜଙ୍ଗଲ ଜୀବ୍‌ଯତୁଁକେ ରେହେବାର ଠାନ୍ ଏ। |
| ଓ- | ସ୍ଥିର | - | ସମସ୍ତେ ଏକଯୁଟ ହେବାକୁ ସ୍ଥିର କରାଯାଇଛି। |

| | | | |
|---|---|---|---|
| ବି- | ଠିକ୍ | - | ସବ୍ ଗୋଟେକ୍ ଠାନେ ହେବାକେ ଠିକ୍ କରେହେ। |
| ଓ- | ସ୍ଥାନ | - | ଗାଁର ସବୁସ୍ଥାନ ସଫା ସୁତୁରା ରଖାଯାଉ। |
| ବି- | ଠାନ୍ | - | ଗାଁକେ ସବ୍‌ଠାନ୍ ସାଫା ସୁତର୍ ରଖାଯେହି। |
| ଓ- | ସ୍ଥାନୀୟମାନ | - | ପ୍ରତି ଅଙ୍କର ସ୍ଥାନୀୟ ମାନ ରହିଛି। |
| ବି- | ସ୍ଥାନୀୟମାନ | - | ସବ୍ ଅଙ୍କ୍‌କେ ସ୍ଥାନୀୟମାନ ଏହେ। |
| ଓ- | ସ୍ଥାପନ | - | ଆମ ଗ୍ରାମରେ ଡାକ ଘର ସ୍ଥାପନ କରାଗଲା। |
| ବି- | ଥାପ୍‌ନା | - | ହାମର ଗରାମେ ଡାକ୍ ଘର ଥାପ୍‌ନା କରାଯାଏସ୍। |
| ଓ- | ସ୍ଥଳଭାଗ | - | ଆମେ ସ୍ଥଳଭାଗରେ ବାସ କରୁ। |
| ବି- | ସ୍ଥଳଭାଗ | - | ହାମେ ସ୍ଥଳଭାଗନେ ବସା କରଥିଁ। |
| ଓ- | ସ୍ଥାବର | - | ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ। |
| ବି- | ସ୍ଥାବର | - | ହାମର ସ୍ଥାବର୍ ସମ୍ପତ୍ତି କିଛି ନିଏ୍। |
| ଓ- | ସ୍ପର୍ଶ | - | ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଉଛି। |
| ବି- | ଛି | - | ଆଜ୍ କ୍ୟାଲ୍ ଛି ହେଲେଁ ଚିକ୍‌ସା ହେଯାଥେ। |
| ଓ- | ସ୍ପୃହା | - | ପଦ ଯାତ୍ରା କରିବାରେ ମୋର ସ୍ପୃହା ନାହିଁ। |
| ବି- | ଇଛା | - | ରେଙ୍ଗ୍‌ବାକାଜେ ମଖେଁ ଇଛା ନିଲାଗତ୍ । |
| ଓ- | ସ୍ପଷ୍ଟ | - | ବହିର ଛବି ଗୁଡ଼ିକ ସ୍ପଷ୍ଟ ଦେଖାଯାଉଛି। |
| ବି- | ପର୍‌ଘଟ୍ | - | ବହିକେ ପୁତୁଲାମନ୍ ପର୍‌ଘଟ୍ ଦେଖାଯାଥେ। |
| ଓ- | ସ୍ପର୍ଶକ | - | ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ। |
| ବି- | ସ୍ପର୍ଶକ | - | ସବ୍ କୋନାକେ ଗୋଟେକ୍‌ଲେ ଜାଦା ସ୍ପର୍ଶକ ରେଥେ। |
| ଓ- | ସ୍ଫୁର୍ତ୍ତି | - | ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ। |
| ବି- | ଫୁର୍‌ସତ୍ | - | ସେଖାଲେଁ କସ୍‌ରତ୍ କରଲେଁ ଫୁର୍‌ସତ୍ ଲାଗ୍‌ଥେ। |
| ଓ- | ସ୍ଫୁଲିଙ୍ଗ | - | ପଥରରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ। |
| ବି- | ଜଏଲ୍ | - | ପଖ୍‌ନାନେ ଲୁହା ପାନେ ଜୋଏ୍ ଜଏଲ୍‌କେ ବାହାର୍‌ଥେ। |
| ଓ- | ସ୍ଖଳନ | - | ବର୍ଷା ଦିନେ ପର୍ବତର ପଥର ସ୍ଖଳନ ହୁଏ। |

| | | | |
|---|---|---|---|
| ବି- | ଖସଲଥେ | - | ବର୍ଷା ଦିନେ୍ ଡଙ୍ଗର୍‌କେ ପଖନ ଖସଲ୍‌ଥେ। |
| ଓ- | ସ୍କୁଲ | - | ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ। |
| ବି- | ଇସ୍‌କୁଲ୍ | - | ଇସ୍‌କୁଲ୍ ଗୋଟେକ୍ ପବିତ୍ର ଠାନ୍ ଏ। |
| ଓ- | ସ୍ତ୍ରୀ ଲୋକ | - | ଜଣେ ସ୍ତ୍ରୀ ଲୋକର ମଜୁରି ପୁରୁଷ ସହିତ ସମାନ। |
| ବି- | ଡୋକିମନ୍‌ଷେ | - | ଗୋଟେକ୍ ଡ଼ୋକି ମନ୍‌ଷେକେଭୁତି ଡ଼ୋକା ସଙ୍ଗେ ବରୋବର୍। |
| ଓ- | ସ୍ତମ୍ଭ | - | ପୋଢ଼ୁ ପୂଜାବେଳେ ସ୍ତମ୍ଭଟିଏ ପୋତା ଯାଏ। |
| ବି- | ଖୁଟା | - | ପୋଢ୍ ପୂଜା ବେଲେଁ ଖୁଟାଗୋଟେକ୍ ଗଡ଼ାଯାଥେ। |
| ଓ- | ସ୍ନାନ | - | ସକାଳ ସ୍ନାନ ଦେହକୁ ହିତ। |
| ବି- | ଗୋଧୁଆ | - | ସେକାଲ୍ ଗୋଧୁଆ ଦେହେ କାଜେ ବନେଏ। |
| ଓ- | ସ୍କେଲ | - | ସ୍କେଲ ସାହାଯ୍ୟରେ ଗାର କାଟି ମପାଯାଏ। |
| ବି- | ଇସ୍‌କେଲ୍ | - | ଇସ୍‌କେଲ୍ ସାହାଜ୍‌ନେ ଗାର୍ ଢିଚ୍‌କେ ନପାଯଥେ। |

## 'ଷ'

| | | | |
|---|---|---|---|
| ଓ- | ଷଣ୍ଢ | - | ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି। |
| ବି- | ଷୋଣିଆ | - | ହାଟ୍‌ନେ ଷୋଣିଆ ଟୋଟେକ ଉତ୍‌ପାତ୍ କର୍‌ଥେ। |

## 'ଶ'

| | | | |
|---|---|---|---|
| ଓ- | ଶବ୍ଦ | - | ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ। |
| ବି- | ଅବାଜ୍ | - | ରେତ୍‌ନେ ଅବାଜ୍ ପୋର୍‌ଲେ ଧୁରିଆ ଯାଥେ। |
| ଓ- | ଶସ୍ୟ | - | ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ। |
| ବି- | ଫସଲ | - | ଫସଲ୍ କେ ଅମଲ ସମିଆନେ ଗାଁ ହାଁସତ୍ ରେଥେ। |
| ଓ- | ସର୍ଦ୍ଦି | - | ରମାକୁ ଗତ କାଲିଠାରୁ ସର୍ଦ୍ଦି ଜ୍ୱର ଧରିଛି। |
| ବି- | ଜୁଡ୍ | - | ରମାକେ କାଏଲ୍‌ଲେ ଜୁଡ୍ ଜର୍ ଧେରେହେ। |
| ଓ- | ଶକ୍ତି | - | ଭାତ, ରୁଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ। |

| | | | |
|---|---|---|---|
| ବି- | ତାକତ୍ | - | ବାସୀ, ରୁଟିଲେ ହାମ୍‌କେ ତାକତ୍ ମିଲ୍‌ଥେ। |
| ଓ- | ଶର | - | ଆଗ କାଳରେ ଧନୁଶର ଧରି ଯୁଦ୍ଧ କରୁଥିଲେ। |
| ବି- | କାଁଣ | - | ଅଘିଲ୍ କାଲେଁ ଧନୁକାଁଣ ଧେର୍‌କେ ଯୁଦ୍ଧ କରତ୍ ରେହେସ୍ |
| ଓ- | ଶଶୀ | - | ଶରତ ଶଶୀ ନିର୍ମଳ ଦେଖାଯାଏ। |
| ବି- | ଜନ୍ | - | ଶରତ୍ ଜନ୍ ଫଟିଂ ଦିଖ୍‌ଥେ। |
| ଓ- | ଶଙ୍ଖା | - | ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି। |
| ବି- | ଚେରୀ | - | ଚେରୀବାଲା ଚେରୀ ସଜାକେ ରଖେହେ। |
| ଓ- | ଶରୀର | - | ସୁସ୍ଥ ଶରୀର ସୁସ୍ଥ ମନ। |
| ବି- | ଦେହେଁ | - | ବନେ ଦେହେଁ ପରଛା ମନ୍। |
| ଓ- | ଶରଣ | - | ଗରୀବ ଲୋକ ଧନୀ ଠାରେ ଶରଣ ନିଅନ୍ତି। |
| ବି- | ଅସରା | - | ଗରୀବ ମନ୍‌ଷେ ଧନୀ ଠାନେ ଅସ୍‌ରା ଲେଥେ। |
| ଓ- | ଶରଧା | - | ମାହାତ୍ମାଗାନ୍ଧୀଙ୍କୁ ଆମେ ଶରଧାରେ ବାପୁ ଡାକୁ। |
| ବି- | ଗେଲେଁ | - | ମହାତ୍ମା ଗାନ୍ଧୀକେ ହାମେ ଗେଲେଁନେ ବାପୁ ଡାକ୍‌ଥୁଁ। |
| ଓ- | ଶ୍ରବଣ | - | ଶ୍ରବଣ ଭିନ୍ନକ୍ଷମ ମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା। |
| ବି- | ଶୁନ୍‌ବାର | - | ଭଏଁରା ଦୁର୍‌ବଲିଆ ମନକେ ଶୁନ୍‌ବାର ଯନ୍ତର ଦିଆଯାଏସ୍। |
| ଓ- | ଶସ୍ତ୍ର | - | ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଥାଏ। |
| ବି- | ହତିଆର | - | ଗୋଟେକ୍ ସୈନ୍ ହାତ୍ ହଥିଆର୍ ନେ ସଜାହେକେ ରେହେସ୍। |
| ଓ- | ଶଙ୍ଖି | - | ଆମର ଗୋଟିଏ ଶଙ୍ଖି ବିଲେଇ ଅଛି। |
| ବି- | ଶଙ୍ଖି | - | ହାମର୍ ଗୋଟେକ୍ ଶଙ୍ଖି ବିଲେଇ ଏହେ। |
| ଓ- | ଶତକ | - | ଶହେରେ, ଏକ, ଶତକ ସ୍ଥାନରେ ଥାଏ। |
| ବି- | ଶତକ୍ | - | ଶଏନେ ଗୋଟେକ୍ ଶତକ ଜାଗାନେ ରେଥେ। |
| ଓ- | ଶାନ୍ତି | - | ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି। |
| ବି- | ଶାନ୍ତି | - | ଏଜ୍‌କେଲ୍ ସବ୍‌କେ ଶାନ୍ତି ଦର୍‌କାର୍ ହେଥେ। |
| ଓ- | ଶାଳ | - | ଆମ ଗାଁ ପାହାଡ଼ରେ ବଡ଼ ବଡ଼ ଶାଳ ଗଛ ଅଛି। |

| | | | |
|---|---|---|---|
| ବି- | ସର୍ଗି | - | ହାମର୍ ଗାଁ ଡ଼ଙ୍ଗରୀନେ ବଡ଼େ ବଡ଼େ ସର୍ଗି ଗଛ ଏହେ। |
| ଓ- | ଶାସ୍ତି | - | ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ୍। |
| ବି- | ଶଜା | - | ଛୁଆ ମନ୍‌କେ ଶଜା ଦେବା ମନା ଏ୍। |
| ଓ- | ଶାସନ | - | ନିର୍ବାଚିତ ସରକାର ଦେଶ ଶାସନ କରନ୍ତି। |
| ବି- | ଶାସନ୍ | - | ଭୋଟ୍ ନେ ଜିତା ସର୍‌କାର୍ ଦେଶ୍ ଶାସନ୍ କର୍‌ଥେ। |
| ଓ- | ଶାସକ | - | ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି। |
| ବି- | ଶାସକ୍ | - | ହାମର୍ ଦେଶ୍‌ନେ ଗୁର୍‌ଦୁ ବଢ଼ିଆ ଶାସକ ଏହେ। |
| ଓ- | ଶାଗୁଆ | - | ଶୁଆ ଦେହର ରଙ୍ଗ ଶାଗୁଆ ଅଟେ। |
| ବି- | ସାଗ୍‌ରସିଆ | - | ରୁପୋ ଦେହେଁକେ ରଙ୍ଗ ସାଗ୍‌ରସିଆ ଆଏ୍। |
| ଓ- | ଶାଗୁଣା | - | ଆଜି କାଲି ଶାଗୁଣା ମାନେ ଲୋପ ପାଇଗଲେଣି। |
| ବି- | ରାବନ୍ | - | ଆଏଜ୍‌କାଏଲ୍ ରାବନ୍‌ମନେ ଉଭାଏ୍ ଯାଏସ୍। |
| ଓ- | ଶିଖିଲେ | - | ଆମ ସ୍କୁଲର ଝିଅମାନେ ଓଡ଼ିଶୀ ନୃତ୍ୟ ଶିଖିଲେ। |
| ବି- | ଶିଖେହେ | - | ହାମର ଇସ୍‌କୁଲକେ ଟୁକେଲ୍‌ମନେ ଓଡ଼ିଶୀ ନାଚ୍ ଶିଖେଏସ୍। |
| ଓ- | ଶିଶିର | - | ଶୀତ ଋତୁରେ ଶିଶିର ପଡ଼େ। |
| ବି- | ଓଷ | - | ଶୀତ ରିତୁଥି ଉଷ୍ ପଡ଼୍‌ଥେ। |
| ଓ- | ଶିଶୁ | - | ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ। |
| ବି- | ଛୁଆ | - | ଛୁଆ କତ୍‌ନିକ୍ କତକ୍ ଯତନ୍ ଦର୍‌କାର୍ କର୍‌ଥେ। |
| ଓ- | ଶିଳ | - | ଶିଳରେ ବେସର ବଟାଯାଏ। |
| ବି- | ଶିଲ୍ | - | ଶିଲ୍‌ନେ ବେସାର୍ ବଟାଯାଥେ। |
| ଓ- | ଶିମ୍ବଲତା | - | ଶିମ୍ବଲତା ରଞ୍ଜାରେ ମାଡିଯାଇଛି। |
| ବି- | ଶେମିଡିର୍ | - | ଶେମିଡ଼ିର୍ ରାଏଁନ୍‌ନେ ଭର୍‌ଯାଏ୍‌ହେ। |
| ଓ- | ଶିଆଳି | - | ଶିଆଳି ପତ୍ରରେ ଖଲି ତିଆରି ହୁଏ। |
| ବି- | ଶିଏଲ୍ | - | ଶିଏଲ୍ ପତର୍‌ନେ ଖଲି ବନ୍‌ଥେ। |
| ଓ- | ଶୀତ | - | ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି। |

| | | | |
|---|---|---|---|
| ବି- | ଶୀତ୍ | - | ପ୍ରବଳ ଶୀତ୍‌ନେ କତକ୍ ମନ୍‌ଷେ ମଏର୍ ଯଥେ। |
| ଓ- | ଶିକାରୀ | - | ଶିକାରୀ ଫାଶ ବସାଇ ପକ୍ଷୀ ଧରେ। |
| ବି- | ଶିକାରି | - | ଶିକାରି ଫନ୍ଦା ବସାଏ୍‌କେ ଚଢେଇ ଧର୍‌ଥେ। |
| ଓ- | ଶୀଘ୍ର | - | ଆଜି ମୁଁ ଶୀଘ୍ର ଘରକୁ ଫେରିଲି। |
| ବି- | ଜଲ୍‌ଦି | - | ମେ ଆଏଜ୍ ଜଲଦି ଘରକେ ଫିରେଁ। |
| ଓ- | ଶୀତଋତୁ | - | ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ। |
| ବି- | ଶୀତଋତୁ | - | ଶୀତଋତୁଟା କାଁଚା ସାଖ୍‌ତୁନ୍ କାଜେ ବନେଏ। |
| ଓ- | ଶୀର୍ଷ | - | ପର୍ବତ ଶୀର୍ଷ ଭାଗ ସମତଳ ଥାଏ। |
| ବି- | ଟିପି | - | ଡ଼ଙ୍ଗରୀକେ ଟିପି ଭାଗ ସମାନ୍ ରେଥେ। |
| ଓ- | ଶୁଆ | - | ଶୁଆର ଥଣ୍ଟ ନାଲି ଅଟେ। |
| ବି- | ରୁପୋ | - | ରୁପୋ ଚଅଁଚ୍ ଲାଲ୍ ରେଥେ। |
| ଓ- | ଶୁଭ୍ର | - | ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ। |
| ବି- | ପର୍‌ରା | - | ଖାରାଦିନେ ପଁର୍‌ରା ଛିନ୍ଦା ଅରାମ ଲାଗ୍‌ଥେ। |
| ଓ- | ଶୁଣ୍ଢ | - | ହାତୀ ଶୁଣ୍ଢରେ ଡାଳ ଭାଙ୍ଗେ। |
| ବି- | ଶୁଢ୍ | - | ହାଥି ଶଢ୍‌ନେ ଡାଳ ଟୁଟାଥେ। |
| ଓ- | ଶୁଷ୍କ | - | ଶୁଷ୍କ ଭୂମିରେ ଗଛ ଉଠିବା କଷ୍ଟ। |
| ବି- | ଶୁଖା | - | ଶୁଖା ଭୁଇଁନେ ଗାଛ ଉଠ୍‌ବାର କାଡ଼ା ଏ୍। |
| ଓ- | ଶୁଖିବା | - | ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ ହୁଏ। |
| ବି- | ଶୁଏଖ୍‌ବା | - | ପରବଲ୍ ଖରାନେ କାଁଟା ଶୁଏଖ୍‌ବାର ସୁରୁ ହେଥେ। |
| ଓ- | ଶୁଭ | - | ଶୁଭ ଖବରଟିଏ ଶୁଣି ମୁଁ ଖୁସିହେଲି। |
| ବି- | ଶୁଭ୍ | - | ଶୁଭ୍ ଖବରଟେ୍ ଶୁଏନ୍‌କେ ମେ ଖୁସ୍ ହେସ୍। |
| ଓ- | ଶୁଖିଲା | - | ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି। |
| ବି- | ଶୁଖ୍‌ଲା | - | ମନ୍‌ଷେ ଜଙ୍ଗଲନେ ଶୁଖ୍‌ଲା କାଠ ସେକଲ୍‌ଥେ। |
| ଓ- | ଶୁଣିବା | - | ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ। |

| | | | |
|---|---|---|---|
| ବି- | ଶୁନ୍‌ବାର | - | ଗୁରୁମନ୍‌କେ କଥା ଶୁନ୍‌ବାର୍ ବଢ଼ିଆ ଆଏ୍। |
| ଓ- | ଶୁଙ୍ଘିବା | - | ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ୍। |
| ବି- | ଶୁଙ୍ଘ୍‌ବାରଟା | - | ଫୁଲ୍‌କେ ପାଖେଁନେ ଶୁଙ୍ଘ୍‌ବାରଟା ଅଏନ୍ ନିସେ। |
| ଓ- | ଶୂନ | - | ଶୁନର ମୂଲ୍ୟ କିଛି ନାହିଁ। |
| ବି- | ଶୂନ୍ | - | ଶୂନ୍ କେ ମୋଲ ନିଏ। |
| ଓ- | ଶ୍ରୁତଲିଖନ | - | ପ୍ରତିଦିନ ଶ୍ରୁତଲିଖନ ଅଭ୍ୟାସ କର। |
| ବି- | ଶ୍ରୁତଲିଖନ | - | ସବ୍‌ଦିନ ଶ୍ରୁତଲିଖନ୍ ଲେଖ୍ ବାକେ ଅଭ୍ୟାସ କରୋ। |
| ଓ- | ଶୃଙ୍ଖଳା | - | ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ। |
| ବି- | ଶୃଙ୍ଖଲିତ | - | ସବ୍ କାମ୍‌ନେ ଶୃଙ୍ଖଲିତ ରହେବାର୍ ଦର୍‌କାର୍। |
| ଓ- | ଶୃଗାଳ | - | ଶୃଗାଳ ବଡ଼ ଚତୁର ଅଟେ। |
| ବି- | କୋଲିଆ | - | କୋଲିଆ ବଡ଼ ହୁସିଆର ଆଏ୍। |
| ଓ- | ଶେଷ | - | ପରୀକ୍ଷା ଶେଷ ହେଲେ ମୁଁ ମାମୁଁ ଘର ଯିବି। |
| ବି- | ଛେଦାଲେଁ | - | ପରୀକ୍ଷା ଛେଦାଲେଁ ମେ ମାମୁଁ ଘର୍‌କେ ଯେହିଁ। |
| ଓ- | ଶେଉଳ | - | ଶେଉଳ ମାଛ ଭାରି ସୁଆଦିଆ। |
| ବି- | ଶେଉଳ | - | ଶେଉଳ ଝୋରୀଏକ୍‌ଦମ୍ ସୋଆଦ୍। |
| ଓ- | ଶ୍ରେଣୀ | - | ମୁଁ ତୃତୀୟ ଶ୍ରେଣୀରେ ପଢ଼େ। |
| ବି- | ଶ୍ରେଣୀ | - | ମେତୃତୀୟ ଶ୍ରେଣୀନେ ପଢ୍‌ଥିଁ। |
| ଓ- | ଶୋଇବା | - | ବେଶୀ ଶୋଇବା ଦେହ ପ୍ରତି କ୍ଷତିକାରକ। |
| ବି- | ସୋତ୍‌ବାର | - | ଜାଦା ସୋବାର ଦିହିଁକେ ଲାଏଗ୍ ନକ୍‌ସାନ୍ ଆଏ୍। |
| ଓ- | ଶୋଇବାଘର | - | ଆମର ଶୋଇବା ଘର ନାହିଁ। |
| ବି- | ସୋବାରଘର | - | ହାମର୍ ସୋବାର୍ ଘର ନିଏ୍। |
| ଓ- | ଶୋଷ | - | ଖରାଦିନେ ବାରମ୍ବାର ଶୋଷ ଲାଗେ। |
| ବି- | ପିଆସ୍ | - | ଖରାଦିନେଁ ଉଦ୍‌ଦେ ଉଦ୍‌ଦେ ପିଆସ୍ ଲାଗ୍‌ଥେ। |
| ଓ- | ଶୋରିଷ | - | ଶୋରିଷରୁ ତେଲ ବାହାର କରାଯାଏ। |

| | | | |
|---|---|---|---|
| ବି- | ସର୍ଷୋ | - | ସର୍ଷୋନେ ତେଲ୍ ବହରାଥେ। |
| ଓ- | ଶୋଭା | - | କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି। |
| ବି- | ଶୁଭା | - | କାଶ୍ମୀର୍‌କେ ଶୁଭା ନେ ସବ୍‌ଝନ୍ ମୋହିତ ହେ ଯାଥୋ। |
| ଓ- | ଶୌଚ | - | ରମା ଶୌଚ ପାଇଁ ପାଇଖାନାକୁ ଗଲା। |
| ବି- | ହାଗ୍‌ବାର | - | ରମା ହାଗ୍‌ବାର ଲାଏଗ୍ ହଗିରିଖାନ୍ ଜାଏସ୍। |
| ଓ- | ଶ୍ୟାମଳ | - | ବର୍ଷା ଋତୁରେ ପରିବେଶ ଶ୍ୟାମଳ ଦିଶେ। |
| ବି- | ସାଗ୍‌ରସିଆ | - | ବର୍ଷା ଋତୁନେ ପରିବେଶ ସାଗରସିଆ ଦିସ୍‌ଥେ। |
| ଓ- | ଶ୍ୱାସ | - | ଜୀବମାନେ ଶ୍ୱାସ କ୍ରିୟା କରନ୍ତି। |
| ବି- | ଶ୍ୱାସ | - | ଜୀବ୍‌ମନେ ଶ୍ୱାସ ଅନାନିଆ କର୍‌ଥେ। |

## 'ହ'

| | | | |
|---|---|---|---|
| ଓ- | ହୁଁ | - | ଆଈ ଗପ କହିବା ବେଳେ ମୁଁ ହୁଁ ମାରେ। |
| ବି- | ହୁକାର୍ | - | ବୋବି କାଥାନି କଥେ ବେଳେଁ ମିଇଁ ହୁକାର୍ ମାର୍‌ଥଁ। |
| ଓ- | ହଳ | - | କୃଷକର ହଳ ହିଁ ବଳ ଅଟେ। |
| ବି- | ହଲ | - | କୃଷକ୍‌କେ ହଲ ହିଁ ବଲ୍ ଆଏ୍। |
| ଓ- | ହନୁ | - | କୁକୁରକୁ ଦେଖି ହନୁ ଦୌଡ଼ିଗଲା |
| ବି- | ବେନ୍ଦେରା | - | କୁକୁର୍‌କେ ଦେଖ୍‌କେ ବେନ୍ଦେରା କୁଇଦ୍ ଦେହେସ୍। |
| ଓ- | ହତା | - | ବିଦ୍ୟାଳୟ ହତା ପରିଷ୍କାର ରଖ। |
| ବି- | ଭିତରେ | - | ଇସ୍‌କୁଲ୍ ଭିତ୍‌ର ସାଫାସୋତରା ରାଖ। |
| ଓ- | ହସି | - | ତା କଥା ଶୁଣି ରିମି ହସି ଦେଲା। |
| ବି- | ହସ୍ | - | ଉଟାକେ ଗୋଠିଆ ବାର୍‌ଟା ଶୁନ୍‌କେ ରିମି ହସ୍ ଦେହେସ୍। |
| ଓ- | ହଣ୍ଡା | - | ପିତଳ ହଣ୍ଡାରେ ମାଂସ ଭଲ ଶିଝେ। |
| ବି- | ହଣ୍ଲା | - | ପିତଲ୍ ହଣ୍ଲା ନେ ଶିକାର୍ ଅଏନ୍ ଚୁର୍‌ଥେ। |
| ଓ- | ହସ୍ତୀ | - | ହସ୍ତୀ ଦାନ୍ତରେ କାରୁକାର୍ଯ୍ୟ ହୁଏ। |

| | | | |
|---|---|---|---|
| ବି- | ହାତୀ | - | ହାତୀ ଦାଁତ୍‌ନେ ଫୁଲ୍‌ଫାନସ୍ ହଥେ। |
| ଓ- | ହଂସ | - | ହଂସ ଉଭୟଚର ପକ୍ଷୀ ଅଟେ। |
| ବି- | ବତକ୍ | - | ବତକ୍ ଉଭୟଚର୍ ଚେରେ ଏ ଏ। |
| ଓ- | ହଟାଇ | - | ରବି ଲୋକଙ୍କୁ ହଟାଇ ଆଗକୁ ଦଉଡ଼ି ଗଲା। |
| ବି- | ଠେଲ୍‌କେ | - | ରବି ମନ୍‌ଷେକେ ଠେଲ୍‌କେ ଆଘିଲ୍ କୁଇଦ୍ ଦେହେସ୍। |
| ଓ- | ହଳଦୀ | - | କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ। |
| ବି- | ହଳଦୀ | - | କନ୍ଧମାଲ୍ ହଳଦୀ ସାରା ପୁର୍‌ଥି ନେ ପ୍ରସିଦ୍ଧ ଏ। |
| ଓ- | ହରିଣ | - | ଆମ ଜଙ୍ଗଲରେ ହରିଣ ବଂଶ ଲୋପ ପାଇଗଲାଣି। |
| ବି- | କୁର୍‌ରୀ | - | ହାମର୍ ଜଙ୍ଗଲନେ ହରିନ୍ ବଂଶ ଉବ୍‌ଯାଏସ୍ ନେ। |
| ଓ- | ହଲାଇ | - | ରସାନ୍ତ ଡାଳ ହଲାଇ ଆମ୍ବ ଝଡ଼ାଇଲା। |
| ବି- | ହଲାଏ୍‌କେ | - | ରସାନ୍ତ ଡେହି ହଲାଏ୍‌କେ ଆମା ଝାରେସ୍। |
| ଓ- | ହଜମ | - | ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ। |
| ବି- | ପଚବାର | - | ବୁଢ଼ା ହେଜାଲେଁ ପଚ୍‌ବାର ତାକତ୍ କମ୍‌ଯାଥେ। |
| ଓ- | ହରଣ | - | କ୍ରମିକ ବିଯୋଗକୁ ହରଣ କୁହାଯାଏ। |
| ବି- | ଭାଗ୍ | - | ଉତାରକେ ଉତାର କାଏ୍‌ଟ ଦେବାର୍ ଟାକେ୍ ଭାଗ୍ କହାଯାଥେ। |
| ଓ- | ହଳଦିଆ | - | ଜହ୍ନି ଫୁଲର ରଙ୍ଗ ହଳଦିଆ। |
| ବି- | ହଳଦିଆ | - | ତରେଇ ଫୁଲ୍‌କେ ରଙ୍ଗ୍ ହଲ୍‌ଦିଆ। |
| ଓ- | ହସିଖେଳି | - | ଆମ ପିଲାଦିନ ହସି ଖେଳି ଚାଲିଗଲା। |
| ବି- | ହଏସ୍‌ଖେଲକେ | - | ହାମର ଛୁଆ ଦିନ୍ ହଏସ୍ ଖେଲକେ୍ ଭାଗ୍ ଯାଏସ୍। |
| ଓ- | ହସିହସି | - | ଦେଶପାଇଁ ଆମେ ହସି ହସି ଜୀବନ ଦେବା। |
| ବି- | ହଏସ୍‌ହଏସ୍ | - | ଦେଶ୍ ଲାଏଗ୍ ହମେ ହଏସ୍‌ହଏସ୍‌କେ ଜାନ୍ ଦହବ୍। |
| ଓ- | ହତ୍ୟାକରିବା | - | ନର ହତ୍ୟା କରିବା ମହାପାପ ଅଟେ। |
| ବି- | ମେଏର୍‌ଦେବାଟା | - | ମନ୍‌ଷେ ମେର୍ ଦେବାଟା କତନିକ୍ ପାପ୍ ଆଏ୍। |
| ଓ- | ହଳଦୀବସନ୍ତ | - | ହଳଦୀବସନ୍ତ ଗୋଟିଏ ସୁନ୍ଦର ପକ୍ଷୀ ଅଟେ। |

ବି- ହଳଦୀବସନ୍ତ - ହଳଦୀବସନ୍ତ ଗୋଟେକ୍ ଅଏନ୍ ଚେରେ ଆଏ୍।
ଓ- ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ।
ବି- ହାତ୍‌ନେ - ହାତ୍‌ନେ ହମେ କତ୍‌ନିକତ୍‌କ କାବାର୍ କର୍‌ଥିଁ।
ଓ- ହାଟ - ଆମ ଗାଁରେ ଶନିବାର ଦିନ ହାଟ ବସେ।
ବି- ହାଟ୍‌ଲୀ - ହାମର୍ ଗାଁନେ ଶନିବାର୍ ଦିନେ୍ ହଟ୍‌ଲି ବସ୍‌ଥେ।
ଓ- ହାଣ୍ଡି - ଆଜିକାଲି ମାଟି ହାଣ୍ଡି ଆଉ ଚଳୁ ନାହିଁ।
ବି- ହାଁଡି - ଆଏଚ୍ କାନ୍ଦ୍ ମାଟିକେ ହାଁଡି ନିଚଳତ୍।
ଓ- ହାର - ମୋତି ହାର ଦେହକୁ ସୁନ୍ଦର ଲାଗେ।
ବି- ମାଲ - ମୋତି ମାଲ ଦେହେଁକେ ଅଏଁନ୍ ଲାଗ୍‌ଥେ।
ଓ- ହାରମୋନିୟମ୍ - ମୁଁ ହାରମୋନିୟମ୍ ବଜାଇ ଶିଖିଛି।
ବି- ପେଟି - ମେ ପେଟି ବଜାବାକଜେଙ୍ଗ ଶିଖଥିଁ।
ଓ- ହାତୀ - ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି।
ବି- ହାଥି - ଆଜ କାଏଲ ହାଥି ମା ଗାଁ ଗଡାନେ ସେମ୍ ଯାଆଥେ।
ଓ- ହାଓ୍ୱା - ଖରାଦିନର ଗରମହାଓ୍ୱା ସମ୍ଭାଳି ହୁଏନାହିଁ।
ବି- ଧୁକା - ଘାମଦିନ୍‌ନେ ତପ୍‌ଲା ହଓ୍ୱା ସମ୍‌ଲାଏ ନି ହଏ୍।
ଓ- ହାଲିଆ - ପାହାଡ଼ ଚଢ଼ିଲେ ଖୁବ୍ ହାଲିଆ ଲାଗେ।
ବି- ଆଥା - ଡଙ୍ଗର୍ ଚେଘେନେ ଅଡବଡ ଆଥା ଲାଗ୍‌ଥେ।
ଓ- ହାଲୁକା - ଶିମିଳି ତୂଳା ଖୁବ୍ ହାଲୁକା।
ବି- ଉସାସ୍ - ଶେମେଲକେ ପନିଟା ଜବର୍ ଉସାସ୍ ଏ।
ଓ- ହାଜର - ବାପା ଡାକିଲେ ମୁଁ ତୁରନ୍ତ ହାଜର ହୁଏ।
ବି- ଆଥିଁ - ବୁଆ ଡାକ୍‌ନେ ମେ ଜଲଦି ଆଥିଁ।
ଓ- ହାରିବା - ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ।
ବି- ହାର୍‌ବା - ହାର୍‌ଯାନେ ଜିତ୍‌ବାକାନେ ଇଛା ଲାଗ୍‌ଥେ।
ଓ- ହାହାକାର - ବାପାଙ୍କ ମୃତ୍ୟୁରେ ଆମେ ହାହାକାର କଲୁ।

ବି- ହାହାକାର୍ - ବୁଆକେ ମଲାନେ ହାମେ ହୁର୍‌କି କରେଁ।
ଓ- ହାଇକୋର୍ଟ - ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ।
ବି- ହାଇକୋଟ୍ - ହାଇକୋର୍ଟ ରାଜ୍‌କେ ରଅଁଟ ବିଚାର୍‌ବାର୍ ଜାଗା ଏ।
ଓ- ହିମ - ଶୀତ ଦିନେ କାଶ୍ମୀରରେ ହିମପାତ ହୁଏ।
ବି- ବରଫ୍ - ଯାଡ୍ ଦିନ୍‌ନେ କାଶ୍‌ମିର୍‌ନେ ବରଫ୍ ପଡ୍‌ଥେ।
ଓ- ହିସାବ - ସାହୁକାର ମାନେ କିଣା ବିକାର ହିସାବ ରଖନ୍ତି।
ବି- ହିସାବ୍ - ସାହୁକାରମନ  ଘିନା ବେଚାନେ ହିସାବ୍ ରଖ୍‌ଥେ।
ଓ- ହିଂସ୍ରଜନ୍ତୁ - ଜଙ୍ଗଲରେ ଅନେକ ହିଂସ୍ର ଜନ୍ତୁ ଥାଆନ୍ତି।
ବି- ହିଂସ୍‌ଜନ୍ତୁ - ଜଙ୍ଗଲନେ କତ୍‌ନିକତକ୍ ହିଂସ୍‌ଜନ୍ତୁ ରେଥେ।
ଓ- ହେତୁ - ତୁମେ ବଡ଼ ହେଲେ ପିତାମାତାଙ୍କର ସ୍ନେହ ହେତୁକର।
ବି- ମନେ୍‌ପକାନ୍ - ତାହାମନ୍ ବଡ଼ଖା୍ ହେଲେଁ ବୁଆ ଆୟାକେ ସନ୍‌ହୋ ମନେ ପକାହି।
ଓ- ହେବ - ଏ ବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।
ବି- ହେହି - ଏସୁର୍ ବଢ଼ିଆ ବରଷା ହେହି ବଏଲ୍‌କେ ଜନା ଦିଆଯାଏ୍ ସ।
ଓ- ହେବାଭଳି - ଆଜି ବର୍ଷା ହେବାଭଳି ଦିଶୁଛି।
ବି- ହେହିବାଗିର୍ - ଆଏଜ ବର୍‌ଷା ହେହିବାଗିର ଦିଶଥେ।
ଓ- ହେଟା - ହେଟା ମଲା ଜୀବଜନ୍ତୁଙ୍କ ହାଡ଼ ବୋହି ନିଏ।
ବି- ହୁର୍‌ରା - ହୁର୍‌ରା ମୁର୍‌ଦାର୍‌ଜୀବ୍ ଜନ୍ତୁକେ ହାଡ଼ ବଏ୍‌ଲେଥେ।
ଓ- ହୃତପିଣ୍ଡ - ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ।
ବି- ଧୁକ୍‌ଧୁକି - ଧୁକ୍‌ଧୁକି ଦିହେଁନେ ଶୁଦ୍ ଖୁନ୍ ବଶ୍‌ରାଏ ଦେଥେ।

## 'କ୍ଷ'

ଓ- କ୍ଷତି - ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ।
ବି- ନକ୍‌ସାନ୍ - ଛନେକଘଡେକ ବରଷା ଅଭାବନେ ତାସ୍ ନକ୍‌ସାନ୍ ହଥେ।
ଓ- କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ।

| | | | |
|---|---|---|---|
| ବି- | ଗୋରସ୍ | - | ଆୟ୍ମାକେ ଗୋରସ୍‌ଟା ଅମୃତ ବାଗିର ଏ। |
| ଓ- | କ୍ଷୁଦ୍ରତମ | - | ଏକ ସବୁଠାରୁ କ୍ଷୁଦ୍ରତମ ପୂର୍ଣ୍ଣ ସଂଖ୍ୟା ଅଟେ। |
| ବି- | ଛୋଟେ | - | ଏକ୍‌ଟା ସବ୍‌ଲେ ଛୋଟ ସଂଖ୍ୟା ଏ। |
| ଓ- | କ୍ଷେତ୍ର | - | କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ଅଟେ। |
| ବି- | ଏରିଆ | - | କନ୍ଧମାଲ୍ ଚାଷ କାଜେ ବଢ଼ିଆ ଏରିଆ ଏ । |
| ଓ- | କ୍ଷେତ | - | କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ। |
| ବି- | ଖେତ୍ | - | ଖେତେନେ ଗୋରୁ ଖତ ଦେଲେଁ ଭଲ୍ ଫସଲ୍ ହେଥେ। |

ଓ- ତୁମର ନାମ କଣ ?

ବି- ତୋର୍ ନା କେଁଣା ?

ଓ- ତୁମ ବାପାଙ୍କ ନାମ କ'ଣ ?

ବି- ତୋର୍ ବୁଆକେ ନା କେଁଣା ?

ଓ- ତୁମ ମାଆ ନାମ କଣ ?

ବି- ତୋର୍ ମାଁ ନା କେଁଣା ?

ଓ- ଆଜି କଣ ଖାଇଛ ?

ବି- ଏଜ୍ କେଁଣା ଖାଏ୍‌ହେ ?

ଓ- (ନାମ) ଏଠିକି ଆସ।

ବି- (ନା) ଇଲଗା ଆହି।

ଓ- ତାକୁ ଟିକିଏ କହ।

ବି- ଉଖେଁ ଟିକେକ୍ କଏ୍‌ଦହ।

ଓ- କାଲି ଆଗରେ ଆସିବ।

ବି- କାଏଲ୍ ଆଘିଲ୍ ଏହି।

ଓ- ତୁମେ କେତେବେଳେ ସ୍କୁଲକୁ ଆସ।

ବି- ତାହାମନ୍ କତଲ ବେଳେଁ ଇସ୍‌କୁଲ୍ ଆଥେ।

ଓ- ସ୍କୁଲ କେତେବେଳେ ଛୁଟି ହୁଏ।

ବି- ଇସ୍‌କୁଲ୍ କତକ୍‌ବେଳେଁ ଛୋଟି ହଥେ।

ଓ- ସ୍କୁଲରେ ପ୍ରାର୍ଥନା କର କି ?

ବି- ଇସ୍‌କୁଲ୍ ନେ ପର୍‌ଥନା କର୍‌ଥେ କେଁ।

ଓ- ପିଲାମାନେ ବୁଝିଲ କି ?

ବି- ଛୁଆମନେ ବୁଝେସ୍ କେଁ ?

ଓ- ଜାଣିଥିବା ପିଲା ହାତ ଟେକ।

ବି- ଜାଏନ୍‌ରେବା ଛୁଆ ହାଁତ୍ ଉଠାହି।

ଓ- ଡର ନାହିଁ।

ବି- ନି ଡର୍‌ହି ।

ଓ- ନ ବୁଝିଲେ ପଚ୍ଚର ।

ବି- ନ ବୁଝଲେଁ ପଚ୍‌ରାହି ।

ଓ- ପିଲାମାନେ ପାଟି କରନାହିଁ ।

ବି- ଛୁଆମନେ ନି ଗୁଗାହି ।

ଓ- ଦଳ ଗଠନ କର ।

ବି- ଦଲ୍ ତିଆର୍ କର୍‌ହି ।

ଓ- ସମସ୍ତେ ଅଂଶ ଗ୍ରହଣ କର ।

ବି- ସବ୍ ଭାଗ୍ ଲିହି ।

ଓ- ଡ୍ରିଲ କରିବା ।

ବି- ଡ୍ରିଲ୍ କର୍‌ବ ।

ଓ- ଖେଳ ପଡ଼ିଆକୁ ଯିବା ।

ବି- ଖେଲ୍ ପଡିଆକେ ଯାବ୍

ଓ- ପୁରସ୍କାର ପାଇବା ।

ବି- ଇନାମ୍ ପାଆବ୍ ।

ଓ- (ନାମ) ଉଠ ।

ବି- (ନା) ଉଠ୍‌ହି ।

ଓ- ସମସ୍ତେ ଧାଡ଼ିରେ ଠିଆ ହୁଅ ।

ବି- ସବ୍ ଧାଡ଼ିନେ ଠାଡ଼୍ ହହି ।

ଓ- ଆଖିବନ୍ଦ କର ।

ବି- ଆଏଁଖ୍ ମୁଇଜ୍ ଦହ ।

ଓ- (ନାମ) ଘଣ୍ଟା ବାଡ଼ାଅ ।

ବି- (ନା)ଘଣ୍ଟି ବଜାହି

ଓ- ନଖ କାଟିଛ ?

ବି- ନାଖୁନ୍ କାଟେହେ ?

ଓ- ମୁଣ୍ଡରେ ତେଲ ଲଗାଇବ।

ବି- ମୁଡ୍‌ନେ ତେଲ୍ ଲଗାହି।

ଓ- ଖବର କାଗଜ ପଢ଼।

ବି- ଗେଜଟ୍ କାଗତ୍ ପଢ୍‌ହି।

ଓ- ତୁ ତାକୁ କଣ କଲୁ।

ବି- ତିଇଁ ଉଟାକେ କେଁଣା କର୍‌ହେସ୍।

ଓ- ନ ଜାଣିଲେ ମୋତେ ପଚ୍ଚର।

ବି- ନି ଜାନ୍‌ଲେଁ ମଖେଁ ପଚ୍‌ରାହି।

ଓ- ବର୍ତ୍ତମାନ ବହି ବାହାର କର।

ବି- ଏଛେନ୍‌କା ବହି ବାହାର୍ କର୍।

ଓ- ଫୁଲ ଗଛରେ ପାଣି ପକାଅ।

ବି- ଫୁଲ୍ ଗଛେଁନେ ପାଏନ୍ ପକାହି।

ଓ- ତୁମ ବାରିରେ କି କି ଗଛ ଲଗାଇଛ।

ବି- ତାହାନ୍ କେ ବାରିନେ କେଁ କେଁ ଗଛ ଲଗାହେ।

ଓ- ନମସ୍କାର କର।

ବି- ନମସ୍କାର କରହି।

ଓ- ଅଳିଆ ଗାତରେ ପକାଅ।

ବି- ଜଗ୍‌ଡା କେଚ୍‌ଡା ଢ଼ୋଡାନେ ପକାହି।

ଓ- ଜ୍ୱର ହେଲେ କେଉଁ ଔଷଧ ଖାଇବ।

ବି- ଜର୍ ହେଲେଁ କେଁ ଉଷୋ ଖେହି।

ଓ- ଅଳସୁଆ ଦୁଃଖ ପାଏ।

ବି- ଅଲସୁଆ ଦୁଃଖ୍ ପାଥେ।

ଓ- ତୁମ ପଡ଼ିଶା ଘରେ କିଏ ରହନ୍ତି ?

ବି- ତାହାମନ୍‌କେ ପାଖର୍ ଘର୍‌ନେ କୁନେ ରହଥେ।

ଓ- ନଖ ଛାଡ଼ିଲେ କଣ ହେବ।

ବି- ନାଖୁନ୍ ଛାଏଡ୍ ଦେଲେଁ କେଁଣା ହେହି।

ଓ- ସମସ୍ତେ ମିଳିମିଶି ଖେଳିବା।

ବି- ସବ୍ ମିଲ୍‌ଜୁଏଲ୍‌କେ ଖେଲବ୍।

ଓ- କଳି କର ନାହିଁ।

ବି- ଝଗ୍‌ଡା ନି କର୍‌ହି।

ଓ- ଆହା

ବି- ଆହା

ଓ- ମୁଁ କହୁଛି ତୁମେ ଶୁଣ।

ବି- ମେ କହଥଁ ତାହାମନ୍ ଶୁନୋ।

ଓ- ଖାତା ଅଦଳ ବଦଳ କରିବ।

ବି- ଖତା ଅଦ୍‌ଲି ବଦ୍‌ଲି କର୍‌ହି।

ଓ- ଗୋଲେଇ କରି ବସ।

ବି- ଗୁଲା ହେକେ ବସ୍‌ହି।

ଓ- କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?

ବି- କୁନ୍ ପଶୁମନ୍ ମନ୍‌ସେ ସଙ୍ଗେନେ ରେଥେ।

ଓ- ତୁମେ ଘରେ କି କି ପକ୍ଷୀ ପାଳୁଛ ?

ବି- ତାହାମନ୍ କେ ଘରନେକେଁ କେଁ ଚେରେ ପୋସ୍‌ଥେ।

ଓ- କଣ କରୁଥିଲୁ ?

ବି- କେଣା କରତ୍ ହେରେଦ୍ ?

ଓ- ପାଣି ପିଇଲ କି ?

ବି- ପାନି ପିଏସ୍‌ନେ କେଁ ?

ଓ- ପିଲାଟି ପଡ଼ିଗଲା ତାକୁ ଉଠାଅ।

ବି- ଛୁଆଟା ପଡ୍ ଜାଏସ୍ ଉଖେଁ ଉଠାଏଁ ଦହ।

ଓ- ତୁମ ଘରେ କିଏ ରୋଷେଇ କରନ୍ତି।

ବି- ତାହାମନ୍ କେ ଘର୍‌ନେ କୁନ୍ ରାନ୍ଧ୍‌ଥେ।

ଓ- ତୁମ ଘରେ କିଏ କିଏ ରହନ୍ତି ?

ବି- ତାହାମନ୍‌କେ ଘର୍ ନେ କୁନ୍ କୁନ୍ ରେଥେ।

ଓ- ତୁମ ମାମୁଁ ଘର କେଉଁଠି।

ବି- ତାହାମନ୍ କେ ମାଁମାଁ ଘର କତିଲଗ୍।

ଓ- ତୁମ ପାଖ ପିଲାକୁ ପଚାର।

ବି- ତୋର୍ କେ ତିର୍‌କେ ଛୁଆକେ ପଚରାଆ।

ଓ- ଛାଡ଼ି ଛାଡ଼ି ବସ।

ବି- ଛାଏଡ଼ ଛାଏଡ୍ କେ ବସ୍।

ଓ- ନିଜ ନିଜ ବହି ଖୋଲ।

ବି- ନିଜର ନିଜର ବହି ଖୋଲ।

ଓ- ତୁମେ ବଡ ହେଲେ କଣ କରିବ।

ବି- ତାହାମନ୍ ବଡ୍‌ଖା ହେଲେଁ କେଁଣା କର୍‌ହି।

ଓ- ତାଳି ମାର।

ବି- ଥାପିଡ଼ି ପିଟା।

ଓ- ତୁମ ଶ୍ରେଣୀରେ ମନିଟର କିଏ ?

ବି- ତମର ଶ୍ରେଣୀନେ ମନିଟର୍ କୁନେ ?

ଓ- ତୁମକୁ କିଏ ମାରିଲା।

ବି- ତଖେଁ କୁନେ ମାରେସ୍।

ଓ- କାହିଁକି କାନ୍ଦୁଛ ?

ବି- କେ କଲେଙ୍ଗ ରୋଥୋ ?

ଓ- ମନ ଦେଇ ଶୁଣ।

ବି- ମନ୍ ଦେକେ ଶୁନିଁ।

ଓ- ଗପ ଶୁଣ।

ବି- କଥାନି ଶୁନିଁ।

ଓ- ତୁମ ପ୍ରଧାନ ଶିକ୍ଷକଙ୍କ ନାମ କଣ ?

ବି- ତାହାମନ୍ କେ ପ୍ରଧାନ ଶିକ୍ଷକ କେ ନାଁ କେଣା ?

ଓ- ପିଲାମାନେ ହାଜିରା ପକାଅ।

ବି- ଛୁଆମନେ ହାଜିରି ପକାହି।

ଓ- ତୁମେ ଏଠିକି ଆସ।

ବି- ତାହାମନ୍ ଇଲେଗା ଆହି।

ଓ- ତୁମ ଗ୍ରାମ ନାମ କ'ଣ ?

ବି- ତାହାଁମନ୍ କେଗାଁ କେ ନାମ୍ କେଣା ?

ଓ- ତମେ ସକାଳେ କ'ଣ କର ?

ବି- ତାହାମନ୍ ସେକାଲେଁ କେଁଣା କର୍‌ଥେ।

ଓ- ସକାଳୁ ଉଠି ମୁହଁ ଧୋଇବା।

ବି- ସେକାଲେଁ ଉଇଠ୍‌କେ ମୁହୁଁ ଧୋହି।

ଓ- ଖାଇବା ଆଗରୁ ହାତ ଧୋଇବା।

ବି- ଖାବାର୍ ଆଘିଲି ହାଁତ୍ ଧୋହି।

ଓ- ସକାଳୁ ଉଠି ଦାନ୍ତ ଘଷିବା।

ବି- ସେକାଲେ୍‌ଲେ ଉଇଠ୍‌କେ ଦାଆଁତ୍ ରେଥି।

ଓ- ଉଷୁମ ଖାଦ୍ୟ ଖାଇବା।

ବି- ତପତ୍ ଖାନା ଖାଆବ୍।

ଓ- ବାସି ଖାଦ୍ୟ ଖାଇଲେ ରୋଗ ହୁଏ।

ବି- ବାସି ଖାନା ଖାଏଁଦେଲେଁ ବେମାର୍ ହଥେ।

ଓ- ମାଛି ବସା ଖାଦ୍ୟ ଖାଇବା ନାହିଁ।

ବି- ମାଛି ବସ୍‌ଲା ଖାଏଦ୍ ନି ଖାବ୍।

ଓ- ଚପଲ ପିନ୍ଧି ପାଇଖାନା ଯିବ।

ବି- ଚପଲ୍ ପିନ୍ଦକେ୍ ହଗରିଖାନା ଯହିଁ।

ଓ- ଶ୍ରେଣୀରେ ଧାଁ ଧପଡ଼୍ ହୁଅ ନାହିଁ।

ବି- ଶ୍ରେଣୀନେ କୁଦାକୁଦି ନି ହେହି।

ଓ- ଚକା ପକାଇ ବସ।

ବି- ଚକା ଲୁଠିଆ ବସହି।

ଓ- ସାନ ପିଲାଙ୍କୁ ସ୍ନେହ କର।

ବି- ଛୋଟେ ଛୁଆକେ ଗେଲ୍ କର୍‌ହି।

ଓ- ଆସନ୍ତା କାଲି (ବିଷୟ) ଲେଖି ଆଣିବ।

ବି- ଆହି ଦିନ ଲିଖ୍ କେ ଆନହିଦ୍।

ଓ- ଦୁଷ୍ଟ କଥା ହୁଅ ନାହିଁ।

ବି- ବଦ୍‌ମାସ୍ କାଥା ନି କହେ।

ଓ- ଏଇଟା ତାକୁ ଦେ।

ବି- ଇଖେଁ ଉଟାକେ ଦହ।

ଓ- ତୁମେ ଦୁହେଁ ବାଣ୍ଟିଦିଅ।

ବି- ତାହାମନ୍ ଦିଝନ୍ ବାଏଁଟ୍ ଦହ।

ଓ- କାନ୍ଥବାଡ଼ ମଇଳା କର ନାହିଁ।

ବି- କାଁଥି କୁଢ଼େ ଅସ୍‌କଟିଆ ନି କରହି।

ଓ- କ'ଣ ହେଲା ପିଲେ ?

ବି- କେଁଣା ହେସ୍ ପିଲେ ?

ଓ- ତାର ସିଙ୍ଗାଣି ପୋଛି ଦିଅ।

ବି- ଉକର ସିଙ୍ଘଂନ୍ ପୋଏଚ୍ ଦହ।

ଓ- ସାର୍ଟର ବୋତାମ ଲଗାଅ।

ବି- ଦଗ୍‌ଲିକେ ବଟମ୍ ଲଗାହି।

ଓ- ଭଲରେ ପଢ଼ିଲେ ପାସ୍ ହେବ।

ବି- ବନେକର୍‌କେ ପଢ଼୍‌ଲେ ପାସ୍ ହେହି।

***